# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୭/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, April 17/2023 | Page 14 | ₹ 7.00

୪୯ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 142 | ମୂଲ୍ୟ₹୭/-




**ଭେଙ୍କଟେଶ ଆୟାରଙ୍କ ଶତକ**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ଶତକ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି କୋଲକାତା ନାଇଟ ରାଇଡର୍ସର ଭେଙ୍କଟେଶ ଆୟାର। ୧୨

୧୦ **ବୟଫ୍ରେଣ୍ଡ ସହ ଗ୍ରୀଷ୍ମଛୁଟିରେ ଜାହ୍ନବୀ**

ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ବୟଫ୍ରେଣ୍ଡ ଶେଖର ପାହାଡ଼ିଆଙ୍କ ସହ ରବିବାର ସକାଳୁ ଗ୍ରୀଷ୍ମଛୁଟି କଟାଇବାକୁ ବାହାରିଛନ୍ତି।





ଓଡ଼ିଶା ଫ୍ୟାଶନ ଭିଲା ପକ୍ଷରୁ ରବିବାର ଭୁବନେଶ୍ୱର ନିକୋପାର୍କ ନିକଟ ନାଇନ୍ଥ ଷ୍ଟ୍ରିଟ୍ କନ୍‌ଭେନ୍‌ଶନ ହଲ୍‌ଠାରେ ଆୟୋଜିତ 'କଳିଙ୍ଗ ରାଜକୁମାରୀ'ରେ 'ଦ ମିସ୍ ଓଡ଼ିଶା' ମୁକୁଟ ପିନ୍ଧିଥିବା ଆଦ୍ୟାଶା ପ୍ରିୟଦର୍ଶିନୀ । (ରିପୋର୍ଟ: ପୃଷ୍ଠା-୪)

# ଡିଜିପି କହୁଛନ୍ତି ଶାନ୍ତି, ଚାଲିଛି ଜଳାପୋଡ଼ା

**ସାମ୍ପ୍ରଦାୟିକ ଦଙ୍ଗା ଯୋଗୁ ସମ୍ବଲପୁର ସହର ବୁଧବାରଠାରୁ ଅଶାନ୍ତ ହୋଇପଡ଼ିଥିବାବେଳେ ଶାନ୍ତି ଫେରୁଥିବା ଡିଜିପି ସୁନୀଲ ବଂଶଲ କହିଛନ୍ତି। କିନ୍ତୁ ରବିବାର ଭୋରରେ ପୁଣି ଏକ ଘରେ ନିଆଁ ଲଗାଇ ଦିଆଯାଇଛି। ତାହାପୁଣି କର୍ଫ୍ୟୁ ବଳବତ୍ତର ଥିବା ସମୟରେ। ଏଥିରୁ ସ୍ପଷ୍ଟ ଯେ ପୋଲିସ ଛାଉଣୀ ମଧ୍ୟରେ ଥିବା ସହରରେ ଉତ୍ତେଜନା ଥମିନାହିଁ।**

## ସମ୍ବଲପୁରରେ ସାମ୍ପ୍ରଦାୟିକ ଦଙ୍ଗା ଘଟଣା

- **୭୯ ଜଣ ଗିରଫ ହେଲେଣି**
- **ଆଜିଠୁ କର୍ଫ୍ୟୁ କୋହଳ ସମୟ ବୃଦ୍ଧି: ଜିଲା ପ୍ରଶାସନ**

ସମ୍ବଲପୁର, ୧୬।୪ (ବ୍ୟୁରୋ)

ହନୁମାନ ଜୟନ୍ତୀ ଉପଲକ୍ଷେ ଗତ ବୁଧବାର ସମ୍ବଲପୁର ସହରରେ ବାଇକ୍ ଶୋଭାଯାତ୍ରାବେଳେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ଶୁକ୍ରବାର ହନୁମାନ ଜୟନ୍ତୀରେ ଶୋଭାଯାତ୍ରା ଚାଲିଥିବାବେଳେ ପୁଣି ପଥରମାଡ଼, ପୋଡ଼ାଜଳା, ଭଙ୍ଗାରୁଜା ସମେତ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଫଳରେ ସେହିଦିନ ମଧ୍ୟରାତ୍ରିରୁ ସହରରେ କର୍ଫ୍ୟୁ ଜାରି ରହିଛି। ମୁସଲିମ୍ ସାହିବସ୍ତି ଅଞ୍ଚଳ, ସମ୍ବେଦନଶୀଳ ସ୍ଥାନ ଏବଂ ପ୍ରମୁଖ ଛକ ଓ ରାସ୍ତା ପୋଲିସ ଛାଉଣୀ ପାଲଟିଛି। ପୋଲିସ ଡିଜି ସୁନୀଲ ବଂଶଲ ଶନିବାରଠାରୁ ସମ୍ବଲପୁରରେ ରହି ସ୍ଥିତି ଅନୁଧ୍ୟାନ କରିବା ସହ ଶାନ୍ତି ଫେରୁଥିବା କହିଛନ୍ତି। କିନ୍ତୁ ରବିବାର ଭୋର୍ ସମୟରେ ଟାଉନଥାନା ଅନ୍ତର୍ଗତ ତଅଁଲାପଡ଼ାରେ ରହୁଥିବା ମୁସଲମାନ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲଗାଇ ଦିଆଯାଇଛି। ଏଥିରେ ଘରର କେତେକ ଆସବାବପତ୍ର ପୋଡ଼ିଯାଇଛି। ଏଥିରୁ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହୋଇ ନ ଥିବା ସ୍ପଷ୍ଟ ହେଉଛି। ବୁଧବାର ଘଟଣା ପରେ ଶୁକ୍ରବାର ପୁଣି ବଡ଼ଧରଣର ସାମ୍ପ୍ରଦାୟିକ ହିଂସା ଘଟିବା ପୋଲିସ ଓ ପ୍ରଶାସନର ବିଫଳତାକୁ ପଦାରେ ପକାଇଥିଲା। ତଥାପି ପୋଲିସ ଓ ପ୍ରଶାସନ ତ୍ରୁଟି ସୁଧାରି ପାରି ନ ଥିବାରୁ ରବିବାର ମଧ୍ୟ ପୋଡ଼ାଜଳା ହୋଇଛି। ଶାନ୍ତି ପ୍ରତିଷ୍ଠା ପାଇଁ ଉପଯୁକ୍ତ ପଦକ୍ଷେପ ନିଆ ନ ଯାଇ ଯଦି ସୁରକ୍ଷା ବ୍ୟବସ୍ଥା ହଟାଯାଏ, ତା'ହେଲେ ପୁଣିଥରେ ପୋଡ଼ାଜଳା, ହତ୍ୟାକାଣ୍ଡ ଭଳି ଘଟଣା ଘଟିବା ଆଶଙ୍କା ଥିବା ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ରବିବାର ଘରେ ନିଆଁ ଲଗାଇ ଦିଆଯିବା ଘଟଣାରେ ପୋଲିସ ୨ ମହିଳାଙ୍କ ସମେତ ତଅଁଲାପଡ଼ାର ୭ରୁ ୮ ଜଣ ଯୁବକଙ୍କୁ ଉଠାଇ ନେଇଛି। ତେବେ ଦୋଷୀମାନଙ୍କ ବଦଳରେ ନିରୀହମାନଙ୍କୁ ପୋଲିସ ଗିରଫ କରୁଥିବା ଅଭିଯୋଗରେ ତଅଁଲାପଡ଼ା,ବାଲିବନ୍ଧା ଓ ଚିତ୍ରଗୁପ୍ତ ମନ୍ଦିର ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଏସ୍‌ପି ଅଫିସରେ ଡିଜିପି ବଂଶଲ ସମୀକ୍ଷା ବୈଠକ କରି କହିଛନ୍ତି, ସ୍ଥିତି ନିୟନ୍ତ୍ରଣକୁ ଆସୁଛି। ୨ ଦିନ ଭିତରେ ସ୍ୱାଭାବିକ ହୋଇଯିବ। ଜନସାଧାରଣ ସହଯୋଗ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

କର୍ଫ୍ୟୁ ବଳବତ୍ତର ଥିବାରୁ ଦୋକାନ ବଜାର ବନ୍ଦ ରହିଛି। ଏଥିଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ଦ୍ଧାରିତ କର୍ଫ୍ୟୁ କୋହଳ ସମୟରେ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ସଂଗ୍ରହ କରିବାକୁ ଯାହା ସୁଯୋଗ ମିଳୁଛି। ଏଭଳିସ୍ଥଳେ ସୋମବାରଠାରୁ କର୍ଫ୍ୟୁ କୋହଳ ସମୟ ବୃଦ୍ଧି ଘଟିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏନେଇ ସମ୍ବଲପୁର ଉପଜିଲାପାଳ ରବିବାର ସନ୍ଧ୍ୟାରେ ଜାରି କରିଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ସୋମବାରଠାରୁ ସକାଳ ସାଢ଼େ ୭ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ଏବଂ ଅପରାହ୍ନ ସାଢ଼େ ୩ଟାରୁ ସନ୍ଧ୍ୟା ୬ ଯାଏ କର୍ଫ୍ୟୁ କୋହଳ ହେବ। ତେବେ କର୍ଫ୍ୟୁବେଳେ ଲାଗୁଥିବା ଅନ୍ୟ କଟକଣା ଜାରି ରହିବ ବୋଲି ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି।

ସହରରେ ଚାପା ଉତ୍ତେଜନା ଥିବାବେଳେ ଲୋକେମାନେ ସମ୍ଭାବ୍ୟ ହିଂସା ଭୟରେ ସେଭଳି ଜରୁରୀ ଆବଶ୍ୟକତା ନ ହେଲେ ଘରୁ ବାହାରୁନାହାନ୍ତି। ଗତ ବୁଧବାର ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ୨୬ ଜଣଙ୍କୁ ଗିରଫ କରିଥିବାବେଳେ ଶୁକ୍ରବାର ହିଂସା ଘଟଣାରେ ୫୩ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଭିଡିଓ ଏବଂ ☞ପୃଷ୍ଠା-୪

## 'ସତ୍ୟପାଲଙ୍କ ମନ୍ତବ୍ୟରୁ ଧ୍ୟାନ ହଟାଇବା ପାଇଁ ହତ୍ୟା'

### ଅତିକ୍, ଅଶ୍ରଫ୍ ହତ୍ୟାକାଣ୍ଡ

- **ୟୁପିରେ ଅରାଜକତା, ଜଙ୍ଗଲରାଜ: କଂଗ୍ରେସ**

ନୂଆଦିଲ୍ଲୀ/ ଲକ୍ଷ୍ନୌ, ୧୬।୪

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦ ଓ ଭାଇ ଅଶ୍ରଫ୍ ଅହମ୍ମଦଙ୍କୁ ଶନିବାର ରାତିରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯିବା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ହାଇପ୍ରୋଫାଇଲ ହତ୍ୟାକାଣ୍ଡ ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଶାସନ ବ୍ୟବସ୍ଥାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ପୁଲ୍‌ୱାମା ଆକ୍ରମଣ ପ୍ରସଙ୍ଗରେ କରିଥିବା ଚାଞ୍ଚଲ୍ୟକର ପ୍ରଘଟରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚାଯାଇଥିବା ବିରୋଧୀ ନେତାମାନେ ସମାଲୋଚନା କରିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପୁଲ୍‌ୱାମା ମାରିଲା ଅତିକ୍‌ଙ୍କୁ






ପାକିସ୍ତାନ ଧର୍ମୀୟ ବ୍ୟାପାର ମନ୍ତ୍ରୀ ମୁଫ୍ତି ଅବଦୁଲ୍ ଶାକୁରଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶନିବାର ମନ୍ତ୍ରୀ ନିଜେ କାର୍ ଚଳାଇ ଯାଉଥିବାବେଳେ ଏକ ପିକ୍-ଅପ୍ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲେ ହେଁ ଅତ୍ୟଧିକ ଆଭ୍ୟନ୍ତରୀଣ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ଧକ୍କା ଦେଇଥିବା ଟ୍ରକ୍‌ର ଡ୍ରାଇଭରଙ୍କ ସମେତ ତାଙ୍କ ସହ ଥିବା ୪ ଜଣଙ୍କୁ ପୋଲିସ ଗିରଫ କରିଛି। ଦୁର୍ଘଟଣାରେ ମନ୍ତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ବୋଲି ଇସ୍‌ଲାମାବାଦ ପୋଲିସ ଆଇଜି ଆକବର ନାସିଲ ଖାନ୍ କହିଛନ୍ତି।

## ସଂକ୍ଷେପରେ

### ଦିନକରେ ୧୦,୦୯୩ ସଂକ୍ରମିତ, ୨୩ ମୃତ

**ନୂଆଦିଲ୍ଲୀ, ୧୬।୪:** ଭାରତରେ ୨୪ ଘଣ୍ଟାରେ ୧୦,୦୯୩ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ସହ ସକ୍ରିୟ ମାମଲା ସଂଖ୍ୟା ୫୭,୫୪୨କୁ ବୃଦ୍ଧି ପାଇଛି। ଦିନକରେ ଆଉ ୨୩ ଜଣଙ୍କ ଜୀବନ ଯାଇଛି। ଫଳରେ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୧,୧୧୪ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ସର୍ବାଧିକ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଛତିଶଗଡ଼ ଓ ରାଜସ୍ଥାନରେ ୩ ଜଣ ଲେଖାଏ, କର୍ଣ୍ଣାଟକ, ମହାରାଷ୍ଟ୍ରରେ ୨ ଜଣ ଲେଖାଏ ଏବଂ ହରିୟାଣା, ଓଡ଼ିଶା, ତାମିଲନାଡୁ ଓ ଉତ୍ତରାଖଣ୍ଡରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି।

### ଇଣ୍ଡୋନେସିଆ ସୈନ୍ୟଙ୍କ ଉପରେ ଆକ୍ରମଣ: ୬ ମୃତ

**ଜୟପୁରା, ୧୬।୪:** ଇଣ୍ଡୋନେସିଆର ପପୁଆ ପ୍ରଦେଶରେ ବିଦ୍ରୋହୀଙ୍କ ଦ୍ୱାରା ପଣବନ୍ଦୀ ଥିବା ନ୍ୟୁଜିଲାଣ୍ଡର ଜଣେ ପାଇଲଟଙ୍କୁ ଉଦ୍ଧାର କରିବା ଲାଗି ନିୟୋଜିତ ସୈନ୍ୟଙ୍କ ଉପରେ ବିଚ୍ଛିନ୍ନତାବାଦୀ ବନ୍ଧୁକଧାରୀ ଆକ୍ରମଣ କରିଛନ୍ତି। ଏଥିରେ ୬ ସୈନ୍ୟ ନିହତ ହେବା ସହ ୩୦ ଜଣ ନିଖୋଜ ହୋଇଯାଇଛନ୍ତି। ପାର୍ବତ୍ୟାଞ୍ଚଳ ଜିଲା ଏନ୍‌ଡୁଗାର ଏକ ପୋଷ୍ଟରେ ଶନିବାର ୩୬ ସୈନ୍ୟ ନିୟୋଜିତ ଥିଲାବେଳେ ୱେଷ୍ଟ ପପୁଆ ଲିବରେଶନ ଆର୍ମିର ବନ୍ଧୁକଧାରୀମାନେ ଆଖିବୁଜା ଗୁଳିମାଡ଼ କରିବାରୁ ୬ ସୈନ୍ୟ ନିହତ ହୋଇଥିବାବେଳେ ୨୧ ଜଣ ଜଙ୍ଗଲକୁ ପଳାଇଥିଲେ। ୯ ଜଣଙ୍କୁ ବିଦ୍ରୋହୀମାନେ ବନ୍ଦୀ କରି ରଖିଛନ୍ତି।

### ଏସ୍‌ସି କମିଶନରେ ଖାଲି ପଦବୀ ତୁରନ୍ତ ପୂରଣ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୬।୪(ପି.ଟି.):** ଜାତୀୟ ଅନୁସୂଚିତ ଜାତି(ଏସ୍‌ସି) କମିଶନରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଲାଗି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ଯଥାଶୀଘ୍ର ପଦବୀ ପୂରଣ ଦିଗରେ କେନ୍ଦ୍ର ସରକାର ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ଜାତୀୟ ଅନୁସୂଚିତ ଜାତି କମିଶନରେ ଖାଲିପଡ଼ିଥିବା ଉପାଧ୍ୟକ୍ଷ ଏବଂ ସଦସ୍ୟ ପଦବୀ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଆମ୍ବେଡ୍‌କର ଆସୋସିଏଶନ ଫର୍ ଡେଭେଲପମେଣ୍ଟ ପକ୍ଷରୁ ପିଟିଶନ ହୋଇଥିଲା।

### ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଦାଦା ଗିରଫ

**ବିଜୟୱାଡ଼ା, ୧୬।୪:** ପୂର୍ବତନ ଏମ୍‌ପି ବିବେକାନନ୍ଦ ରେଡ୍ଡୀ ହତ୍ୟା ମାମଲାରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଦାଦା ୱାଇ.ଏସ୍. ଭାସ୍କର ରେଡ୍ଡୀଙ୍କୁ ସିବିଆଇ ରବିବାର ଗିରଫ କରିଛି।



ୱାଇ.ଏସ୍. ଭାସ୍କର ରେଡ୍ଡୀ

ଭାସ୍କର ହେଉଛନ୍ତି କଡପାର ୱାଇଏସ୍‌ଆର୍‌ସି ଏମ୍‌ପି ୱାଇ.ଏସ୍. ଅବିନାଶ ରେଡ୍ଡୀଙ୍କ ବାପା। ତାଙ୍କୁ ପୁଲିଭେନ୍ଦୁଲାସ୍ଥିତ ବାସଭବନରୁ ଗିରଫ କରାଯିବା ପରେ ହାଇଦ୍ରାବାଦ ନିଆଯାଇଛି। ପ୍ରମାଣ ନଷ୍ଟ କରିବାରେ ସହାୟତା କରିବା ଅଭିଯୋଗରେ ଅନ୍ୟତମ ଅଭିଯୁକ୍ତ ଜି. ଉଦୟ କୁମାର ରେଡ୍ଡୀଙ୍କୁ ଦୁଇଦିନ ପୂର୍ବରୁ ଗିରଫ କରାଯାଇଥିଲା। ସିବିଆଇ ଅଧିକାରୀମାନେ ରବିବାର ସକାଳେ ଭାସ୍କରଙ୍କ ଘରେ ପହଞ୍ଚି ତଲାସି ନେଇଥିଲେ। ଭାସ୍କରଙ୍କୁ ଗିରଫ କରାଗଲା ବୋଲି ତାଙ୍କ ସ୍ତ୍ରୀଙ୍କୁ ଏଏସ୍‌ପି ମୁକେଶ ଶର୍ମା ଏକ ମେମୋ ଦେଇଥିଲେ।

## ୟୁପିରେ ୧୪୪

# ପ୍ରୟାଗରାଜରେ ହାଇଆଲର୍ଟ

**ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅମଳରେ ଏନ୍‌କାଉଣ୍ଟରରେ ୧୮୩ ଜଣଙ୍କୁ ହତ୍ୟା କରାଗଲାଣି। ମୃତକଙ୍କ ମଧ୍ୟରେ ଉମେଶ ପାଲ୍‌ଙ୍କ ହତ୍ୟା ଅଭିଯୁକ୍ତ ଅସଦ୍ ଅହମ୍ମଦ ଓ ଶୁଟର ଗୁଲାମ ମହମ୍ମଦ ଅନ୍ତର୍ଭୁକ୍ତ। ଅସଦ୍‌ଙ୍କୁ ପ୍ରୟାଗରାଜରେ ସମାଧି ଦିଆଯିବାର କିଛି ଘଣ୍ଟା ପରେ ତାଙ୍କ ବାପା ତଥା ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦ ଓ ଦାଦା ଅଶ୍ରଫ୍ ଅହମ୍ମଦଙ୍କୁ ପୋଲିସ ଘେରରେ ତଥା କ୍ୟାମେରା ସାମ୍ନାରେ ହତ୍ୟା କରାଯାଇଛି। ୟୁପିରେ ଜଙ୍ଗଲରାଜ, ମାଫିଆରାଜ ଓ ଅରାଜକତା ଚାଲିଥିବା ସମାଲୋଚନା କରି ଯୋଗୀ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଛନ୍ତି ବିରୋଧୀ।**

ପ୍ରୟାଗରାଜ/ଲକ୍ଷ୍ନୌ, ୧୬।୪



ପ୍ରୟାଗରାଜ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

ଗ୍ୟାଙ୍ଗଷ୍ଟରରୁ ରାଜନେତା ସାଜିଥିବା ଅତିକ୍ ଅହମ୍ମଦ ଓ ତାଙ୍କ ଭାଇ ଅଶ୍ରଫ୍ ଅହମ୍ମଦଙ୍କ ସୁରକ୍ଷାକୁ ହୁଗୁଳା କରାଇ ରାଜ୍ୟ ସରକାର ଦୁହିଁଙ୍କୁ ହତ୍ୟା କରାଇଥିବା ଅଭିଯୋଗ ହେଲାଣି। ଅନ୍ୟପକ୍ଷେ ଉଚ୍ଚସ୍ତରୀୟ ବୈଠକ ପରେ ଯୋଗୀ ବରିଷ୍ଠ ଅଧିକାରୀମାନଙ୍କୁ ପ୍ରୟାଗରାଜକୁ ପଠାଇଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ରାଜ୍ୟର ସମସ୍ତ ଜିଲାରେ ସିଆର୍‌ପିସି ୧୪୪ ଧାରା ଜାରି କରାଯାଇଛି। ପ୍ରୟାଗରାଜ ଜିଲାରେ ଗୁଜବ ସୃଷ୍ଟି ହେବାକୁ ନ ଦେବା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି।

ଉମେଶ ପାଲ୍ ହତ୍ୟା ଅଭିଯୁକ୍ତ ଅସଦ୍ ଅହମ୍ମଦ ଓ ଗୁଲାମ ମହମ୍ମଦଙ୍କୁ ୟୁପି ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗୁରୁବାର ଝାନ୍ସୀର ବବିନା ଜଙ୍ଗଲରେ ଏନ୍‌କାଉଣ୍ଟର କରି ହତ୍ୟା କରିଥିଲା। ଅସଦ୍‌ଙ୍କୁ ଶନିବାର ପ୍ରୟାଗରାଜର କସାରି ମାସାରିରେ ସମାଧି ଦିଆଯାଇଥିବାବେଳେ ତାଙ୍କ ବାପା ଅତିକ୍ ଓ ଦାଦା ଅଶ୍ରଫ୍‌ଙ୍କୁ ସେଠାରୁ ୩ କି.ମି. ଦୂରରେ ଥିବା ଧୂମାଗଞ୍ଜ ଥାନାରେ ପଚରାଉଚରା କରାଯାଉଥିଲା। ସେଠାରୁ ଉଭୟଙ୍କୁ ହ୍ୟାଣ୍ଡକପ୍ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏକ ମେଡିକାଲ କଲେଜକୁ ନିଆଯାଇଥିଲା। ଦୁଇଭାଇଙ୍କୁ ପୋଲିସ ସୁରକ୍ଷା ଦେଇ ସେଠାକୁ ନେଇଥିବାବେଳେ ରାତି ୧୦ଟା ୩୫ରେ ଉଭୟେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧି ପରିଚୟ ଦେଇ ମିଡିଆ କର୍ମୀଙ୍କ ସହ ସାମିଲ ଥିବା ୩ ଜଣ ଯୁବକ ହଠାତ୍ ଅତିକ୍‌ଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରିଥିଲେ। ଅଶ୍ରଫ୍ କିଛି ବୁଝିପାରିବା ପୂର୍ବରୁ ତାଙ୍କ ମୁଣ୍ଡକୁ ମଧ୍ୟ ସେମାନେ ଗୁଳି କରିଥିଲେ ବୋଲି ପ୍ରୟାଗରାଜ ପୋଲିସ କମିଶନର ରାମିତ୍ ଶର୍ମା ସୂଚନା ଦେଇଛନ୍ତି। ରାମିତ୍ କହିଛନ୍ତି, ୩ ଆକ୍ରମଣକାରୀ ଦୁଇଭାଇଙ୍କୁ ହତ୍ୟା କରିବା ପରେ ସଙ୍ଗେ ସଙ୍ଗେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ସେମାନଙ୍କୁ ଗିରଫ କରି ଜେରା କରାଯାଉଛି। ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ଦୃଶ୍ୟ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ କ୍ୟାମେରାରେ କଏଦ୍ ହୋଇଥିଲା, ଯାହାକି ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି।

ଇତିମଧ୍ୟରେ ୩ ହତ୍ୟା ଅଭିଯୁକ୍ତ ଲଭଲେଶ ତିୱାରୀ(ବନ୍ଦା ବାସିନ୍ଦା), ମୋହିତ୍ ଓରଫ୍ ସନ୍ନି (ହମିରପୁର) ଓ ଅରୁଣ ମୌର୍ଯ୍ୟ (କାସଗଞ୍ଜ)ଙ୍କ ବିରୋଧରେ ଧୂମାଗଞ୍ଜ ଥାନାରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୦୨ (ହତ୍ୟା), ୩୦୭ (ହତ୍ୟା ଉଦ୍ୟମ), ଆର୍ମ୍ସ ଆକ୍ଟ ଏବଂ କ୍ରିମିନାଲ ଲ' ଆମେଣ୍ଡମେଣ୍ଟ ଆକ୍ଟ ବଳରେ ମାମଲା ରୁଜୁ କରାଯାଇଥିବା ଧୂମାଗଞ୍ଜ ଏସ୍‌ଏଚ୍‌ଓ ରାଜେଶ କୁମାର ମୌର୍ଯ୍ୟ ସୂଚନା ଦେଇଛନ୍ତି। ଅପରାଧସ୍ଥଳରୁ ପୋଲିସ ଅଭିଯୁକ୍ତମାନେ ବ୍ୟବହାର କରିଥିବା ବନ୍ଧୁକକୁ ଜବତ କରିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ହତ୍ୟାର ତଦନ୍ତ ପାଇଁ ୩ ସଦସ୍ୟ ବିଶିଷ୍ଟ ବିଚାରବିଭାଗୀୟ କମିଶନ ଗଠନ କରିଛନ୍ତି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର ତ୍ରିପାଠୀ ଏହାର ନେତୃତ୍ୱ ନେବେ। କମିଶନ ଅଫ୍ ଇନ୍‌କ୍ୱାରି ଆକ୍ଟ, ୧୯୫୨ ଅଧୀନରେ ଗୃହ ବିଭାଗ ପକ୍ଷରୁ ଗଠିତ ଉକ୍ତ ତଦନ୍ତ ଆୟୋଗର ଅନ୍ୟ ଦୁଇ ସଦସ୍ୟ ହେଲେ ଅବସରପ୍ରାପ୍ତ ବିଚାରପତି ବ୍ରଜେଶ କୁମାର ସୋନି ଓ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସୁବେଶ କୁମାର ସିଂ। କମିଶନ ୨ ମାସ ମଧ୍ୟରେ ତଦନ୍ତ କରି ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ।

ଏଠାରେ ପ୍ରଶ୍ନ ଉଠୁଛି ପୋଲିସର ସୁରକ୍ଷା ବଳୟ ଭିତରେ ଥିବା ଦୁଇଜଣ ହାଇପ୍ରୋଫାଇଲ୍ ଅଭିଯୁକ୍ତଙ୍କୁ ୩ ଜଣ ଯୁବକ କିପରି ହତ୍ୟା କଲେ। ଅତିକ୍ ଓ ଅଶ୍ରଫ୍ କୌଣସି ମାମୁଲି ଅପରାଧୀ ନ ଥିଲେ। ଅତିକ୍‌ଙ୍କ ବିରୋଧରେ ଶତାଧିକ ଓ ଅଶ୍ରଫ୍‌ଙ୍କ ବିରୋଧରେ ଅର୍ଦ୍ଧଶତାଧିକ ମାମଲା ରହିଥିଲା। ଉଭୟଙ୍କର କେବଳ ଆପରାଧିକ ପୃଷ୍ଠଭୂମି ନ ଥିଲା, ବରଂ ଦୁଇଭାଇ ରାଜନୀତିରେ ମଧ୍ୟ ସକ୍ରିୟ ଥିଲେ। ତେଣୁ ଦୁହିଁଙ୍କୁ ଜେଲରୁ ନେଇ କୋର୍ଟରେ ହାଜର କରାଇବାବେଳେ ହେଉ କି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମେଡିକାଲକୁ ନେବା ସମୟରେ ହେଉ ଯେପରି ସୁରକ୍ଷା ଦିଆଯିବା କଥା ସେପରି ବ୍ୟବସ୍ଥା କରାଯାଇ ନ ଥିଲା। ହତ୍ୟାକାଣ୍ଡ ପରେ ଆକ୍ରମଣକାରୀମାନଙ୍କୁ କେତେଜଣ ନିରସ୍ତ୍ର କନ୍‌ଷ୍ଟେବଲ ଧରିବାକୁ ଉଦ୍ୟମ କରୁଥିବା ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। କାବୁ କରିବାବେଳେ କନ୍‌ଷ୍ଟେବଲ ମାନ୍ ସିଂଙ୍କ ହାତରେ ଗୁଳି ବାଜିବାରୁ ସେ ଆହତ ହୋଇଥିବା ପୋଲିସ କହିଛି। ଏଥିରୁ ବୁଝାପଡୁଛି ଯେ, ସମାଜବାଦୀ ପାର୍ଟି (ଏସ୍‌ପି)ର ପୂର୍ବତନ ଏମ୍‌ପି ଅତିକ୍ ଓ ପୂର୍ବତନ ବିଧାୟକ ଅଶ୍ରଫ୍‌ଙ୍କ ସୁରକ୍ଷାରେ କୌଣସି ବରିଷ୍ଠ ଅଧିକାରୀ ନିୟୋଜିତ ନ ଥିଲେ।

### ଗଣମାଧ୍ୟମ ପ୍ରତିନିଧି ପରିଚୟ ଦେଇ ଅତିକ୍, ଅଶ୍ରଫ୍‌ଙ୍କ ନିକଟତର ହୋଇଥିଲେ ୩ ଅଭିଯୁକ୍ତ



ଦୁଇ ଭାଇଙ୍କୁ ଗୁଳିମାଡ଼ ବେଳର ଦୃଶ୍ୟ।

### ଖବରଦାତାଙ୍କ ପାଇଁ ଏସ୍‌ଓପି ପ୍ରସ୍ତୁତ କରିବ କେନ୍ଦ୍ର

ନୂଆଦିଲ୍ଲୀ, ୧୬।୪

ଶନିବାର ରାତିରେ ହତ୍ୟାକାରୀମାନେ ଖବରଦାତା ପରିଚୟ ଦେଇ ସୁରକ୍ଷା ବଳୟକୁ ଭେଦ କରିବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ଅତିକ୍ ଓ ଅଶ୍ରଫ୍‌ଙ୍କ ଅତି ନିକଟତର ହୋଇଥିଲେ। ସେମାନେ ଅତିକ୍‌ଙ୍କ ପରେ ଅଶ୍ରଫ୍‌ଙ୍କ ମୁଣ୍ଡରେ ଗୁଳି କରିବାରେ ସକ୍ଷମ ହୋଇଥିଲେ। ଏହି ହତ୍ୟାକାଣ୍ଡ ପରେ ଖବରଦାତାମାନଙ୍କ ନିରାପତ୍ତା ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଖବରଦାତାମାନଙ୍କ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହି ଏସ୍‌ଓପି ପ୍ରସ୍ତୁତ କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି।

### ଉପା ଅମଳରେ ଆଣବିକ ଚୁକ୍ତିକୁ ରକ୍ଷା କରିଥିଲା ଅତିକ୍‌ଙ୍କ ଭୋଟ



୨୦୦୮ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ବିରୋଧରେ ଆମେରିକା-ଭାରତ ଆଣବିକ ଚୁକ୍ତିକୁ ନେଇ ବିରୋଧୀ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ବାମପନ୍ଥୀମାନେ ୨୦୦୮ ମଧ୍ୟଭାଗରେ ସମର୍ଥନ ପ୍ରତ୍ୟାହାର କରିନେଇଥିବାବେଳେ ଲୋକ ସଭାରେ ଉପାର ୨୨୮ ସଦସ୍ୟ ଥିଲେ। ତେବେ ସଂଖ୍ୟାଗରିଷ୍ଠତାଠାରୁ ୪୪ ଏମ୍‌ପିଙ୍କ ସମର୍ଥନ ନିଅଣ୍ଟ ହୋଇଥିଲା। ଅତିକ୍ ଅହମ୍ମଦଙ୍କ ସମେତ ୬ ଦାଗିନେତାଙ୍କୁ ୪୮ ଘଣ୍ଟା ମଧ୍ୟରେ ଜେଲରୁ ମୁକ୍ତ କରାଯାଇଥିଲା। ସେହି ସମୟରେ ଏହି ବାହୁବଳୀ ଏମ୍‌ପିମାନେ ଉପା ସରକାର ସପକ୍ଷରେ ଭୋଟ ଦେଇ ଆମେରିକା ସହ ହୋଇଥିବା ଭାରତର ସିଭିଲ ନ୍ୟୁକ୍ଲିୟର ଡିଲ୍‌କୁ ରକ୍ଷା କରିଥିଲେ।

## କେଜ୍‌ରିୱାଲଙ୍କୁ ସିବିଆଇ ଜେରା

# ୯ ଘଣ୍ଟାରେ ୫୬ ପ୍ରଶ୍ନ

### ବିଭିନ୍ନ ସ୍ଥାନରେ ଏଏପିର ବିକ୍ଷୋଭ

ନୂଆଦିଲ୍ଲୀ, ୧୬।୪(ପି.ଟି.)

ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସିବିଆଇ ରବିବାର ପ୍ରାୟ ୯ ଘଣ୍ଟା ଜେରା କରିଛି। ତାଙ୍କୁ ଉକ୍ତ ଦୁର୍ନୀତି ମାମଲାର ଜଣେ ସାକ୍ଷୀ ଭାବେ ତଦନ୍ତକାରୀ ଅଧିକାରୀମାନେ ୫୬ଟି ପ୍ରଶ୍ନ ପଚାରିଥିଲେ ବୋଲି କେଜ୍‌ରିୱାଲ କହିଛନ୍ତି। ତେବେ ପରବର୍ତ୍ତୀ ଜେରା ପାଇଁ ତାଙ୍କୁ ସମନ ହୋଇନାହିଁ।

ତଦନ୍ତକାରୀ ସଂସ୍ଥା ଭାଜପା ଇଙ୍ଗିତରେ କାର୍ଯ୍ୟ କରୁଥିବା ଅଭିଯୋଗ କରି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତାମାନେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତାଙ୍କୁ ଗିରଫ କରିବା ଲାଗି ସିବିଆଇକୁ ଭାଜପା ନିଶ୍ଚୟ ନିର୍ଦ୍ଦେଶ ଦେଇଥିବ ବୋଲି କେଜ୍‌ରିୱାଲ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚିବା ପୂର୍ବରୁ ଟୁଇଟରରେ ଏକ ଭିଡିଓ ବାର୍ତ୍ତା ପୋଷ୍ଟ କରିଥିଲେ। ଜେରା ପାଇଁ ସିବିଆଇ ସମନ କରିବା ପରେ ଏଏପି ଆବାହକ କେଜ୍‌ରିୱାଲଙ୍କୁ ବହୁ ବିରୋଧୀ ଦଳ ନେତା ସମର୍ଥନ ଜଣାଇଛନ୍ତି। ଅବକାରୀ ମାମଲାରେ ତାଙ୍କର କିଛି ଲୁଚାଇବାର ନାହିଁ। ସେ ସଙ୍କୋଚତାର ସହ ସିବିଆଇର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବେ ବୋଲି କହିଛନ୍ତି। ତାଙ୍କର ଲାଏ-ଡିଟେକ୍ଟର ପରୀକ୍ଷା କରାଯାଉ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିବାବେଳେ ଦୁର୍ନୀତିରୁ ଲୋକଙ୍କ ନଜର ହଟାଇବା ପାଇଁ କେଜ୍‌ରିୱାଲ ଡ୍ରାମାବାଜି କରୁଥିବା ଭାଜପା ଅଭିଯୋଗ କରିଛି।



ଜେରା ପରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ(ମଝି)।

ଅବକାରୀ ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଗତ ମାସରେ ସିବିଆଇ ଗିରଫ କରିଥିଲା। କେଜ୍‌ରିୱାଲଙ୍କୁ ସିବିଆଇ ଗିରଫ କରିପାରେ ବୋଲି ଆଶଙ୍କା କରି ଭାଜପା ନେତାମାନେ ଏକ ଜରୁରୀ ବୈଠକରେ ଏକାଠି ହୋଇଥିଲେ। ଅପରାହ୍ନ ୫ଟାରେ ଏଏପି ନେତା ଗୋପାଳ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଳର ଜାତୀୟ ସମ୍ପାଦକ ପଙ୍କଜ ଗୁପ୍ତା, ଦିଲ୍ଲୀ ମେୟର ଶେଲି ଓବେରୋଇ, ଡେପୁଟି ମେୟର ଆଲେ ଇକ୍‌ବାଲ ଓ ଦଳର ଅନ୍ୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ରବିବାର ସକାଳେ କେଜ୍‌ରିୱାଲ ରାଜଘାଟସ୍ଥିତ ମହାତ୍ମା ଗାନ୍ଧୀ ସ୍ମାରକ ସ୍ଥଳକୁ ଯିବା ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଓ କେତେଜଣ କ୍ୟାବିନେଟ ସହଯୋଗୀଙ୍କ ସହ ସିବିଆଇ କାର୍ଯ୍ୟାଳୟକୁ ଯାଇଥିଲେ। ତାଙ୍କୁ ଜେରା ସମୟରେ ଆର୍କବିଶପ୍ ରୋଡରେ ଧାରଣାରେ ବସିଥିବା କେତେଜଣ ବରିଷ୍ଠ ଏଏପି ନେତାଙ୍କୁ ଦିଲ୍ଲୀ ପୋଲିସ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରେ ରାଜ୍ୟ ସଭା ଏମ୍‌ପି ସଞ୍ଜୟ ସିଂ, ରାଘବ ଚଢ଼ା, ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ, ଅତିଶି ଏବଂ କୈଳାସ ଗେହଲଟ ପ୍ରମୁଖ ଥିଲେ।

## ଶାହାଙ୍କ କାର୍ଯ୍ୟକ୍ରମରେ ଅଂଶୁଘାତ: ୮ ମୃତ

ନଭି ମୁମ୍ବାଇ, ୧୬।୪

ନଭି ମୁମ୍ବାଇରେ ରବିବାର ମହାରାଷ୍ଟ୍ର ଭୂଷଣ ପୁରସ୍କାର ପ୍ରଦାନ ଉତ୍ସବ ବେଳେ ଅଂଶୁଘାତରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ୫୦ ଜଣ ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ରହି ସାମାଜିକ କର୍ମୀ ଦତ୍ତାତ୍ରେୟ ନାରାୟଣଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷାଧିକ ଲୋକ ଖୋଲା ଆକାଶ ତଳେ ୩୮ ଡିଗ୍ରୀ ତାପମାତ୍ରାରେ ବସିଥିଲେ। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ମଧ୍ୟ ଉତ୍ସବରେ ଯୋଗ ଦେଇଥିଲେ। ପୂର୍ବାହ୍ନ ୧୧ଟା ୩୦ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଉତ୍ସବରେ ୮ ଜଣଙ୍କର ଅଂଶୁଘାତରେ ଜୀବନ ଯିବା ଦୁର୍ଭାଗ୍ୟଜନକ ବୋଲି ମୁଖ୍ୟମନ୍ତ୍ରୀ ଶିନ୍ଦେ କହିବା ସହ ସେମାନଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ଦୁବାଇ ବିଲ୍ଡିଂରେ ନିଆଁ

# ୪ ଭାରତୀୟଙ୍କ ସମେତ ୧୬ ମୃତ

ଦୁବାଇ, ୧୬।୪(ଆଇଏଏନ୍‌ଏସ୍)

ଦୁବାଇର ଡେଇରା ଜିଲାରେ ଏକ ଆବାସିକ ବିଲ୍ଡିଂରେ ନିଆଁ ଲାଗି ୪ ଭାରତୀୟଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଅଗ୍ନିକାଣ୍ଡରେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଭାରତୀୟ ମୃତକଙ୍କ ମଧ୍ୟରେ କେରଳର ଏକ ଦମ୍ପତି ଏବଂ ଉକ୍ତ ବିଲ୍ଡିଂରେ କାର୍ଯ୍ୟରତ ଦୁଇଜଣ ବ୍ୟକ୍ତି ରହିଥିବା ଦୁବାଇସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ କୁହାଯାଇଛି। ସେମାନେ ହେଲେ ରିଜେଶ କଲାଙ୍ଗଦାନ(୩୮), ତାଙ୍କ ସ୍ତ୍ରୀ ଜେଶି କଲାଙ୍ଗଦାନ(୩୨), ଗୁଡ୍ଡୁ ସାଲିୟାକୁଣ୍ଡୁ(୪୯) ଏବଂ ଇମାମକାସିମ ଅବଦୁଲ ଖାଦେଶ(୪୩)। ଶନିବାର ଅପରାହ୍ନରେ ବିଲ୍ଡିଂର ଚତୁର୍ଥ ମହଲାରେ ନିଆଁଲାଗି କ୍ରମେ ଏହା ସବୁଦାୟ କୋଠାକୁ ବ୍ୟାପିଯାଇଥିଲା। ଆବଶ୍ୟକ ସୁରକ୍ଷା ନିୟମାବଳୀ ପାଳନ କରାଯାଇ ନ ଥିବାରୁ ବିଲ୍ଡିଂରେ ନିଆଁ ଲାଗିଲା ବୋଲି କୁହାଯାଇଛି।



## ଇସି ଅରୁଣ ଗୋଏଲ୍‌ଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୧୬।୪(ପି.ଟି.)

### ନିରପେକ୍ଷ କମିଟି ଗଠନ ଲାଗି ଏଡିଆର୍‌ର ଦାବି

ନିର୍ବାଚନ କମିଶନର (ଇସି) ଭାବେ ଅରୁଣ ଗୋଏଲଙ୍କ ନିଯୁକ୍ତିକୁ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର୍) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ନିର୍ବାଚନ କମିଶନର ଆନୁଷ୍ଠାନିକ ଅଖଣ୍ଡତା ଓ ନିରପେକ୍ଷତାର ଉଲ୍ଲଂଘନ କରାଯାଇ ମନମୁଖି ଭାବେ ଗୋଏଲଙ୍କୁ ନିର୍ବାଚନ କମିଶନ ନିଯୁକ୍ତ କରାଯାଇଥିବା ଏଡିଆର୍ ଅଭିଯୋଗ କରିଛି। ନିର୍ବାଚନ ଆୟୋଗର ସଦସ୍ୟମାନଙ୍କୁ ନିଯୁକ୍ତି ଲାଗି ଏକ ନିରପେକ୍ଷ ଓ ସ୍ୱାଧୀନ କମିଟି ଗଠନ କରିବାକୁ ଏନ୍‌ଜିଓ ପକ୍ଷରୁ ଦାବି କରାଯାଇଛି। କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନ ସେମାନଙ୍କ ନିଜସ୍ୱ ସୁବିଧା ପାଇଁ ନିଯୁକ୍ତି ପ୍ରକ୍ରିୟାରେ କାଟଛାଣ୍ଟ କରୁଥିବା ଏଡିଆର୍ ଏହାର ଆବେଦନରେ ଦର୍ଶାଇଛି। ଗତବର୍ଷ ନଭେମ୍ବରରେ ଅରୁଣ ଗୋଏଲଙ୍କୁ ନିର୍ବାଚନ କମିଶନ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଜନସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଚ୍ୟାଲେଞ୍ଜ କରି ଏକ ରିଟ୍ ପିଟିଶନ ଦାଏର ହୋଇଛି। ନିର୍ବାଚନରେ ସ୍ୱଚ୍ଛତା ଲାଗି ଏକ ଚୟନ କମିଟିର ସୁପାରିସ କ୍ରମେ ରାଷ୍ଟ୍ରପତି ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନରମାନଙ୍କୁ ନିଯୁକ୍ତି ଦେବେ ବୋଲି ମାର୍ଚ୍ଚ ୨ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକ ସଭାର ବିରୋଧୀ ଦଳ ନେତା ଏବଂ ସିଜେଆଇ ସଦସ୍ୟ ରହିବେ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ପ୍ରଶାସନିକ ଅଧିକାରୀ ଗୋଏଲଙ୍କୁ ନିର୍ବାଚନ କମିଶନ ଭାବେ ନିଯୁକ୍ତି ଦିଆଯିବା ପ୍ରସ୍ତାବ ସମ୍ପର୍କରେ ସେ ଅବଗତ ନ ଥିଲେ ନଭେମ୍ବର ୧୮ରେ ସ୍ୱେଚ୍ଛାକୃତ ଅବସର ନେବା ଲାଗି ଆବେଦନ କଲେ କିପରି ବୋଲି ସୁପ୍ରିମକୋର୍ଟ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ।



ଅରୁଣ ଗୋଏଲ

## ଛାତ୍ରଙ୍କ ସହ ଯୌନ ସମ୍ପର୍କ: ୬ ଶିକ୍ଷୟିତ୍ରୀ ଗିରଫ

କାଲିଫର୍ନିଆ, ୧୬।୪

ଆମେରିକାରେ ନିଜ ଛାତ୍ରମାନଙ୍କ ସହ ଯୌନ ସମ୍ବନ୍ଧ ରଖିବା ଅଭିଯୋଗରେ ଦୁଇ ଦିନ ଭିତରେ ୬ ଶିକ୍ଷୟିତ୍ରୀ ଗିରଫ ହୋଇଛନ୍ତି। ଏହି ସମ୍ବେଦନଶୀଳ ଘଟଣା ଆମେରିକାରେ ଚର୍ଚ୍ଚାର ବିଷୟ ପାଲଟିଛି। ସଦ୍ୟତମ ଘଟଣା କାଲିଫର୍ନିଆର ଡେନଭିଲେରେ ଘଟିଛି। ଶିକ୍ଷୟତ୍ରୀ ଏଲେନ ସେଲ(୩୮) ଦୁଇଜଣ ନାବାଳକଙ୍କ ସହ ତିନି ଥର ଲେଖାଏ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ଆସିବା ପରେ ତାଙ୍କ ବିରୋଧରେ ବଳାତ୍କାର ମାମଲା ରୁଜୁ ହୋଇଛି। ଶୁକ୍ରବାର ତାଙ୍କୁ ଗାରାଡ ଡିଷ୍ଟ୍ରିକ୍ଟ କୋର୍ଟରେ ହାଜର କରାଯାଇଥିଲା। ସେ ଉଡଲନ ଏଲିମେଣ୍ଟାରୀ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କୁ ଛୁଟିରେ ପଠାଯାଇଛି। ପୂର୍ବରୁ ୩୨ ବର୍ଷୀୟା ଶିକ୍ଷୟିତ୍ରୀ ହିଦର ହେୟାର ଯୌନ ଶୋଷଣ ମାମଲାରେ ଗିରଫ ହୋଇଥିଲେ। ଓକଲାହୋମାର ୨୬ ବର୍ଷୀୟା ଏମଲି ହାନକକଙ୍କୁ ପୋଲିସ ସମାନ ଅଭିଯୋଗରେ ଗିରଫ କରିଥିଲା। ସେ ୱେଲେଷ୍ଟନ ପବ୍ଲିକ ସ୍କୁଲର ଏକ କୋଠରିରେ ଛାତ୍ରଙ୍କ ସହ ଶାରୀରିକ ସମ୍ପର୍କ ରଖିବାବେଳେ ଧରାପଡିଥିଲେ। ସେ ସ୍ନାପଚାଟରେ ପିଲାଙ୍କ ସହ ଯୋଗାଯୋଗ କରି ଜାଲରେ ଫଶାଉଥିବା ତଦନ୍ତରୁ ଜଣା ପଡିଥିଲା। ଜଣେ ୧୫ ବର୍ଷୀୟ ଛାତ୍ରଙ୍କ ସହ ଅବୈଧ ସମ୍ପର୍କ ରଖିବା ଅପରାଧରେ ନିଲକଲନ କାଉଣ୍ଟିର ଶିକ୍ଷୟିତ୍ରୀ ଇମା ଡେଲାନି ହାନକକ୍ ଗିରଫ ହୋଇଛନ୍ତି। ସେହିପରି ଡେସମୟନ୍ସ ଲୋୱାସ୍ଥିତ କ୍ୟାଥୋଲିକ ହାଇସ୍କୁଲର ୩୬ ବର୍ଷୀୟା ଇଂଲିଶ ଶିକ୍ଷୟିତ୍ରୀ କ୍ରିଷ୍ଟନ ଗାଣ୍ଟ ଛାତ୍ରଙ୍କ ସହ ୫ ଥର ଶାରୀରିକ ସମ୍ବନ୍ଧ ରଖିଥିବା ଅଭିଯୋଗ ହୋଇଥିଲା। ଅନ୍ୟ ଏକ ଘଟଣାରେ ଜେମ୍ସ ମାଡିସନ ସ୍କୁଲର ୩୩ ବର୍ଷୀୟ ଶିକ୍ଷୟିତ୍ରୀ ଆଲି ଖେରାଡମଣ୍ଡ ଅନେକ ମାସ ଧରି ଜଣେ ଛାତ୍ରଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଜଣେ ୧୭ ବର୍ଷୀୟ ବାଳକ ସହ ଅବୈଧ ସମ୍ପର୍କ ରଖିବା ଅଭିଯୋଗରେ ପେନ୍‌ସିଲଭାନିଆରେ ଜାଭେଲିନ ପ୍ରଶିକ୍ଷିକାଙ୍କୁ ପୋଲିସ ଗିରଫ କରିଥିଲା।



# ମେଡିକାଲ, ଇଞ୍ଜିନିୟରିଂରେ ନାମ ଲେଖାଇବା ନାଁରେ ୩ କୋଟିରୁ ଊର୍ଦ୍ଧ୍ୱ ଠକେଇ

## ୨ ଆନ୍ତଃ ରାଜ୍ୟ ଦଲାଲ ଗିରଫ

**ବାଲେଶ୍ୱର ଅଫିସ,୧୬।୪**

ମେଡିକାଲ, ଇଞ୍ଜିନିୟରିଂ ସିଟ୍‌ରେ ସହଜରେ ନାମ ଲେଖାଇଦେବାର ସ୍ୱପ୍ନ ଦେଖାଇ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ଧରାପଡିଛନ୍ତି ୨ଜଣ ଆନ୍ତଃ ରାଜ୍ୟ ଦଲାଲ। ଏମାନେ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ନାମ ଲେଖାଇଦେବାର ପ୍ରତିଶ୍ରୁତି ଦେଇ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କଠାରୁ ଲୁଟିଛନ୍ତି କୋଟି କୋଟି ଟଙ୍କା। ଏ ସମ୍ପର୍କରେ ଠକେଇର ଶିକାର ହୋଇଥିବା ଜଣେ ଛାତ୍ରୀଙ୍କ ଅଭିଭାବକ ବାଲେଶ୍ୱର ସାଇବର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସ୍‌ପି ସାଗରିକା ନାଥ ଏହାର ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ୭ରୁ ୮ବର୍ଷ ଧରି ଏହି ରାକେଟ ଚଳାଇଥିବା ଯାଜପୁର ଅଞ୍ଚଳର ସୁନୀଲ କୁମାର ସାମନ୍ତରାୟ ଓ ସୁମିତ କୁମାର ବିଶ୍ୱାଳଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇଛନ୍ତି।

ବାଲେଶ୍ୱର ଖନ୍ତାପଡ଼ା ଅଞ୍ଚଳର ଶିକ୍ଷକ ଗୋକୁଳଚନ୍ଦ୍ର ନାୟକଙ୍କ ଝିଅ ଯୁକ୍ତ ୨ ଶିକ୍ଷା ପରେ ଏମ୍‌ବିବିଏସ୍ ମେଡିକାଲ ଏଣ୍ଟ୍ରାନ୍ସ ପାଇଁ ଭୁବନେଶ୍ୱର ଜୟଦେବବିହାରସ୍ଥିତ 'ସାଇ ଏକାଡେମୀ'ରେ କୋଚିଂ ନେଉଥିଲେ। ମାତ୍ର ନିଟ୍ ପରୀକ୍ଷାରେ ୭୦୦ରୁ ୧୩୭ ମାର୍କ ରଖିଥିଲେ, ଯାହା ଏମ୍‌ବିବିଏସ୍‌ରେ ଆଡମିଶନ୍ ପାଇଁ ସମ୍ଭବପୁର ନୁହେଁ। ମାତ୍ର ତାଙ୍କୁ ଗଞ୍ଜାମ ଏମ୍‌କେସିଜି ମେଡିକାଲ କଲେଜରେ ଏମ୍‌ବିବିଏସ୍‌ରେ ସିଟ୍ କରାଇଦେବାକୁ କହି ଉକ୍ତ ଏକାଡେମୀର ମାଲିକ କହି ୫୦ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ପରେ ଉଭୟପକ୍ଷଙ୍କ ବୁଝାମଣାରେ ୨୮ଲକ୍ଷ ଟଙ୍କାରେ ରାଜି ହୋଇ ଅନଲାଇନ୍ ଓ ନଗଦ ଭାବେ ଅଭିଭାବକ ପର୍ଯ୍ୟାୟକ୍ରମେ ୨୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅଭିଯୁକ୍ତମାନେ ମେଡିକାଲ କଲେଜର ଡାକ୍ତରୀ ଆପ୍ରୋନ ଓ ଷ୍ଟେଥୋ ଯୋଗାଇ ଦେଇଥିଲେ। ଏହି ଡ୍ରେସ୍ କୋଡ୍ ସହିତ ଛାତ୍ରୀ ଜଣକ ୨ଦିନ କଲେଜ ଯିବା ପରେ ତାହା ମିଥ୍ୟା ବୋଲି ଜାଣିପାରିଥିଲେ। ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଛାତ୍ରୀଙ୍କ ବାପା ଗୋକୁଳଚନ୍ଦ୍ର ବାଲେଶ୍ୱର ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ସାଇବର ଥାନାରେ ଏନେଇ ମାମଲା (ନଂ.୧୨/୨୩) ରୁଜୁ କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇ ଉକ୍ତ ୨ଜଣଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଥିଲା। ଯେଉଁମାନେ କି ବେସରକାରୀ ଇଞ୍ଜିନିୟରିଂ, ମେଡିକାଲ, କୃଷି ଓ ବୈଷୟିକ ମହାବିଦ୍ୟାଳୟରେ ଆଡମିଶନ କରାଇ ଦେବାକୁ କହି ବହୁ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କଠାରୁ ଟଙ୍କା ଲୁଟିଥିଲେ। ସେମାନେ ୨୦୧୫ ମସିହାରୁ ଏହି ରାକେଟ୍‌ରେ ଜଡ଼ିତ ରହି ଆଡମିଶନ ନାମରେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଲୋକଙ୍କୁ ଠକିବା ସହ ପ୍ରାୟ ୩କୋଟିରୁ ଅଧିକ ଟଙ୍କା ଠକିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ୧୨ଜଣ ଅଭିଭାବକଙ୍କଠାରୁ ଠକେଇ କରିଥିବା ପ୍ରମାଣ ମିଳିଥିବା ବେଳେ ଏନେଇ ଅଧିକ ତଦନ୍ତ ଜାରି ରହିଛି। ସେହିପରି ସେମାନଙ୍କ ନାମରେ ପୂର୍ବରୁ ଇନ୍‌ଫୋସିଟି ଥାନାରେ ମାମଲା (ନଂ. ୯୪/୨୦୧୮), ମଞ୍ଚେଶ୍ୱର ଥାନାରେ ମାମଲା (ନଂ. ୧୮/୨୦୧୮), ଭଦ୍ରକ ଟାଉନ୍ ଥାନା ମାମଲା (ନଂ. ୩୧୦/୨୦୨୧), ଲିଙ୍ଗରାଜ ଥାନାରେ ମାମଲା (ନଂ. ୧୨୬/୨୦୧୯, ୨୦୬/୨୦୨୦, ୨୦୭/୨୦୨୦, ୨୦୮/୨୦୨୦, ୨୧୯/୨୦୨୧, ୨୬୭/୨୦୨୧), ଲକ୍ଷ୍ମୀସାଗର ଥାନାରେ ମାମଲା (ନଂ. ୬୮/୨୦୨୦), ଯାଜପୁର ଟାଉନ୍ ଥାନାରେ ମାମଲା (ନଂ. ୧୭୫/୨୦୨୧), ଗୁମୁଳା, ଝାଡ଼ଖଣ୍ଡ ଭର୍ଣ୍ଣୋ ଥାନାରେ ମାମଲା (ନଂ. ୬୧/୨୦୧୮) ରହିଛି। ସେମାନଙ୍କ ନିକଟରୁ ଗୋଟିଏ କାର, ୩ଟି ନାମୀଦାମୀ ମୋବାଇଲ୍ ଓ ବିଭିନ୍ନ ବ୍ୟାଙ୍କର ୫ଟି ଏଟିଏମ୍ କାର୍ଡ ଜବତ କରାଯାଇଛି। ଏଥିସହ ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସାଇବର ଥାନା ଅଧିକାରିଣୀ ମୀନା ବିନ୍ଧାଣୀ ଓ ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ଦେହୁରା ଉପସ୍ଥିତ ଥିଲେ।



ଗିରଫ ୨ ଅଭିଯୁକ୍ତ।

# ଆଜିଠୁ ଖୋଲିବ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ସୋମବାରଠାରୁ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଠପଢ଼ା ଆରମ୍ଭ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ଚାଲିବ। ସ୍ଥିତିକୁ ଦେଖି ଆବଶ୍ୟକସ୍ଥଳେ ଜିଲାପାଳମାନେ ସେମାନଙ୍କ ଜିଲାର ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ସମୟ ନିର୍ଘଣ୍ଟକୁ ପରିବର୍ତ୍ତନ କରିପାରିବେ। ଜରୁରିକାଳୀନ ପରିସ୍ଥିତିରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଛୁଟି ମଧ୍ୟ ଘୋଷଣା କରିପାରିବେ। ସେହିପରି ରୌଦ୍ର ତାପ ଯୋଗୁ ୧୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିଥିବା ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ସ୍କୁଲଗୁଡ଼ିକ ସୋମବାରଠାରୁ ଖୋଲିବ। ସକାଳ ୬ଟା ୩୦ରୁ ୧୧ଟା ପର୍ଯ୍ୟନ୍ତ ପାଠପଢ଼ା ଚାଲିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜି ସନ୍ଧ୍ୟା ୬ରୁ ୪ଘଣ୍ଟା ଦର୍ଶନ ବନ୍ଦ

**ପୁରୀ ଅଫିସ, ୧୬।୪**

## ମହାପ୍ରଭୁଙ୍କ ପଇତାଲାଗି ନୀତି ହେବ

ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ଏହି ନୀତି ସମ୍ପାଦନ କରାଯାଏ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଏ। ସୋମବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପଇତାଲାଗି ନୀତି ସମ୍ପାଦନ ହେବାକୁ ଥିବାରୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ଓ ମଇଲମ ପରେ ଲକ୍ଷ୍ମୀ ଏବଂ ସରସ୍ୱତୀ ଖଟଶେଯ ଘରକୁ ବିଜେ କରିବେ। ଏହି ସମୟରେ ଜୟବିଜୟ ଦ୍ୱାର ବନ୍ଦ ରହିବ। ପଇତାଲାଗି ନୀତି ନିମନ୍ତେ ଦଇତାପତି ସେବାୟତମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିବେ। ପାଟଡୋରିରେ ନିର୍ମିତ ଜାଲିଯୁକ୍ତ ବସ୍ତ୍ରକୁ ମହାପ୍ରଭୁଙ୍କୁ ଲାଗି କରାଯିବ, ଯାହାକୁ ପଇତାଲାଗି ବୋଲି କୁହାଯାଏ। ପରମ୍ପରା ଅନୁଯାୟୀ, ପାଟରା ସେବାୟତମାନେ ପ୍ରସ୍ତୁତ କରିଥିବା ପଇତାକୁ ରବିବାର ଦେଉଳକରଣଙ୍କୁ ହସ୍ତାନ୍ତର କରିଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ବର୍ଷକରେ ଦୁଇଥର ଅର୍ଥାତ୍ ଚନ୍ଦନଯାତ୍ରା ଓ ଘୋଡ଼ଲାଗି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଦଇତାପତି ସେବାୟତମାନେ ଏହି ନୀତି ସମ୍ପାଦନ କରିଥାନ୍ତି। ସେହିପରି ପଇତା ବସ୍ତ୍ରକୁ ପାଟରା ସେବାୟତମାନେ ପ୍ରସ୍ତୁତ କରିବା ପରେ ଦେଉଳକରଣଙ୍କୁ ହସ୍ତାନ୍ତର କରିଥାନ୍ତି।

## ଚାକିରି ସର୍ତ୍ତାବଳୀ ନେଇ ବିଭିନ୍ନ କର୍ମଚାରୀ ସଙ୍ଗଠନଠାରୁ ସ୍ମାରକପତ୍ର ଆହ୍ୱାନ

**ଭୁବନେଶ୍ୱର, ୧୬।୪ (ବ୍ୟୁରୋ):** ରାଜ୍ୟ ସରକାରଙ୍କ କର୍ମଚାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ସଂସ୍ଥାଗୁଡିକରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ବାବଦରେ ବିଭିନ୍ନ କର୍ମଚାରୀ ସଙ୍ଗଠନ ପକ୍ଷରୁ ଦାବି ଓ ସ୍ମାରକପତ୍ର ଆହ୍ୱାନ କରାଯାଇଛି। ଏଥିସହ ଏହାର ଅନୁଧ୍ୟାନ ନିମନ୍ତେ ୧୯ ଫେବୃୟାରୀ ୨୦୨୩ରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶନାମା ନଂ. ୪୪୭୯ ଅନୁଯାୟୀ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠିତ ହୋଇଛି। କମିଟି ସଦସ୍ୟ-ଆବାହକ ତଥା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ଶାସନ ସଚିବ ଗଣେଶ ଚନ୍ଦ୍ର ପାତ୍ରଙ୍କ ନିକଟରେ ବିଭିନ୍ନ ସଙ୍ଗଠନର ପ୍ରତିନିଧିବୃନ୍ଦ ଦାବିପତ୍ର ପ୍ରଦାନ କରି ପାରିବେ। ତେବେ ଏହି ଦାବିପତ୍ର ସିଧାସଳଖ ସାକ୍ଷାତକ୍ରମେ କିମ୍ବା ଡାକ ଯୋଗେ ପ୍ରଦାନ କରି ପାରିବେ। କୌଣସି ସରକାରୀ କର୍ମଚାରୀ ବ୍ୟକ୍ତିଗତ ଭାବେ ଦାବି ପ୍ରଦାନ କରିପାରିବେ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୪୩ ଡିଗ୍ରୀ ଛୁଇଁଲା ଝାରସୁଗୁଡ଼ା

## ସାରା ରାଜ୍ୟରେ ଗୁଳୁଗୁଳି

- ୪୧ ଡିଗ୍ରୀ ଉପରେ ୯ ସହର
- କମିବ ଖରାତାତି, ବର୍ଷା ଆଣିବ ଆଶ୍ୱସ୍ତି



**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ଗତ କିଛିଦିନ ଧରି ରାଜ୍ୟରେ ପାରଦ ଉପରମୁହାଁ ରହିଛି। ପ୍ରବଳ ଗରମରେ ଆଉଟୁପାଉଟୁ ହେଉଛି ସାରା ଓଡ଼ିଶା। ରବିବାର ୯ ସହରର ତାପମାତ୍ରା ୪୧ ଡିଗ୍ରୀ ଉପରେ ରହିଥିବାବେଳେ ୪୩ ଡିଗ୍ରୀ ସହ ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏଥିସହ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଘର ଭିତରେ ରହିଲେ ବି ଦେହରୁ ଝାଳ ବୋହୁଥିଲା। ତେବେ ସୋମବାରଠାରୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ସମ୍ଭାବନା ରହିଥିଲେ ମଧ୍ୟ ଆସନ୍ତା ୫ଦିନ ପର୍ଯ୍ୟନ୍ତ ଏହି ତାପମାତ୍ରାରେ ସାମାନ୍ୟ ହ୍ରାସ ପାଇପାରେ। ଏହାପରେ ବର୍ଷା ଆଶ୍ୱସ୍ତି ଆଣିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ବୌଦ୍ଧର ସର୍ବାଧିକ ତାପମାତ୍ରା ୪୨.୫ ଡିଗ୍ରୀ ଛୁଇଁଥିବାବେଳେ ସମ୍ବଲପୁର ୪୨.୪ ଡ଼ିଗ୍ରୀ, ତାଳଚେର ୪୨.୨, ସୁନ୍ଦରଗଡ଼ ଓ ଟିଟିଲାଗଡ଼ ୪୧.୫, ବଲାଙ୍ଗୀର ୪୧.୨, ଅନୁଗୋଳ ୪୧.୨ ଓ ରାଉରକେଲାରେ ପାରଦ ୪୧ ଡିଗ୍ରୀରେ ପହଞ୍ଚିଥିଲା। ସେହିଭଳି ଅନ୍ୟ ୧୨ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ୫ଜିଲାରେ ତାପମାତ୍ରା ୩୯ ଡିଗ୍ରୀ ବା ତାହାଠାରୁ ଅଧିକ ରହିଥିଲା। ତେବେ ଭୁବନେଶ୍ୱରରେ ତାପମାତ୍ରା ୪୦ ଡିଗ୍ରୀ ଓ ପୁରୀରେ ତାପମାତ୍ରା ୩୭.୬ ଡିଗ୍ରୀ ରହିଥିବାବେଳେ ପାରାଦୀପରେ ସର୍ବନିମ୍ନ ୩୩.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଅନ୍ୟପଟେ ସୋମବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ନୂଆପଡା ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଏଥିପାଇଁ କୋରାପୁଟ, ମାଲକାନଗିରି, ରାୟଗଡା, କନ୍ଧମାଳ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୮ ତାରିଖରେ ନୂଆପଡା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାନେଇ ପୂର୍ବାନୁମାନ କରାଯିବା ସହ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ୧୯ ଓ ୨୦ ତାରିଖରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କୋରାପୁଟ, ମାଲକାନଗିରି, ରାୟଗଡା, କନ୍ଧମାଳ, ଗଜପତି ଓ ଗଞ୍ଜାମ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ିର ଭୟ ରହିଛି। ତେଣୁ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖରେ ଉତ୍ତର ଉପକୂଳ ଓଡ଼ିଶା, ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି।

# କରୋନା ନେଲା ଆଉ ଏକ ଜୀବନ

## ଦିନକରେ ୩୦୮ ପଜିଟିଭ୍ ଚିହ୍ନଟ

**ଭୁବନେଶ୍ୱର, ୧୬।୪ (ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଉପରମୁହାଁ ହେଉଛି। କ୍ରମାଗତ ଭାବେ କିଛିଦିନ ହେବ ଦୈନିକ ସଂକ୍ରମଣ ୨ଶହ ଉପରେ ରହୁଥିବାବେଳେ ଶେଷ ୨୪ ଘଣ୍ଟାରେ ଏହା ୩ଶହ ପାର୍ କରିଛି। ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟରୁ ଆଉ ୩୦୮ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦୫କୁ ବୃଦ୍ଧି ପାଇଛି। ଅପରପେକ୍ଷ କରୋନାରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ଫଳରେ ଚଳିତବର୍ଷ କୋଭିଡ୍ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ମୃତକ ଜଣକ ୭୦ ବର୍ଷୀୟ ହୋଇଥିବାବେଳେ ତାଙ୍କ ଘର ସୋନପୁର ଜିଲାରେ। ସେ ପୂର୍ବରୁ ଡାଇବେଟିସ୍, ହାଇପରଟେନ୍‌ସନ୍ ଏବଂ ସେରେବ୍ରୋ ଭାସ୍କୁଲାର ଆକ୍ସିଡେଣ୍ଟରେ ପୀଡିତ ଥିଲେ ବୋଲି ସୂଚନା ଦିଆଯାଇଛି।

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ସେଥିମଧ୍ୟରୁ ଅଧିକାଂଶ ହୋମ୍ ଆଇସୋଲେଶନରେ ରହିଛନ୍ତି। ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଏବେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଯେଉଁମାନଙ୍କର ଲକ୍ଷଣ ଦେଖାଯାଉଛି ସେମାନେ ତୁରନ୍ତ ଆଇସୋଲେଶନ୍‌ରେ ରହିବା ସହ ଟେଷ୍ଟ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ସେହିପରି ଯେଉଁମାନେ ପଜିଟିଭ୍ ଚିହ୍ନଟ ହେଉଛନ୍ତି ସେମାନଙ୍କ ସହ ମିଳାମିଶା କରୁଥିବା ବ୍ୟକ୍ତି ମଧ୍ୟ ଟେଷ୍ଟ କରିବା ଆବଶ୍ୟକ। ଏଥିସହ ହସ୍ପିଟାଲରେ ବେଡ୍ ପ୍ରସ୍ତୁତ ରଖିବା, ଭେଣ୍ଟିଲେଟର, ଅକ୍ସିଜେନ୍, ଆଇସିୟୁ ବେଡ୍, ଟେଷ୍ଟ କିଟ୍ ଆଦିର ସ୍ଥିତି ସମୀକ୍ଷା କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# 'ଏଜୁକେଶନ ୱାର୍ଲ୍ଡ' ଜାତୀୟ ପତ୍ରିକାରେ ଓଡ଼ିଶାର ୧୦ ସ୍ୱୟଂଶାସିତ ମହାବିଦ୍ୟାଳୟ



**ବାଲେଶ୍ୱର ଅଫିସ,୧୬।୪**

## କଟକ ଜିଲାର ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଥମ

ଏଜୁକେଶନ ୱାର୍ଲ୍ଡ ଜାତୀୟ ପତ୍ରିକାରେ ରାଜ୍ୟର ୧୦ ମହାବିଦ୍ୟାଳୟ ସ୍ଥାନ ପାଇଛି। ୨୦୨୨-୨୩ ଶିକ୍ଷାବର୍ଷରେ ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନ ସମ୍ପର୍କରେ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ପ୍ରକାଶିତ ତାଲିକାରେ କଟକ ଜିଲାର ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଥମ, ପୁରୀ ଜିଲାର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଦ୍ୱିତୀୟ, ଢେଙ୍କାନାଳ ଜିଲାର ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ତୃତୀୟ, ବାଲେଶ୍ୱର ଜିଲାର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଚତୁର୍ଥ ସ୍ଥାନ ହାସଲ କରିଛି। ସେହିପରି ପୁରୀ ଜିଲାର ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଞ୍ଚମ, ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବ୍ରହ୍ମପୁରର ଏସବିଆରଜି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଷଷ୍ଠ, କଳାହାଣ୍ଡି ଜିଲାର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣା ସପ୍ତମ, ମୟୂରଭଞ୍ଜ ଜିଲାର ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ବାରିପଦା ଅଷ୍ଟମ, କେନ୍ଦୁଝର ଜିଲାର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ନବମ ଓ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ ଦଶମ ସ୍ଥାନରେ ରହିଛନ୍ତି।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ, ଶିକ୍ଷା ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ, ଗବେଷଣାତ୍ମକ ଭିତ୍ତିଭୂମି, ଛାତ୍ରୀଛାତ୍ରମାନଙ୍କ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ବିବିଧ କୃତିତ୍ୱ, ବୃତ୍ତିଭିତ୍ତିକ ଓ ନୈତିକ ଶିକ୍ଷାର ପ୍ରସାର, ସମାଜସେବା ଓ ନିଯୁକ୍ତି କ୍ଷେତ୍ରରେ ଯୋଗଦାନ ଆଦି ବିଷୟକୁ ଗୁରୁତ୍ୱ ଦିଆଯାଇଥିଲା।

# 'ମୃତକଙ୍କ ପରିବାରକୁ ୫ଲକ୍ଷ, ଗୁରୁତରଙ୍କୁ ଲକ୍ଷେ ଦିଅ'

**ଭୁବନେଶ୍ୱର,୧୬।୪ (ବ୍ୟୁରୋ)**

## ବିଜୁ ସେତୁ ଭୁଶୁଡ଼ିବା ଘଟଣା

- ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍ଆର୍‌ସି
- ୨୦୨୧ ଜାନୁୟାରୀ ୧୦ରେ ଭୁଶୁଡ଼ିଥିଲା ସେତୁ

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼କୁମାର ପଞ୍ଚାୟତ ଅଧୀନ ତାଲାପଦର ନାଗାନଦୀ ଉପରେ ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡ଼ିବା ଘଟଣାରେ ମୃତକଙ୍କୁ ୫ ଲକ୍ଷ ଓ ଗୁରୁତରଙ୍କୁ ୧ ଲକ୍ଷ ଲେଖାଏ ଦେବାକୁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍ଆର୍‌ସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଥିଲେ। ଆସନ୍ତା ଜୁନ୍ ୨ ସୁଦ୍ଧା ଏହି କ୍ଷତିପୂରଣ ରାଶି ପ୍ରଦାନ କରିବା ସହ ତାହାର ପ୍ରମାଣ କମିଶନରଙ୍କ ନିକଟରେ ରଖିବାକୁ ନିର୍ଦ୍ଦେଶରେ କୁହାଯାଇଛି।

ସୂଚନା ଅନୁଯାୟୀ, ତାଲାପଦଠାରୁ ଜାନିଗୁଡ଼ାକୁ ସଂଯୋଗ ପାଇଁ ୨ କୋଟି ୪୧ ଲକ୍ଷ ୫ଶହ ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ସେତୁ ନିର୍ମାଣ ଚାଲିଥିଲା। ୨୦୨୧ ଜାନୁୟାରୀ ୧୦ ଅପରାହ୍ନ ୫ଟାରେ ବ୍ରିଜର ୪ର୍ଥ ସ୍ଲାବ ଖସି ପଡ଼ିବାରୁ ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ମହେନ୍ଦ୍ର ମାଳୀଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ୩ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ, ଆହତଙ୍କୁ କ୍ଷତିପୂରଣ ଦେବା ସହ ଦୋଷୀ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମାନବାଧିକାର କର୍ମୀ ଅଖଣ୍ଡ ଏନ୍‌ଏଚ୍ଆର୍‌ସିଙ୍କ ନିକଟରେ ପିଟିସନ୍ ଦାଏର କରିଥିଲେ। ଏହି ଘଟଣାରେ ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ୩ଜଣଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ଜିଲାପାଳ ରିପୋର୍ଟରେ ଦର୍ଶାଇଥିଲେ। ଘଟଣାରେ ସରକାର ଦାୟୀ ହୋଇଥିବାରୁ ମୃତକଙ୍କ ପରିବାରକୁ ୫ଲକ୍ଷ ଓ ଆହତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ କାହିଁକି ଦିଆ ନ ଯିବ ବୋଲି କମିଶନ ପ୍ରଶ୍ନ କରି ଜବାବ ଦେବାକୁ ୨୦୨୨ ଜୁନ ୨୮ରେ ନୋଟିସ କରିଥିଲେ। ହେଲେ ମୁଖ୍ୟ ଶାସନ ସଚିବଙ୍କଠାରୁ କୌଣସି ଉତ୍ତର ନ ମିଳିବାରୁ କମିଶନ କ୍ଷୋଭ ପ୍ରକାଶ କରିବା ସହ ଏହି ନିର୍ଦ୍ଦେଶ ଦେଇଛନ୍ତି।

# ରୌଦ୍ରତାପରୁ କଲରାପତରିଆ ଅସୁସ୍ଥ

**ଗତ କିଛିଦିନ ଧରି ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଏଥିରୁ ଜୀବଜନ୍ତୁ ମଧ୍ୟ ବାଦ୍ ପଡ଼ି ନାହାନ୍ତି। ଜଙ୍ଗଲରେ ଆବଶ୍ୟକ ପରିମାଣର ପାଣି ମିଳୁ ନ ଥିବା କାରଣରୁ ଜୀବଜନ୍ତୁ ଅସୁସ୍ଥ ମଧ୍ୟ ହେଉଛନ୍ତି। ନୂଆପଡ଼ା ଜଙ୍ଗଲରେ ଏକ କଲରାପତରିଆ ବାଘକୁ ରବିବାର ବନ ବିଭାଗ ପକ୍ଷରୁ କାବୁ କରାଯାଇଛି। ବାଘଟି ଅସୁସ୍ଥ ଥିବାରୁ ଠିକ୍ ଭାବେ ଚାଲିପାରୁ ନାହିଁ। ତେଣୁ ତା'ର ଚିକିତ୍ସା ଆରମ୍ଭ କରାଯାଇଛି।**



**ନୂଆପଡ଼ା,୧୬।୪(ଡି.ଏନ୍.ଏ.)**

ନୂଆପଡ଼ା ସଦର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଧରମବନ୍ଧା ସେକ୍ସନରେ ଏକ କଲରାପତରିଆ ବାଘକୁ ଉଦ୍ଧାର କରାଯାଇଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ବାଘଟି ଅସୁସ୍ଥ ରହିଛି ଏବଂ ଠିକ୍‌ଭାବେ ଚାଲିପାରୁ ନ ଥିବା ବନ ବିଭାଗ ପକ୍ଷରୁ କୁହାଯାଉଛି। ସିଲିଆରିବାହାରା ଗ୍ରାମ ନିକଟରେ ବାଘଟିକୁ ଲୋକମାନେ ଦେଖି ଭୟଭୀତ ହେବା ସହ ବନ ବିଭାଗକୁ ଖବର ଦେଇଥିଲେ। ଅତିରିକ୍ତ ବନ ସଂରକ୍ଷକ (ଏସିଏଫ୍) ମହମ୍ମଦ ସଲିହା, ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁଶୀଲ କୁମାର ତ୍ରିପାଠୀ ଓ ଅନ୍ୟ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡା ସଦଳବଳ ପହଞ୍ଚି ବାଘର ପ୍ରାଥମିକ ଚିକିତ୍ସା କରିଥିଲେ। ବାଘକୁ ଅଂଶୁଘାତ ହୋଇଥିବା ସନ୍ଦେହକରି ପାଣି ଫୋପାଡ଼ି ଥିଲେ। ବାଘ ସାମାନ୍ୟ ସୁସ୍ଥ ହେବା ପରେ ଜାଲ ବିଛାଇ ଧରାଯାଇ ନୂଆପଡ଼ା ରେଞ୍ଜ ଅଫିସକୁ ଅଣାଯାଇଥିଲା। ବର୍ତ୍ତମାନ ବାଘର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଡିଏଫ୍‌ଓ ତ୍ରିପାଠୀ କହିଛନ୍ତି। ବାଘର ବୟସ ୮ ମାସରୁ ୧ ବର୍ଷ ମଧ୍ୟରେ ହେବ। ବାଘକୁ ୨ରୁ ୩ ଦିନ ବନବିଭାଗର ତତ୍ତ୍ୱାବଧାନରେ ରଖାଯାଇ ଚିକିତ୍ସା କରାଯିବ। ସୁସ୍ଥ ହେବା ପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ତାକୁ ଛଡ଼ାଯିବ। ବାଘ କୌଣସି ବିଷାକ୍ତ ଖାଦ୍ୟ ଖାଇଥାଇପାରେ କିମ୍ବା ଅତ୍ୟଧିକ ଗରମରେ ଅଂଶୁଘାତ ଯୋଗୁ ବାଘ ଅସୁସ୍ଥ ହୋଇଥିବା ଡିଏଫ୍‌ଓ କହିଛନ୍ତି।

ସୂଚନାନୁସାରେ ଗତ କିଛି ଦିନ ହେବ ଜଙ୍ଗଲ ସୀମାନ୍ତ ଗ୍ରାମଗୁଡ଼ିକରେ କଲରାପତରିଆ ବାଘର ଆତଙ୍କରେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିଲେ। ଗୃହପାଳିତ ପ୍ରାଣୀକୁ ବାଘ ଖାଇବାର ଅଭିଯୋଗ ହୋଇଆସୁଥିଲା।

# କୋଭିଡ୍ ମୃତ୍ୟୁର ୨ ବର୍ଷ ପରେ ଘରକୁ ଫେରିଲେ

**ଧର(ମଧ୍ୟପ୍ରଦେଶ), ୧୬।୪**

## ଗୁଜରାଟ ହସ୍ପିଟାଲରେ ମୃତ୍ୟୁ ପରେ ହୋଇଥିଲା ଶେଷକୃତ୍ୟ

ମଧ୍ୟପ୍ରଦେଶ ଧର୍ ଜିଲାର କମଲେଶ ପଟିଦାର(୩୫) ୨ ବର୍ଷ ପୂର୍ବେ କୋଭିଡ୍-୧୯ରେ ସଂକ୍ରମିତ ହୋଇ ଗୁଜରାଟର ବଡୋଦରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପରିବାର ଲୋକେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଶନିବାର ସକାଳ ୬ଟାରେ ସେ କରୋଡକାଲା ଗ୍ରାମରେ ଥିବା ତାଙ୍କ ମାଉଁ ଘରେ ପହଞ୍ଚି କବାଟ ବାଡ଼େଇବାରୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଶେଷକୃତ୍ୟ ସମ୍ପନ୍ନର ଦୁଇବର୍ଷ ପରେ କମଲେଶ ଘରକୁ ଫେରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। କୋଭିଡ୍ ଦ୍ୱିତୀୟ ଲହର ବେଳେ ସେ ଆକ୍ରାନ୍ତ ହୋଇଥିଲେ। ହସ୍ପିଟାଲ ମୃତ ଘୋଷଣା କରିବା ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିଥିଲା ଓ ପରିବାର ଲୋକେ ଅନ୍ତିମ ସଂସ୍କାର କରିଥିଲେ ବୋଲି କମଲେଶଙ୍କ ସମ୍ପର୍କୀୟ ଭାଇ ମୁକେଶ ପଟିଦାର ଗଣମାଧ୍ୟମକୁ କହିଛନ୍ତି। ତେବେ କମଲେଶ ଦୁଇବର୍ଷ ହେଲା କେଉଁଠି ଥିଲେ, ତାହା କହିପାରି ନାହାନ୍ତି। କୋଭିଡ୍‌ରେ ପ୍ରାଣ ହରାଉଥିବା ରୋଗୀଙ୍କ ମୃତଦେହକୁ ଜରିରେ ଗୁଡ଼ାଇ ହସ୍ତାନ୍ତର କରାଯାଉଥିବାରୁ କୌଣସି ଭୁଲ୍ ରୋଗୀଙ୍କ ମୃତଦେହକୁ କମଲେଶଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ସନ୍ଦେହ କରାଯାଉଛି। ଧର୍ ଜିଲା ପ୍ରଶାସନ ଘଟଣାର ତଦନ୍ତ ଆରମ୍ଭ କରିଛି। କମଲେଶଙ୍କ ବୟାନ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି କୁହାଯାଉଛି। ୨୦୨୦ରେ ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ଅନୁରୂପ ଏକ ଘଟଣା ଘଟିଥିଲା। ହସ୍ପିଟାଲ କର୍ମଚାରୀଙ୍କ ଭୁଲ୍ ଯୋଗୁ ଜଣେ କୋଭିଡ୍ ରୋଗୀଙ୍କ ମୃତଦେହକୁ ଅନ୍ୟ ଜଣକ ପରିବାରକୁ ହସ୍ତାନ୍ତର କରାଯାଇଥିଲା ଓ ସେମାନେ ତାଙ୍କର ଶେଷକୃତ୍ୟ କରିଥିଲେ।



କମଲେଶ ପଟିଦାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଏପ୍ରିଲ, ୨୦୨୩

**ଆଜିର ମନ୍ତବ୍ୟ**

"କର୍ଣ୍ଣାଟକରେ ପରିବର୍ତ୍ତନର ହାୱା ବହୁଛି। ଆଗାମୀ ନିର୍ବାଚନରେ କଂଗ୍ରେସ ୧୩୦ ଆସନ ଜିତିବ ଏବଂ ଦକ୍ଷିଣ ଭାରତକୁ ଭାଜପାର ଦ୍ୱାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। **-ଏମ୍. ବୀରାପ୍ପା ମୋଇଲି, ବରିଷ୍ଠ କଂଗ୍ରେସ ନେତା**



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଆଁ ମୁଣ୍ଡ ଘର ଚୋରକୁ**
**ଅଦିନ ଚାଷ କରକୁ**
**ରାତି ଦହି ଖିଆ ଜରକୁ**
**ବୁଢା କାଳେ ବିଭା ପରକୁ।**

ଗାଁ ମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସର୍ବଦା ଆଖେଇଥାଏ। ଅଦିନରେ କରାଯାଇଥିବା ଚାଷ ପାଇଁ ରାଜା ଘର କିମ୍ବା ସରକାର କର ନେବା ଲାଗି ମନ ବଳେଇଥାନ୍ତି। ରାତିରେ ଦହି ଖାଇଲେ ଜ୍ୱର ହୋଇଥାଏ। ସେହିପରି ବୃଦ୍ଧକାଳେ ତରୁଣୀଟିଏକୁ ବାହାହେଲେ ସେ ସ୍ତ୍ରୀ ଭବିଷ୍ୟତରେ ପରପୁରୁଷର ପ୍ରୀତିରେ ଯେ ମଜ୍ଜି ନ ରହିବ ଏ ପ୍ରକାରର ଆଶଙ୍କା ସର୍ବଦା ମନକୁ ଆନ୍ଦୋଳିତ କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଙ୍ଗାଜଳ**
**ତା'ଠାରୁ ନାହିଁ ନିରିମଳା।**

ଗଙ୍ଗା ଜଳ ଅତ୍ୟନ୍ତ ପବିତ୍ର ହୋଇଥାଏ। ଏଥିରେ ମଇଳା ପରିଦୃଷ୍ଟ୍ୟ ହେଲେ ମଧ ତା'ର ପବିତ୍ରତା ଯୋଗୁ ସେ ସ୍ୱତଃ ନିର୍ମଳ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ନନ୍ଦିନୀଙ୍କୁ ଫେମିନା ମିସ୍ ଇଣ୍ଡିଆ ମୁକୁଟ


ନନ୍ଦିନୀ ଗୁପ୍ତା

**ନୂଆଦିଲ୍ଲୀ,୧୬।୪**

ରାଜସ୍ଥାନର ୧୯ ବର୍ଷୀୟା ନନ୍ଦିନୀ ଗୁପ୍ତା ୨୦୨୩ ବର୍ଷ ପାଇଁ ଫେମିନା ମିସ୍ ଇଣ୍ଡିଆ ମୁକୁଟ ଜିତିଛନ୍ତି। ଦିଲ୍ଲୀର ଶେୟା ପୁଞ୍ଜା ପ୍ରଥମ ରନର୍ସ ଅପ୍ ହୋଇଥିବାବେଳେ ମଣିପୁରର ଥୋଉନାଓଜାମ୍ ଷ୍ଟ୍ରେଲା ଲୁୱାଙ୍ଗ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ମଣିପୁର ଇମ୍ଫାଲର ଇନ୍‌ଡୋର ଷ୍ଟାଡିୟମ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଶନିବାର ରାତିରେ ବିଜେତାମାନଙ୍କ ନାମ ଘୋଷଣା କରାଯାଇଛି। ବିଜ୍‌ନେସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଥିବା ନନ୍ଦିନୀଙ୍କର ବିଭିନ୍ନ ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାରେ ଉତ୍ସର୍ଗୀକୃତ ଉଦ୍ୟମ ପାଇଁ ସେ ମିସ୍ ଇଣ୍ଡିଆ ମୁକୁଟ ଜିତିବାରେ ସଫଳ ହୋଇଛନ୍ତି। ଗତବର୍ଷର ମିସ୍ ଇଣ୍ଡିଆ ସିନି ସେଟ୍ଟୀ ନନ୍ଦିନୀଙ୍କୁ ମିସ୍ ଇଣ୍ଡିଆ ମୁକୁଟ ପିନ୍ଧାଇଥିଲେ। ଏବେ ନନ୍ଦିନୀ ୭୧ତମ ମିସ୍ ୱାର୍ଲ୍ଡ ପାଜେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରିବେ। ତାଙ୍କୁ ୧୦ ବର୍ଷ ହୋଇଥିବାବେଳେ ସେ ମିସ୍ ଇଣ୍ଡିଆ ପାଇଁ ସ୍ୱପ୍ନ ଦେଖିଥିଲେ। ସେ ସେଣ୍ଟ ପଉଲ୍ସ ସିନିୟର ସେକେଣ୍ଡାରୀ ସ୍କୁଲରୁ ପାଠପଢ଼ା ସାରି ଲାଲା ଲଜପତ୍ ରାୟ କଲେଜ୍‌ରେ ବିଜିନେସ୍ ମ୍ୟାନେଜ୍‌ମେଣ୍ଟ କରିଛନ୍ତି। ରତନ ଟାଟା ତାଙ୍କ ଜୀବନର ବଡ଼ ଇନ୍‌ଫ୍ଲୁଏନ୍ସର ବୋଲି ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ତାଙ୍କର ଫେମିନା ମିସ୍ ଇଣ୍ଡିଆ ପାଜେଣ୍ଟ ଯାତ୍ରାରେ ୨୦୦୦ର ମିସ୍ ୱାର୍ଲ୍ଡ ପ୍ରିୟଙ୍କା ଚୋପ୍ରା ବଡ଼ ପ୍ରେରଣା ବୋଲି ସେ କହିଛନ୍ତି।

# ଆଦ୍ୟାଶା 'ମିସ୍ ଓଡ଼ିଶା', ଜୟାନୀ 'ଟିନ୍ ମିସ୍ ଓଡ଼ିଶା'

**ଓଡ଼ିଶା ଫ୍ୟାଶନ ଭିଲ୍ଲା ପକ୍ଷରୁ କଳିଙ୍ଗ ରାଜକୁମାରୀ**

**ଭୁବନେଶ୍ୱର,୧୬।୪(ବ୍ୟୁରୋ)**

ଓଡ଼ିଶା ଫ୍ୟାଶନ ଭିଲ୍ଲା ପକ୍ଷରୁ 'କଳିଙ୍ଗ ରାଜକୁମାରୀ' ରବିବାର ନିକୋପାର୍କ ନିକଟ ୯ ଷ୍ଟ୍ରିଟ୍ କନ୍‌ଭେନ୍‌ଶନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଆଦ୍ୟାଶା ପ୍ରିୟଦର୍ଶିନୀ 'ଦି ମିସ୍ ଓଡ଼ିଶା' ମୁକୁଟ ପିନ୍ଧିଥିବାବେଳେ ଅନନ୍ୟା ବିଶ୍ୱାଳ ରନର୍ସ ଅପ୍ ହୋଇଛନ୍ତି। ସେହିପରି ଜୟାନୀ ସାହୁ 'ଟିନ୍ ମିସ୍ ଓଡ଼ିଶା' ବିଜୟିନୀ ହୋଇଥିବାବେଳେ ଏହି ବର୍ଗରେ ପ୍ରତ୍ୟାଶା ସାମଲ ରନର୍ସ ଅପ୍ ହୋଇଛନ୍ତି। ପୂର୍ବରୁ ୩ଟି ରାଉଣ୍ଡରେ ମୋଟ ୭୦ଜଣ ଭାଗ ନେଇଥିଲେ। ରବିବାର ଶାଢ଼ୀ ଓ ଗାଉନ୍ ରାଉଣ୍ଡରେ ର୍‍ୟାମ୍ପ ୱାକ୍ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୬ଜଣ ପ୍ରତିଯୋଗୀ ଥିଲେ। ମିସ୍ ଓ କିଶୋର ଆଦି ୨ଟି ବର୍ଗରୁ ବିଜେତାଙ୍କୁ ଚୟନ କରାଯାଇଥିଲା। ଅନ୍ୟ ୧୨ଜଣଙ୍କୁ ବିଭିନ୍ନ ବର୍ଗରେ ୧୨ଟି ସବ୍‌ଟାଇଟଲ୍ ଦିଆଯାଇଛି। ବିଚାରକ ଭାବେ ପୁନମ ପାଠକ ଓ ଚନ୍ଦନା ଦାସ ରହିଥିଲେ। ଏହି କାର୍ଯ୍ୟକ୍ରମ ନ୍ୟାଶନାଲ ପ୍ୟାଜେଣ୍ଟ କୋଚ୍ ତଥା ଓଡ଼ିଶା ଫ୍ୟାଶନ ଭିଲ୍ଲାର ପ୍ରତିଷ୍ଠାତା ଅଭିଜିତ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ୬୧ ହଜାର ମାମଲା, ୪୯ ହଜାରରୁ ଊର୍ଦ୍ଧ୍ୱ ଗିରଫ

**ଅବକାରୀ ବିଭାଗର ବାର୍ଷିକ ସମୀକ୍ଷା**

**ଭୁବନେଶ୍ୱର,୧୬।୪ (ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷରେ ଅବକାରୀ ବିଭାଗ ପକ୍ଷରୁ ୬୧ ହଜାରରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରାଯାଇ ୪୯ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମାମଲା ଓ ଗିରଫଦାରି ସଂଖ୍ୟା ପୂର୍ବବର୍ଷ ତୁଳନାରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ହୋଇଛି। ଭୁବନେଶ୍ୱର କ୍ୟାମ୍ପ ଅଫିସରେ ଅବକାରୀ କମିଶନର ଆଶିଷ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଶନିବାର ଆୟୋଜିତ ବାର୍ଷିକ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି। ଏହି ବର୍ଷରେ ଅବକାରୀ ଚଢ଼ାଉ ଦ୍ୱାରା ୬୧ ହଜାର ୩୭୭ ରୁଜୁ ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ ୫୧ ପ୍ରତିଶତ ଅଧିକ। ସେହିଭଳି ବେଆଇନ ନିଶା କାରବାର ଅଭିଯୋଗରେ ୪୯ ହଜାର ୨୧୧ଜଣ ଗିରଫ ହୋଇଛନ୍ତି, ଯାହା ପୂର୍ବବର୍ଷ ତୁଳନାରେ ୪୭ ପ୍ରତିଶତ ଅଧିକ। ପୂର୍ବ ବର୍ଷରେ ୪୦ ହଜାର ୫୯୮ ମାମଲା ରୁଜୁ ହୋଇଥିବାବେଳେ ୩୩ ହଜାର ୫୫୧ଜଣ ଗିରଫ ହୋଇଥିଲେ। ଅନ୍ୟପକ୍ଷରେ ୨୦୨୨-୨୩ ବର୍ଷରେ ୧୯୪୯ ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଛି। ଏହା ପୂର୍ବବର୍ଷ ତୁଳନାରେ ୧୬୧ ପ୍ରତିଶତ ଅଧିକ ଅର୍ଥାତ୍ ୨୦୨୧-୨୨ରେ ଏନ୍‌ଡିପିଏସ୍ ମାମଲା ସଂଖ୍ୟା ଥିଲା ୭୮୯। ସେହିଭଳି ଏହି ବର୍ଷରେ ଏନ୍‌ଡିପିଏସ୍ ମାମଲାରେ ୨୨୩୨ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୧ ହଜାର ୩୩୦ କେଜି ଗଞ୍ଜେଇ ଓ ୩୨ କେଜି ୫୧୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାର ପରିମାଣ ପୂର୍ବବର୍ଷ ତୁଳନାରେ ୧୫୯ ପ୍ରତିଶତ ଅଧିକ ରହିଛି। ଚଢ଼ାଉ ଜରିଆରେ ବେଆଇନ ନିଶା କାରବାରକୁ ନିୟନ୍ତ୍ରଣ ସହିତ ରାଜସ୍ୱ ଆଦାୟ କ୍ଷେତ୍ରରେ ମଧ ବୃଦ୍ଧି ଘଟିଛି। ୨୦୨୨-୨୩ ବର୍ଷରେ ଭାଟ୍ ସହିତ ମୋଟ ୮୯୬୭.୪୯ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଛି, ଯାହା ୨୦୨୧-୨୨ ତୁଳନାରେ ୧୭.୬୫ ପ୍ରତିଶତ ଅଧିକ। ୨୦୨୧-୨୨ ବର୍ଷରେ ଭାଟ୍ ସହିତ ମୋଟ୍ ୭୬୨୨.୪୧ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିବା ସୂଚନା ଦିଆଯାଇଛି। ଏହି ଅବସରରେ ଅବକାରୀ କମିଶନର ସିଂ ଆଗାମୀ ବର୍ଷରେ ଏହି ଚଢ଼ାଉକୁ ଅଧିକ ବ୍ୟାପକ କରି ବେଆଇନ ନିଶା କାରବାରରେ ରୋକ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଉପନିର୍ବାଚନ ହେବାକୁ ଥିବା ଝାରସୁଗୁଡା ଓ ଏହାର ଆଖପାଖ ଅଞ୍ଚଳରେ ନିୟମିତ ଚଢ଼ାଉ ସହିତ ପ୍ରତିଦିନ ଏହାର ମନିଟରିଂ ପାଇଁ ସମ୍ବଲପୁର ଇଡିସିଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଅବକାରୀ କମିଶନର ରାମଚନ୍ଦ୍ର ପାଲଟା, ଯୁଗ୍ମ କମିଶନର ଶରତ ଚନ୍ଦ୍ର ମହାପାତ୍ର, ଏନ୍‌ଫୋର୍ସମେଣ୍ଟ ଇଡିସି ରାମଚନ୍ଦ୍ର ମିଶ୍ର ପ୍ରମୁଖଙ୍କ ସମେତ ସମସ୍ତ ଅବକାରୀ ଅଧୀକ୍ଷକ ଭର୍ଚୁଆଲରେ ଯୋଗଦେଇଥିଲେ।

# ହାତୀମୃତ୍ୟୁ ଘଟଣା: ଗ୍ରୀଷ୍ମ ତାପ, ପାଣି ଅଭାବ ଦାୟୀ

**ନରସିଂହପୁର,୧୬।୪(ସ୍ୱ.ପ୍ର.)**

କଟକ ଜିଲା ନରସିଂହପୁର ପୂର୍ବ ସର୍କଲ ବନ ବିଭାଗ ଅନ୍ତର୍ଗତ ନୂଆଗଡ଼ ରିଜର୍ଭ ଜଙ୍ଗଲ ଅଧୀନ ବ୍ରାହ୍ମଣି ବିଟ କମ୍ପାର୍ଟମେଣ୍ଟ-୩ ଜଙ୍ଗଲରୁ ଏକ ୨ରୁ ୩ ବର୍ଷର ଛୁଆ ମାଈହାତୀର ମୃତଦେହ ମିଳିଛି। ପ୍ରଚଣ୍ଡ ଗ୍ରୀଷ୍ମ ତାପ ଓ ପାଣି ଅଭାବରୁ ତା'ର ମୃତ୍ୟୁ ଘଟିଥିବା ନେଇ ପୂର୍ବ ସର୍କଲ ରେଞ୍ଜର ସୁବାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ୧୦ରୁ ୧୫ ଦିନ ତଳେ ଏହି ହାତୀର ମୃତ୍ୟୁ ଘଟିଥିବାନେଇ ବିଶେଷ ସୂତ୍ରରୁ ଜଣାପଡ଼ିଥିଲେ ମଧ ବନ ବିଭାଗ ତରଫରୁ ୩ ରୁ ୪ ଦିନ ପୂର୍ବେ ମୃତ୍ୟୁ ଘଟିଥିବା କୁହାଯାଉଛି। ଗତ ଶୁକ୍ରବାର ଏହି ହାତୀର ଗଳିତ ମୃତଦେହ ଠାବ ହେବା ପରେ ବିଭାଗ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେଠାରେ ତରବରିଆ ଭାବେ ପୋତି ଦିଆଯାଇଛି। ଏନେଇ ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବନ ଅଧିକାରୀ ରାଉତଙ୍କ ସୂଚନା ଅନୁଯାୟୀ, ବ୍ରାହ୍ମଣୀ ବିଟ ଜଙ୍ଗଲ ମଧ୍ୟରେ ୩ଟି ଜଳାଶୟ ରହିଛି। ସେଠାରେ ବନ୍ୟଜନ୍ତୁଙ୍କ ପାଇଁ ଆବଶ୍ୟକ ପାଣି ରହିଛି। ଜଙ୍ଗଲ ମଧ୍ୟରେ ହାତୀପଲ ସହ ଏହି ଛୁଆ ମାଈହାତୀ ବୁଲୁଥିବାବେଳେ କୌଣସି କାରଣରୁ ପାଣି ନିକଟକୁ ଆସି ପାରିନାହିଁ। ଫଳରେ ହାତୀପଲ ତାକୁ ଛାଡ଼ି ପଳାଇ ଯାଇଛନ୍ତି। ପରେ ପିଇବା ପାଣି ନ ପାଇ ଗ୍ରୀଷ୍ମତାପ କଷ୍ଟରେ ହାତୀଟି ମରିଯାଇଛି। ମାତ୍ର ଘଞ୍ଚ ଜଙ୍ଗଲ ଭିତରେ ଏହି ଘଟଣା ଘଟିଥିବାରୁ ତାକୁ ସଙ୍ଗେ ସଙ୍ଗେ ଠାବ କରିବା ସମ୍ଭବ ହୋଇ ନ ଥିଲା ବୋଲି ରାଉତ ସୂଚନା ଦେଇଛନ୍ତି। ଅପରପକ୍ଷେ ଏକ ଜଳାଶୟଠାରୁ ମାତ୍ର ୧୫୦ ମିଟର ଦୂରରେ ଛୁଆ ହାତୀର ମୃତ୍ୟୁ ଘଟିଥିବାରୁ ରାଉତଙ୍କ ପ୍ରତିକ୍ରିୟାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପାଣି ଅଭାବରୁ ନା ଅନ୍ୟ କୌଣସି କାରଣରୁ ଏହି ହାତୀର ମୃତ୍ୟୁ ଘଟିଛି ତାର ତଦନ୍ତ କଲେ ପ୍ରକୃତ ଘଟଣା ଜଣାପଡ଼ିବ। କାରଣ ନରସିଂହପୁର ଅଞ୍ଚଳରେ କେତେବେଳେ ଶିକାରୀ ଗୁଳିରେ, ଆଉ କେତେବେଳେ ରୋଗରେ ପଡ଼ି ହାତୀ ମୃତ୍ୟୁ ଘଟୁଥିବା ବେଳେ ଏବେ ପାଣି ଅଭାବରୁ ଏହି ଘଟଣାର ପୁନରାବୃତ୍ତି ହୋଇଛି ବୋଲି ପରିବେଶବିତ୍ ଦେବରାଜ ସ୍ୱାଇଁ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## 'ସତ୍ୟପାଲଙ୍କ ମନ୍ତବ୍ୟରୁ.....


ଅଶ୍ରଫ୍ ଅହମ୍ମଦ | ଅତିକ୍ ଅହମ୍ମଦ

୨୦୧୯ ଫେବୃୟାରୀ ୧୪ରେ ପୁଲ୍‌ୱାମାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଗାଡ଼ିକୁ ଆତଙ୍କବାଦୀମାନେ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇଦେବାରୁ ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା। 'ଦି ୱେର୍' ନ୍ୟୁଜ୍ ପୋର୍ଟାଲ ପାଇଁ ବରିଷ୍ଠ ଖବରଦାତା କରନ ଥାପରଙ୍କୁ ଶୁକ୍ରବାର ସାକ୍ଷାତ୍‌କାର ଦେଇ ସତ୍ୟପାଲ କହିଥିଲେ, ଭାଜପା ଏହି ଆକ୍ରମଣକୁ ନିର୍ବାଚନୀ ପ୍ରସଙ୍ଗରେ ପରିଣତ କରିଥିଲା। ସତ୍ୟପାଲ ରାଜ୍ୟପାଳ ଭାବେ ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ ଦାୟୀ କରି ରିପୋର୍ଟ ଦେଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଚୁପ୍ ରହିବା ପାଇଁ କହିଥିଲେ। ତାଙ୍କ ସାକ୍ଷାତ୍‌କାର ଶନିବାର ଅନେକ ଗଣମାଧ୍ୟମରେ ଛାଇଯାଇଥିବାବେଳେ ଅତିକ୍ ଓ ଅଶ୍ରଫ୍‌ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ଏକାଧିକ ଟୁଇଟ୍ କରି କହିଛନ୍ତି, ଭାଜପା ଭାରତକୁ ମାଫିଆ ସାଧାରଣତନ୍ତ୍ରରେ ପରିଣତ କରିଦେଇଛି। ମୁଁ ଏହା ଏଇଠି, ବିଦେଶରେ ଓ ସବୁଠି କହିବି। କାରଣ ଏହା ହିଁ ସତ୍ୟ। ପୋଲିସ ହେପାଜତରେ ଥିବା ଦୁଇଜଣ ବ୍ୟକ୍ତିଙ୍କୁ ବହୁ ସଂଖ୍ୟକ ପୋଲିସ କର୍ମଚାରୀ ଓ କ୍ୟାମେରା ସାମ୍ନାରେ ହତ୍ୟା କରାଯାଇଛି। ଏହା ହେଉଛି ଦେଶରେ ପ୍ରଚଳିତ ଆଇନର ହତ୍ୟା। ପୁଲ୍‌ୱାମା ଆକ୍ରମଣ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ଚୁପ୍ ରହିବାକୁ କହିଥିବା ବିଷୟ ପ୍ରଘଟ ହେବା ପରେ ସେଥିରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଏହି ହତ୍ୟା କରାଯାଇଥିବା ମହୁଆ ଅଭିଯୋଗ ଆଣିଛନ୍ତି। ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି କହିଛନ୍ତି, ଅତିକ୍ ଅହମ୍ମଦ ଓ ଅଶ୍ରଫ୍ ଅହମ୍ମଦଙ୍କ ହତ୍ୟା ପୁଲ୍‌ୱାମା ଆକ୍ରମଣକୁ ନେଇ ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ଦେଇଥିବା ଚାଞ୍ଚଲ୍ୟକର ମନ୍ତବ୍ୟରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ଲାଗି ଉତ୍ତର ପ୍ରଦେଶ ସରକାରଙ୍କ ଚତୁର କୌଶଳ। ଉତ୍ତର ପ୍ରଦେଶରେ ଅରାଜକତା ଓ ଜଙ୍ଗଲରାଜ ଚାଲିଛି। ହତ୍ୟାକାରୀ ଓ ଆଇନକୁ ମାନୁ ନ ଥିବା ଲୋକେ ଜୟ ଶ୍ରୀରାମ ସ୍ଲୋଗାନ ଦେଇ ଉତ୍ସବ ମନାଉଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ସ୍ୱାଧୀନତା ପାଇଁ ଲଢ଼େଇ କରିଥିବା ସଂଗ୍ରାମୀମାନେ ଭାରତର ସମ୍ବିଧାନ ପ୍ରଣୟନ କରିଥିଲେ। ଏହାକୁ ଦୁର୍ବଳ କରିବା ପାଇଁ କାହାକୁ ସୁଯୋଗ ଦିଆଯିବା ଅନୁଚିତ। ଅପରାଧୀମାନଙ୍କୁ କଠୋର ଦଣ୍ଡ ଦେବା ପାଇଁ କୋର୍ଟ ରହିଛି। ନ୍ୟାୟପାଳିକାର ଆଇନ ଅନୁସାରେ ଏହା ହେବା କଥା। କିନ୍ତୁ ସେମାନେ ଆଇନଶୃଙ୍ଖଳା ସହ ଖେଳୁଛନ୍ତି। ଏଥିରୁ ଅରାଜକତା ସୃଷ୍ଟି ହେଉଛି, ଯାହାକି ଗଣତନ୍ତ୍ର ପାଇଁ ବିପଜ୍ଜନକ। ଆଇନଭଙ୍ଗକାରୀ କୌଣସି ସରକାର, ନେତା କିମ୍ବା ବ୍ୟକ୍ତିଙ୍କୁ ଏହି ଅଧିକାର ଦିଆଯାଇପାରିବ ନାହିଁ। ବନ୍ଧୁକର ଆଇନ ଏବଂ ଭିଡ଼ତନ୍ତ୍ର ପାଇଁ ଓକିଲାତି କରୁଥିବା ବ୍ୟକ୍ତିମାନେ କେବଳ ସମ୍ବିଧାନକୁ ଧ୍ୱଂସ କରିପାରନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଦେଶରେ ସମ୍ବିଧାନ ସର୍ବୋଚ୍ଚରେ ରହିଛି। ଆଇନକୁ ଦୁର୍ବଳ କରୁଥିବା ଅପରାଧୀମାନଙ୍କୁ ରାଜନୈତିକ ସ୍ୱାର୍ଥ ପାଇଁ ପ୍ରୋତ୍ସାହନ ଦେବା ବିପଜ୍ଜନକ। ସେହିପରି ୟୁପି ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟୁଇଟରରେ ଏହି ହତ୍ୟାକାଣ୍ଡକୁ ନିନ୍ଦା କରିଛନ୍ତି। ହାଇଦ୍ରାବାଦ୍ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ଭାଜପା ଶାସିତ ୟୁପିରେ ହତ୍ୟା ବଢ଼ିଚାଲିଛି। ଯୋଗୀ ସରକାର କ୍ଷମତାକୁ ଆସିବା ପରଠୁ ରାଜ୍ୟରେ ଆଇନର ଶାସନ ପରିବର୍ତ୍ତେ ବନ୍ଧୁକର ଶାସନ ଚାଲିଛି। ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ କରାଯାଉ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଇସ୍ତଫା ଦିଅନ୍ତୁ ବୋଲି ଓୱାଇସି ଦାବି କରିଛନ୍ତି। ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବା ଉଚିତ। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କ ମତରେ ଯୋଗୀ ସରକାର ଅମଳରେ ଭାଜପା ଜଙ୍ଗଲରାଜ ଚଳାଇଛି। ଏନ୍‌କାଉଣ୍ଟର ହତ୍ୟା, ବୁଲ୍‌ଡୋଜର ରାଜନୀତି ଓ ଅପରାଧୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଭାରତକୁ ଭାଜପା ମାଫିଆ ସାଧାରଣତନ୍ତ୍ରରେ ପରିଣତ କରିଦେଇଛି। ଆଇନର ଶାସନକୁ କାର୍ଯ୍ୟକାରୀ କରି ଅପରାଧୀଙ୍କୁ କଡ଼ା ଦଣ୍ଡ ଦିଆଯାଉ। ସେହିପରି ଆର୍‌ଜେଡି ଏମ୍‌ପି ମନୋଜ ଝାଙ୍କ ମତରେ ଏହା ଦୁଇଜଣ ବ୍ୟକ୍ତିଙ୍କର ନୁହେଁ, ବରଂ ଆଇନ ପ୍ରକ୍ରିୟାର ହତ୍ୟା। ୟୁପି ଶାସନ ବ୍ୟବସ୍ଥାର ନେତୃତ୍ୱ ନେଉଥିବା ବ୍ୟକ୍ତି ଅଯୋଗ୍ୟ। ହତ୍ୟାକାରୀମାନେ ଧର୍ମୀୟ ସ୍ଲୋଗାନ ଦେଇଥିବା ଜାଣି ମୁଣ୍ଡ ତଳକୁ ହୋଇଯାଇଛି।

**ପ୍ରଥମ ପୃଷ୍ଠାରୁ...**


ତଅଁଳପଡ଼ାରେ ରବିବାର ସକାଳେ ଏକ ଘରେ ନିଆଁ ଲଗାଇ ଦିଆଯାଇଥିବାବେଳେ ସେଠାରୁ ଉଦ୍ଧାର କରାଯାଇଥିବା ଆସବାବପତ୍ର ବାହାରେ ପଡ଼ି ରହିଛି।


ସମ୍ବଲପୁର ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନିକ ଅଧିକାରୀଙ୍କ ଉଚ୍ଚସ୍ତରୀୟ ବୈଠକ।

## ଡିଜିପି କହୁଛନ୍ତି ଶାନ୍ତି, ....

ସିସିଟିଭି ଫୁଟେଜ୍ ମାଧ୍ୟମରେ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ସେହିପରି ଶୋଭାଯାତ୍ରାରେ ସାମିଲ ହୋଇ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଫେରୁଥିବା ଯୁବକ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କୁ ହତ୍ୟା ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଅନ୍ୟମାନଙ୍କୁ ମଧ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୁନାପାଲି ଅଞ୍ଚଳରୁ କେତେଜଣଙ୍କ ଘରେ ପୋଲିସ ଚଢାଉ କରି ୧୫ରୁ ଊର୍ଦ୍ଧ୍ୱ ପେଟ୍ରୋଲ ବୋମା, ୧୮ଟି ପ୍ଲାଷ୍ଟିକ ଟ୍ରେରେ ଧାରୁଆ ପଥର ଜବତ କରିଥିଲା। ଏଥିରୁ ଦଙ୍ଗା ଘଟାଇବା ପାଇଁ ପୂର୍ବରୁ ଯୋଜନା ହୋଇଥିବା ଜଣାପଡୁଛି ବୋଲି ଏସ୍‌ପି ଗଙ୍ଗାଧର କହିଛନ୍ତି। ଅନ୍ୟପକ୍ଷରେ ସହରରେ ଇଣ୍ଟରନେଟ୍ ସେବା ବନ୍ଦ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଅନେକ ସରକାରୀ, ବେସରକାରୀ ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇଛି।

**ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ଏସ୍‌ଆର୍‌ସିଙ୍କ ନିବେଦନ**

ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ରବିବାର ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ସହରର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି। ଏହାପରେ ସେ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, ସମ୍ବଲପୁର ଭାଇଚାରାର ସହର। ଘଟଣା ଘଟିଯାଇଛି। ଏବେ ପୂର୍ବ ସ୍ଥିତି ଫେରାଇ ଆଣି ପୁଣି ଶାନ୍ତଭାବେ ଜୀବନଯାପନ କରନ୍ତୁ। ଏ ଦିଗରେ ସମସ୍ତେ ସହଯୋଗ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ବୈଠକରେ ଆର୍‌ଡିସି ଡ. ସୁରେଶଚନ୍ଦ୍ର ଦଲେଇ, ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ଜିଲାପାଳ ଅନନ୍ୟା ଦାସ, ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) କମିଶନର ପ୍ରଦୀପ କୁମାର ସାହୁ, ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ସମେତ ଏସ୍‌ଏମ୍‌ସି ଅଧୀନରେ ଆସୁଥିବା ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ।

**ତାତି ପାଇଁ ସମ୍ବଲପୁରରେ ଆଉ ୨ ଦିନ ସ୍କୁଲ ଛୁଟି**

ପ୍ରବଳ ତାତି ପାଇଁ ରାଜ୍ୟ ସରକାର ପୂର୍ବରୁ ରବିବାର ଯାଏ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରିଥିଲେ। ତେବେ ସମ୍ବଲପୁର ଜିଲାରେ ଭୀଷଣ ରୌଦ୍ରତାପକୁ ଦୃଷ୍ଟିରେ ରଖି ଜିଲାପାଳ ଅନନ୍ୟା ଦାସ ସମସ୍ତ ସ୍କୁଲ ଓ କଲେଜର ଛୁଟିକୁ ଆଉ ଦୁଇଦିନ ପାଇଁ ବୃଦ୍ଧି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ତୃତୀୟସ୍ଥ ମଙ୍ଗଳଙ୍କ ପ୍ରଭାବରୁ ଧୈର୍ଯ୍ୟ ଓ ସାହସିକତା ପ୍ରଦର୍ଶନ କରି ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ କରିପାରିବେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ,ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ। ପରିବାରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଅଫିସ୍ କାମରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** – ରାଶ୍ୟାଧିପଙ୍କ ହେତୁ ସ୍ୱାସ୍ଥ୍ୟ ଭଲ ରହିବ। ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟରେ ସଫଳ ହେବେ। ନିଜ କାମ ପଛକୁ ପକାଇ ପଡୋଶୀଙ୍କ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର ତିଆରି, ଯାନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭା ସମିତରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ।

**ମିଥୁନ** – ଆଜି ଗୃହୋପଯୋଗୀ ଜମିଜମା, ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ପରିବାର କିମ୍ବା ବନ୍ଧୁଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ହୋଇ ନ ପାରେ। ମାଙ୍ଗଳିକ କାମ ପାଇଁ ଆଲୋଚନା କରିବା ମନ୍ଦ ହେବନି। ବନ୍ଧୁଙ୍କ ଘରୋଇ ବ୍ୟାପାରରେ ମତ ମନ୍ତବ୍ୟ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ।

**କର୍କଟ** – ଶନି ସହ ଚନ୍ଦ୍ର ସଂଯୋଗ କାରଣରୁ ମାନସିକ ଅସ୍ଥିରତା ସାଙ୍ଗକୁ ବନ୍ଧୁବର୍ଗଙ୍କ ସମାଲୋଚନା କାରଣରୁ ଶାନ୍ତି ଭଗ୍ନ ହୋଇପାରେ। ଟଙ୍କା ପଇସା, ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ନ ରହିଲେ ସମସ୍ୟାର ଆଶଙ୍କାକୁ ଏଡି ହେବନାହିଁ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କଠାରୁ ଶୁଭ ସୂଚନା ପାଇବେ।

**ସିଂହ** – ଚତୁର୍ଥାଧିପ ସ୍ୱରାଶିରୁ ଅଷ୍ଟମସ୍ଥ ଯୋଗୁ ଅଶ୍ୱସ୍ତିକର ପାରିପାର୍ଶ୍ୱିକ ପରିସ୍ଥିତି ମାନସିକ ଅସୁସ୍ଥତାର କାରଣ ହୋଇପାରେ। ବାଣିଜ୍ୟ, ପରିବହନ, ଜମିଜମା, ନିର୍ମାଣ କ୍ଷେତ୍ରରୁ ଲାଭ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମ ଦେଖାଦେଇପାରେ। ଦାୟିତ୍ୱ ନେଇଥିବା କାମରେ ହେଳା କରିବେ ନାହିଁ।

**କନ୍ୟା** – କେତୁଙ୍କ କୁପ୍ରଭାବରୁ ଆଜି ଯାହା ଚାହୁଁଛନ୍ତି ତାହା କଷ୍ଟ ସ୍ୱୀକାର ପରେ ପାଇବେ। ଆପଣଙ୍କ ଦ୍ୱାରା କିଛି ଫାଇଦା ହାସଲ କରିବା ମାନସରେ ଶତ୍ରୁତା କରୁଥିବା ଲୋକ ମଧ ମିତ୍ର ସାଜିବାକୁ ଚେଷ୍ଟିତ ହେବେ। ରାଜନୀତି, ସଂଗଠନ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ଆଇନ କ୍ଷେତ୍ରରେ ଇଚ୍ଛିତ ଫଳ ପାଇବେ।

**ତୁଳା** – ବିଶାଖା ନକ୍ଷତ୍ର ଜୀବନଚର୍ଯ୍ୟାରେ ଅସଂଗତି ଦୂର କରିବା ସକାଶେ ମନକୁ ଦୃଢ କରିବେ। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ବାକ୍‌ଯୁଦ୍ଧ ଲାଗି ଯାଇପାରେ। ସାହିତ୍ୟ ଚର୍ଚ୍ଚା, ଲେଖା ପଢ଼ା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** – ବାଧକଗ୍ରହ ଯୁକ୍ତ ଚନ୍ଦ୍ରଜନିତ ଅନାଗତ ଆଶଙ୍କାର ପରିକଳ୍ପନାରେ ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ପୁନର୍ବିଚାର ବିନା କୌଣସି ପଦକ୍ଷେପ ନେବା ଠିକ୍ ହେବନି। ବାଣିଜ୍ୟ, ଆମଦାନୀ, ପରିବହନ ପାଇଁ ଅସୁବିଧା ହେବ ନାହିଁ। ପ୍ରଶାସନିକ ସ୍ତରରେ ସମସ୍ୟା ବୃଦ୍ଧି ପାଇଲେ ମଧ ସୁଧାରି ନେବାର ପ୍ରଯତ୍ନ କରିବେ।

**ଧନୁ** – ବାଣୀକାରକଜନିତ ବାକ୍ ସଂଯମତାର ଅଭାବ ବିଭିନ୍ନ ସମସ୍ୟାକୁ ଜନ୍ମ ଦେଇପାରେ। ଆତ୍ମୀୟଙ୍କ ରୋଷ ଲାଗି କାମରେ ସହଯୋଗ ପାଇବା କଷ୍ଟକର ହେବ। ଅଭାବନୀୟ ପରିବେଶରେ, ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ପରିବାରରେ ନିଜ ମନୋଭାବକୁ ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ।

**ମକର** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ହିତୈଷୀଙ୍କ ପରାମର୍ଶ କ୍ରମେ ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟା ସମାଧାନ ହେବ। ଆଇନ, ଅଦାଲତ, ଗବେଷଣା, ଅନୁସନ୍ଧାନ ଏବଂ ରଚନାତ୍ମକ କାମରୁ ସୁଫଳ ପାଇବେ। ଧନ ହାନି ଓ ପୂର୍ବ ଶତ୍ରୁତାରୁ କଳହକୁ ଏଡି ହେବ ନାହିଁ।

**କୁମ୍ଭ** – ଆଜି ଅନ୍ତହୀନ ଦୁର୍ଭାବନା ଆପଣଙ୍କ ଭାବ ଓ ଭାଷାକୁ ଅନୁଚିତ କ୍ରିୟାଶୀଳ କରାଇପାରେ। କେତେକ ଅତୀତ କାର୍ଯ୍ୟାବଳୀ ସକାଶେ ଅନୁତାପ ପାଇଁ ସମୟ ପାଇବେ ନାହିଁ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ, ଋଣ ପରିଶୋଧ କରିବାରେ ପଛେଇ ଯିବେ। ପ୍ରେସ୍, ପବ୍ଲିକେଶନ, ଜମିଜମା, ବାଣିଜ୍ୟ ଏବଂ ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ** – କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି ସାଙ୍ଗକୁ ମନ୍ଥର ଗତି ହେତୁ ସଫଳତାରେ ଆଶଙ୍କା ସୃଷ୍ଟି ହୋଇପାରେ। ଦୈନନ୍ଦିନ ବ୍ୟବସାୟିକ ସଂସ୍ଥା କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ସଭାସମିତିରେ, ଆଲୋଚନାରେ, ତର୍କ ବିତର୍କରେ ସଫଳତା ହାସଲ କରିବେ। ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ବୈଶାଖ କୃଷ୍ଣ ଦ୍ୱାଦଶୀ ସୋମବାର, ଏପ୍ରିଲ ୧୭ ତାରିଖ, ବିଶ୍ୱ ହିମୋଫିଲିଆ ଦିବସ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୧ ମଧ୍ୟେ, ଘ. ୦୭।୦୫ ଗତେ, ଘ.୦୯।୪୧ ଗତେ, ଘ.୦୭।୦୫ ମଧ୍ୟେ, ଘ.୧୦।୩୧ ଗତେ, ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୫ ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ।

# ମନ୍ କୀ ବାତ୍: ପ୍ରଧାନମନ୍ତ୍ରୀ ମୋଦିଙ୍କ ମନର କଥା



ଅନୁରାଗ ସିଂ ଠାକୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ବକ୍ତା, ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଜନଗଣଙ୍କ ସହିତ ତତ୍କାଳ ସମ୍ପର୍କ ସ୍ଥାପନ କରିବାର ଏକ ଅଦ୍ଭୁତ କଳା ତାଙ୍କ ପାଖରେ ରହିଛି। ଜଣେ ଓଜସ୍ୱୀ ବକ୍ତା ଭାବେ ତାଙ୍କର କୌଶଳ ଏହି ଅଭିନବ କ୍ଷମତାର ପ୍ରମାଣ ଦେଇଥାଏ। ତାଙ୍କ ବକ୍ତବ୍ୟରେ ରହିଥିବା ନିଷ୍ଠା, ତାଙ୍କର ଚରିତ୍ରଗତ ସଚ୍ଚୋଟତା ଏବଂ ଗତ ୮ ବର୍ଷ ଧରି ଜନସାଧାରଣଙ୍କ ସହିତ ତାଙ୍କର ବିଶ୍ୱାସ ଆଧାରିତ ସମ୍ପର୍କ ତାଙ୍କୁ ଜଣେ ଧୁରୀଣ ଗଣଯୋଗାଯୋଗକାରୀ ବା ମାସ୍ କମ୍ୟୁନିକେଟର୍ ଭାବେ ପ୍ରତିଷ୍ଠିତ କରିପାରିଛି। ତାଙ୍କର ସମାବେଶୀ ଦୃଷ୍ଟିକୋଣକୁ ବିଭିନ୍ନ ବର୍ଗର ଜନସାଧାରଣଙ୍କ ସ୍ୱୀକୃତି ମିଳିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନକୈନ୍ଦ୍ରିକ ବିକାଶ ମଡେଲ ତାଙ୍କୁ ସମସ୍ତଙ୍କ ପ୍ରିୟଭାଜନ କରିଛି। ନିଜର ଅଣ-ଆଭିଜାତ୍ୟପୂର୍ଣ୍ଣ ସ୍ୱଭାବ କାରଣରୁ ସେ ନିରନ୍ତର ଜନସାଧାରଣଙ୍କ ସହିତ ମତ ବିନିମୟ କରିଥା'ନ୍ତି। ଏହାର ପରିଣାମ ସ୍ୱରୂପ 'ମନ୍ କୀ ବାତ୍' ଭଳି କାର୍ଯ୍ୟକ୍ରମ ଜନ୍ମ ନେଇଛି। ଅକ୍ଟୋବର ୨୦୧୪ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଗତ କିଛିବର୍ଷ ଧରି ପ୍ରତ୍ୟେକ ମାସର ଶେଷ ରବିବାର ନିୟମିତ ଭାବେ ପ୍ରସାରିତ ହେଉଛି। ଏକ ରେଡିଓ କାର୍ଯ୍ୟକ୍ରମ ଭାବେ 'ମନ୍ କୀ ବାତ୍' ଯାତ୍ରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହାକୁ ବିଭିନ୍ନ ଆଞ୍ଚଳିକ ଭାଷାରେ ଭିନ୍ନ ଭିନ୍ନ ପ୍ଲାଟ୍‌ଫର୍ମ ଜରିଆରେ ପ୍ରସାରଣ କରାଯାଉଛି।

ମନ୍ କୀ ବାତ୍‌ରେ ମୋଦିଙ୍କର ଦୁଇଟି ସ୍ୱରୂପ ଦେଖିବାକୁ ମିଳିଥାଏ। ଜଣେ ହେଉଛନ୍ତି ଦୃଢ଼, ଶକ୍ତିଶାଳୀ, ଏକାଗ୍ରଚିତ୍ତ ପ୍ରଧାନମନ୍ତ୍ରୀ ମୋଦି; ଆଉଜଣେ ହେଉଛନ୍ତି କୋମଳ, ଦୟାଳୁ, ସଜ୍ଜନ ପିତୃତୁଲ୍ୟ ମୋଦି। ଯଦି ଆପଣ ନିଜ ଆଖି ବନ୍ଦ କରି 'ମନ୍ କୀ ବାତ୍'କୁ ଶୁଣନ୍ତି, ତା'ହେଲେ ଆପଣ ଅନୁଭବ କରିପାରିବେ ଯେ ମୋଦିଜୀ ଗାଁର ଏକ ଚଉତରା ଉପରେ ବସିଛନ୍ତି, ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି, ସେମାନଙ୍କ କଥା ଶୁଣୁଛନ୍ତି, ସେମାନଙ୍କୁ କିଛି କହୁଛନ୍ତି ଏବଂ ଆବଶ୍ୟକ କ୍ଷେତ୍ରରେ ଉଚିତ ପରାମର୍ଶ ଦେଉଛନ୍ତି କିମ୍ବା ଆଦର୍ଶ କାର୍ଯ୍ୟ କରିଥିବା କେହି ଜଣେ ବ୍ୟକ୍ତିଙ୍କୁ ପ୍ରଶଂସା କରୁଛନ୍ତି। ନିକଟରେ ସେ ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କ ପରିବାରବର୍ଗଙ୍କ ସହିତ ମତବିନିମୟ କରିଥିଲେ, ଯେଉଁମାନେ ସାହସିକତା ପୂର୍ବକ ସେମାନଙ୍କ ପ୍ରିୟଜନଙ୍କ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଙ୍ଗଦାନ ଭଳି ଉଚ୍ଚ ବିଚାରକୁ ପ୍ରୋତ୍ସାହିତ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦି ଏହି ମତବିନିମୟ କାର୍ଯ୍ୟକ୍ରମକୁ ବ୍ୟବହାର କରିଥିଲେ।

ଜଳବାୟୁଜନିତ ଚରମ ପରିସ୍ଥିତିର ମୁକାବିଲାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପର୍ଯ୍ୟନ୍ତ, ପୁଣି ଅସାଧାରଣ ହୃଦୟ ଥିବା ସାଧାରଣ ଲୋକଙ୍କୁ ସେମାନଙ୍କ ଭଲ କାମ ପାଇଁ ପ୍ରଶଂସା କରିବା ପର୍ଯ୍ୟନ୍ତ ଏମିତି ସଂଖ୍ୟାଧିକ ଉଦାହରଣ ରହିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ 'ମନ୍ କୀ ବାତ୍'ରେ ବାସ୍ତବ ଜୀବନର କାହାଣୀ ଓ ଅନୁଭୂତି ଶୁଣିବାକୁ ମିଳିଥାଏ। ଏସବୁ ହେଉଛି ଆଭିଜାତ୍ୟପୂର୍ଣ୍ଣ ଦିଲ୍ଲୀର ସଙ୍କୀର୍ଣ୍ଣ ସୀମାଠାରୁ ବାହାରେ ଥିବା ପ୍ରକୃତ ଭାରତର କାହାଣୀ। କେବଳ ଏହି କାରଣରୁ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ବ୍ୟାପକ ଲୋକପ୍ରିୟତା ଅର୍ଜନ କରିଛି ଏବଂ ଲକ୍ଷ ଲକ୍ଷ ଲୋକ ଏହାକୁ ପ୍ରଶଂସା କରୁଛନ୍ତି। ଏହା ଜନସାଧାରଣଙ୍କ ସହ ଜଡ଼ିତ ଏବଂ ଏଥିରେ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଏ।

'ମନ୍ କୀ ବାତ୍' ପ୍ରଥମ ଅଧ୍ୟାୟ ୩ ଅକ୍ଟୋବର ୨୦୧୪ରେ ପ୍ରସାରଣ କରାଯାଇଥିଲା। ୩୦ ଏପ୍ରିଲ ୨୦୨୩ରେ ଏହି କାର୍ଯ୍ୟକ୍ରମର ୧୦୦ତମ ଅଧ୍ୟାୟ ପ୍ରସାରିତ ହେବ। ବିଷୟବସ୍ତୁ, ଡିଜାଇନ, ମତବିନିମୟ ଏବଂ ସାମୂହିକ ଭାବରେ ଜନସାଧାରଣ ଓ ସମାଜ ସହିତ ମତବିନିମୟ କରିବାର ପଦ୍ଧତି ଦୃଷ୍ଟିରୁ 'ମନ୍ କୀ ବାତ୍' ଏକ ଅଭିନବ କାର୍ଯ୍ୟକ୍ରମ। ୨୬୨ଟି ବେତାର କେନ୍ଦ୍ର ଏବଂ ୩୭୫ରୁ ଅଧିକ ଘରୋଇ ଓ ଗୋଷ୍ଠୀ ବେତାର କେନ୍ଦ୍ର ସହିତ ବିଶ୍ୱର ସବୁଠୁ ବଡ଼ ରେଡିଓ ନେଟୱର୍କ 'ଆକାଶବାଣୀ' ଜରିଆରେ ଭାରତର ପ୍ରଧାନମନ୍ତ୍ରୀ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଦୃଷ୍ଟିରୁ ବିବିଧ ଜନସଂଖ୍ୟାର ଏକ ବଡ଼ ଭାଗ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି। କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ପ୍ରସଙ୍ଗରେ ପରାମର୍ଶ ଦେବା ସହିତ ଜଳବାୟୁ ପରିବର୍ତ୍ତନ, ବର୍ଜ୍ୟବସ୍ତୁ ପରିଚାଳନା, ଇନ୍ଧନ ସଙ୍କଟ ଭଳି ବିଭିନ୍ନ ଜାଗତିକ ସମସ୍ୟାର ସମାଧାନ କରିବା ଲାଗି ଅନୁପ୍ରାଣିତ ଓ ସକ୍ରିୟ କରିପାରିଛନ୍ତି।

ଭାରତର ଲୋକ ସେବା ପ୍ରସାରଣକାରୀ ପ୍ରସାର ଭାରତୀ ୫୨ଟି ଭାଷା/ଉପଭାଷାରେ 'ମନ୍ କୀ ବାତ୍'ର ଅନୁବାଦ ଏବଂ ପ୍ରସାରଣ କରିଥାଏ, ଯେଉଁଥିରେ ୧୧ଟି ବିଦେଶୀ ଭାଷା ସାମିଲ ରହିଛି। ଫଳରେ ଏହି କାର୍ଯ୍ୟକ୍ରମ ଦେଶର ସବୁଠୁ ଉପାନ୍ତ ଅଞ୍ଚଳ ସମେତ ବିଦେଶରେ ରହୁଥିବା ଭାରତୀୟମାନଙ୍କ ନିକଟରେ ପହଞ୍ଚି ପାରୁଛି। 'ମନ୍ କୀ ବାତ୍' ହେଉଛି ଭାରତର ପ୍ରଥମ ଭର୍ଚୁଆଲ ରେଡିଓ କାର୍ଯ୍ୟକ୍ରମ ଯାହାକୁ ସମାନ୍ତରାଳ ଭାବେ ଟିଭି ଚାନେଲଗୁଡ଼ିକ ଦ୍ୱାରା ପ୍ରସାରଣ କରାଯାଉଛି। ଦୂରଦର୍ଶନ ନେଟୱର୍କର ୩୪ଟି ଚାନେଲ ଏବଂ ୧୦୦ରୁ ଅଧିକ ଘରୋଇ ସାଟେଲାଇଟ ଟିଭି ଚାନେଲ ଏହି ଅଭିନବ କାର୍ଯ୍ୟକ୍ରମକୁ ସାରା ଦେଶରେ ପ୍ରସାରଣ କରୁଛନ୍ତି। ଫଳରେ ଏହି ପାରମ୍ପରିକ ସଞ୍ଚାର ମାଧ୍ୟମ ସମ୍ପର୍କରେ ଏକ ନୂଆ ରୁଚି ଓ ସଚେତନତା ସୃଷ୍ଟି ହୋଇପାରିଛି। ଫେବୃୟାରୀ ୨୦୨୨ ପରଠାରୁ ପ୍ରତ୍ୟେକ ମାସରେ ବିଶେଷଜ୍ଞ ଏବଂ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବା ବ୍ୟକ୍ତିବିଶେଷଙ୍କ ଲେଖା ସହିତ ସୁନ୍ଦର ଭାବେ ପ୍ରସ୍ତୁତ ଏକ ପୁସ୍ତିକା ପ୍ରକାଶିତ ହେଉଛି, ଯାହାକି ଡିଜିଟାଲ ମାଧ୍ୟମରେ ୬୦ ନିୟୁତରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚି ପାରୁଛି।

ଜନମାନସରେ ଏତେବଡ଼ ପ୍ରଭାବ ସହିତ 'ମନ୍ କୀ ବାତ୍'କୁ ସର୍ବତ୍ର ତଥା ଯଥୋଚିତ ଭାବେ ଏକ ସାମାଜିକ




ବିପ୍ଳବ ବୋଲି କୁହାଯାଉଛି ଏବଂ ଜନଭାଗୀଦାରିରେ ଏହାର ସୁଦୃଢ଼ ଆଧାର ରହିଛି। ଏହି କାର୍ଯ୍ୟକ୍ରମର ପରିକଳ୍ପନା ଓ କାର୍ଯ୍ୟକାରିତାରେ ନାଗରିକମାନଙ୍କର ଭାଗୀଦାରି ଓ ସମ୍ପୃକ୍ତିର ବିଚାର ରହିଛି। କାର୍ଯ୍ୟକ୍ରମ ପ୍ରସ୍ତୁତିଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଏଥିରେ ସାମିଲ କରୁଥିବା ବିଷୟବସ୍ତୁ ଏବଂ କାର୍ଯ୍ୟାନୁଷ୍ଠାନର ଆହ୍ୱାନ ପର୍ଯ୍ୟନ୍ତ ସବୁଥିରେ ଜନସାଧାରଣଙ୍କ ଭାଗୀଦାରି ରହୁଛି। ପ୍ରଧାନମନ୍ତ୍ରୀ ଏହି ମାସିକ କାର୍ଯ୍ୟକ୍ରମର ପ୍ରତ୍ୟେକ ଅଧ୍ୟାୟ ମାଧ୍ୟମରେ ସାଧାରଣ ଜନତାଙ୍କ ମଧ୍ୟରେ ରହିଥିବା ଅଦ୍ଭୁତ ପରିବର୍ତ୍ତନକାରୀ ଶକ୍ତି ବିଷୟରେ ସ୍ମରଣ କରାଇ ଦେଉଛନ୍ତି। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ପ୍ରଶାସନରେ ଜନଭାଗୀଦାରିକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଦେଶବ୍ୟାପୀ କୋଟି କୋଟି ଲୋକଙ୍କ ନିକଟରେ ପହଞ୍ଚିବାରେ ସଫଳ ହୋଇପାରିଛନ୍ତି। ସେ ଏହି ପ୍ଲାଟ୍‌ଫର୍ମକୁ ଉପଯୋଗ କରି ଦେଶ ପାଇଁ ରହିଥିବା ନିଜର ଦୂରଦୃଷ୍ଟି ସମ୍ପର୍କରେ ଜଣାଇବା ସହିତ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ନାଗରିକମାନଙ୍କ ଯୋଗଦାନ ପାଇଁ ଆହ୍ୱାନ କରୁଛନ୍ତି।

'ମନ୍ କୀ ବାତ୍' କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଦେଶର ପ୍ରଧାନମନ୍ତ୍ରୀ ଏବଂ ସାଧାରଣ ନାଗରିକମାନଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରିବା। ପ୍ରତ୍ୟେକ ମାସରେ ପ୍ରଧାନମନ୍ତ୍ରୀଙ୍କୁ ଦେଶର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ପତ୍ର ମିଳୁଛି, ଏ ସମ୍ପର୍କରେ ସେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଉଲ୍ଲେଖ କରିଥା'ନ୍ତି। କାର୍ଯ୍ୟକ୍ରମ ସମୟରେ ମାନନୀୟ ପ୍ରଧାନମନ୍ତ୍ରୀ ପ୍ରାୟତଃ ସାଧାରଣ ଲୋକଙ୍କ ସହିତ ଟେଲିଫୋନ୍‌ରେ ବାର୍ତ୍ତାଳାପ କରୁଛନ୍ତି। ନିର୍ବାଚିତ ନେତା ଏବଂ ଜନଗଣଙ୍କ ମଧ୍ୟରେ ଯୋଗାଯୋଗର ଏପରି ଏକ ମାଧ୍ୟମ ଉଲ୍ଲେଖନୀୟ ଭାବେ ଗଣତନ୍ତ୍ର ଓ ପ୍ରଶାସନ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରୁଛି। ଆଠ ବର୍ଷ ଧରି 'ମନ୍ କୀ ବାତ୍' ୯୯ଟି ଅଧ୍ୟାୟ ସଫଳତାପୂର୍ବକ ପ୍ରସାରିତ ହୋଇଛି। ଏହି କାର୍ଯ୍ୟକ୍ରମ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେବଳ ଜନସଚେତନତା ସୃଷ୍ଟି କରିନାହିଁ ବରଂ ସମାଜ ଓ ରାଷ୍ଟ୍ର ହିତରେ ପଦକ୍ଷେପ ନେବା ଲାଗି ଜନଗଣଙ୍କୁ ଅନୁପ୍ରାଣିତ କରିଛି। କାର୍ଯ୍ୟକ୍ରମର ପ୍ରମୁଖ ବିଶେଷତ୍ୱ ମଧ୍ୟରୁ ଗୋଟିଏ ହେଉଛି ପରିବର୍ତ୍ତନ ଆଣୁଥିବା ଲୋକମାନଙ୍କର ପ୍ରେରଣାଦାୟୀ କାହାଣୀ ଏଥିରେ ବର୍ଣ୍ଣିତ ହେଉଛି। ଏମାନେ ନିରନ୍ତର ଓ ନିଃସ୍ୱାର୍ଥପର ଭାବରେ ତୃଣମୂଳସ୍ତରରେ କାର୍ଯ୍ୟ କରିବା ସହିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

'ମନ୍ କୀ ବାତ୍' ଆରମ୍ଭ ହେବା ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସାରା ଦେଶରେ ଜନସମୁଦାୟଙ୍କୁ ସାମିଲ କରି ସାମାଜିକ ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଥିବା ଜନଭାଗୀଦାରିର ଏକ ପ୍ରଭାବୀ ମାଧ୍ୟମ ଭାବେ ଉଭା ହୋଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ଦେଉଥିବା ବାର୍ତ୍ତା କିଛି ଘଣ୍ଟା ମଧ୍ୟରେ ସାମାଜିକ ଗଣମାଧ୍ୟମରେ ବହୁଚର୍ଚ୍ଚିତ ପ୍ରସଙ୍ଗ ପାଲଟିଯାଉଛି ଏବଂ କିଛି ସପ୍ତାହ ମଧ୍ୟରେ ଏହା ଏକ ଜନଆନ୍ଦୋଳନରେ ରୂପାନ୍ତରିତ ହେଉଛି। ସ୍ୱଚ୍ଛ ଭାରତ ଅଭିଯାନ, ବେଟୀ ବଚାଓ ବେଟୀ ପଢ଼ାଓ, କୋଭିଡ୍ ଟିକାକରଣ ଏବଂ ହର୍ ଘର୍ ତ୍ରିରଙ୍ଗା ଆଦି ଏହାର କେତେକ ଗୌରବଶାଳୀ ଉଦାହରଣ। କିଛିଦିନ ପୂର୍ବରୁ 'ମନ୍ କୀ ବାତ୍'ର ୮୮ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ନାଗରିକମାନଙ୍କୁ ସେମାନଙ୍କ ଅଞ୍ଚଳରେ ଅମୃତ ସରୋବର ନିର୍ମାଣ ପାଇଁ ନିବେଦନ କରିଥିଲେ। କିଛିମାସ ମଧ୍ୟରେ ଏହି ବାର୍ତ୍ତା ଏକ ଜନଆନ୍ଦୋଳନରେ ପରିଣତ ହୋଇଥିଲା ଏବଂ ଦେଶର ବିଭିନ୍ନ ପ୍ରାନ୍ତରେ ସ୍ଥାନୀୟ ପ୍ରଶାସନିକ ସଂସ୍ଥା ସହାୟତାରେ ଜନସାଧାରଣଙ୍କ ଦ୍ୱାରା ସଂଖ୍ୟାଧିକ ଅମୃତ ସରୋବର ନିର୍ମାଣ କରାଯାଇଥିଲା। ଏହାପରେ 'ମନ୍ କୀ ବାତ୍'ର ୯୨ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶର ଲଳିତପୁରସ୍ଥିତ ଭଗତ ସିଂ ଅମୃତ ସରୋବର ଏବଂ କର୍ଣ୍ଣାଟକର ବିଲକେରୁର ଅମୃତ ସରୋବର ଭଳି କିଛି ଅମୃତ ସରୋବର ବିଷୟରେ ଉଲ୍ଲେଖ କରି ନାଗରିକମାନଙ୍କର ସକ୍ରିୟ ପ୍ରୟାସକୁ ପ୍ରଶଂସା କରିଥିଲେ।

'ସଶକ୍ତ ଭାରତ' ନିର୍ମାଣ ସଂକଳ୍ପକୁ ଆଗକୁ ନେବା ସହିତ, 'ମନ୍ କୀ ବାତ୍' ଦେଶର ଜାତୀୟ ଓ ଅନ୍ତର୍ଜାତୀୟ ସଫଳତାଗୁଡ଼ିକୁ ଲୋକଲୋଚନକୁ ଆଣିବା ପ୍ରତି ଧ୍ୟାନ କେନ୍ଦ୍ରିତ କରୁଛି। ଏହା ନାଗରିକମାନଙ୍କ ମଧ୍ୟରେ ଗୌରବ, ଆପଣାପଣ ଏବଂ ରାଷ୍ଟ୍ରବାଦର ଭାବନା ସୃଷ୍ଟି କରି ଦେଶର ବିକାଶରେ ସହଭାଗୀ ହେବା ଲାଗି ଦେଶବାସୀଙ୍କୁ ଅନୁପ୍ରାଣିତ କରୁଛି। ୮୯ତମ ଅଧ୍ୟାୟରେ, ପ୍ରଧାନମନ୍ତ୍ରୀ ଦେଶରେ ୟୁନିକର୍ନଗୁଡ଼ିକ ସଂଖ୍ୟା ୧୦୦ ଛୁଇଁଥିବା ସମ୍ପର୍କରେ ସୂଚନା ଦେଇଥିଲେ। ୯୧ତମ ଅଧ୍ୟାୟରେ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନରେ ଜନ ଭାଗୀଦାରି ଏବଂ ଏହାର ରାଷ୍ଟ୍ରବ୍ୟାପୀ ସଫଳତା ବିଷୟରେ ପ୍ରଧାନମନ୍ତ୍ରୀ କହିବା ପରେ ପ୍ରତ୍ୟେକ ଭାରତୀୟଙ୍କ ଛାତି ଗର୍ବରେ ଫୁଲି ଉଠିଥିଲା। ଏମିତି ଅନେକ ଉଦାହରଣ ରହିଛି ଯାହା ପ୍ରମାଣିତ କରିଥାଏ ଯେ 'ମନ୍ କୀ ବାତ୍' କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ, ବରଂ ଭାରତର ସାମଗ୍ରିକ ବିକାଶର ଏକ ପ୍ରତିଫଳନ ଏବଂ ଜନଭାଗୀଦାରିର ଏକ ଅଭିବ୍ୟକ୍ତି।

'ମନ୍ କୀ ବାତ୍' ସହିତ ପ୍ରଧାନମନ୍ତ୍ରୀ ସଫଳତାପୂର୍ବକ ଏପରି ଏକ ବ୍ୟବସ୍ଥା ପ୍ରତିଷ୍ଠା କରିଛନ୍ତି, ଯାହା ବିଭିନ୍ନ କଲ୍ୟାଣମୂଳକ ଯୋଜନା ଓ ନୀତିକୁ ପ୍ରତ୍ୟେକ ସ୍ତରର ଲୋକମାନଙ୍କ ପାଖରେ ପହଞ୍ଚାଇ ପାରୁଛି ଏବଂ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିପାରୁଛି। କେବଳ ସେତିକି ନୁହେଁ, ଏସବୁ ଯୋଜନା କିଭଳି ତୃଣମୂଳସ୍ତରରେ ଲୋକମାନଙ୍କୁ ଲାଭାନ୍ୱିତ କରିପାରୁଛି ତାହାର କାହାଣୀ ମଧ୍ୟ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଜରିଆରେ ସମସ୍ତଙ୍କୁ କହୁଛନ୍ତି, ଯାହାକି ଅଧିକରୁ ଅଧିକ ଲୋକଙ୍କୁ ହିତାଧିକାରୀ ହେବା ଲାଗି ଅନୁପ୍ରାଣିତ କରୁଛି।

ସଂକଟ ସମୟରେ ଲୋକମାନଙ୍କୁ ସୂଚନା ଦେବା କ୍ଷେତ୍ରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଉଦାହରଣ ସ୍ୱରୂପ କୋଭିଡ୍ ମହାମାରୀ ସମୟରେ ଏହା ଜନସାଧାରଣଙ୍କୁ ସଚେତନ କରିବା ସହିତ ସେମାନଙ୍କୁ ଟିକା ନେବା ପାଇଁ ଅନୁପ୍ରାଣିତ କରିଥିଲା। ଭାରତର କୋଭିଡ୍ ଟିକାକରଣ ସଫଳ ହେବାର ଶ୍ରେୟ ଅନେକାଂଶରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ଦେବା ଉଚିତ ହେବ। 'ମନ୍ କୀ ବାତ୍'ର ପ୍ରାସଙ୍ଗିକତା ଏବଂ ଆମ ଜୀବନରେ ଏହାର ମହତ୍ତ୍ୱ ନିମନ୍ତେ ଏହା ହିଁ ହେବ ଉପଯୁକ୍ତ ସମ୍ମାନ।

**(ଲେଖକ କେନ୍ଦ୍ର କ୍ରୀଡ଼ା, ଯୁବବ୍ୟାପାର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ)**

# ପଞ୍ଚଲିଙ୍ଗେଶ୍ୱର ସଂରକ୍ଷିତ ଜଙ୍ଗଲରେ ବିଦେଶୀ ପକ୍ଷୀ ପାଏଡ଼ ଥ୍ରଶ

ନୀଳଗିରି, ୧୬।୪(ସ୍ୱ.ପ୍ର.)

ଓଡ଼ିଶାରେ ପ୍ରଥମ କରି ବାଲେଶ୍ୱର ଜିଲା ପଞ୍ଚଲିଙ୍ଗେଶ୍ୱରର ସଂରକ୍ଷିତ ଜଙ୍ଗଲରୁ ଠାବ ହୋଇଛି ବିଦେଶୀ ପକ୍ଷୀ ପାଏଡ଼ ଥ୍ରଶ। ଏହାକୁ ବିଶିଷ୍ଟ ପକ୍ଷୀବିତ୍ ଓ କୁଲଡ଼ିହା ଗାଇଡ୍ ମନୋରଞ୍ଜନ ଦାସ ଚିହ୍ନଟ କରିଛନ୍ତି। ଏହି ପକ୍ଷୀର ଉଭୟ ପୁରୁଷ ଓ ମହିଳା ଦେଖିବାକୁ ମିଳିଛି। କୁଲଡ଼ିହା ପକ୍ଷୀ ସାରଣୀରେ ଆଉ ଏକ ବିଦେଶୀ ପକ୍ଷୀ ଯୋଡ଼ି ହୋଇଛି।

ପାଏଡ ଥ୍ରଶର ବୈଜ୍ଞାନିକ ନାମ ହେଉଛି ଗିଓକିଚଲା ୱାର୍ଡ଼ି ଓ ଏହା ଥ୍ରଶ ଫ୍ୟାମିଲିର ଅନ୍ତର୍ଭୁକ୍ତ। ଏହି ଥ୍ରସର ପୁରୁଷମାନେ ୨୨ସେମି ସ୍ପଷ୍ଟ ଭାବରେ କଳା ଏବଂ ଧଳା। ଉପର ଭାଗରେ ମୁଖ୍ୟତଃ କଳା, ପେଟ ପାଖରେ ମାଛ କାତି ପରି କଳା ଧଳା ରଙ୍ଗର ଆବରଣ ରହିବା ସହିତ ଆଖି ଉପରେ, ଡେଣା ଏବଂ ଲାଞ୍ଜ ଉପରେ ଧଳାର ପଟି ରହିଥାଏ, ଏହା ସହ ଗୋଡ଼ ହଳଦିଆ ରଙ୍ଗ ହୋଇଥାଏ। ନାରୀ ପକ୍ଷୀ ତଥା କିଶୋର ମାନେ ଦେଖିବାକୁ ପ୍ରାୟ ସମାନ ରହିବା ସହ ବାଦାମୀ ରଙ୍ଗ ଓ ଫିକା ବାଦାମୀ ରଙ୍ଗ ହୋଇଥାଏ। ଥଣ୍ଟଟି ସମ୍ପୂର୍ଣ୍ଣ ବଙ୍କା ହୋଇ ନ ଥାଏ। ଏହି ପକ୍ଷୀ ସାଧାରଣତଃ ଗ୍ରୀଷ୍ମ କାଳରେ ହିମାଳୟ ପାଦଦେଶ ତଥା ନେପାଳରେ ଖୁବ୍ ଅଧିକ ଦେଖିବାକୁ ମିଳିଥାଏ। ଏହାସହ ସେ ଶୀତ କାଳରେ ଦକ୍ଷିଣ ତଥା ଶ୍ରୀଲଙ୍କାରେ ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ। ଏମାନେ ପ୍ରାୟତଃ ଏକ ଓ ସାଙ୍ଗ ହୋଇ ଖାଦ୍ୟ ଅନୁସନ୍ଧାନ କରିଥାନ୍ତି। ଏମାନେ କୀଟ, ପତଙ୍ଗ ଏବଂ ଫଳ ଖାଇବାକୁ ଅଧିକ ପସନ୍ଦ କରନ୍ତି।



ଗିଓକିଚଲା ୱାର୍ଡ଼ି ପକ୍ଷୀ

# ସୀମା ବିବାଦରୁ ୧୪୪ ଜାରି

- ଛକର ନାମକରଣ ନେଇ ୨ ଗାଁ ମଧ୍ୟରେ ସଂଘର୍ଷ
- ଆକ୍ରମଣରେ ୨୦ରୁ ଅଧିକ ଆହତ
- ଜାଳିଦେଲେ କାର୍, ବାଇକ୍ ଓ ଦୋକାନ: ୪ ଗିରଫ

ବନ୍ତ/ଭଦ୍ରକ ଅଫିସ/ହାଟଡିହୀ, ୧୬।୪(ଡି.ଏନ୍.ଏ.)

ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ଓରାଳି ଛକଠାରେ ସୀମା ବିବାଦ ଓ ଛକର ନାମକରଣକୁ ନେଇ ଶନିବାର ରାତିରେ ଦୁଇ ଗାଁ ମଧ୍ୟରେ ସଂଘର୍ଷ ଘଟିଛି। ସଂଘବଦ୍ଧ ଆକ୍ରମଣରେ ଉଭୟ ପକ୍ଷର ୨୦ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଦୋକାନ, କାର୍ ଓ ବାଇକ୍ ଜାଳି ଦିଆଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ ରଖି ଭଦ୍ରକ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋଜ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ରବିବାର ପୂର୍ବାହ୍ନ ୧୧ଟାରୁ ଆସନ୍ତା ୧୮ ତାରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଉକ୍ତ ଛକର ୨ଶହ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯାଇଛି। ଶନିବାର ରାତିରେ ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଉପଜିଲାପାଳ ମନୋଜ ପାତ୍ର ଓ ବନ୍ତ ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ଘଟଣାସ୍ଥଳରେ ପହଞ୍ଚି ବନ୍ତ ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ସହ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରିଥିଲେ। ରବିବାର ସକାଳଠାରୁ ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ବନ୍ତ ତହସିଲଦାର ଅଙ୍କିତା ବାରିକ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆକ୍ରମଣ ନେଇ ବନ୍ତ ବ୍ଲକ ଆପଣ୍ଡା ଗ୍ରାମର କାଶୀନାଥ ନାୟକଙ୍କ ଅଭିଯୋଗ କ୍ରମେ ବନ୍ତ ଥାନାରେ ଏକ ମାମଲା (ନଂ.୫୪/୨୩) ରୁଜୁ ହୋଇଛି। ଏହି ଘଟଣାରେ ବନ୍ତ ପୋଲିସ ରାତିରେ ୬ ଜଣଙ୍କୁ ଉଠାଇ ନେଇଥିବା ବେଳେ ରବିବାର ୪ଜଣଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଆନନ୍ଦପୁର ଉପଜିଲାପାଳ ଅନୀଲ କୁମାର ସେଠୀ କହିଛନ୍ତି, ସୀମା ବିବାଦକୁ ନେଇ ସଂଘର୍ଷ ହୋଇଛି। ଏନେଇ ନନ୍ଦିପଦା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଯେହେତୁ ଦୁଇ ଜିଲାର ସୀମାକୁ ନେଇ ବିବାଦ ଉପୁଜିଛି। ଉଭୟ ଜିଲା ଅଧିକାରୀ ସ୍ତରରେ ଆଲୋଚନା କରାଯାଇ ସମାଧାନ ବାଟ କଢ଼ାଯିବ।

# ପୁଅବୋହୂଙ୍କ ଆକ୍ରମଣରେ ମା'ଙ୍କ ଜୀବନଗଲା

ଦାରିଙ୍ଗବାଡ଼ି, ୧୬।୪(ଡି.ଏନ୍.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳ ପାଙ୍ଗଲି ଗ୍ରାମରେ ପାରିବାରିକ ଗଣ୍ଡଗୋଳକୁ କେନ୍ଦ୍ରକରି ପୁଅବୋହୂଙ୍କ ଆକ୍ରମଣରେ ଜଣେ ବୃଦ୍ଧା ମା'ଙ୍କ ମୃତ୍ୟୁ ହୋଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ମୃତ ବୃଦ୍ଧା ହେଲେ ପାଡ଼ନକେତା ଗ୍ରାମର ପୁଷ୍ପାଞ୍ଜଳି ପରିଛା। ଏନେଇ ମୃତ ବୃଦ୍ଧାଙ୍କ ସ୍ୱାମୀ ଲକପତି ପରିଛା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଲକପତିଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଶାଶୁଙ୍କ ଶୁଦ୍ଧିକ୍ରିୟା ପାଇଁ ପୁଅ, ବୋହୂ ଓ ସ୍ତ୍ରୀ ପୁଷ୍ପାଞ୍ଜଳି ପାଙ୍ଗାଲି ଗ୍ରାମକୁ ଆସିଥିଲେ। ଶନିବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ପୁଷ୍ପାଞ୍ଜଳିଙ୍କ ସହିତ ପୁଅ ବୋହୂଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ବୋହୂ ଓ ତାଙ୍କର ଜଣେ ସହଯୋଗୀ ମିଶି ମା' ପୁଷ୍ପାଞ୍ଜଳିଙ୍କ ଚୁଟି ଧରି ଘୋଷାଡ଼ିବା ସହ ପେଟକୁ ଗୋଇଠା ମାରିଥିଲେ। ପୁଷ୍ପାଞ୍ଜଳି ଯନ୍ତ୍ରଣାରେ ଛଟପଟ ହେଉଥିଲା ବେଳେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସାଇଣ୍ଟିଫିକ ଟିମ ଆସି ଘଟଣା ସ୍ଥଳରୁ ନମୁନା ସଂଗ୍ରହ କରିଛି। ବୃଦ୍ଧାଙ୍କ ସ୍ୱାମୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା ନଂ. ୬୬/୨୩ ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି। ପୋଲିସ ପୁଅଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ବୋହୂଙ୍କୁ ସୋମବାର ଥାନାରେ ହାଜର ହେବାକୁ କହିଛି।

**କୁଲଡିହାରେ ହାତୀ ମୃତ୍ୟୁ ଘଟଣା**

# ତଦନ୍ତ କଲା ଉଚ୍ଚସ୍ତରୀୟ କମିଟି

**ନୀଳଗିରି, ୧୬।୪(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ନୀଳଗିରି କୁଳଡ଼ିହା ଅଭୟାରଣ୍ୟରେ ବିଗତ ଦିନରେ ୧୦୦ରୁ ଊର୍ଦ୍ଧ୍ୱ ହାତୀ ରହୁଥିବା ବେଳେ ଗତ ୧୪ମାସ ମଧ୍ୟରେ କ୍ରମାଗତ ଭାବେ ୮ ହାତୀଙ୍କର ମୃତ୍ୟୁ ହୋଇଛି। ଅଭୟାରଣ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ହାତୀ ମୃତ୍ୟୁର କାରଣ ଖୋଜିବା ଏବଂ ଶିକାରୀଙ୍କ ଅଖଣ୍ଡ ଶିକାରକୁ ପ୍ରତିହତ ସହ ହାତୀମାନଙ୍କୁ କିଭଳି ଅଧିକ ସୁରକ୍ଷା ଦିଆଯିବ ସେନେଇ ନୂତନ ରଣ କୌଶଳ ଶିକ୍ଷା ଦେବା ଉଦ୍ଦେଶ୍ୟରେ ରବିବାର ଏକ ଉଚ୍ଚସ୍ତରୀୟ କମିଟି କୁଳଡ଼ିହାରେ ପହଞ୍ଚିଛନ୍ତି।

# ବଲାଙ୍ଗୀରରୁ ଫେରିଗଲେ କ୍ରାଇମ୍‌ବ୍ରାଞ୍ଚ ଟିମ୍

**ଜାଲ୍ ସାର୍ଟିଫିକେଟ ମାମଲା**

- ୧୫ ଦିନର ତଦନ୍ତ, କାର୍ଯ୍ୟାନୁଷ୍ଠାନ ଶୂନ

ବଲାଙ୍ଗୀର ଅଫିସ, ୧୬।୪

ବହୁଚର୍ଚ୍ଚିତ ଜାଲ୍ ସାର୍ଟିଫିକେଟ ମାମଲାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ୧୫ ଦିନର ତଦନ୍ତ ପରେ ବଲାଙ୍ଗୀରରୁ କ୍ୟାମ୍ପ ଉଠାଇ ନେଇଥିବା ଚର୍ଚ୍ଚାର ବିଷୟ ହୋଇଛି। କ୍ରାଇମ୍‌ବ୍ରାଞ୍ଚର ୫ ଜଣିଆ ଟିମ୍ ଶନିବାର ବିଳମ୍ବିତ ରାତିରେ କଟକ ଅଭିମୁଖେ ଫେରିଯାଇଥିବା ନେଇ ରବିବାର ସକାଳେ ସୂଚନା ମିଳିଥିଲା। ଏହି ଖବର ପାଇବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ପୂର୍ତ୍ତ ବିଭାଗ ଡାକବଙ୍ଗଳାକୁ ଯାଇଥିଲେ। ତେବେ ସେଠାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍‌ର କୌଣସି ସଦସ୍ୟ ନ ଥିଲେ। ପୂର୍ତ୍ତ ବିଭାଗ ଡାକବଙ୍ଗଳା କର୍ମଚାରୀଙ୍କୁ ବିଶେଷ କିଛି ନ କହି କ୍ରାଇମ୍‌ବ୍ରାଞ୍ଚର ୫ ଜଣିଆ ସଦସ୍ୟ ଫେରି ଯାଇଥିବା ଜଣାପଡିଥିଲା। ଏନେଇ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କୁ ଫୋନ୍‌ରେ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲା। କିନ୍ତୁ ଫୋନ ରିଂ ହେବା ସତ୍ତ୍ୱେ ସେ ଉଠାଇ ନ ଥିଲେ। ଫଳରେ ତାଙ୍କ ମତାମତ ମିଳିପାରିନାହିଁ। କ୍ରାଇମ୍‌ବ୍ରାଞ୍ଚ ଟିମ୍ ଫେରିଯିବା ପରେ ଜାଲ୍ ସାର୍ଟିଫିକେଟ ମାମଲାର ଗତି କୁଆଡେ ତାକୁ ନେଇ ସାଧାରଣରେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି।

ଗତ ମାର୍ଚ୍ଚ ୨୩ ତାରିଖ ଦିନ ବଲାଙ୍ଗୀର ଡାକମଣ୍ଡଳ ଗ୍ରାମୀଣ ଡାକ ସେବକ ପଦ ପାଇଁ ସାର୍ଟିଫିକେଟ ଭେରିଫିକେଶନ ବେଳେ ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ କେତେକ ସାର୍ଟିଫିକେଟ ଜାଲ୍ ବୋଲି ସନ୍ଦେହ କରି ଟାଉନ୍ ଥାନାରେ ରିପୋର୍ଟ କରିଥିଲେ। ବଲାଙ୍ଗୀର ଏସ୍‌ପି ନିତିନ କୁଶଲକରଙ୍କ ନିର୍ଦ୍ଦେଶରେ ଟାଉନ୍ ଥାନା ପୋଲିସ ଏନେଇ ମାମଲା ରୁଜୁ କରି ବଲାଙ୍ଗୀର ରିଲାଏନ୍ସ କୋଚିଂ ସେଣ୍ଟରରେ ଚଢ଼ାଉ କରି ବିପୁଳ ମାତ୍ରାରେ ଜାଲ୍ ସାର୍ଟିଫିକେଟ ଜବତ କରିଥିଲା। ଏହି ମାମଲାରେ ପୋଲିସ ରିଲାଏନ୍ସ କୋଚିଂ ସେଣ୍ଟର ମାଲିକ ମନୋଜ ମିଶ୍ର, ସହଯୋଗୀ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରିଥିଲା। ଜାଲ୍ ସାର୍ଟିଫିକେଟ କାରବାରରେ ସମ୍ପୃକ୍ତ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ସହ ଶାସକ ଦଳର କେତେଜଣ ନେତା, ମନ୍ତ୍ରୀଙ୍କ ସମ୍ପୃକ୍ତି ବିଷୟରେ ଅଭିଯୋଗ ଉଠିବା ପରେ ସରକାର ତରବରିଆ ଭାବେ କ୍ରାଇମ୍‌ବ୍ରାଞ୍ଚକୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଗତ ୧ ତାରିଖ ଠାରୁ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ୫ ଜଣିଆ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବଲାଙ୍ଗୀର ଆସିଥିଲା।

# ପରକୀୟା ପ୍ରୀତିରୁ ଯୁବକଙ୍କୁ ହତ୍ୟା

- ଯୁବକଙ୍କ ଯୌନାଙ୍ଗ କାଟିଦେଲେ
- ୩ ଜଣଙ୍କୁ ଗିରଫ କଲା ପୋଲିସ

**ସୋହେଲା, ୧୬।୪(ଡି.ଏନ.ଏ):** ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ବୁଢ଼ାମାଳ ଗ୍ରାମର ଜଣେ ଯୁବକ ସାନନ୍ଦ ସା(୩୫)ଙ୍କୁ ଶନିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ଅଭିଯୁକ୍ତମାନେ ସାନନ୍ଦଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ବେଳେ ତାଙ୍କ ଯୌନାଙ୍ଗକୁ ମଧ୍ୟ କାଟି ଦେଇଛନ୍ତି। ଏ ନେଇ ରବିବାର ମୃତକଙ୍କ ବାପା ଦଶରଥ ସୋହେଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁଢ଼ାମାଳ ଗ୍ରାମର ଅଜୟ ଭୁଏ(୩୨), ଦୁଃଖ ଓରଫ ଦୁଃଖନାଶନ ସାହୁ(୨୫) ଏବଂ ପ୍ରସନ୍ନ ସା(୪୨)। ସେମାନଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ବ୍ଲେଡ୍, ୩ ମୋବାଇଲ ଏବଂ ଖାଲି ମଦ ପାଉଚ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ସୋହେଲା କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ସୋହେଲା ଥାନାରେ ଦଫା ୩୦୨ ଆଇପିସିରେ ଏକ ମାମଲା (ନଂ.୭୫/୨୩) ରୁଜୁ ହୋଇଛି। ପରକ୍ରିୟା ପ୍ରୀତିରୁ ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଭିଆଇଥିବା ପୋଲିସ କହିଛି। ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଏପ୍ରିଲ, ୨୦୨୩

ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ - ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। **-ଶ୍ରୀଅରବିନ୍ଦ**



# ପୁଲ୍‌ୱାମା ମାରିଲା ଅତିକ୍‌ଙ୍କୁ

ଜମ୍ମୁ ଓ କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକ ପୁଲ୍‌ୱାମା ଆକ୍ରମଣ ପ୍ରସଙ୍ଗରେ ନିକଟରେ ଦେଇଥିବା ଚାଞ୍ଚଲ୍ୟକର ତଥ୍ୟ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇ ଦେଇଛି। ୨୦୧୯ ଫେବୃୟାରୀ ୧୪ରେ ଆତଙ୍କବାଦୀଙ୍କ ଆକ୍ରମଣରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ (ସିଆର୍‌ପିଏଫ୍)ର ୪୦ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। କେନ୍ଦ୍ରର ଦାୟିତ୍ୱହୀନତା ଯୋଗୁ ଏଭଳି ଘଟିଥିଲା ବୋଲି ଗଣମାଧ୍ୟମରେ ସତ୍ୟପାଲ କହିଥିଲେ। ସତ୍ୟପାଲଙ୍କ ରାଜନୈତିକ ଇତିହାସ ଦେଖିଲେ ଜଣାପଡ଼େ ଯେ ସେ ଉତ୍ତର ପ୍ରଦେଶର ପୂର୍ବତନ ନେତା ଚରଣ ସିଂଙ୍କ ଅନୁଗାମୀ। ପରବର୍ତ୍ତୀ ସମୟରେ ଭାଜପାରେ ମିଶି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନିକଟତର ହୋଇପାରିଥିଲେ। ସମ୍ଭବତଃ ସେଥିପାଇଁ ତାଙ୍କୁ ଜମ୍ମୁ-କଶ୍ମୀର, ଗୋଆ, ମେଘାଳୟ ଭଳି ରାଜ୍ୟରେ ରାଜ୍ୟପାଳ କରାଯାଇଥିଲା। ଜମ୍ମୁ-କଶ୍ମୀରର ରାଜ୍ୟପାଳ ଭାବେ କାର୍ଯ୍ୟନିର୍ବାହ କରୁଥିବା ବେଳେ ସତ୍ୟପାଲଙ୍କ କହିବା ଅନୁଯାୟୀ ତାଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ସୁରକ୍ଷା ସମ୍ପର୍କରେ ଅନେକ ପ୍ରସ୍ତାବ ଦିଆଯାଇଥିଲା। ଏବେ ପ୍ରଥମେ ଏକ ହିନ୍ଦୀ ଓ ଦ୍ୱିତୀୟରେ ଇଂଲିଶ୍ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ, ସିଆର୍‌ପିଏଫ୍‌ର ପଦାଧିକାରୀମାନେ ଉଡ଼ାଜାହାଜ ମାଧ୍ୟମରେ ସୈନ୍ୟମାନଙ୍କୁ ସ୍ଥାନାନ୍ତରିତ କରାଯାଉ ବୋଲି କେନ୍ଦ୍ରକୁ ଅନୁରୋଧ କରିଥିଲେ। ରାଜ୍ୟପାଳ ଭାବେ ତାଙ୍କୁ ଏଇ ଅନୁରୋଧ ସମ୍ପର୍କରେ ସୂଚାଇ ଦିଆଯାଇଥିଲା। ତଥାପି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏଭଳି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା, ଯାହାର ଫଳାଫଳ ହେଲା ପୁଲ୍‌ୱାମା ବିସ୍ଫୋରଣ ଓ ଅନେକ ଯବାନଙ୍କ ମୃତ୍ୟୁ। ଯେତେବେଳେ ସତ୍ୟପାଲ ମଲିକ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ଉଭୟେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଜାତୀୟ ନିରାପତ୍ତା ପରାମର୍ଶଦାତା ଅଜିତ୍ ଡୋଭାଲ ତାଙ୍କୁ ଚୁପ୍ ରହିବାକୁ କହିଥିଲେ।

ଭାରତରେ ଅନେକ ଏଭଳି ବ୍ୟକ୍ତିବିଶେଷ ଅଛନ୍ତି, ଯେଉଁମାନେ କ୍ଷମତାରେ ଥିବାବେଳେ ନୀରବ ରହିଥାନ୍ତି। କ୍ଷମତାରୁ ବିତାଡ଼ିତ ହେବା ପରେ ତାଙ୍କର ଦେଶପ୍ରେମ ଓ ସବୁ ପ୍ରକାରର ସଚ୍ଚୋଟପଣିଆ ବିଚକ୍ଷଣ ଭାବେ ଫୁଟିକି ବାହାରେ। କିନ୍ତୁ ସତ୍ୟପାଲ ମଲିକଙ୍କୁ ସେହି ଗୋଷ୍ଠୀରେ ସାମିଲ କରାଯାଇପାରିବ ନାହିଁ। ରାଜ୍ୟପାଳ ଥିବା ସମୟରେ ମଧ୍ୟ ନିଜର ପଦବୀ କିମ୍ବା ସୁରକ୍ଷାକୁ ବେଖାତିର କରି ଚାଷୀ ଆନ୍ଦୋଳନ ସପକ୍ଷରେ ସତ୍ୟପାଲ ବାହାରିଥିଲେ। ସେତେବେଳେ ମଲିକ ମତ ଦେଇଥିଲେ ଯେ ତିନୋଟି କଳା କୃଷି ଆଇନ ଦେଶର କୃଷକଙ୍କୁ ପ୍ରବଳ କ୍ଷତି ପହଞ୍ଚାଇବ। ତେଣୁ ଆଇନ ଅତିଶୀଘ୍ର ପ୍ରତ୍ୟାହାର କରିନେବା ପାଇଁ ସତ୍ୟପାଲ ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

ସମସ୍ୟାଟି ପୁନର୍ବାର ଏବେ ମୁଣ୍ଡ ଟେକିଛି। ସତ୍ୟପାଲଙ୍କ ଦୁଇଟି ସାକ୍ଷାତକାର ଦେଶର ରାଜନୈତିକ ସ୍ଥିତିକୁ ବିସ୍ଫୋରକ କରାଇଛି। ତାଙ୍କର ମତକୁ ଲୋକଲୋଚନଠାରୁ ଦୂରେଇ ନେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିଲା। କାରଣ ତାଙ୍କ ମତରୁ ସ୍ପଷ୍ଟ ଜଣାପଡ଼ିଥିଲା ୨୦୧୯ ନିର୍ବାଚନ ପୂର୍ବରୁ ପୁଲ୍‌ୱାମା ଆକ୍ରମଣ ବାସ୍ତବରେ ଭାରତର କେନ୍ଦ୍ର ସରକାରଙ୍କ ଅସାବଧାନତା ଯୋଗୁ ଘଟିଥିଲା। କିନ୍ତୁ ତାହାକୁ ରାଜନୈତିକ ଦିଗରେ ବ୍ୟବହାର କରିବା ପାଇଁ ଭାଜପା ପଛାଇ ନ ଥିଲା। ସେଥିପାଇଁ ୨୦୧୯ ନିର୍ବାଚନରେ ଭାଜପାର ବିପୁଳ ବିଜୟ ହେଲା। କାରଣ ସାଧାରଣ ଭୋଟର ଦେଶପ୍ରେମ ନିଶାରେ ଭୋଳିଗଲେ। ଏବକାର ସତ୍ୟପାଲଙ୍କ ବୟାନ ପ୍ରମାଣ କରିଦେଉଛି ଯେ, ସାଧାରଣ ଭାରତୀୟ ଭୋଟର ଅତ୍ୟନ୍ତ ଅଜ୍ଞାନ ହୋଇଥିବାରୁ ସେମାନଙ୍କୁ ଏଭଳି ବାଟବଣା କରାଇଦେବା ସହଜ ହୋଇଥିଲା।

ପୁନର୍ବାର ୨୦୨୪ରେ ନିର୍ବାଚନ ହେବାକୁ ଯାଉଛି। ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏପରିକି ଓଡ଼ିଶା ଭଳି ରାଜ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ମୁଣ୍ଡ ଟେକିଲାଣି। ଏଭଳି ଉଷୁମତା ସୃଷ୍ଟି ହେଉଥିବା ସମୟରେ ସତ୍ୟପାଲ 'କେଁ' ପୂରାଇଦେଲେ। ସେହି କେଁକୁ ଟାଳିଦେବା ପାଇଁ ଲୋକଙ୍କ ଦୃଷ୍ଟି ଅନ୍ୟତ୍ର ନେବା ଅତ୍ୟନ୍ତ ଆବଶ୍ୟକ ବୋଲି ଯେକୌଣସି ରାଜନୈତିକ ପର୍ଯ୍ୟବେକ୍ଷକ ବୁଝିପାରିବେ। ଏଭଳି ରଙ୍ଗମଞ୍ଚରେ ଉତ୍ତର ପ୍ରଦେଶର ପୂର୍ବତନ ମାଫିଆ ଡନ୍ ଯିଏ ନିଜ ଜୀବନର ବାଟ ପରିବର୍ତ୍ତନ କରି ରାଜନୀତି ଆରମ୍ଭ କରିଥିଲେ, ତାଙ୍କ ଉପରେ ଦୃଷ୍ଟି ପଡ଼ିଲା। ପ୍ରଥମେ ତାଙ୍କ ପୁତ୍ର ଓ ସହଯୋଗୀଙ୍କୁ ଏନ୍‌କାଉଣ୍ଟର କରି ଗୁଳି କରାଗଲା। ହତ୍ୟା କରିଥିବା ପୋଲିସ କେବଳ ଓଡ଼ିଶାର ଗୋପାଳ ଦାସରେ ସୀମିତ ନୁହେଁ, ଉତ୍ତର ପ୍ରଦେଶ ପୋଲିସ ମଧ୍ୟ ସେହି ପ୍ରକାର ହତ୍ୟା କଲେ। ଆଶା କରାଯାଇପାରୁଥାଏ ଯେ ଗଣମାଧ୍ୟମ ଜରିଆରେ ସେହି ଘଟଣାକୁ ଯଥେଷ୍ଟ ପ୍ରଚାର କରି ଗୁଣ୍ଡାମି ବିରୋଧରେ ବାହାବା ନିଆଯିବ। ସେହି ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସମ୍ପୃକ୍ତ ପୋଲିସ ଅଫିସରଙ୍କୁ ସାଧାରଣରେ ପ୍ରଶଂସା କଲେ। କେହି ଜଣେ ପ୍ରଶ୍ନ କଲେ ନାହିଁ ଯେ ଏଭଳି ହତ୍ୟା କରିବାର କ୍ଷମତା ପୋଲିସକୁ ମିଳିଗଲେ ଯେକୌଣସି ବ୍ୟକ୍ତି ବିରୋଧରେ ମିଛ ମାମଲା ଆଣି ଏନ୍‌କାଉଣ୍ଟର ମାଧ୍ୟମରେ ହତ୍ୟା କରାଯାଇପାରିବ। ମନେରଖିବାକୁ ହେବ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ କେହି ସର୍ବଦା କ୍ଷମତାରେ ରହିବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ। ଅତିକ୍‌ଙ୍କ ପୁତ୍ରଙ୍କ ହତ୍ୟା ପୂର୍ବରୁ ୮ ଏପ୍ରିଲ୍‌ରେ ପ୍ରଶାନ୍ତ ଟଣ୍ଡନଙ୍କୁ ହିନ୍ଦୀ ଚାନେଲରେ ସତ୍ୟପାଲ ଦେଇଥିବା ସାକ୍ଷାତକାର ପ୍ରସାରିତ ହୋଇଥିଲା। ସେଥିରେ ସବୁ ଅସୁବିଧା କଥା କୁହାଯାଇଥିବାରୁ କେନ୍ଦ୍ର ସରକାର ସ୍ୱାଭାବିକ ଭାବେ ବ୍ୟତିବ୍ୟସ୍ତ ହୋଇପଡ଼ିଥିବେ। କିନ୍ତୁ ହିନ୍ଦୀରେ ପ୍ରସାରଣ କରାଯାଇଥିବାରୁ ତାହାର ପ୍ରଭାବ ସୀମିତ ରହିଯାଇଥିଲା। ସପ୍ତାହକ ମଧ୍ୟରେ ଅର୍ଥାତ୍ ଏପ୍ରିଲ ୧୫ରେ କରନ୍ ଥାପରଙ୍କ ଦ୍ୱାରା 'ଦି ୱେର୍' ନ୍ୟୁଜ୍ ପୋର୍ଟାଲରେ ସତ୍ୟପାଲଙ୍କ ଇଂଲିଶ୍ ଭାଷାର ସାକ୍ଷାତକାର ତତ୍‌କ୍ଷଣାତ୍ ଭାଇରାଲ ହୋଇଗଲା। ଫଳସ୍ୱରୂପ ପୁଅ ପରେ ବାପା ଓ କକେଇଙ୍କର ମୃତ୍ୟୁ ଘଣ୍ଟି ବାଜିଲା।

# ନିଶ୍ଚିତ ରୋଜଗାର ଯୋଜନା



ସହଦେବ ସାହୁ

ଗତ ଲେଖା 'ବଜେଟ- ମୁଣ୍ଡପିଛା ୬୦ ହଜାର ଟଙ୍କା'ରେ ମୁଁ ଧାରଣା ଦେଇଥିଲି- ବର୍ତ୍ତମାନ ବିପିଏଲ୍ ଓ ଏପିଏଲ୍ ତାଲିକାରେ ଥିବା ଆମ ରାଜ୍ୟର ପ୍ରାୟ ୨ କୋଟି ୨୦ ଲକ୍ଷ ଗରିବ (ପ୍ରାୟ ୫୫ ଲକ୍ଷ ପରିବାର)ଙ୍କୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଦେଲେ ଗରିବୀ ହଟିଯିବ ଓ 'ଓଡ଼ିଶା ରାଜ୍ୟ ପ୍ରଶାସନ' ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିପାରିବ। ଏ ଏକ ୟୁଟୋପିଆ (ପରୀରାଇଜ କାହାଣୀ) ବୋଲି କେତେକ ପ୍ରଶ୍ନ କରିଛନ୍ତି ତ ନବନିର୍ମାଣ କୃଷକ ମଞ୍ଚ ପ୍ରଶ୍ନ କରିଛି ରାଜ୍ୟର ବିକାଶ ବିଶେଷତଃ ଜଳକଷ୍ଟ (ଉଭୟ ଚାଷ ଓ ପାନୀୟ)ପାଇଁ ଯଥେଷ୍ଟ ପଇସା ବଳିବ ତ! ବର୍ତ୍ତମାନର 'ଫ୍ରିବି' ସରକାର ତ ମହାନଦୀକୁ ଶୁଖାଇଦେଲେଣି! ମୁଁ ଯେଉଁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ବ୍ୟବସ୍ଥାର ଅବତାରଣା କରିଛି, ତାହା ରାଜ୍ୟ ସରକାରଙ୍କ ବର୍ତ୍ତମାନର ୨ ଲକ୍ଷ ୩୦ ହଜାର କୋଟି ବଜେଟ ଏବଂ ଏଣିକି ପ୍ରତିବର୍ଷ ରାଜ୍ୟର ଅଭିବୃଦ୍ଧି ହାର ୬.୫%ରୁ କମ୍ ହେବନି ବୋଲି ତାଙ୍କ ଇକୋନୋମିକ୍ ସର୍ଭେରେ କହିଥିବା ପରିପ୍ରେକ୍ଷୀରେ କହିଛି। ଯୋଜନାର ନାମକରଣରେ ଯେଉଁ ପ୍ରହେଳିକା ଆମ 'ଫାଇଭ୍ ଟି' ସରକାର ଗ୍ରହଣ କରିଛନ୍ତି ସେହି କ୍ରମରେ ଏହାକୁ ''ନୀର''(NIR-NISCHITA ROJAGAR) ବା ''ନୀରୋଗ'' (ନିର୍ସ ରୋଜଗାର ଗ୍ୟାରେଣ୍ଟି) ନାମ ଦେଇପାରନ୍ତି।

ବିପିଏଲ୍ ଓ ଏପିଏଲ୍ କାର୍ଡଧାରୀମାନଙ୍କୁ ଗରିବ ଧରିଲେ ଉପଭୋକ୍ତା ସଂଖ୍ୟା ପ୍ରାୟ ୫୫ ଲକ୍ଷ ପରିବାର ବା ୨ କୋଟି ୨୦ ଲକ୍ଷ ଲୋକ। ଆରମ୍ଭ ବର୍ଷରେ ୧୮ ବର୍ଷରୁ ବଡ଼ଙ୍କୁ ୪୫୦୦ ଓ ସାନଙ୍କୁ ୧୫୦୦ ଟଙ୍କା ଲେଖାଏ ଦେଲେ ୨ ବଡ଼, ୨ ସାନ ଥିବା ୪ ଜଣିଆ ପରିବାରକୁ ମାସିକ ୧୨ ହଜାର ଟଙ୍କା ବା ୩ ବଡ଼, ୧ ସାନ ଥିବା ପରିବାରକୁ ମାସିକ ୧୫ ହଜାର ମିଳିବ। ପରେ ତିନିବର୍ଷ ଯାଏ ପ୍ରତିବର୍ଷ ୬.୫% ଅଭିବୃଦ୍ଧି କରିବାକୁ ପଡ଼ିବ, ତାହା ହିଁ ସୀମା ରହିବ। ଏ ବର୍ଷ ପ୍ରତି ପରିବାରକୁ ମାସିକ ହାରାହାରି ୧୨,୦୦୦ରୁ ୧୫,୦୦୦ ଯାଏ ଦେଲେ ବର୍ଷକୁ ୫୫ ଲକ୍ଷ ପରିବାରକୁ ୭,୯୨୦ ଲକ୍ଷ କୋଟିରୁ ୯,୯୦୦ ଲକ୍ଷ କୋଟି ଟଙ୍କା ଭିତରେ ବା ହାରାହାରି ୮,୯୦୦ ଲକ୍ଷ କୋଟି ବଣ୍ଟାଯିବ- ଅନ୍ୟ ଖର୍ଚ୍ଚ ପାଇଁ ବଳିବ ୨,୨୧,୦୦୦ ଲକ୍ଷ କୋଟି। ତହିଁରୁ ଦରମା ଓ ଭତ୍ତା ବାବଦ ବ୍ୟୟ ଅଟକଳ ୯୮,୦୦୦ କୋଟି ବା ଅତିବେଶିରେ ୧ ଲକ୍ଷ କୋଟି ଛାଡ଼ିଦେଲେ ବିକାଶ କାର୍ଯ୍ୟ ପାଇଁ ରହିବ ୧,୧୧,୦୦୦ଲକ୍ଷ କୋଟି। ନିଶ୍ଚିତ ଆୟ ଏକ ପବ୍ଲିକ୍ ପଲିସି ହୋଇଯିବ, ଶାସକ ଦଳର ଦାନ(ଫ୍ରିବି) ବୋଲି ଧରାଯିବନାହିଁ। ୧୯୬୭ରେ ଡ. ମାର୍ଟିନ୍ ଲୁଥର୍ କିଙ୍ଗ୍ ବି ଆମେରିକାରେ କହିଥିଲେ, ସବୁ ଗରିବଙ୍କୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଦେଲେ କଳାଲୋକଙ୍କ ଉପରେ ଜୁଲମ୍ କରିବାର ପରିସ୍ଥିତି ରହିବ ନାହିଁ ଏବଂ ବର୍ଣ୍ଣଗତ ଘୃଣା ଓ ତଜ୍ଜନିତ ଆନ୍ଦୋଳନ ସବୁ ବନ୍ଦ ହୋଇଯିବ। ପୋଲିସ ବ୍ରୁଟାଲିଟି (ବର୍ବରତା) କଥା ଉଠୁଛି ଗରିବ ପ୍ରତି ବ୍ୟବସ୍ଥାଗତ ହିଂସା ଯୋଗୁ। ଆମର ପୂରା ଦୃଷ୍ଟି ରହିବା କଥା ଗରିବୀ ହଟାଇବାରେ: ତେଣୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍‌ର ଅୟମାରମ୍ଭ କରିବାର ମାହେନ୍ଦ୍ର ବେଳା ଏବେ ଆସିଯାଇଛି। ସାଧାରଣ ପରିମାଣର ଧନ ଯୋଗାଇଥିବା ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଜୀବନଧାରା ବଦଳାଇବା ଲାଗି ଯଥେଷ୍ଟ ନୁହେଁ। କିନ୍ତୁ ତିନିବର୍ଷ ଯାଏ ଏହାକୁ ୬.୫% କରି ବଢ଼ାଇବାକୁ ପଡ଼ିବ, ତା' ପରେ ସ୍ଥିର ରଖାଯିବ। ବର୍ତ୍ତମାନର ସରକାରଙ୍କ ଅର୍ଥନୀତି ସର୍ଭେ ଦର୍ଶାଉଛି ଯେ, ଆସନ୍ତା ବର୍ଷଗୁଡ଼ିକରେ ରାଜ୍ୟର ଆୟ ସେହି ବା ଅଧିକ ହାରରେ ବଢ଼ିବ- ଅଣଟିକସ, ଟିକସ ଓ କେନ୍ଦ୍ରୀୟ ଟିକସର ଅଂଶ ଆଦିକୁ ମିଶାଇ।

କାଳିଆ ଯୋଜନାରେ ବର୍ଷକୁ କୃଷକ ପରିବାରକୁ ୪ ହଜାର, କୃଷି ବୀମାରେ ଅନିଶ୍ଚିତ ରିଲିଫ୍, ବୃଦ୍ଧାବୃଦ୍ଧ ବିଧବା ଅକର୍ମଣ୍ୟ ଭତ୍ତା ଆଦି ମାତ୍ର ଶହେ ଦୁଇଶହ ଟଙ୍କା ଭଳି ଶାସକ ଦଳର ଭୋଟ୍ କ୍ରିୟାଭିମୁଖୀ ଦାନ ଆଉ ଦରକାର ହେବନାହିଁ। ସବୁ ପ୍ରକାରର ସାମାଜିକ ନିରାପତ୍ତା ବ୍ୟବସ୍ଥା ରହିବ ନାହିଁ, ଟଙ୍କିକିଆ ଚାଉଳ ଯୋଗାଇବାରେ ଅଯଥା ଖର୍ଚ୍ଚ, ଭିକାରି ବୃତ୍ତି ଓ ଚାଷୀ ଆତ୍ମହତ୍ୟା, ଧାନକିଣା(ଏପରି କି ରାଜ୍ୟରେ ଏଫ୍‌ସିଆଇର ଆବଶ୍ୟକତା ରହିବ ନାହିଁ) ସବ୍‌ସିଡି ଦରକାର ନାହିଁ। ଖୋଲା ବଜାର ସ୍ୱଚ୍ଛ ହେବ। ଲୋକେ ରାଇଟ୍ ଟୁ ଏଜୁକେଶନ ଜାହିର କରିପାରିବେ। ରାଜସ୍ଥାନ ସରକାର ଯେପରି କଲେଣି ସେପରି ରାଇଟ୍ ଟୁ ହେଲ୍‌ଥ ଆଇନ ଆଣିଲେ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ପାଉଥିବା ଲୋକେ ଅଲବତ୍ ଚିକିତ୍ସା ଦାବି କରିବେ। ଲୋକେ ରାଜନୈତିକ ଦଳର ବିକାଶମୁଖୀ ନିର୍ବାଚନ ଇସ୍ତାହାର ଉପରେ ହିଁ ଭୋଟ୍ ଦେବେ। ରାଜ୍ୟର ଅଭିବୃଦ୍ଧି ଓ ମାନବିକ ସମ୍ବଳର ବିକାଶରେ ଆଶାର ସଞ୍ଚାର କରୁଥିବା ଦଳକୁ ହିଁ ଭୋଟ୍ ଦେବେ। ବଳଦିଆ ହିସାବରେ ରାଜନୀତି ଜୀବନରେ ସ୍ୱଚ୍ଛତା ଆସିଯିବ।



ଖାଲି ପାଦରେ ଚାଲି ଚାଲି ବାଙ୍ଗାଲୋରରୁ ମାର୍ଚ୍ଚ ୨୬ରେ ବାହାରି ଏପ୍ରିଲ ୩ରେ ପଟ୍ଟାଙ୍ଗୀରେ ପହଞ୍ଚିଥିବା କଳାହାଣ୍ଡି ଜୟପାଟଣାର ଟିଙ୍ଗଲକଣ ଗାଁର ତିନିଜଣ- କଟାର ମାଝି, ବୁଦ୍ଧୁ ମାଝି ଓ ଭିକାରୀ ମାଝି – ଭଳି ମାଇଗ୍ରାଣ୍ଟ ଲେବରର୍ (ଦାଦନ ଶ୍ରମିକ)ଙ୍କ କାହାଣୀ ପାଠକମାନେ ଶୁଣିଥିବେ- କମ୍ପାନୀକୁ ମଜୁରି ମାଗିଲାରୁ କମ୍ପାନୀ ଲୋକେ ଏତେ ପିଟିଲେ ଯେ ସହି ନ ପାରି ସେମାନେ ପଳାଇ ଆସିଛନ୍ତି ଖାଲିପାଦରେ ଦେଢ଼ହଜାର କିଲୋମିଟର। ଏଭଳି ପରିସ୍ଥିତି କାଳକ୍ରମେ ଉଭେଇଯିବ। ସରକାର ବଜେଟର ବାକି ଟଙ୍କାତକ ପାଣି ଅଭାବ ସମସ୍ୟା ଓ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମାଧାନ କରିବାରେ ଲଗାଇହେବ। ସମୁଦ୍ରକୁ ବୋହିଯାଉଥିବା ୬୦% ମହାନଦୀର ପାଣିକୁ ଓଡ଼ିଶାରେ ନଦୀପାର୍ଶ୍ୱ ଖାଲୁଆ ପାହାଡ଼ଘେରା ଅଞ୍ଚଳରେ କୃତ୍ରିମ ହ୍ରଦ ବା ଜଳଭଣ୍ଡାର ତିଆରି କରିହେବ, ଦରକାର ପଡ଼ିଲେ କୃତ୍ରିମ ହ୍ରଦର ଜଳହ୍ରାସ ପରିମାଣ କମାଇବା ଲାଗି ହ୍ରଦ ବା ପୁଷ୍କରିଣୀ ଭୂଇଁକୁ ଓ କାନ୍ଥକୁ ରାସାୟନିକ ଟ୍ରିଟ୍‌ମେଣ୍ଟ କରାଯାଇପାରିବ, ଯେପରି ଜଳ ଭୂତଳଗାମୀ ହେବନାହିଁ। ଜଳଭଣ୍ଡାର ଉପରେ ସୋଲାର ପ୍ୟାନେଲ୍ ଲଗାଇ ସବୁଜ ବିଜୁଳି ଉତ୍ପାଦନ କରିହେବ, ଯାହାର ପରିଚାଳନା ଓ ଲାଭ ନିକଟ ପଞ୍ଚାୟତ ବା ପଞ୍ଚାୟତ ସମିତିର ଦାୟିତ୍ୱ ହୋଇପାରିବ। ଏପରି ଜଳାଶୟ ନିର୍ମାଣରେ ଚାଷୀକୁଳକୁ ଜମି ହରାଇବାକୁ ପଡ଼ିବନାହିଁ। ତେଣୁ ନିର୍ମାଣରେ ବାଧା ଆସିବନାହିଁ। ଏବର ଆଡ଼ିବନ୍ଧ ନୁହେଁ, ଆନିକଟ୍ କରିବାକୁ ପଡ଼ିବ ସବୁ ନଦୀରେ, ପାଣି ମହଜୁଦ ରଖିବାର ପରିମାଣ ଅନୁସାରେ ଆନିକଟ-ଉଚ୍ଚତା ରଖାଗଲେ ସମସ୍ତଙ୍କୁ ଲାଭହେବ। ପାଖ ଭୂଇଁରେ ଗଛଲତା ବିଶେଷତଃ ଫଳବୃକ୍ଷ ଲଗାଗଲେ ଖାଦ୍ୟର ବିବିଧତା ସଙ୍ଗେସଙ୍ଗେ ସ୍ୱାସ୍ଥ୍ୟ ବୃଦ୍ଧି ଘଟିବାର ସୁଯୋଗ ମିଳିବ। ୟୁଟୋପିଆ ଭଳି ଲାଗିପାରେ କାରଣ ଆମର ବର୍ତ୍ତମାନର ହଠାତ୍ ଲାଭବାନ୍ ହେବାର ଇଚ୍ଛା ରାଜନେତାମାନଙ୍କ ଆଚରଣରୁ ହଟାଇବାକୁ କିଛି ସମୟ ଲାଗିପାରେ। କିନ୍ତୁ ପାଠପଢ଼ା ସୁଯୋଗ ପାଇ ଭବିଷ୍ୟତ ପିଲାମାନେ ଆପେଆପେ 'ଫାଇଭ୍ ଟି' ମନ୍ତ୍ରରେ ନିଜ ଚରିତ୍ରକୁ ପଖାଳିନେବେ। ସରକାର କହୁଛନ୍ତି, ପ୍ରତିବର୍ଷ ରାଜସ୍ୱ ବୃଦ୍ଧି ୬ରୁ ୭% ହେଉଛି। ତେଣୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ୭% ଲେଖାଏ ଆସନ୍ତା ଦୁଇବର୍ଷ ଯାଏ ବଢ଼ାଯାଇପାରିବ।

କମ୍ ଦରମା ପାଉଥିବା ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଆଉ ଆଶାକର୍ମୀ ବା ଅଙ୍ଗନୱାଡିରେ ନିଯୁକ୍ତ ଭଉଣୀମାନେ ଏପରି କି ସେଲ୍ଫ ହେଲ୍ପ ଗ୍ରୁପ୍(ଏସ୍‌ଏଚ୍‌ଜି)ର ଭଉଣୀମାନେ ନିଜ ଦରମା ସହ ଗ୍ୟାରେଣ୍ଟିଡ୍ ଆୟ ପାଇଲେ ଓଡ଼ିଶାରେ ମାନବ ସମ୍ବଳର ଅଭିବୃଦ୍ଧିକୁ ବିଶ୍ୱରେ ଅତୁଳନୀୟ କରିଦେବ ଓ ହାପିନେସ୍ ଇଣ୍ଡେକ୍ସରେ ଓଡ଼ିଶା ରାଜ୍ୟକୁ ଫିନ୍‌ଲାଣ୍ଡ (ଜନସଂଖ୍ୟା ୫୬ ଲକ୍ଷ)ସହ ତୁଳନୀୟ କରିଦେବ।

sahadevas@yahoo.com

# ମାନସିକ ଅସୁସ୍ଥ ମଣିଷଟି



ଡ.ବାସୁଦେବ ମିଶ୍ର

ଗାଡ଼ିମୋଟରରେ ଅଥବା ଚାଲିଚାଲି ଯିବାବେଳେ ଆମେ କେବେ କେମିତି କିଛି ଲୋକଙ୍କୁ ରାସ୍ତା କଡ଼ରେ, ଧୁମ୍ ଖରାରେ, ବର୍ଷାରେ ଅଥବା ଶୀତକାକରରେ ବସିଥିବାର, ଶୋଇଥିବାର ଦେଖୁ। ପ୍ରଚଣ୍ଡ ଖରାରେ ତାଙ୍କ ମୁଣ୍ଡ ଉପରେ ଗାମୁଛାଖଣ୍ଡେ ନ ଥାଏ କି ଜାଡ଼ ଶୀତରେ ତାଙ୍କ ଦେହରେ ଖଣ୍ଡେ ଗଞ୍ଜି କି ଶାର୍ଟ। ସେପରି ଲୋକଙ୍କୁ ଆମେ ପାଗଳ ବୋଲି କହି ମୁହଁ ବୁଲେଇ ଚାଲିଯାଉ। ସେମାନେ କ'ଣ ଖାଆନ୍ତି, କେଉଁଠି ରହନ୍ତି, ଏ ବିଷୟରେ ଆମେ ଚିନ୍ତାକରୁନା। ଚିନ୍ତା କରିବା ଆବଶ୍ୟକ ବି ମନେକରୁନା। କିନ୍ତୁ ଶରୀର ଅଛି ମାନେ କ୍ଷୁଧା ତ ଅଛି, ଖାଦ୍ୟ ତ ତା' ପାଇଁ ନିଶ୍ଚୟ ଦରକାର। ବସ୍ତ୍ର ତ ଆବଶ୍ୟକ। ଲଜ୍ଜା ନିବାରଣ ପାଇଁ ବି, ଶୀତକାକର, ବର୍ଷା, ଖରାରୁ ରକ୍ଷା ପାଇବା ଲାଗି ବି। ଲଜ୍ଜାର ଅନୁଭବ ତା'ର ସିନା ନାହିଁ ଅନ୍ୟମାନଙ୍କର ତ ଅଛି। ଖରା, ଶୀତକାକରରେ ଶରୀରରେ କଷ୍ଟର ଅନୁଭବ ତା'ର ମସ୍ତିଷ୍କ ହୁଏତ ଗ୍ରହଣ କରିପାରେନାହିଁ। କିନ୍ତୁ ଶରୀର ତ କଷ୍ଟ ନିଶ୍ଚୟ ପାଉଛି। ଆମ ଘରେ କେହି ମାନସିକସ୍ତରରେ ଏମିତି ବିକୃତ ହେଲେ ଆମେ ତାଙ୍କର ଯତ୍ନ ନେଉ। ତାଙ୍କର ଖାଇବା ପିଇବାଠାରୁ ଆରମ୍ଭକରି ଔଷଧ, ଡାକ୍ତର ଏମିତି ଅନେକ ଦୃଷ୍ଟିରୁ ଆମେ ତାଙ୍କ କଥା ବୁଝୁ। ଯେଉଁମାନଙ୍କର କେହି ନାହାନ୍ତି ଯତ୍ନ ନେବା ପାଇଁ, ହୁଏତ ସେମାନଙ୍କ କ୍ଷେତ୍ରରେ ଏପରି ହେବା ସ୍ୱାଭାବିକ। କିନ୍ତୁ ଏମିତି ଅନେକ ପରିବାର ଅଛନ୍ତି, ଏପରି ସ୍ଥିତିରେ ପରିବାରର ଅନ୍ୟମାନେ ସେହି ଲୋକଟିର ଯତ୍ନ ନେବା ପରିବର୍ତ୍ତେ ତାକୁ ଘରୁ ବାହାରକୁ ବାହାର କରିଦିଅନ୍ତି ରାସ୍ତାରେ ପଡ଼ି ମରିବା ପାଇଁ ଏବଂ ନିଜେ ଶାନ୍ତିରେ ରହିଥା'ନ୍ତି ଘର ଭିତରେ। କିଛିଦିନ ତଳେ ଜଣେ ଏମିତି ଲୋକଙ୍କୁ ତାଙ୍କ ପୁଅ ଘରଠାରୁ ବହୁଦୂରକୁ ନେଇଯାଇ କୌଣସି ବସ୍‌ଷ୍ଟାଣ୍ଡରେ ଛାଡ଼ି ଚାଲିଆସିବାର ଖବର ପ୍ରସାରିତ ହୋଇଥିଲା। ସତରେ କ'ଣ ଏମାନଙ୍କର କୌଣସି ଯତ୍ନର ଆବଶ୍ୟକ ହୁଏନା? ପରିବାର ଲୋକେ ସ୍ୱାର୍ଥପରତା ହେତୁ ଅଥବା ଅନ୍ୟ କୌଣସି କାରଣରୁ ସେକଥା ବୁଝିଲେନି। ତେବେ ଯେଉଁ ସମାଜରେ ସେହି ଲୋକ ହୁଏତ ପାଞ୍ଚଜଣରେ ଜଣେ ହୋଇ ଏତିକି ଦିନ ବଞ୍ଚିଥିଲା, କିଛି ସାମାଜିକ କର୍ତ୍ତବ୍ୟ ସମ୍ପାଦନ କରିଥିଲା, ହୁଏତ ସରକାରୀ ଅବା ବେସରକାରୀ ଚାକିରି କରିଥିଲା, ବ୍ୟବସାୟ କରିଥିଲା, ସରକାରଙ୍କୁ କେତେବାଟରେ କେତେ ନା କେତେ କର ଦେଇଥିଲା, କେତେ ଲୋକଙ୍କର କେତେ ଉପକାର କରିଥିଲା। ସେଇ ଲୋକଟା ଆଜି ମାନସିକସ୍ତରରେ କିଛିଟା ଅସୁସ୍ଥ ବୋଲି ତା'ର ଯତ୍ନ ନ ନେଇ ଏମିତି ଛାଡ଼ିଦେବା କ'ଣ ଉଚିତ୍ ଅଖିଆ ଅପିଆ କଷ୍ଟ ଭୋଗକରି ରାସ୍ତାରେ ପଡ଼ି ମରିଯିବା ପାଇଁ?

ଏଥିପାଇଁ କୌଣସି ସ୍ୱେଚ୍ଛାସେବୀ ସଂସ୍ଥା ଅଥବା ସରକାରଙ୍କର କୌଣସି ବିଭାଗ ସେମାନଙ୍କର ଚିକିତ୍ସା ଦିଗରେ ଯତ୍ନ କରିବା ଉଚିତ ନୁହେଁ? କୌଣସି ସ୍ୱେଚ୍ଛାସେବୀ ସଂସ୍ଥାକୁ ସରକାରଙ୍କ ତରଫରୁ ଏଥିନିମନ୍ତେ ପ୍ରୋତ୍ସାହିତ କରାଯାଇ ପାରନ୍ତାନାହିଁ? ପ୍ରତି ଗ୍ରାମ ପଞ୍ଚାୟତ, ବ୍ଲକସ୍ତରରେ ଏମିତି ଏଣେତେଣେ ବୁଲୁଥିବା ମାନସିକସ୍ତରରେ ଅସୁସ୍ଥ ଲୋକମାନଙ୍କୁ ସେମାନଙ୍କର ଆବଶ୍ୟକ ଚିକିତ୍ସା ନିମନ୍ତେ ମାନସିକ ଅସୁସ୍ଥତା ସମ୍ବନ୍ଧିତ ଚିକିତ୍ସା କେନ୍ଦ୍ରରେ ରଖାଇ ଚିକିତ୍ସା କରିବା ଆବଶ୍ୟକ ମନେ ହୁଏନାହିଁ ?

ଆମ ପରିବାରର କେହି ମାନସିକସ୍ତରରେ ଏପରି ବିକୃତ ହେବା ଜଣାଗଲେ ଆମେ ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇ, ତାଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ଚେଷ୍ଟାକରୁ। ଏସବୁ ସତ୍ତ୍ୱେ ବି କିଛି ଅସଫଳତାର ପ୍ରଶ୍ନ ରହିଛି। ସେପରି କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶକ୍ରମେ ଆମେ ତାଙ୍କୁ ମାନସିକ ବିକୃତମାନଙ୍କ ପାଇଁ ଉଦ୍ଦିଷ୍ଟ ଡାକ୍ତରଖାନାରେ ଭର୍ତ୍ତି କରାଇ ଦୀର୍ଘଦିନ ଚିକିତ୍ସା କରିବାର ସବୁ ବନ୍ଦୋବସ୍ତ କରିଦେଉ ଏବଂ ଶୀଘ୍ର ସୁସ୍ଥହୋଇ ଘରକୁ ଫେରିଆସିବା ବାଟକୁ ଚାତକପରି ଅନାଇବସୁ। ଆଖିରୁ ଲୁହ ଗଡ଼ାଇ ଠାକୁରଙ୍କ ପାଖରେ ଗୁହାରି କରୁ। ସୁସ୍ଥ ହେବାର ଖବର ମିଳିଲେ ଆମେ ଯାଇ ଆଦର ଯତ୍ନର ସହିତ ତାଙ୍କୁ ପୁଣି ଘରକୁ ଫେରାଇଆଣୁ। ଏଇଠି ଥାଏ ହୃଦୟବତ୍ତା, ପ୍ରେମ ଆଉ ମଣିଷ ମଣିଷ ଭିତରେ ଥିବା ସମ୍ପର୍କ। ଆମ ଘର ପୁଣି ପୂର୍ବପରି ହସିଉଠେ ସମସ୍ତଙ୍କୁ ସାଥିରେ ନେଇ।



ବେଳେବେଳେ ମନେହୁଏ କେବଳ ରାସ୍ତାରେ ଏମିତି ଅବସ୍ଥାରେ ବୁଲୁଥିବା ଲୋକ ନୁହନ୍ତି, ଆମ ସମାଜରେ ମାନସିକସ୍ତରରେ ବିକୃତମାନଙ୍କ ସଂଖ୍ୟା କାହିଁ କେତେ, ଯାହାର ହିସାବ ହୁଏତ କାହାପାଖରେ ନାହିଁ। ସୁସ୍ଥ ଭଳି ଦେଖାଯାଉଥିବା, ନିଜକୁ ସୁସ୍ଥ ବୋଲି ଦାବି କରୁଥିବା ଅନେକ ଲୋକଙ୍କ ଭିତରେ କେତେପ୍ରକାରର ମାନସିକ ଅସୁସ୍ଥତା ରହିଛି। ମଣିଷ ମଣିଷ ଭିତରେ ସମ୍ପର୍କକୁ ନଷ୍ଟକରି, ମାନବୀୟ ଧର୍ମ, ଦୟା, କ୍ଷମା, ପରୋପକାର, ସହିଷ୍ଣୁତା ଏସବୁକୁ ଭୁଲି ଯେଉଁମାନେ ନିଜ ପରିବାର ଲୋକଙ୍କର ଯତ୍ନ ନ ନେଇ ଘରୁ ବାହାର କରିଦିଅନ୍ତି, ସେମାନେ ନିଜେ ମାନସିକସ୍ତରରେ ଅସୁସ୍ଥ ନୁହନ୍ତି? ଯେଉଁମାନେ ଧନ ମୋହରେ ପଡ଼ି ଅନ୍ୟାୟରେ ଅନ୍ୟର ଧନକୁ ଆତ୍ମସାତ୍ କରନ୍ତି, ସ୍ୱାର୍ଥରେ ଅନ୍ଧହୋଇ ଅନ୍ୟର ଧନ ଜୀବନକୁ ନେଇ ଖେଳ ଖେଳନ୍ତି, ମଣିଷକୁ ନେଇ, ମଣିଷର ଅଙ୍ଗକୁ ନେଇ ବ୍ୟବସାୟ କରନ୍ତି, ସେମାନେ ମାନସିକସ୍ତରରେ ବିକୃତ ନୁହନ୍ତି? ମିଥ୍ୟା ପ୍ରବଞ୍ଚନା ଦ୍ୱାରା ଅନ୍ୟକୁ ହଇରାଣ କରି, କଷ୍ଟ ଦେଇ ନିଜେ ଖୁସି ହେବା ମାନସିକ ବିକୃତି ନୁହେଁ। ତୀବ୍ର ରାଜନୀତିକ, ଗୋଷ୍ଠୀଗତ ମନୋଭାବକୁ ମନରେ ରଖି ସମାଜରେ ଅସ୍ଥିରତା ସୃଷ୍ଟି କରୁଥିବା, ଶିଶୁକନ୍ୟାମାନଙ୍କୁ ଯୌନନିର୍ଯାତନା ଦେଉଥିବା ବ୍ୟକ୍ତିମାନେ ମାନସିକସ୍ତରରେ ବିକୃତ ନୁହନ୍ତି? ସମାଜର ଏପରି ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ନିତାନ୍ତ ଆବଶ୍ୟକ ମନେହୁଏ।

ବେଳେବେଳେ ବିଭିନ୍ନ କାରଣରୁ ଆମେ ମାନସିକସ୍ତରରେ ଅସୁସ୍ଥ ଅଥବା କ୍ଳାନ୍ତ ହୋଇପଡୁ। ଅବଶ୍ୟ ତାହା ସାମୟିକ। ଚେତନାରେ ଥାଇ ମଧ୍ୟ ଆମ ଚାରିପଟେ କ'ଣ ଘଟୁଛି ତାହା ଜାଣିପାରୁନା। ମା' ଆସି ତିନିଥର ଖାଇବା ପାଇଁ ଡାକିଲେ ମଧ୍ୟ ପଠନରେ ଅଭିନିବିଷ୍ଟ ସନ୍ତାନମାନେ ଜାଣିପାରନ୍ତିନାହିଁ। ଆମେ କିଛି ଲେଖିସାରିବା ପରେ କଲମର କ୍ୟାପ୍‌କୁ ଖୋଜୁ ଘରର ଚାରିଆଡ଼େ। କ୍ୟାପ୍‌ଟି କିନ୍ତୁ ଆମ ବାଁ ହାତର ମୁଠାଭିତରେ ହିଁ ଥାଏ। ଖବରକାଗଜ ପଢ଼ିବା ପାଇଁ ଜେଜେବାପା ଚଷମାଟାକୁ ଖୋଜି ପାଉନାହାନ୍ତି ବୋଲି ସକାଳୁ ସମସ୍ତଙ୍କ ଉପରେ ଖପା ହେଲେଣି ମନେମନେ। ଜେଜେମା' ଆଉ ନାତିନାତୁଣୀଙ୍କୁ ଡାକିଲେଣି କେତେଥର ଚଷମା ଖୋଜିଦେବା ପାଇଁ। ଶେଷକୁ ଜେଜେମା' ଆସି ଦେଖନ୍ତି ତ ଚଷମା ଜେଜେବାପାଙ୍କ ନାକ ଉପରେ ଚଢ଼ି ବସିଛି।

ଯେଉଁମାନେ ବାସ୍ତବରେ ମାନସିକସ୍ତରରେ ଅସୁସ୍ଥ, ସେମାନଙ୍କ ଚିକିତ୍ସା ପାଇଁ ଆମ ଦେଶରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ନିହାତି ଆବଶ୍ୟକ ମନେହୁଏ। ସେମାନଙ୍କୁ ଚିହ୍ନଟକରି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଡାକ୍ତରଖାନାରେ ଭର୍ତ୍ତି ୦କରାଇବା ଏବଂ ସେମାନଙ୍କର ଉପଯୁକ୍ତ ଚିକିତ୍ସା ଲାଗି ସରକାରୀସ୍ତରରେ କିଛି ଆର୍ଥିକ ସାହାଯ୍ୟ ସହିତ ଯୁବଶ୍ରେଣୀକୁ ଏ ଦିଗରେ ପ୍ରୋତ୍ସାହିତ କରାଯାଇପାରିଲେ ଅନେକ ମାନସିକ ଅସୁସ୍ଥ ବ୍ୟକ୍ତି ସୁସ୍ଥ ହୋଇ ସମାଜର ମୁଖ୍ୟଧାରାକୁ ଫେରି ଆସିପାରନ୍ତେ।

**ଦଶରଥପୁର, ଯାଜପୁର**
**ମୋ-୯୪୩୮୩୨୮୭୫୫**

## ଏଇ ଭାରତରେ

ଏମିତି କୃଷକ ହୁଏତ ଭାରତରେ କାହିଁକି ସାରା ବିଶ୍ୱରେ ବି କମ୍ ଥିବେ, ଯିଏ ନିଜେ ଚାଷ କରି ବିଭିନ୍ନ କିସମର ଦେଶୀ ବିହନ ସଂଗ୍ରହ କରିବା ସହ ଅନ୍ୟ ଚାଷୀମାନଙ୍କୁ ମାଗଣାରେ ତାହାକୁ ବାଣ୍ଟୁଛନ୍ତି। ମଧ୍ୟପ୍ରଦେଶର ନର୍ମଦାପୁରମ୍ ଗଲେ ଦେଖିବେ ସେହି କୃଷକ ମାନସିଂ ଗୁର୍ଜରଙ୍କୁ। ମାନସିଂ ୬୦୦ରୁ ଊର୍ଦ୍ଧ୍ୱ ଦେଶୀ ବିହନ ସଂଗ୍ରହ କରି ରଖିଛନ୍ତି। ଏହାର ଚାଷ କରି ପ୍ରତିବର୍ଷ ଅନେକ ହଜାର ଚାଷୀଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବିହନ ମାଗଣାରେ ଦେଉଛନ୍ତି। ବଡ଼ କଥା ହେଉଛି, ମାନସିଂ ଜୈବିକ ପଦ୍ଧତିରେ ୧୨ ବର୍ଷ ବୟସରୁ ଚାଷ କରୁଛନ୍ତି। ତାଙ୍କ ଚାଷ ପଦ୍ଧତି ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ବି ଦେଉଛନ୍ତି। ସେ ନିଜ କ୍ଷେତରେ ୭ ଫୁଟର ଲାଉ ଓ ୩୦ କେଜି ଓଜନର ତରଭୂଜ ଫଳାଇବାରେ ସକ୍ଷମ ହୋଇଛନ୍ତି। ଦେଶୀ ବିହନ ସଂରକ୍ଷଣ କାର୍ଯ୍ୟ କରିବା ପାଇଁ ତାଙ୍କ ପରିବାରର ପୂର୍ବଜମାନଙ୍କଠାରୁ ସେ ପ୍ରେରଣା ପାଇଥିଲେ। ଏବେ ତାଙ୍କ ପାଖରେ ୨୩୦ ପ୍ରଜାତିର ଧାନ, ୧୦୦ ପ୍ରକାର ଗହମ, ୧୫୦ରୁ ଅଧିକ କିସମର ପରିବା ମଞ୍ଜି ଅଛି। ଲାଉର ୧୬ କିସମ ଓ ଲଙ୍କାର ୨୭ ପ୍ରକାର ମଞ୍ଜି ମଧ୍ୟ ତାଙ୍କ ନିକଟରେ ଉପଲବ୍ଧ ହେଉଛି। ଏହା ବ୍ୟତୀତ ୩୦ ପ୍ରଜାତିର ଡାଲି ବି ତାଙ୍କ ସଂଗ୍ରହାଳୟରେ ଅଛି। ମାନସିଂ ଏତେ କିସମର ବିହନ ବଞ୍ଚାଇ ରଖିବା ଲାଗି ୧୭ ଏକର ଜମିରେ ଚାଷ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଏପ୍ରିଲ ୧୯୯୮**

- ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ-କେଟାଲ ପ୍ରଦେଶର ନ୍ୟୁକ୍ୟାସଲ ସହର ନିକଟରେ ସଡ଼କ ଦୁର୍ଘଟଣା ଘଟି ୧୭ ସ୍କୁଲ ଛାତ୍ରଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ।
- ମୁମ୍ବାଇ ଦଙ୍ଗା ଘଟଣାରେ ଟାଡା କୋର୍ଟ ଦ୍ୱାରା ଆଜୀବନ କାରାଦଣ୍ଡରେ ଦଣ୍ଡିତ ୧୧ ଆସାମୀ ସୁପ୍ରିମ୍‌କୋର୍ଟ ଦ୍ୱାରା ଖଲାସ।

## ଚିରନ୍ତନୀ

ଶ୍ରେଷ୍ଠ ମାନବ ଅନ୍ତର କେତେ ଏଥି ଆସିଅଛି ଧାଇଁ,
ଭକତି ପ୍ରେମର କେତେ ରସ-ଉସ ଦେଇଛି ବୁହାଇ,
ତରଳାଇ ନିର୍ଜୀବ ଏ ପାଷାଣର ଅଙ୍ଗ
ଜୀବନ-ରସର କେତେ ଉଠିଛି ତରଙ୍ଗ,
କେତେ ଶତ ଜୀବନ୍ତ ଦେବତା
ବିଶ୍ୱ ପାଇଁ ପ୍ରକାଶିଛି ବ୍ୟଥା
ଏ ଶିଳା ବିଚିତ୍ର
ହୋଇଛି ପବିତ୍ର
ଲାଗି ଯେଣୁ
ପଦ-ରେଣୁ। -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 3 | | | 5 | 8 |
| 2 | 3 | | 6 | | | | | |
| | | | | 9 | | | | |
| | | 3 | | 6 | | 4 | | |
| 4 | | | | 2 | | | | 3 |
| 1 | 8 | | | | | | | |
| | | | 1 | 4 | | | 3 | |
| 8 | | 1 | | 5 | 2 | | | |
| | | 2 | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 1 | 7 | 8 | 6 | 3 | 2 | 5 |
| 6 | 7 | 3 | 4 | 5 | 2 | 8 | 9 | 1 |
| 5 | 2 | 8 | 1 | 3 | 9 | 4 | 7 | 6 |
| 2 | 8 | 4 | 5 | 1 | 7 | 6 | 3 | 9 |
| 9 | 6 | 5 | 3 | 2 | 4 | 1 | 8 | 7 |
| 3 | 1 | 7 | 9 | 6 | 8 | 5 | 4 | 2 |
| 8 | 5 | 6 | 2 | 9 | 3 | 7 | 1 | 4 |
| 1 | 4 | 2 | 8 | 7 | 5 | 9 | 6 | 3 |
| 7 | 3 | 9 | 6 | 4 | 1 | 2 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାଇଖାନା ଟାଙ୍କି ଟଙ୍କା ଶୀଘ୍ର ମିଳୁ

ମହାଶୟ,

ରାଜ୍ୟ ସରକାର ପାଇଖାନା ପାଇଥିବା ଯୋଗ୍ୟ ହିତାଧିକାରୀଙ୍କ ଦ୍ୱିତୀୟ ଟାଙ୍କି ପାଇଁ ଅର୍ଥ ରାଶି ଦେବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଗ୍ରାମପଞ୍ଚାୟତ ପକ୍ଷରୁ କୌଣସି ସୂଚନା ମିଳିନାହିଁ। କେବଳ ଗଣମାଧ୍ୟମରେ ପ୍ରଚାରିତ ହେଉଛି। ଏଥିପ୍ରତି ପଞ୍ଚାୟତ ସମିତି ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦିଅନ୍ତୁ। ବାସ୍ତବ କଥା ହେଉଛି, ଅଧିକ ସୂଚନା ଗ୍ରାମପଞ୍ଚାୟତରେ ରହିବା ଉଚିତ। ହେଲେ ଗ୍ରାମପଞ୍ଚାୟତରେ କୌଣସି ତଥ୍ୟ ଦିଆଯାଇନାହିଁ। ଯୋଗ୍ୟ ବ୍ୟକ୍ତିଙ୍କୁ ଅର୍ଥ ସୁଚାରୁରୂପେ ବଣ୍ଟନ କରାଗଲେ ସମସ୍ୟା ସୁଧୁରିପାରିବ। ସବୁ ହିତାଧିକାରୀଙ୍କୁ ଅବିଳମ୍ବେ ସେମାନଙ୍କ ପ୍ରାପ୍ୟ ଦିଆଯାଉ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଦାନୀ ଦୁର୍ନୀତିର ପ୍ରତୀକ: ରାହୁଲ

## ଓବିସିଙ୍କୁ ଅପମାନିତ କରିଛି ଭାଜପା

କୋଲାର,୧୬।୪



କର୍ନାଟକର କୋଲାରରେ ରବିବାର ଅନୁଷ୍ଠିତ କଂଗ୍ରେସ ନିର୍ବାଚନୀ ସଭାରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ସିଦ୍ଧରମୈୟା, ଡି.କେ. ଶିବକୁମାର, କେ.ଏଚ୍. ମୁନିୟାପ୍ପା ଓ ଅନ୍ୟମାନେ ଏକାଠି ହୋଇଛନ୍ତି।

କର୍ନାଟକର କୋଲାରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ଅବସରରେ ଆଦାନୀ 'ଦୁର୍ନୀତି' ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜୋର୍‌ଦାର ସମାଲୋଚନା କରିଛନ୍ତି। ସେ କେନ୍ଦ୍ରର ଭାଜପା ସରକାରଙ୍କୁ ଭୟ କରନ୍ତି ନାହିଁ ବୋଲି ଦୋହରାଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ କୋଲାରରେ ମୋଦି ସାଙ୍ଗିଆ ମନ୍ତବ୍ୟ ଦେଇ ରାହୁଲ ଦୋଷୀସାବ୍ୟସ୍ତ ହେବା ପରେ ଗତ ମାସରେ ତାଙ୍କର ସଦସ୍ୟତା ରଦ୍ଦ ହୋଇଥିଲା। ମାର୍ଚ୍ଚ ୨୯ରେ କର୍ନାଟକ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ରବିବାର ରାହୁଲ ପ୍ରଥମ ଥର ପାଇଁ ଉକ୍ତ ରାଜ୍ୟକୁ ପ୍ରଚାରରେ ଆସିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀଙ୍କର ବ୍ୟବସାୟୀ ଗୌତମ ଆଦାନୀଙ୍କ ସହ ସମ୍ପର୍କ ପ୍ରସଙ୍ଗ ଉଠାଇ ତାଙ୍କୁ ଟାର୍ଗେଟ କରିଥିଲେ। ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ କରି କେନ୍ଦ୍ର ସରକାର ତାଙ୍କୁ ଭୟଭୀତ କରିଥିବା ଭାବୁଛନ୍ତି। ସେ ଭୟଭୀତ ହେବା ବ୍ୟକ୍ତି ନୁହନ୍ତି ବୋଲି ଜନସାଧାରଣଙ୍କୁ ରାହୁଲ କହିଥିଲେ। ପ୍ରତିରକ୍ଷା ଭିତ୍ତିଭୂମି ଚଳାଉଥିବା ଆଦାନୀ ଗ୍ରୁପ୍ ବିରୋଧରେ ତଦନ୍ତ କରାଯାଉ ନାହିଁ। ଆଦାନୀ ତାଙ୍କ ସେଲ୍ କମ୍ପାନୀରେ ଜଣେ ଚାଇନା ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଥିବା ରାହୁଲ ଅଭିଯୋଗ କରିଛନ୍ତି। ଦୁର୍ନୀତିର ପ୍ରତୀକ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କର କ'ଣ ସମ୍ପର୍କ ସେ ଜାଣିବାକୁ ଚାହାନ୍ତି ବୋଲି ରାହୁଲ କହିଥିଲେ। ଆଦାନୀଙ୍କୁ ବିମାନବନ୍ଦର ଦେବା ଲାଗି ସରକାର ନିୟମ ବଦଳାଇ ଦେଉଥିବା ସେ ଅଭିଯୋଗ କରିଛନ୍ତି। ଭାଜପା ସରକାର ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ ଅପମାନିତ କରିଥିବା ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ଉପା ସରକାର ସମୟରେ ଜାତି ଜନଗଣନା ହୋଇଥିଲା। ଭାଜପା କ୍ଷମତାକୁ ଆସିବା ପରେ ଉକ୍ତ ତଥ୍ୟକୁ ଲୁଚାଇଦେଇଛି। କେନ୍ଦ୍ରର ଭାଜପା ସରକାରରେ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କୁ ମାତ୍ର ୭ ପ୍ରତିଶତ ପ୍ରତିନିଧିତ୍ୱ ମିଳିଛି। ଜାତି ଜନଗଣନା ତଥ୍ୟ ପ୍ରଘଟ ହେଲେ କିଏ ଓବିସିଙ୍କୁ ଅପମାନିତ କରୁଛି, ସ୍ପଷ୍ଟ ହୋଇଯିବ ବୋଲି ରାହୁଲ କହିଥିଲେ।

# ସମ୍ବଲପୁର ଘଟଣାରେ ଓଡ଼ିଶା ସରକାର ତୃଷ୍ଟୀକରଣ କରୁଛି: ଗିରିରାଜ

ଭୁବନେଶ୍ୱର, ୧୬।୪(ବ୍ୟୁରୋ): ସମ୍ବଲପୁରରେ ହନୁମାନ ଜୟନ୍ତୀ ପାଳନ ବେଳେ ଦେଖାଦେଇଥିବା ହିଂସା ଘଟଣାକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂ ଏହି ଘଟଣାରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ସମ୍ବଲପୁର ଘଟଣାରେ ଏଠାକାର ସରକାର ତୃଷ୍ଟୀକରଣ କରୁଛି। ଦଙ୍ଗାକାରୀଙ୍କୁ ବଞ୍ଚାଇବାକୁ ଚେଷ୍ଟା ଚଳାଇଛି ବୋଲି ଗିରିରାଜ କହିଛନ୍ତି। ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି, ଏଭଳି ଏକ ସମ୍ବେଦନଶୀଳ ଘଟଣାରେ କେନ୍ଦ୍ରମନ୍ତ୍ରୀଙ୍କ ବିବୃତି ଦୁର୍ଭାଗ୍ୟଜନକ। ଯିଏ ଦୋଷ କରିବେ ତାଙ୍କୁ ଉଚିତ୍ ଦଣ୍ଡ ମିଳିବ ବୋଲି ସେ କହିଛନ୍ତି।

# ପିଏମ୍‌ଏୱାଇକୁ ନେଇ ବଢ଼ିଲା ଭାଜପା-ବିଜେଡି କଳି

ଭୁବନେଶ୍ୱର,୧୬।୪(ବ୍ୟୁରୋ)

- **ବର୍ଷାଦିନ ପୂର୍ବରୁ ହିତାଧିକାରୀ ଘର ନ ପାଇଲେ ନିଆଁ ଜଳିବ: ଭାଜପା**
- **ପିଏମ୍‌ଏୱାଇ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁର୍ନୀତି ହୋଇଛି: ଗିରିରାଜ**
- **ଗୁଣିଆ ହେଇ ଲାଗିବା, ଡାହାଣୀ ହୋଇ ଛଡ଼ାଇବା କାମ କରୁଛନ୍ତି: ଅମର**
- **୭ ଲକ୍ଷ ଘର ବନ୍ଦ କରିବାରେ ଭାଜପା ମୁଖ୍ୟ ଷଡ଼ଯନ୍ତ୍ରକାରୀ: ବିଜେଡି**




ରାଜ୍ୟ ଦଳୀୟ କାର୍ଯ୍ୟାଳୟଠାରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ବଣ୍ଟନ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଭାଜପା କଡ଼ା ଚେତାବନୀ ଦେଇଛି। ବର୍ଷା ଦିନ ପୂର୍ବରୁ ଯଦି ଯୋଗ୍ୟ ହିତାଧିକାରୀ ଘର ନ ପାଇବେ, ତେବେ ନିଆଁ ଜଳିବ ବୋଲି ଦଳ ଚେତାବନୀ ଦେଇଛି। ଟଙ୍କା ନେଇ ବିଜେଡି ହିତାଧିକାରୀଙ୍କୁ ଚୟନ କରୁଥିବା ଭାଜପା ଅଭିଯୋଗ କରିଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ପିଏମ୍‌ଏୱାଇରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରିଛନ୍ତି, ଯାହାକୁ ନେଇ ବିଜେଡି ପାଲଟା ଜବାବ ରଖିଛି। ଗୁଣିଆ ହୋଇ ଲାଗିବା, ଡାହାଣୀ ହୋଇ ଛଡ଼ାଇବା କାମ କରୁଛନ୍ତି ବୋଲି ବିଜେଡି ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି। ୭ ଲକ୍ଷ ଘର ବନ୍ଦ କରିବାରେ ଭାଜପା ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟକୁ ଆସିଥିବା ୯ ଲକ୍ଷ ୬୦ ହଜାର ଆବାସ ବଣ୍ଟା ନ ହୋଇ ପଡ଼ିରହିଛି। ଘର ବାଣ୍ଟିବା ନେଇ ସମୟ ଗଡ଼ାଯାଉଛି। ଯଦି ସରକାରଙ୍କ ଇଚ୍ଛା ଅଛି, ତେବେ ୧୫ ଦିନ ଭିତରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ଘର ବାଣ୍ଟନ୍ତୁ। ଅନିୟମିତତା, ଭୁଲ୍ ତାଲିକା ପ୍ରସ୍ତୁତ, କାର୍ଯ୍ୟାଦେଶ ନ ଦେବା ଆଦି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ଅଭିଯୋଗ ପରେ ଶାସକ ଦଳର ନେତା ଓ ମନ୍ତ୍ରୀମାନଙ୍କୁ ବାଧୁଛି। ଶାସକ ଦଳର ନେତାମାନେ ୨୦ ହଜାର ଟଙ୍କା ନେଇ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରୁଛନ୍ତି। ଯଦି ବର୍ଷାଦିନ ପୂର୍ବରୁ ହିତାଧିକାରୀଙ୍କୁ ଘର ନ ମିଳେ, ତେବେ ରାଜରାସ୍ତାରେ ନିଆଁ ଜଳିବ ବୋଲି ପୃଥ୍ୱୀରାଜ କହିଛନ୍ତି।

ଅନ୍ୟପଟେ ଗିରିରାଜ ସିଂ କହିଛନ୍ତି, ପାଖାପାଖି ୯ ଲକ୍ଷ ଘର କାମ ସମ୍ପୂର୍ଣ୍ଣ ନ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି। ନୂଆ ଘର ଆବଣ୍ଟନ କରାଯାଉ ନାହିଁ। ଏବେ ଓଡିଶା ଲୋକମାନେ ମୋଦି ସରକାର ଘର ଦେଲେ ତାକୁ ରାଜ୍ୟ ସରକାର କାହିଁକି ହିତାଧିକାରୀଙ୍କୁ ଦେଉନାହାନ୍ତି ବୋଲି ପଚାରିବେ। ପ୍ରଧାନମନ୍ତ୍ରୀ ଆବାସ ଏବଂ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଦୁର୍ନୀତୀ ହେଉଛି ବୋଲି ସେ କହିଛନ୍ତି।

ଏହାର ଉତ୍ତରରେ ବିଜେଡି ନେତା ଅମର ଶତପଥୀ କହିଛନ୍ତି, ଡାହାଣୀ ହୋଇ ଲାଗିବା ଏବଂ ଗୁଣିଆ ହେଇ ଛଡ଼ାଇବାରେ ଏବେ କେନ୍ଦ୍ର ସରକାର କାମ କରୁଛନ୍ତି। ସେମାନେ ପରୋକ୍ଷ ଭାବେ ଚାହୁଁଛନ୍ତି, ଘର କେହି ନ ପାଆନ୍ତୁ। ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଭାଜପା କିଭଳି ଓଡ଼ିଶା ତଥା ଓଡ଼ିଆ ବିରୋଧୀ ମନୋଭାବ ପୋଷଣ କରୁଛି ତାହା ସେମାନଙ୍କ ଖବରଦାତା ସମ୍ମିଳନୀରୁ ପଦାରେ ପଡିଯାଇଛି। ଏହାଦ୍ୱାରା ଭାଜପା ଖୋଲାଖୋଲି ଭାବେ ଓଡ଼ିଶା ଏବଂ ସାଢ଼େ ୪ କୋଟି ଓଡ଼ିଆଙ୍କ ବିକାଶଧାରାକୁ ଅଟକାଇବାକୁ ଚେଷ୍ଟା କରୁଛି। ଓଡିଶାରେ ପିଏମ୍‌ଏୱାଇ ବିଷୟରେ କହିବା ପୂର୍ବରୁ ସେମାନଙ୍କୁ ଲଜ୍ଜା ଲାଗିବା ଉଚିତ। ଓଡ଼ିଶାରେ ପ୍ରାୟ ୧୫ ଲକ୍ଷ ଘର ଆବଶ୍ୟକ ଥିଲା। ହେଲେ ଓଡ଼ିଶା ସରକାର ଏବଂ ବିଜେଡି ଏମ୍‌ପିମାନଙ୍କ ଚାପ ଯୋଗୁ କେନ୍ଦ୍ର କେବଳ ୮ ଲକ୍ଷ ଘର ମଞ୍ଜୁର କରିଥିଲା। ଓଡ଼ିଶାର ଆଉ ୭ ଲକ୍ଷ ବାସହୀନ ଲୋକ କୁଆଡ଼େ ଯିବେ। ଭାଜପା ପ୍ରକୃତରେ ୭ ଲକ୍ଷ ପିଏମ୍‌ଏୱାଇ ଘର ବନ୍ଦ କରିବା କ୍ଷେତ୍ରରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ସେ କହିଛନ୍ତି।

# ସୁରେଶ, ଜୁଏଲଙ୍କ ଅଧ୍ୟକ୍ଷତାରେ ୨ କମିଟି ଗଠିତ

ଭୁବନେଶ୍ୱର, ୧୬।୪(ବ୍ୟୁରୋ)

**ଝାରସୁଗୁଡ଼ା ଉପନିର୍ବାଚନ**

- **ଆଜି ନାମାଙ୍କନ ଦାଖଲ କରିବେ ଟଙ୍କଧର**

ଝାରସୁଗୁଡ଼ା ଉପନିର୍ବାଚନ ନେଇ ଭାଜପା ପକ୍ଷରୁ ମଧ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦଳ କିପରି ଭୋଟରଙ୍କୁ ନିଜ ସପକ୍ଷରେ ନେଇପାରିବ ସେନେଇ ଦଳର ବିଭିନ୍ନ ନେତାମାନଙ୍କୁ ଏବେ ଝାରସୁଗୁଡା ନିର୍ବାଚନମଣ୍ଡଳୀ ଦାୟିତ୍ୱ ବଣ୍ଟାଯାଇଛି। ଉପନିର୍ବାଚନ ଲାଗି ୨ଟି କମିଟି ଦଳ ପକ୍ଷରୁ ଗଠନ କରାଯାଇଛି। ଦଳର ଦୁଇ ବରିଷ୍ଠ ନେତା ତଥା ଏମ୍‌ପି ସୁରେଶ ପୂଜାରୀ ଏବଂ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଛି।

ଭାଜପା ପକ୍ଷରୁ କୁହାଯାଇଛି, ରାଜ୍ୟର ଜଣେ ପ୍ରଭାବଶାଳୀ ବିଜେଡି ନେତା ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଜଣେ କାର୍ଯ୍ୟରତ ପୋଲିସ ଗୁଳି କରି ହତ୍ୟା କରିବା ପରେ ଝାରସୁଗୁଡ଼ା ବିଧାନସଭା ଆସନ ଖାଲି ପଡ଼ିଥିଲା। ଆସନ୍ତା ମେ ୧୦ରେ ଝାରସୁଗୁଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଭାଜପା ପ୍ରାର୍ଥୀ ଭାବେ ଯୁବ ନେତା ତଥା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ସୋମବାର ନାମାଙ୍କନ ପତ୍ର ଦାଖଲ କରିବେ। ନିର୍ବାଚନର ସୁପରିଚାଳନା ଓ ସୁପ୍ରଚାର ପାଇଁ ୨ଟି କମିଟିର ନାମ ଘୋଷଣା କରିଛନ୍ତି। ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ଗଠିତ ନିର୍ବାଚନ ପରିଚାଳନା କମିଟିରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି କେ.ଭି. ସିଂହଦେଓ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାୟକ ଏବଂ ଗୋଲକ ପ୍ରସାଦ ମହାପାତ୍ର ସଦସ୍ୟ ଅଛନ୍ତି।

ସେହିପରି ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗଠିତ ନିର୍ବାଚନ ପ୍ରଚାର କମିଟିରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ସଙ୍ଗୀତା ସିଂହଦେଓ, ନିତେଶ ଗଙ୍ଗଦେବ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ବିଧାୟକ ଶଙ୍କର ଓରାମ, ନାଉରୀ ନାୟକ, ସୁବାସ ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ବିଧାୟକ ତଥା ଭାଜପା ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ନିତ୍ୟାନନ୍ଦ ଗଣ୍ଡ, ଭବାନୀ ଶଙ୍କର ଭୋଇ, କୁସୁମ ଟେଟେ, ଡ. ମୁକେଶ ମହାଲିଙ୍ଗ ଏବଂ ବରିଷ୍ଠ ନେତା ରଞ୍ଜନ କୁମାର ପଟେଲ ସଦସ୍ୟ ଅଛନ୍ତି।

# କେଜ୍‌ରିୱାଲଙ୍କୁ ସିବିଆଇର ସମନ ପରେ ଓଡ଼ିଶା ନେତାଙ୍କ ପ୍ରତିବାଦ

ଭୁବନେଶ୍ୱର, ୧୬।୪(ବ୍ୟୁରୋ)



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଏଏପି କର୍ମୀଙ୍କ ପ୍ରତିବାଦ।

ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲଙ୍କୁ ସିବିଆଇର ସମନ ପରେ ରବିବାର ଭୁବନେଶ୍ୱରଠାରେ ଏହା ବିରୋଧରେ ଦଳର ରାଜ୍ୟ ନେତୃବୃନ୍ଦ ବିରୋଧ ପ୍ରଦର୍ଶନ କରିଛନ୍ତି। ଆପ୍ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକମାନେ ଏକାଠି ବିରୋଧ ପ୍ରଦର୍ଶନ କରିବା ସହ ଏହି ଅବସରରେ କେଜରିୱାଲ ଜିନ୍ଦାବାଦ, ନରେନ୍ଦ୍ର ମୋଦି ମୁର୍ଦ୍ଦାବାଦ ନାରା ସହିତ ଆଦାନୀ ଘୋଟାଲାର ତଦନ୍ତ ପାଇଁ ଦାବି କରିଛନ୍ତି। ମିଥ୍ୟା ମାମଲାରେ ଫସେଇବା ପାଇଁ ଇଡି, ସିବିଆଇର ବିନିଯୋଗକୁ ସେମାନେ ତୀବ୍ର ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଗୋଟେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନକଲି ସାର୍ଟିଫିକେଟ ମାମଲାରେ ଛନ୍ଦି ହୋଇ ରାସ୍ତା ପାଉନାହାନ୍ତି, ଏଣେ ଆଦାନୀ ଘୋଟାଲାରେ ଆପ୍ ତାଙ୍କୁ ଘାଇଲା କରିସାରିଲାଣି। ସେ ଦୁର୍ନୀତିଗ୍ରସ୍ତ ବୋଲି ଜନସାଧାରଣ ମଧ୍ୟ ଏବେ ଜାଣିଗଲେଣି। ଦରଦାମ ବୃଦ୍ଧି ଏବଂ ବେରୋଜଗାରୀ ତାଙ୍କର ଯେଉଁ ୨ଟି ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ଥିଲା ସେଥିରେ ସେ ଫେଲ୍ ହୋଇଛନ୍ତି। ପୁଣି ହିନ୍ଦୁ-ମୁସଲିମ୍ ରାଜନୀତି ବେଶିଦିନ ଚାଲିବନି ବୋଲି ସେମାନେ ଏବେ ଜାଣିସାରିଲେଣି। ଅନ୍ୟପଟେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଏବଂ ରୋଜଗାର କ୍ଷେତ୍ରରେ ଅପୂର୍ବ ସଫଳତା ହାସଲ କରିବା ପରେ କେଜରିୱାଲଙ୍କ ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ପଢ଼ାଲେଖା ନେତା ଭାବେ ସେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛନ୍ତି। ୧୦ ବର୍ଷ ମଧ୍ୟରେ ଆପ୍‌କୁ ରାଷ୍ଟ୍ରୀୟ ଦଳର ମାନ୍ୟତା ମିଳିଛି ଏବଂ କେଜରିୱାଲଙ୍କୁ ମୋଦିଙ୍କ ବିକଳ୍ପ ଭାବେ ଗ୍ରହଣୀୟତା ବୃଦ୍ଧିପାଇଛି ବୋଲି ରାଜ୍ୟ ଆପ୍ ନେତାମାନେ କହିଛନ୍ତି।


## ODISHA COAL AND POWER LTD.

Odisha Coal and Power Limited OCPL

(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No: OCPL/SITE-73/2023 Dt.17.04.2023

Sealed bids in prescribed format are invited from reputedCompanies/ Firms/Agencies for execution of the following work:

| Sl. No. | Name of the work | Cost of tender paper | Last date of sale/ download of tender document | Date of submission/ opening |
|---|---|---|---|---|
| 1 | Renovation of Pond of Village, Kiripsira, Hemgir, District Sundargarh, Odisha | Rs.5,900/- (Rupees Five Thousand Nine Hundred Only) including GST @ 18% | 08.05.2023 | 03.00 P.M. / 03.30 P.M. on 15.05.2023 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in

Sd./- Sr. Manager (Commercial & Contracts)

## LEVEL-II TRANSPORT CONTRACTOR 2023-25

**NOTICE INVITING TENDER**

No.CAD-186

**Office of District Manager**
**Odisha State Civil Supplies Corporation Ltd. (OSCSC)**
**Koraput District Phone:9438200050**

**Tender No.481** **Dated:13.04.2023**

Cost of Tender Document:- Rs.5900/- Inclusive of GST for each RRC to Unit (Block / ULB) combination of the district.

Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 17.04.2023 Downloadable from website: www.oscsc.in. www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dated 26.04.2023 At 11.30 AM Place: Office of CCSO-cum-DM, OSCSC Ltd., Jeypore |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Dated. 01. 05.2023 upto 5.30 PM |
| 4 | Date, time and venue for opening of Technical Bid by the Tender Committee | On dated 03.05.2023 at 11.30 AM Place: Collectorate, Koraput |
| 5 | Date, time and venue of submission of original documents in support of scanned copies uploaded in the portal for verification. | On dated 03.05.2023 at 3.30 PM Place: Collectorate, Koraput |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Collectorate, Koraput |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone No. | (i) OSCSC Ltd.:- District Manager:-No.9438200050 Accounts Head No. 8249608593 (ii) State Procurement Cell:-0674-2530998/ 18003456765 |

**N.B:** 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in.4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

**Sd./- District Manager**
**OSCSC Ltd., Jeypore (K)**

## LEVEL-I TRANSPORT CONTRACTOR 2023-25

**NOTICE INVITING TENDER**

**Office of District Manager**
**Odisha State Civil Supplies Corporation Ltd. (OSCSC)**
**Koraput District, Phone:9438200050**

**Tender No.480** **Dated:13.04.2023**

**Cost of Tender Document: - Rs.11800/- Inclusive of GST.**

**Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date 17.04.2023. . Downloadable from website: www.oscsc.in www.foododisha.in&www.tendersodisha.gov.in |
| 2 | Date, time and venue for pre-bid conference. | On dated 26.04.2023 at 11.30 AM Place: office of CCSO-cum-DM, OSCSC Ltd., Jeypore |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Dated.01.05.2023 upto 5.30 PM |
| 4 | Date, time and venue for opening of Technical Bid by the Tender Committee | On dated 02.05.2023 at 3.30 PM Place: Collectorate, Koraput |
| 5 | Date, time and venue of submission of original documents in support of scanned copies uploaded in the portal for Verification. | On dated 02.05.2023 at 4.30 PM Place: Collectorate, Koraput |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Collectorate, Koraput |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone No. | (i) OSCSC Ltd.:- District Manager:-No.9438200050 Accounts Head. No.8249608593 (i) State Procurement Cell:-0674-2530998 / 18003456765 |

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in.4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

**Sd./- District Manager**
**OSCSC Ltd., Jeypore (K)**

## HANDLING CONTRACTOR 2023-25

**NOTICE INVITING TENDER**

**Office of District Manager**
**Odisha State Civil Supplies Corporation Ltd. (OSCSC)**
**Koraput District, Phone:**

**Tender No.479** **Dated:13.04.2023**

**Cost of Tender Document: - Rs.11800/- Inclusive of GST.**

**Online Tenders are invited from eligible bidders for selection and appointment of Handling Contractor (Labour works) for handling of food grain (Rice, Wheat) at all the Rice Receiving Centres (RRCs) (except in those PEG godowns where godown owner is undertaking handling work) of Koraput district.**

| | | |
|---|---|---|
| 1 | Availability of tender documents | From Date. 17.04.2023 Downloadable from website: www.oscsc.in, www.foododisha.in&www.tendersodisha.gov.in |
| 2 | Date, time and venue for pre-bid conference. | On dated 26.04.2023 At 11.30 AM Place: Office of the CCSO-cum-DM, OSCSC Ltd., Jeypore. |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Dated 01.05.2023 up to 5.30 PM |
| 4 | Date, time and venue for opening of Technical Bid by the Tender Committee | On dated:02.05.2023 at 11.30 AM Place: Collectorate, Koraput |
| 5 | Date, time and venue of submission of original documents in support of scanned copies uploaded in the portal for verification | On dated 02.05.2023 at 12.30 PM Place: Collectorate, Koraput. |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Collectorate, Koraput |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone No. | (i) OSCSC Ltd.:-District Manager:-No:9438200050 Accounts Head No.: 8249608593 (ii) State Procurement Cell:0674-2530998/18003456765 |

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in,www.oscsc.in &www.foododisha.in.

OIPR-07038/11/0001/2324

**Sd./- District Manager**
**OSCSC Ltd., Jeypore (K)**

## ସଂକ୍ଷେପରେ

### ଭଞ୍ଜଭାରତୀ ପକ୍ଷରୁ ବିଷୁବମିଳନ

ଭୁବନେଶ୍ୱର,୧୬।୪(ବ୍ୟୁରୋ): 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟଲର ସମ୍ମିଳନୀ କକ୍ଷରେ 'ବିଷୁବ ମିଳନ' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଡ. କୃଷ୍ଣକେଶବ ଷଡ଼ଙ୍ଗୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜଣାଇବା ପରେ ପ୍ରଦୀପ ପ୍ରଜ୍ୱଳନ ସହ ବୈଶାଖମାସର ପରମ୍ପରା ଅନୁଯାୟୀ ତୁଳସୀ ବୃକ୍ଷରେ ଜଳଦାନ କରାଯାଇଥିଲା। ଭଞ୍ଜଭାରତୀର ସଭାପତି ନୀଳାଦ୍ରି ମୋହନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବେ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ, ରାଜ୍ୟ ସୂଚନା ଆୟୁକ୍ତ କବି ବାଳକୃଷ୍ଣ ମହାପାତ୍ର, ପୂର୍ବତନ ପ୍ରଶାସକ ତଥା କବି ରବିନାରାୟଣ ସେନାପତି, ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ କବି ଶରତ କୁମାର ଦାଶ, କବି ଶିଶିର ଭଟ୍ଟମିଶ୍ର, ପ୍ରଶାସକ ବିଷ୍ଣୁପ୍ରସାଦ ମିଶ୍ର, ବରିଷ୍ଠ ରେଳପ୍ରଶାସକ ଦିଲ୍ଲୀପ ସାମନ୍ତରାୟ, ସାମାଜିକକର୍ମୀ ନାରାୟଣ ମହାପାତ୍ର, ଉଦ୍ୟୋଗପତି ଶିବ ପଟ୍ଟନାୟକ, କବୟିତ୍ରୀ ସସ୍ମିତା ଦାସ, ନିଖିଳୋତ୍କଳ ପାଲାଗାୟକ ସଙ୍ଘର ଉପସଭାପତି ବିନାୟକ ରଥ ପ୍ରମୁଖ ଯୋଗଦେଇ କବିତାପାଠ କରିଥିଲେ। ସ୍ୱତନ୍ତ୍ରଭାବେ ଆୟୋଜିତ କବିତା ଓ ଗଳ୍ପ ପାଠୋତ୍ସବରେ ଡ. ବେଣୁଧର ଦାସ, କାବ୍ୟା କଳ୍ପିତା ସାହୁ, ପ୍ରସନ୍ନ ବେହେରା, ମେଧିର ଷଡଙ୍ଗୀ, ଶୈଳଜା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଦୀପ୍ତିମୟୀ ଦାସ ଶ୍ଳୋକ ପାଠ କରିଥିବା ବେଳେ ନାଦବ୍ରହ୍ମ ଅନୁଷ୍ଠାନର ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ସହ ସୁଶ୍ରୀ ଶ୍ରିତିକୋନା ଦାସ, ଶିବ ପଟ୍ଟନାୟକ, ଡ. ମୃତ୍ୟୁଞ୍ଜୟ ରଥ, ଅଶୋକ ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ତ୍ରିଶା ଦାଶ ଓ ଅଭ୍ୟର୍ଥନା ସାମନ୍ତଙ୍କ ଓଡ଼ିଶୀ ନୃତ୍ୟ ସହ ବିଶିଷ୍ଟ ନୃତ୍ୟଗୁରୁ ସ୍ୱୟଂପ୍ରଜ୍ଞା ସାହୁଙ୍କ ପ୍ରଜ୍ଞାନୃତ୍ୟାୟନର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ଏବଂ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। କୁମାର ଦୀପଂଜ୍ୟୋତି ସାହୁ ଏକକ ବ୍ୟଙ୍ଗ ଅଭିନୟ ମାଧମରେ ମନୋରଞ୍ଜନ କରିଥିବା ବେଳେ କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। ସଦସ୍ୟ ନନ୍ଦକିଶୋର ଜେନା, ବିମଳ ପଟ୍ଟନାୟକ, ସୁରେଶ୍ୱର ପାଣିଗ୍ରାହୀ, ପବିତ୍ର ମୋହନ ସାହୁ , ନୃତ୍ୟାଙ୍ଗନା ଇତିଶ୍ରୀ ମହାନ୍ତି, ବିନୀତା ସିଂ, ଦିଲୀପ ଦାସ ପ୍ରମୁଖ ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଅନୁଷ୍ଠାନର ଉପସଭାପତି ମିଲନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ସୋମନାଥଙ୍କ ପୀଠରେ ଶ୍ରୀଗଣେଶ ମନ୍ଦିର ପ୍ରତିଷ୍ଠା

ବାରଙ୍ଗ,୧୬।୪(ଡି.ଏନ୍.ଏ.): ବାରଙ୍ଗ ଓ ପଟିଆ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଢାଓ୍ବା ଗ୍ରାମରେ ଅବସ୍ଥାପିତ ବାବାସୋମନାଥ ମନ୍ଦିରରେ ଚାଲିଛି ବିଶ୍ୱଶାନ୍ତି ମହାଯଜ୍ଞ। ଏହି ଯଜ୍ଞର ତୃତୀୟ ଦିବସରେ ମନ୍ଦିର ପରିସରରେ ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ଶୁସାନ୍ତ କୁମାର ରାଉତଙ୍କ ସମେତ ବହୁ ରାଜନେତା, ମୁରବୀ ଓ ସୋମାନଥ ପ୍ରେମୀଭକ୍ତମାନେ ଏହି ଉତ୍ସବରେ ଯୋଗଦେଇଥିଲେ। ମଙ୍ଗଳବାର ରାତି ସାଢେ ୬ଟାରେ ପୂର୍ଣ୍ଣାହୁତି ହେବ ବୋଲି ବିଶ୍ୱାଶାନ୍ତି ମହାଯଜ୍ଞ କମିଟି ପକ୍ଷରୁ କୁହାଯାଇଛି।

# ସ୍ଥାୟୀ ବ୍ୟବସାୟୀ-ଉଠା ଦୋକାନୀ ମୁହାଁମୁହିଁ

## ମାର୍କେଟ ବିଲ୍ଡିଂରେ ପୁଣି ଉତ୍ତେଜନା

■ ଥାନାରେ ଏତଲା ଦେଲା ମାର୍କେଟ ଆସୋସିଏଶନ

ଭୁବନେଶ୍ୱର, ୧୬।୪ (ବ୍ୟୁରୋ)




ସହରର ପ୍ରମୁଖ ବଜାର ୟୁନିଟ୍-୨ସ୍ଥିତ ମାର୍କେଟ ବିଲ୍ଡିଂରେ ସ୍ଥାୟୀ ଓ ଅସ୍ଥାୟୀ ଦୋକାନୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ସମାଧାନ ହୋଇପାରୁ ନାହିଁ। ବାରମ୍ବାର ଦାବି କରିବା ସତ୍ତ୍ୱେ ବିଏମ୍‌ସି ପକ୍ଷରୁ ମାର୍କେଟ ଭିତରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଉ ନାହିଁ। ସେହିପରି ଜବରଦଖଲକାରୀଙ୍କ ବିରୋଧରେ ସ୍ଥାନୀୟ ପୋଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ବିଏମ୍‌ସି ଉପରଠାଉରିଆ ଭାବେ ମାର୍କେଟରୁ ଅସ୍ଥାୟୀ ଦୋକାନୀଙ୍କୁ ଉଠାଇଥିଲା। ମାତ୍ର ଉଠାଦୋକାନୀଙ୍କ ଠାରୁ ଟଙ୍କା ନେଇ ଭିତିରିଆ ମସୁଧାରେ ଏଭଳି କାରବାର ଚାଲୁଥିବା ମାର୍କେଟ ଆସୋସିଏଶନ ପକ୍ଷରୁ ଅଭିଯୋଗ କରାଯାଇଛି। ନଟେଡ୍ ବାରଣ ସତ୍ତ୍ୱେ ନିର୍ଦ୍ଦେଶକୁ ଅବମାନନା କରୁଥିଲେ ବି ବିଏମ୍‌ସି କିଭଳି ଚୁପ୍ ବସୁଛି ବୋଲି ପ୍ରଶ୍ନ ଉଠୁଛି। ଅପରପକ୍ଷେ ରବିବାର ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ୍ ଏବଂ ଉଠାଦୋକାନୀଙ୍କ ମଧ୍ୟରେ ବେଶ୍ କିଛି ସମୟ ଧରି ପାଟିତୁଣ୍ଡ ଲାଗି ରହିଥିଲା। ଛୁଟିଦିନ ହୋଇଥିବାରୁ ଅନ୍ୟ ଦିନ ଅପେକ୍ଷା ରବିବାର ବେଶୀ ଭିଡ଼ ହୋଇଥିଲା। ଉଠାଦୋକାନୀଙ୍କ ଜବରଦଖଲ କାରଣରୁ ମାର୍କେଟରେ ଯାତାୟାତ କରିବା ଏବଂ ଅନ୍ୟାନ୍ୟ ସମସ୍ୟା ଦେଖାଦେଇଥିଲା। ଏହାକୁ କେନ୍ଦ୍ର କରି ସ୍ଥାୟୀ ବ୍ୟବସାୟୀମାନେ ଉଠାଦୋକାନୀଙ୍କୁ ସେଠାରୁ ଉଠି ଯିବାକୁ କହିଥିଲେ। ମାତ୍ର ସେମାନେ ଏହାକୁ ନ ଶୁଣିବାରୁ ପାଟିତୁଣ୍ଡ ଜୋର୍ ଧରିଥିଲା। ଶେଷରେ ଆସୋସିଏଶନ୍ ପକ୍ଷରୁ କ୍ୟାପିଟାଲ ଥାନାରେ ଏମାନଙ୍କ ନାମରେ ଏତଲା ଦିଆଯାଇଥିଲା। ଏନେଇ ଆସୋସିଏଶନ୍ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି, ଏପ୍ରିଲ ୪ରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ଦାବିରେ ମାର୍କେଟବିଲ୍ଡିଂକୁ ଅପରାହ୍ନ ୩ଟାଯାଏ ବନ୍ଦ ରଖିଥିଲୁ। ଏହାପରେ ୭ ତାରିଖରେ ବିଏମ୍‌ସିକୁ ଯାଇ ଅତିରିକ୍ତ କମିଶନର-୩ଙ୍କୁ ଭେଟି ଦାବି ଜଣାଇଥିଲୁ। ସମାଧାନ ପାଇଁ ସେ ୩ଦିନ ସମୟ ମାଗିଥିଲେ। ମାତ୍ର ଏହା ଭିତରେ ଗୋଟିଏ ସପ୍ତାହ ଅତିକ୍ରମ କରିଥିଲେ ବି ବିଏମ୍‌ସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତେଣୁ ଏସବୁ ବିଏମ୍‌ସିର ଅବଗତ ଏବଂ ପରୋକ୍ଷ ସମର୍ଥନରେ ହେଉଥିବା ସ୍ପଷ୍ଟ ହୋଇଛି। ସେହିପରି ମାର୍କେଟର ରକ୍ଷଣାବେକ୍ଷଣ ପାଇଁ ୧୦ ବର୍ଷ ନିମନ୍ତେ ହୋଇଥିବା ଚୁକ୍ତି ଇତିମଧ୍ୟରେ ସରିଯାଇଛି। ବିଏମ୍‌ସି ଏହାକୁ ନବୀକରଣ କରୁନାହିଁ କିମ୍ବା ନିଜେ ଏହାର ଦାୟିତ୍ୱ ନେଉନାହିଁ। ଫଳରେ ଆସୋସିଏଶନ ପଇସା ସଂଗ୍ରହ କରି ମାର୍କେଟର ରକ୍ଷଣାବେକ୍ଷଣ କରୁଛି। ମାତ୍ର ଏହି ଉଠାଦୋକାନୀମାନେ ଏହାକୁ ନଷ୍ଟ କରିବାରେ ଲାଗିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସୋମବାର ଆସୋସିଏଶନ୍‌ର ଏକ ବୈଠକ ଆୟୋଜିତ ହେବ। ଏଥିରେ ଯାହା ନିଷ୍କର୍ଷ ବାହାରିବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଜେନା ସୂଚନା ଦେଇଛନ୍ତି।




ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ରବିବାର ଅନୁଷ୍ଠିତ ମାନସିକ ଦୁର୍ବଳ ଶିଶୁଙ୍କ ଅଭିଭାବକ ସଂଘର ୧୬ତମ ବାର୍ଷିକ ଉତ୍ସବରେ ମାନସିକ ଦୁର୍ବଳ ପିଲାମାନେ ସଙ୍ଗୀତ ଗାନ କରୁଛନ୍ତି।

# ଗ୍ରୀଲ ତାଡ଼ି ସୁନା-ରୁପା ମୁଦ୍ରା ସହ ନେଇଗଲେ ୩ ଲକ୍ଷ

## ତିନିଦିନରେ ୨ ସ୍ଥାନରୁ ବଡ଼ଧରଣର ଲୁଟ୍

ଭୁବନେଶ୍ୱର,୧୬।୪ (ବ୍ୟୁରୋ)

ରାଜଧାନୀରେ ପୁଣି ମାତିଲେ ରାତିଅଧିଆ ଲୁଟେରା। ଦଳଦଳ ହୋଇ ବୁଲିବା ସହ ସୁଯୋଗ ଦେଖି କଳାକନା ବୁଲାଇ ଫେରାର ହୋଇଯାଉଛନ୍ତି । ଏହିକ୍ରମରେ ଶନିବାର ବିଳମ୍ବିତ ରାତିରେ ମୈତ୍ରୀବିହାର ଥାନା ଅଧୀନ ଗଜପତିନଗର ଥିବା ଏକ ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟରଙ୍କ ଅଫିସର ଗ୍ରିଲ ତାଡି ଦୁର୍ବୃତ୍ତମାନେ ୩ଲକ୍ଷ ଟଙ୍କା ସହ ସୁନାରୁପା ମୁଦ୍ରା ନେଇଯାଇଛନ୍ତି। ଏନେଇ ବିଦ୍ୟୁତ ବିଭାଗର ଠିକାଦାର ରବିନ କୁମାର ପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଚଳାଇଛି । ଅନ୍ୟପଟେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ମୁହଁରେ କଳା କପଡା ଗୁଡାଇ ଏକ ଦୋକାନର ଆଜବେଷ୍ଟ ଭାଙ୍ଗି ବିଭିନ୍ନ କମ୍ପାନୀର ୪୦ଟି ଦାମୀ ମୋବାଇଲ ଫୋନ ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ କାହାକୁ ଗିରଫ କରି ନଥିବା ବେଳେ ପୁଣି ଏଭଳି ଲୁଟ ହେବା ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି।

ଅଭିଯୋଗ ମୁତାବକ, ରବିବାର ସକାଳେ କାର୍ଯ୍ୟାଳୟର ସମସ୍ତ ସାମଗ୍ରୀ ଏଣେତେଣେ ପଡିଥିବା ରବିନ ଦେଖିବାକୁ ପାଇଥିଲେ। ୪ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ବିଳମ୍ବିତ ରାତିରେ ଝରକା ଗ୍ରୀଲକାଟି ଘର ଭିତରେ ପଶି ଆଲମାରିକୁ ତାଡି ସୁନା ଓ ରୁପାର ମୁଦ୍ରା ସହ ଲକରରେ ଥିବା ଟଙ୍କା ନେଇଯାଉଥିବା ସେ ସିସିଟିଭି ଫୁଟେଜରେ ଦେଖିବାକୁ ପାଇଥିଲେ। ସେମାନଙ୍କୁ ଆଉ କେତେଜଣ ଦୁର୍ବୃତ୍ତ ବାହାରେ ଅପେକ୍ଷା କରିଥିଲେ। ଏନେଇ ସେ ମୈତ୍ରୀବିହାର ଥାନାରେ ଅଭିଯୋଗ କରିବାରୁ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ପ୍ରଶଂସା କଲେ ୟୁପି ସରକାର

କଟକ ଅଫିସ, ୧୬।୪

ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଦୁଇ ଦିନିଆ ଜାତୀୟ ଜଳବାୟୁ କନ୍‌କ୍ଲେଭ୍ ଅନୁଷ୍ଠିତ ହାଇଥିଲା। ଏଥିରେ ଓଡ଼ିଶାର ମିଲେଟ୍ସ ମିଶନ ଷ୍ଟଲ ସ୍ଥାନ ପାଇଥିଲା। ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସେଠାରେ ବହୁଳ ମାତ୍ରାରେ ବିକ୍ରି ହେବା ସହ ପ୍ରଶଂସିତ ହୋଇପାରିଛି। କଟକର ଭୂମିକା ନାରୀସଂଘ ପକ୍ଷରୁ ଏହି ଷ୍ଟଲ ଖୋଲାଯାଇଥିଲା। ସ୍ନେହଲତା ବେହେରା ଓ ସମତା ଜେନା ଏହି ଷ୍ଟଲ ଦାୟିତ୍ୱରେ ଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ, ମୁଖ୍ୟ ଜଙ୍ଗଲ ସଂରକ୍ଷକ ମମତା ସଞ୍ଜୀବ ଦୁବେଙ୍କ ସହ ଅନ୍ୟମାନେ ଯୋଗଦେଇ ଉକ୍ତ ଷ୍ଟଲରେ ଥିବା ଖାଦ୍ୟର ଗୁଣାତ୍ମକମାନ ଜାଣିପାରି ଓଡ଼ିଶାର ପ୍ରଶଂସା କରିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶାର ଜନସାଧାରଣ ସୁସ୍ଥ ଓ ନିରାମୟ ରହିବା ନିମନ୍ତେ ପୁଷ୍ଟିକର ମାଣ୍ଡିଆ ବ୍ୟବହାରକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଆସୁଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। କଟକ ଜିଲା ପ୍ରଶାସନ ସହାୟତାରେ ସ୍ଥାନୀୟ ବାରବାଟୀ ପ୍ୟାଲେସଠାରେ ମିଶନ ଶକ୍ତି ଜରିଆରେ ସ୍ଥାୟୀ ଷ୍ଟଲ ନିର୍ମାଣ କରାଯାଇଛି। ଏଠାରେ ମାଣ୍ଡିଆ ଚାଷ ପ୍ରସ୍ତୁତି, ବ୍ୟବହାର ସମ୍ପର୍କରେ ସୂଚନା ଦିଆଯିବା ସହ ନରସିଂହପୁର, ତିଗିରିଆ, ବଡମ୍ବା ବ୍ଲକରେ ଉତ୍ପାଦିତ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କଟକ କାଇଟ୍ ନାମରେ ଏକ ମିଲେଟ କାଫେ ଖୋଲାଯାଇ ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି। ଭୂମିକା ନାରୀସଂଘ ଏହାର ସମସ୍ତ ଦାୟିତ୍ୱ ବହନ କରିଛି।

# ୱାର୍ଡସ୍ତରୀୟ ରାଜଧାନୀ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର, ୧୬।୪ (ବ୍ୟୁରୋ)

ଚଳିତବର୍ଷ ରାଜଧାନୀ ପ୍ରତିଷ୍ଠା ଉତ୍ସବକୁ ଗୋଷ୍ଠୀଭିତ୍ତିକ କରିବା ପାଇଁ ପ୍ରୟାସ କରାଯାଇଛି। ଏହିକ୍ରମରେ ୧୬ ତାରିଖରୁ ବିଭିନ୍ନ ୱାର୍ଡରେ ଗୋଷ୍ଠୀସ୍ତରୀୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ମହାନଗର ନିଗମର ୩ଟି ଜୋନ୍‌ର ଜୋନାଲ ଡେପୁଟି କମିଶନର ପରିଚାଳନା କରୁଛନ୍ତି। ରବିବାର ବିଭିନ୍ନ ୱାର୍ଡରେ ପ୍ରାତଃ ଭ୍ରମଣ, ମ୍ୟୁଜିକ୍ ଚେୟାର, ଝୋଟି, ଚିତ୍ରାଙ୍କନ ପ୍ରତିଯୋଗିତା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ କର୍ପୋରେଟର, ୱାର୍ଡ ଅଫିସର, କମ୍ୟୁନିଟି ଅର୍ଗାନାଇଜର, ସାନିଟାରୀ ଇନ୍ସପେକ୍ଟର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟ କେତେକ ୱାର୍ଡରେ ସୋମବାର ମଧ୍ୟ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସୂଚନା ଦିଆଯାଇଛି।

# ବୁଥ୍‌ସ୍ତରରୁ ସଙ୍ଗଠନକୁ ସୁଦୃଢ଼ ପାଇଁ ପରାମର୍ଶ

ବାଲିଅନ୍ତା,୧୬।୪(ଡି.ଏନ୍.ଏ.)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରବିବାର ବାଲିଅନ୍ତା ଅଞ୍ଚଳକୁ ଗସ୍ତରେ ଆସି ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଭୁବନପୁର ଗ୍ରାମର ମା' ଉତ୍ତରମୁଖୀଙ୍କ ପୀଠ ପରିସରରେ ଆୟୋଜିତ ପଞ୍ଚାୟତସ୍ତରୀୟ ବୁଥ୍ କମିଟି ବୈଠକରେ ସେ ଯୋଗ ଦେଇଥିଲେ। ଏହି ଅବସରରେ ସେ ବୁଥ୍‌ର ସମସ୍ତ ଭୋଟରଙ୍କୁ ଯୋଗାଯୋଗ କରି ସେମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଆଗାମୀ ଦିନରେ ବୁଥ୍‌ରୁ ହିଁ ନିର୍ବାଚନୀର ଯୁଦ୍ଧ ଆରମ୍ଭ ହେବ। ଏ ଦିଗରେ ବୁଥ୍ କମିଟି ୱାର୍କରଙ୍କ ବଡ଼ ଭୂମିକା ରହିଛି ବୋଲି ସେ କହିଥିଲେ। ଆଗାମୀ ଦିନରେ ଜୟଦେବ ନିର୍ବାଚନମଣ୍ଡଳୀରେ ଭାଜପାର ସଙ୍ଗଠନ ସୁଦୃଢ଼ ହେବ। ଆଗାମୀ ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା ସବୁ ଆସନରେ ବିଜୟୀ ହେବ ବୋଲି ଏମ୍‌ପି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବୈଠକରେ ଶିବ ମଲ୍ଲିକ, ଦେବେନ୍ଦ୍ର ସାହୁ, ମାଗୁଣି ସେଠୀ, ସିଦ୍ଧେଶ୍ୱର ନାଥ, ବସନ୍ତ ନାୟକ, ସ୍ମୃତିରଞ୍ଜନ ବେହେରା, ବିଜୟ ମହାରଣାଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ବୈଠକକୁ ବାଲିଅନ୍ତା ମଣ୍ଡଳ ସଭାପତି ସଞ୍ଜୟ ପରିଜା ପରିଚାଳନା କରିଥିବାବେଳେ ବିରଞ୍ଚି ନାରାୟଣ ଜେନା ଧନ୍ୟବାଦ ଦେଇଥିଲେ।



ବୈଠକରେ ଏମ୍‌ପି ଅପରାଜିତା ଷଡଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

# 'ଅମୃତ ଚିନ୍ତନ' ଓ 'ଅସରା ଆବେଗ' ଉନ୍ମୋଚିତ




ଅତିଥିମାନେ ଦୁଇ ପୁସ୍ତକ 'ଅମୃତ ଚିନ୍ତନ' ଏବଂ 'ଅସରା ଆବେଗ'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ଭାଷା ସଂସ୍କୃତି ସମାଜ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ସଭାଗୃହରେ ସାହିତ୍ୟ ଆସର ଏବଂ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଅଭୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ବିଶ୍ୱବିଦ୍ୟାଳୟର କୁଳପତି ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ଡ଼. ବିନୋଦିନୀ ବେହେରାଙ୍କ ପ୍ରବନ୍ଧ ସଂକଳନ 'ଅମୃତ ଚିନ୍ତନ' ଏବଂ କବିତା ସଂକଳନ 'ଅସରା ଆବେଗ' ଉନ୍ମୋଚନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅଭୟ କୁମାର ନାୟକ ଉତ୍ତମ ପୁସ୍ତକର ଗୁରୁତ୍ୱ ଉପରେ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥିଭାବେ ଯୋଗ ଦେଇ ନଟବର ମହାନ୍ତି ଉନ୍ମୋଚିତ ହୋଇଥିବା ଦୁଇ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ସୀମାଞ୍ଚଳ ପଣ୍ଡା ଏବଂ ଡ. ରଶ୍ମୀ ଦାସ ପୁସ୍ତକ ୨ଟିର ଉନ୍ମୋଚନ କରିଥିଲେ। ନଳିନୀ ପ୍ରଭା ନାୟକଙ୍କ ପରିଚାଳନାରେ କବିତା ସମାପନ ଆୟୋଜନ କରାଯାଇଥିଲା। ଅଧ୍ୟାପିକା ସୌଦାମିନୀ ବେହେରା, ଡ଼. ରଶ୍ମି ଦାସ, ଚମକଚାନ୍ଦିନୀ ଦାଶ ସଂଯୋଜନାରେ ଆୟାଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ବିଦ୍ୟାଧର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣି ସକ୍ରିୟ ହେଉଛି ମାନବବାଦ ସଙ୍ଗଠନ

**ଗାଁରେ ଲାଗିଲାଣି ମାନସ ଦାସଙ୍କ ପୋଷ୍ଟର**

■ ମୋହରା ହୋଇପାରନ୍ତି ଆଦିବାସୀ
■ ସାଧାରଣରେ ଆତଙ୍କ, ବିରୋଧ

ଖୋର୍ଦ୍ଧା ଅଫିସ,୧୬।୪

ବହୁ ଚର୍ଚ୍ଚିତ ମାନବବାଦ ସଙ୍ଗଠନ ତଥା ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚର ମୁଖ୍ୟ ତଥା ଆତ୍ମଘୋଷିତ ଭାଇ ସାହେବ ଓରଫ ଗୁରୁଜୀ ଆଇନଜୀବୀ ମାନସ ଦାସଙ୍କ ପୋଷ୍ଟର ପୁଣି ଖୋର୍ଦ୍ଧା ଜିଲାର କେତେକ ଗାଁ ଗହଳିରେ ଦେଖିବାକୁ ମିଳିଲାଣି। ଏଥିରୁ ମାନସଙ୍କ ମାନବବାଦ ସଙ୍ଗଠନ ପୁନର୍ବାର ଧୀରେ ଧୀରେ ସକ୍ରିୟ ହେଉଥିବା ଜଣାପଡ଼ିଲାଣି। ନିରୀହ ଆଦିବାସୀଙ୍କୁ ମୋହରା ବନାଇ ସେ ତାଙ୍କ ସଙ୍ଗଠନର କାୟା ବିସ୍ତାର ପାଇଁ ପ୍ରୟାସ ଚଳାଇଥିବା ସାଧାରଣରେ ଆଲୋଚନା ହେଉଛି।

ଦୁଇବର୍ଷ ତଳେ ଖୋର୍ଦ୍ଧା ଜିଲାର ଆଦିବାସୀ ଅଧୁଷିତ ଅଞ୍ଚଳରେ ମାନବବାଦ ଆଳରେ ସେ ଆତଙ୍କରାଜ ଚଳାଇବା ସହ ନୀରିହ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ବେଗୁନିଆ ଥାନା ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକ ହତ୍ୟା ଘଟଣାରେ ସମ୍ପୃକ୍ତି ନେଇ ତାଙ୍କୁ ପୋଲିସ ଭୁବନେଶ୍ୱରସ୍ଥିତ ବାସଭବନରୁ ଗିରଫ କରିଥିଲା। ପରେ ତାଙ୍କ ପୁଅ ମନୋରଞ୍ଜନଙ୍କୁ ଗିରଫ କରାଯାଇଥିଲା। ବେଗୁନିଆ ଥାନା କଡବ ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ବନ୍ଦ କୋଠରୀରେ ମାନବବାଦ ସଙ୍ଗଠନର କର୍ମକର୍ତ୍ତା ଅମାନବୀୟ ଭାବେ ମାଡ ମାରିବା ଘଟଣାରେ ମନୋରଞ୍ଜନ ଗିରଫ ପରେ ଜେଲ ଯାଇଥିଲେ। ଏହି ମାଡ଼ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମାନସ ଓ ପୁଅ ମନୋରଞ୍ଜନଙ୍କ କାରନାମା ପଦାକୁ ଆସିଥିଲା। ବାପପୁଅ ଜେଲରୁ ଜାମିନରେ ମୁକୁଳିବା ପରେ ପୁଣି ନିଜ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି ବୋଲି ଚର୍ଚ୍ଚା ହେଉଛି। ବେଗୁନିଆ ବ୍ଲକର କେତେକ ଗାଁରେ ମାନସଙ୍କ ଫଟୋ ଲାଗିଛି। ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଇ ମାନସଙ୍କ ଫଟୋ ଥାଇ ତାଙ୍କ ସମର୍ଥକମାନେ ଏହି ପୋଷ୍ଟର ଲଗାଇଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ପୋଷ୍ଟର ଛପାଯାଉଛି। ସେହିପରି ଭୁବନେଶ୍ୱରରେ ରହି ବାପ ପୁଅ ମାଷ୍ଟରପ୍ଲାନ ପ୍ରସ୍ତୁତ କରୁଥିବାବେଳେ ଏହାକୁ ସେମାନଙ୍କ ସହଯୋଗୀମାନେ ରୂପ ଦେଉଥିବା ଶୁଣିବାକୁ ମିଳୁଛି। ପୁଣି ମାନବବାଦ ସଙ୍ଗଠନ ସକ୍ରିୟ ହେଉଥିବା ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏ ନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ସମ୍ବିଧାନ ଦଳିତ, ନିଷ୍ପେସିତଙ୍କୁ ସମାନତା ଅଧିକାର ଦେଇଛି। ସେମାନଙ୍କୁ ମୋହରା ବନାଇ ସଂସ୍କୃତି ବିରୋଧୀ କାର୍ଯ୍ୟ କରିବା ଅନୁଚିତ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଗ୍ରହଣୀୟ ନୁହଁ। ଆଦିବାସୀଙ୍କୁ ଢାଲ କରି ଯେ କେହି କଳା ସାମ୍ରାଜ୍ୟ ବିସ୍ତାର କରିବାକୁ ଉଦ୍ୟମ କଲେ, ସରକାର ଉଚିତ ପଦକ୍ଷେପ ନେବେ ବୋଲି ମିତ୍ର କହିଛନ୍ତି। ଆଗାମୀ ଦିନରେ ଗୋଟିଏ ପଟେ ସପକ୍ଷବାଦୀ ଏବଂ ଅନ୍ୟପଟେ ବିପକ୍ଷବାଦୀ ମୁହାଁମୁହିଁ ହେବାର ଆଶଙ୍କା ଥିବାରୁ ବଡ ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି।

# ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ରାଜରାସ୍ତାକୁ ଆସିବାକୁ ପଡ଼ିବ

## ଭୂଦାନ କିଷାନ ସର୍ବୋଦୟ ସମାବେଶ

ଭୁବନେଶ୍ୱର, ୧୬।୪ (ବ୍ୟୁରୋ)



ଅତିଥିମାନେ ପିଭି ରାଜଗୋପାଳଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସର୍ବୋଦୟ ବିକାଶ ମଞ୍ଚ ଓଡ଼ିଶା ଅଧକ୍ଷ ଅଭିରାମ ନାୟକଙ୍କ ଅଧକ୍ଷତାରେ ରବିବାର ସୂଚନାଭବନଠାରେ ଭୂଦାନ କିଷାନ ସର୍ବୋଦୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ '୮୭ ବର୍ଷର ଓଡ଼ିଶା ଆମେ କେଉଁଠି ?' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ମଣିଷର ମୁଣ୍ଡ ଗୁଞ୍ଜିବା ପାଇଁ ନିଜସ୍ୱ ଭୂମି ରହିବା ଦରକାର। ତତ୍‌ସହିତ ପ୍ରତ୍ୟେକ ଚାଷୀର ଚାଷ ପାଇଁ ନିଜସ୍ୱ ଜମି ରହିବା ଦରକାର। ଭୂଦାନ ଆନ୍ଦୋଳନ ମାଧ୍ୟମରେ ସନ୍ଥ ଭିନୋବାଭାବେଙ୍କ ସମୟରେ ଲକ୍ଷ ଲକ୍ଷ ଏକର ଜମି ସଂଗ୍ରହ କରି ଭୂମିହୀନଙ୍କୁ ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଥିଲା, ମାତ୍ର ଆଜିପର୍ଯ୍ୟନ୍ତ ସେହି ସମସ୍ୟା ସମାଧାନ ହୋଇ ପାରି ନାହିଁ। ଓଡିଶା ୮୭ ବର୍ଷରେ ମଧ ବିଶେଷ କିଛି ଉନ୍ନତି ହୋଇ ନାହିଁ। ତେଣୁ ଓଡିଶାର ପ୍ରତ୍ୟେକ ଲୋକ ଆଜି ନିଜକୁ ପ୍ରଶ୍ନ କରିବା ସହିତ ସାମଗ୍ରିକ ବିକାଶ ପାଇଁ ରାଜରାସ୍ତାକୁ ଆସିବାକୁ ପଡିବ। କୃଷି, କୁଟୀର ଶିଳ୍ପ ଓ କ୍ଷୁଦ୍ର ଉଦ୍ୟୋଗର ବିକାଶ ନ ହେଲେ ଓଡିଶାର ବିକାଶ ହୋଇ ପାରିବ ନାହିଁ। ଏଥିସହିତ ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ନିଜସ୍ୱ ଜମି ରହିବା ଦରକାର ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ଅତିଥି ଭାବେ ଏକତା ପରିଷଦ ପ୍ରତିଷ୍ଠାତା ଅଧକ୍ଷ ପି.ଭି ରାଜଗୋପାଳ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ଏକତା ମହିଳା ମଞ୍ଚ ପ୍ରତିଷ୍ଠାତ୍ରୀ ଜିଲକାର ହାରିଶ, ଜାତୀୟ ମାନବାଧିକାର କମିଶନ କୋର୍ ସଦସ୍ୟ ମନୋଜ ଜେନା, ଭୁବନେଶ୍ୱର ମେୟର ପ୍ରାର୍ଥିନୀ ସୁନୀତି ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ଭୂମିହୀନଙ୍କ ସଙ୍ଗିନ ସ୍ଥିତି ନେଇ ବ୍ୟାପକ ଆଲୋଚନା କରିଥିଲେ। ଏହି ଅବସରରେ ଜାପାନ ସରକାରଙ୍କ ଦ୍ୱାରା ନିୱାନ ଶାନ୍ତି ପୁରସ୍କାର ପାଇଥିବାରୁ ପିଭି ରାଜଗୋପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ସଂକ୍ଷେପରେ**

## ରାସ୍ତା କାମ ପାଇଁ ବଡ଼ଦାଣ୍ଡରେ ଠିଆହେଲେ ଠାକୁର

**ପୁରୀ ଅଫିସ, ୧୬।୪:** ବୈଶାଖ ମାସ କୃଷ୍ଣପକ୍ଷ ଦଶମୀ ତିଥି ଶ୍ରବଣା ମକର ନକ୍ଷତ୍ର ଅବସରରେ ଅବସରରେ ଶନିବାର ଶ୍ରୀମନ୍ଦିରରେ ରାମାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ଅନ୍ୟାନ୍ୟ ନୀତି ବଢି ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ସମ୍ପନ୍ନ ପରେ ମହାଜନ ସେବକମାନେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ରଥରେ ବିଜେ କରାଇଥିଲେ। ଗୌଡବାଡ ସାହି ଆଖଡ଼ାର ଭରତ, ଶତ୍ରୁଘ୍ନ, ହନୁମାନ ଏବଂ ବଶିଷ୍ଠ ଭୂମିକାରେ ୪ଜଣ ଯୁବକ ଆସିଥିଲେ। ପରେ ଭରତ ଓ ଶତ୍ରୁଘ୍ନ ଶ୍ରୀମନ୍ଦିର ରତ୍ନଭଣ୍ଡାର ନିକଟକୁ ଯାଇ ଶ୍ରୀରାମଚନ୍ଦ୍ରଙ୍କ ପାଦୁକା ନେଇ ଘଣ୍ଟ, ଛତା, କାହାଳୀ ପଟୁଆରରେ ନନ୍ଦଗ୍ରାମ ଭାବେ ସଜ୍ଜିତ ହୋଇଥିବା ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ରାତି ପ୍ରାୟ ୧ଟାରେ ଠାକୁର ଜଗନ୍ନାଥ ବଲ୍ଲଭ ମଠ ଯିବା ସମୟରେ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଅଳ୍ପ ଦୂରରେ ଠିଆହୋଇ ରହିଥିଲେ। ଏହାର କାରଣ ହେଉଛି, ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ଚାରିପାଖରେ ପରିକ୍ରମା ମାର୍ଗର କାର୍ଯ୍ୟ ଚାଲିଛି। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ମଧ କାର୍ଯ୍ୟ ଜାରି ରହିଛି। ତେବେ ଉକ୍ତ ସ୍ଥାନରେ ରାସ୍ତା ଖୋଳାଯାଇ ପିଚୁ ପଡିଥିବାରୁ ଯିବା ସମ୍ଭବପର ହୋଇ ନ ଥିଲା। ଫଳରେ ଠାକୁରମାନେ ଅନେକ ସମୟ ଧରି ଠିଆ ହୋଇ ରହିଥିଲେ। ପ୍ରଶାସନର ଏପରି ଖାମଖିଆଲି କାର୍ଯ୍ୟକୁ ନାପସନ୍ଦ କରି ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି କର୍ମଚାରୀମାନଙ୍କ ଉପରେ ବିରକ୍ତ ହୋଇଥିଲେ। ପରେ କେତେଜଣ ଅଧିକାରୀ ଆସି ଘଟଣା ଦେଖିବା ସହ ପିଚୁ ପଡ଼ିଥିବା ସ୍ଥାନରେ ବାଲି ପକାଇଥିଲେ। ପରେ ଠାକୁରମାନେ ଜଗନ୍ନାଥ ବଲ୍ଲଭ ଅଭିମୁଖେ ଯାଇଥିଲେ। ତେବେ ଠାକୁର ରାସ୍ତାରେ ଅନେକ ସମୟ ଠିଆହେବା ଘଟଣା ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ବରିଷ୍ଠ ନାଗରିକଙ୍କ ପକ୍ଷରୁ ଖୋଲିଲା ଜଳଛତ୍ର

**ନିରାକାରପୁର, ୧୬।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ତାରିଣୀ ମନ୍ଦିରଠାରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ନନ୍ଦ, ସମ୍ପାଦକ ଦୀନବନ୍ଧୁ କର, ଉପଦେଷ୍ଟା ରାମକୃଷ୍ଣ ପଟ୍ଟନାୟକ, ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହି ବାଟୋଇଙ୍କୁ ପାଣି ବଣ୍ଟନ କରିଥିଲେ।

## ସାଇବାବାଙ୍କ ବାର୍ଷିକୋତ୍ସବ

**ଜଟଣୀ, ୧୬।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅଧୀନ ୧୭ନଂ. ୱାର୍ଡ ଟ୍ରାଫିକ କଲୋନୀସ୍ଥିତ ଶିରିଡି ସାଇବାବାଙ୍କ ୧୬ତମ ବାର୍ଷିକୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ୪ ଦିନ ବ୍ୟାପୀ ଆୟୋଜିତ ଉତ୍ସବରେ ପ୍ରତିଦିନ ମନ୍ଦିରରେ କାକଡ଼ ଆରତି, ମଧ୍ୟାହ୍ନ ଆରତି, ସନ୍ଧ୍ୟା ଆରତି ଏବଂ ଶେଯ ଆରତି ହୋଇଥିଲା। ପ୍ରଥମ ଦିବସରେ ମଙ୍ଗଳଧ୍ୱନି, ବେଦ ପାରାୟଣ, ଗଣପତି ପୂଜା, ପୁଣ୍ୟ ବଚନମ୍ ପରିଚ୍ଛଦ, ପ୍ରାୟଶ୍ଚିତ୍ତମ୍, ରକ୍ଷାବନ୍ଧନ ଓ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ବିଭିନ୍ନ ପୂଜାର୍ଚ୍ଚନା ସହିତ କଳସ ଯାତ୍ରାରେ ଶ୍ରଦ୍ଧାଳୁ ପବିତ୍ର ପୁଷ୍କରିଣୀରୁ ଜଳ ଆଣି କଳସ ସ୍ଥାପନ କରିଥିଲେ। ତୃତୀୟ ଦିବସରେ ମଙ୍ଗଳ ଧ୍ୱନି, ଦେବ ପାରାୟଣ, ମଙ୍ଗଳ ଅର୍ଚ୍ଚନା, କୁମ୍ଭାଭିଷେକ, ହୋମ, ବିଲ୍ ପତ୍ର ଅର୍ଚ୍ଚନା, ସାଇ ସତଚରିତ ପାରାୟଣ, ଜ୍ୟୋତିର୍ଲିଙ୍ଗ ଅର୍ଚ୍ଚନା ଓ ଭସ୍ମାଭିଷେକ ଆଦି ପୂଜା କାର୍ଯ୍ୟ ହୋଇଥିଲା। ଶେଷ ଦିବସରେ ସମସ୍ତ ରୀତିନୀତିରେ ପୂଜାର୍ଚ୍ଚନା କରିବା ସହ ପୁଷ୍ପ ଅଭିଷେକ, ମଙ୍ଗଳ ଧ୍ୱନି, ଗାୟତ୍ରୀ ହୋମ ଓ ପୂର୍ଣ୍ଣାହୁତି ଅବଧୂତ ସ୍ନାନମ୍ ବେଦ ସ୍ୱସ୍ତି ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ ପାଖଆଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ବାବାଙ୍କ ଚାଭାଡ଼ି ଉତ୍ସବରେ ପାଲିଙ୍କି ଯାତ୍ରାରେ ବହୁ ଶ୍ରଦ୍ଧାଳୁ ସହର ପରିକ୍ରମା କରିଥିଲେ। ସମସ୍ତ କାର୍ଯ୍ୟର ମନ୍ଦିର ପରିଚାଳନା କମିଟି ସଭାପତି ସାଇପ୍ରସାଦ ଭେଲଗଡ଼ା ଓ ଉପସଭାପତି ମନୋଜ ପ୍ରଧାନ ନେତୃତ୍ୱ ନେଇଥିଲେ।

# ୫ବର୍ଷ ହେଲା ଚୁଆ ପାଣି ଉପରେ ଭରସା

**ଖୋର୍ଦ୍ଧା ଅଫିସ, ୧୬।୪**

- କାର୍ଯ୍ୟକ୍ଷମ ହୋଇପାରୁନି ବୋରୱେଲ
- ବିଶୁଦ୍ଧ ପାଣି ପାଇଁ ଲୋକେ ଡହଳବିକଳ
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି





ଗ୍ରାମାଞ୍ଚଳରେ ଟ୍ୟାପ୍ ଖୋଲିଲେ ଲୋକଙ୍କୁ ମିଳିବ ବିଶୁଦ୍ଧ ପାନୀୟଜଳ। ଏଥିଲାଗି ସରକାର କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ତେବେ ସରକାରଙ୍କ ଏହି ନାରା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରେ ପ୍ରହସନ ପାଲଟିଛି। ଏହି ବ୍ଲକ ଅସରଳା ପଞ୍ଚାୟତ ଅନ୍ତର୍ଗତ ୱାର୍ଡ ନମ୍ବର ୫ ଅନ୍ତର୍ଗତ ବ୍ରାହ୍ମଣ ସାହିରେ ଦୀର୍ଘବର୍ଷ ଧରି ପାନୀୟଜଳ ସମସ୍ୟା ଲାଗି ରହିଛି। ପାଇପ ଯୋଗେ ପାନୀୟଜଳ ଯୋଗାଣ ନେଇ ସ୍ଥାନୀୟ ଗ୍ରାମବାସୀ ବ୍ଲକ ପ୍ରଶାସନଠାରୁ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଗ୍ରୀଷ୍ମ ପ୍ରଭାବ ଲାଗି ରହିଛି। ଗୋଟିଏ ପଟେ ପ୍ରଚଣ୍ଡ ରୌଦ୍ରତାପ ଅନ୍ୟପଟେ ପାଣି ମୁନ୍ଦାଏ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ପାଣି ପାଇଁ ଗ୍ରାମବାସୀ ବିମଳାକ୍ଷୀ ପୋଖରୀ, ଚୁଆ ଉପରେ ନିର୍ଭର କରୁଛନ୍ତି।

ପ୍ରକାଶ ଯେ, ଏହି ୱାର୍ଡକୁ ପାଇପଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ରହିଥିଲେ ମଧ୍ୟ ଲୋକଙ୍କ ଆବଶ୍ୟକତା ମେଣ୍ଟୁନାହିଁ। ଭୌଗଳିକ ଦୃଷ୍ଟିରୁ ଏହି ଗ୍ରାମ ଉଚ୍ଚା ସ୍ଥାନରେ ରହିଛି। ପାଇପ୍ ଯୋଗେ ପାଣି ଆସି ପାରୁନାହିଁ। ଯାହା ଆସୁଛି, ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଏହି ସମସ୍ୟା ଦୂର ଲାଗି ୨୦୧୭ ମସିହାରେ ବ୍ଲକ ପକ୍ଷରୁ ୪ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ଏକ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ହୋଇଥିଲା। ତେବେ ଏହି ପ୍ରସ୍ତାବକୁ ୫ବର୍ଷ ବିତିବାକୁ ଆସିଲାଣି। କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। କିଛି ମାସ ପୂର୍ବେ ସାହି ଅମୃତେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଏକ ବୋରୱେଲ ଖୋଳାଯାଇଛି। ହେଲେ ଏହାକୁ କାର୍ଯ୍ୟକ୍ଷମ କରାଯାଇନାହିଁ। ଖରା ଦିନ ଆସିଲେ, ଏହି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ପରିବାର ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ଜଳଯୋଗାଣ ଅଧିକାରୀ ସୁନିଲ ପାଢୀ କୁହନ୍ତି, ବିଦ୍ୟୁତ୍ ସଂଯୋଗ ନ ଥିବାରୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଖୁବଶୀଘ୍ର ଲୋକଙ୍କ ପାନୀୟଜଳ ସମସ୍ୟା ଦୂର ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଦୀର୍ଘବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନର ଆନ୍ତରିକତା ଅଭାବକୁ ସ୍ଥାନୀୟ ଗ୍ରାମବାସୀ ଦାୟୀ କରିଛନ୍ତି। ମେ' ମାସରେ ପ୍ରଚଣ୍ଡ ଖରା ହେବା ସମ୍ଭାବନା ରହିଛି। ତୁରନ୍ତ ପ୍ରଶାସନ ପାନୀୟଜଳ ସମସ୍ୟା ସମାଧାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି।

## ୨୦ ୟୁନିଟ୍ ରକ୍ତ ସଂଗ୍ରହ

**ବେଗୁନିଆ, ୧୬।୪(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଗ୍ରାମ ସ୍ଥିତ ହଟ୍ଟକେଶ୍ୱର ଦେବଙ୍କ ପୀଠ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୨୦ୟୁନିଟ ରକ୍ତ ସଂଗ୍ରହ ହୋଇଛି। ନୟାଗଡ଼ ବ୍ଲଡ ବ୍ୟାଙ୍କର ଡା. ସତ୍ୟ ପ୍ରକାଶ ସାହୁ, କାଉନସେଲର ଅଜୟ କୁମାର ପଟ୍ଟନାୟକ, ଲାବ୍ ଟେକ୍ନିସିଆନ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଅଭିମନ୍ୟୁ ସାହୁ ଓ ସହାୟକ ପଞ୍ଚୁ ଦଳେଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଆୟୋଜକ ସଂଘର ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଶିବିର ପରିଚାଳନା କରିଥିଲେ। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ, ବଳରାମ ରଣସିଂହ, ପତିତପାବନ ବଳବନ୍ତରାୟ, ଗୌର ଚରଣ ପ୍ରହରାଜ, ନଳିନୀ କାନ୍ତ ପଣ୍ଡା, ଅଖିଳେଶ ମହାପାତ୍ର, ସୁରେଶ ଚନ୍ଦ୍ର ସେଠୀ, ଶ୍ରୀବତ୍ସ ପାଣିଗ୍ରାହୀ, ଗୋବିନ୍ଦ ରଥ, ସଂଗ୍ରାମ କେଶରୀ ସାମନ୍ତରାୟ, ସମୀର ସୁନ୍ଦରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।



ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗଣିତଜ୍ଞ ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଆନନ୍ଦ କୁମାରଙ୍କୁ ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି।

## ରେଲ୍‌ୱେ ପକ୍ଷରୁ ଓଭରବ୍ରିଜ କାମ ଶେଷ ପର୍ଯ୍ୟାୟରେ

**ଜଟଣୀ, ୧୬।୪(ଡି.ଏନ୍.ଏ.)**

ଜଟଣୀ ସୀତାରାମ ଛକସ୍ଥିତ ଆନ୍ଧ୍ର ବ୍ୟାଙ୍କଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଓଭରବ୍ରିଜ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ବେଳେ ରେଳ ପ୍ରଶାସନ ପକ୍ଷରୁ ରେଲ୍‌ୱେ ଅଂଶର ଓଭରବ୍ରିଜ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ରେଲ୍‌ୱେ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବସିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଫଳରେ ଆସନ୍ତା ମେ'୨୫ରେ ବ୍ରିଜ ଉଦ୍‌ଘାଟନ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି।

ପ୍ରକାଶ ଯେ, ୧୧୩୩ ମିଟର ଲମ୍ବର ଏହି ଓଭରବ୍ରିଜ କାର୍ଯ୍ୟ ୨୦୧୫ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳେ ୫୪ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ଠିକା ସଂସ୍ଥା ଦ୍ୱାରା ଆରମ୍ଭ କରାଯାଇଥିବା ବେଳେ ୨୦୧୭ ଶେଷ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ନିମ୍ନମାନର କାର୍ଯ୍ୟ, ବାଦବିବାଦ ଯୋଗୁ ବର୍ତ୍ତମାନ ଏହାର ବ୍ୟୟ ଅଟକଳ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ୨୦୨୨ ଏପ୍ରିଲ ପହିଲାରେ ଉକ୍ତ ବ୍ରିଜ୍ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବା ନେଇ ସେତେବେଳର ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏବଂ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ। ତେବେ ବଡ଼ବଜାର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ହୋଇ ନ ଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସରିଲା ନାହିଁ। ପରବର୍ତ୍ତୀ ସମୟରେ ଜବରଦଖଲ ଉଚ୍ଛେଦ ହୋଇଥିଲା। ଆସନ୍ତା ମେ' ୨୫ରେ ଓଭରବ୍ରିଜ ଲୋକାର୍ପିତ ହେବ ବୋଲି ପୁଣି ବିଧାୟକ ରାଉତରାୟ କହିଥିଲେ। ତେବେ ବର୍ତ୍ତମାନ ବଡ଼ବଜାର ଅଂଶରେ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ମେ' ୨୫ ସୁଦ୍ଧା କାର୍ଯ୍ୟ ସରିବ କି ନାହିଁ ସାଧାରଣରେ ଆଲୋଚନା ହେଉଛି। ଏନେଇ ଜଟଣୀର ପୂର୍ବତନ ନଗରପାଳ ଡ. ଗୌରୀପ୍ରସାଦ ସିଂ କୁହନ୍ତି, ଜିଲା ପ୍ରଶାସନ ତତ୍ପରତା ଦେଖାଇ ବଡ଼ବଜାର ଅଞ୍ଚଳର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିପାରିଲେ ଆସନ୍ତା ମେ'୨୫ ରେ ଜନସାଧାରଣ ବ୍ରିଜ୍‌ରେ ଚଳପ୍ରଚଳ କରିପାରିବେ। ଅନ୍ୟପକ୍ଷରେ ରାଜନୈତିକ ଛକାପଞ୍ଝା ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ରିଜ୍ କାମ ସରୁ ନ ଥିବାରୁ ସାଧରଣ ଲୋକେ ପ୍ରଭାବିତ ହେଉଛନ୍ତି ବୋଲି ସ୍ଥାନୀୟ ସ୍ୱେଚ୍ଛାସେବୀ ଟିଙ୍କି ଦେଓ କହିଛନ୍ତି।



ଜଟଣୀ ଓଭରବ୍ରିଜ୍ କାମ ଚାଲିଛି।

## ସ୍ୱଚ୍ଛତା ଓ ଶାନ୍ତିଶୃଙ୍ଖଳାକୁ ପ୍ରାଥମିକତା

**ପଣାଯାତ୍ରା ମହୋତ୍ସବର ୩ୟ ଦିବସ**

**କୃଷ୍ଣପ୍ରସାଦ, ୧୬।୪(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡ଼ା ତିତିପଠାରେ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ଆୟୋଜିତ ୭୬ ତମ ପଣାଯାତ୍ରା ମହୋତ୍ସବର ୩ୟ ଦିବସରେ ସ୍ୱଚ୍ଛତା ଓ ଶାନ୍ତି ଶୃଙ୍ଖଳାକୁ ପ୍ରାଥମିକତା ଦିଆଯାଇଛି। ଏହି ଦିବସରେ ୨୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା। ଏକ ହଜାରରୁ ଅଧିକ ବ୍ୟବସାୟୀ ନିଜର ବ୍ୟବସାୟ ଆରମ୍ଭ କରିଛନ୍ତ। ଏହି ମହୋତ୍ସବରେ ଏକ୍ରିକ ପ୍ରକଳ୍ପର ହମାରା ବଚପନ ଟ୍ରଷ୍ଟ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଟ୍ରଷ୍ଟର ଦଳପତି ଅଶୋକ କୁମାର ନାୟକ, ଜୀବିକା ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ନଳିନୀ କାନ୍ତ ବଡ଼ଜେନାଙ୍କ ନେତୃତ୍ୱରେ ଯାତ୍ରା ପଡ଼ିଆରୁ ଅଳିଆ ଆବର୍ଜନା ସଫେଇ କରାଯାଉଛି। ଏଥିରେ ଟ୍ରଷ୍ଟର ଜଳବାୟୁ ସଂଗ୍ରାମୀ ସାଥିଙ୍କ ସମେତ ବାବା କମଳେଶ୍ୱର ଦେବ ଗୋଲଡେନ କ୍ଲବର ସଭ୍ୟମାନେ ସାମିଲ ହୋଇଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍‌ସ୍ପେକ୍ଟର ଚନ୍ଦ୍ରଶେଖର ନାୟକଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୩୫ ମୌଜା ପରିଚାଳନା କମିଟି ସଭାପତି ଡ.ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ ସାହୁ ଉତ୍ସବକୁ ପରିଚାଳନା କରୁଥିବା ବେଳେ ୧୪୭ ଜଣ ସଦସ୍ୟ ସୁଚାରୁଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ପୁରୀ, କୋଣାର୍କ ବୁଲିଲେ ୮ ଦେଶର ପ୍ରତିନିଧି ମଣ୍ଡଳୀ



**ଶ୍ରୀମନ୍ଦିର, ସୂର୍ଯ୍ୟ ମନ୍ଦିର ଦେଖି ଅଭିଭୂତ ହେଲେ**

**ପୁରୀ ଅଫିସ/କୋଣାର୍କ, ୧୬।୪ (ଡି.ଏନ୍.ଏ)**

ଚଳିତ ବର୍ଷ ଭାରତରେ ଜି-୨୦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଭାରତ ଉକ୍ତ ବୈଠକରେ ଅଧ୍ୟକ୍ଷତା କରୁଛି। ତେଣୁ ଜି-୨୦ ସମ୍ମିଳନୀକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜେନ୍ ନେକ୍ସ୍ଟ ଡେମୋକ୍ରାସି ନେଟୱର୍କ ଅନ୍ତର୍ଗତ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ଯୁବ ପ୍ରତିନିଧିମାନେ ଭାରତୀୟ ଗଣତନ୍ତ୍ର ଐତିହ୍ୟ, କଳା ସଂସ୍କୃତି ଆଦି ବିଷୟରେ ଅବଗତ ହେବା ପାଇଁ ଭାରତ ଆସୁଛନ୍ତି। ଶନିବାର ୮ଟି ଦେଶର ପ୍ରତିନିଧି ମଣ୍ଡଳୀ ଓଡ଼ିଶା ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିବାବେଳେ ରବିବାର କୋଣାର୍କ ଓ ପୁରୀ ବୁଲିଛନ୍ତି। ସେମାନେ କୋଣାର୍କ ସୂର୍ଯ୍ୟମନ୍ଦିର, ପୁରୀର ସ୍ୱର୍ଣ୍ଣାଭ ବେଳାଭୂମି, ଶ୍ରୀମନ୍ଦିର ଆଦି ପରିଦର୍ଶନ କରିଛନ୍ତି।

ଆଜାଦି କା ଅମୃତ ମହୋତ୍ସବର ଅଂଶବିଶେଷ ଏହି କାର୍ଯ୍ୟକ୍ରମକୁ ଇଣ୍ଡିଆନ କାଉନ୍‌ସିଲ୍ ଫର୍ କଲଚରାଲ ରିସର୍ଚ୍ଚ ଆୟୋଜନ କରୁଛି। ଏହି ପ୍ରତିନିଧି ମଣ୍ଡଳୀ ଭାରତର ବିଭିନ୍ନ ଐତିହ୍ୟ, ବିଧାନସଭା ଗୃହ ଇତ୍ୟାଦି ପରିଦର୍ଶନ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ପର୍ତ୍ତୁଗାଲ, କ୍ରୋଏସିଆ, ମଙ୍ଗୋଲିଆ, ଗାଏନା, ବ୍ରାଜିଲ, ବେଲଜିୟମ,ବୁଲଗେରିଆ, ଦକ୍ଷିଣ ଆଫ୍ରିକା ଆଦି ଦେଶର ଏମ୍‌ପି ପ୍ରତିନିଧି ରହିଛନ୍ତି। ପ୍ରତିନିଧିମାନେ ରବିବାର ପ୍ରଥମେ କୋଣାର୍କ ସୂର୍ଯ୍ୟମନ୍ଦିର ଓ ପରେ ପୁରୀର ଶ୍ରୀମନ୍ଦିର ପରିଦର୍ଶନ କରିଥିଲେ। ସେମାନଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଶ୍ରୀମନ୍ଦିର ନିକଟ ଅଞ୍ଚଳ କମ୍ପିଉଠିଥିଲା। ରାଜରାଜୁଡ଼ା ଅମଳର କାରିଗରି ତଥା ସେତେବେଳେ ବିନା ଅତ୍ୟାଧୁନିକ ଯନ୍ତ୍ରପାତିରେ ଏତେ ସୁନ୍ଦର କାରୁକାର୍ଯ୍ୟ ଭରା ଐତିହ୍ୟ ଏହି ବିଦେଶୀ ପ୍ରତିନିଧିମାନଙ୍କୁ ଚକିତ କରିଛି। ଗଣତନ୍ତ୍ର ଶାସନ ବ୍ୟବସ୍ଥା ଉପରେ ଅଧିକ ଉପଲବ୍ଧି ହାସଲ ସହ ସେମାନେ ବିଭିନ୍ନ ଐତିହ୍ୟ ସ୍ଥାନ ବୁଲି ଅଭିଭୂତ ହୋଇଛନ୍ତି। ଓଡ଼ିଶାର ଆତିଥେୟତା, ସଂସ୍କୃତି ଓ କଳାକୃତି ବିଶେଷ ଆକର୍ଷିତ କରିବା ସହ କୋଣାର୍କ ଓ ଶ୍ରୀମନ୍ଦିରର କାରୁକାର୍ଯ୍ୟ ଭରା ଐତିହ୍ୟ ଅତୁଳନୀୟ ବୋଲି ସେମାନେ କହିଛନ୍ତି। ଭାରତୀୟ ଗଣତନ୍ତ୍ର ବିଶ୍ୱର ସର୍ବଶ୍ରେଷ୍ଠ ଗଣତନ୍ତ୍ର। ଏହାର ସଂସ୍କୃତି ଓ ପରମ୍ପରା ଅତୁଳନୀୟ। ବିଶେଷକରି ଓଡ଼ିଶାରେ ରହିଛି ପ୍ରକୃତିର ଅପରୂପ ସମ୍ଭାର। ଏଭଳି ସ୍ଥାନ ଅଦ୍ୱିତୀୟ। ଓଡ଼ିଶାର ଲୋକଙ୍କ ସ୍ମିତହାସ୍ୟ ଭରା କଥା ଓ ଆତିଥେୟତା ଅଭିଭୂତ କରିଛି। ବିଭିନ୍ନ ଐତିହ୍ୟ ପରିଦର୍ଶନ ପରେ ଏକ ନିଆରା ଅନୁଭୂତି ମିଳିଛି ବୋଲି ଜି-୨୦ ଅନ୍ତର୍ଗତ ୮ଟି ଦେଶର ପ୍ରତିନିଧି ମଣ୍ଡଳୀ ପୁରୀ ଗସ୍ତ ଅବସରରେ ପ୍ରତିକ୍ରିୟା ରଖିଛନ୍ତି। ସବୁ ଦେଶରେ ଭିନ୍ନ ସଂସ୍କୃତି ଓ ପରମ୍ପରା ରହିଛି। ଇଷ୍ଟର ଭଳି ପର୍ବ ସାରା ବିଶ୍ୱରେ ବିଦିତ, ମାତ୍ର ଓଡ଼ିଶାର ପର୍ବ ଓ ପାଳନ ବିଧି ସ୍ୱତନ୍ତ୍ର ବୋଲି ପ୍ରତିନିଧିମାନେ କହିଛନ୍ତି। ଏହି ଗସ୍ତ ଅବସରରେ ଅତିରିକ୍ତ ଜିଲାପାଳ ଦିଲ୍ଲୀପ ମହାପାତ୍ର, ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଇଜିଂ ଇଗଲ ଫାଇଟର ବିଜୟୀ

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

**ବୋଲଗଡ, ୧୬।୪(ଡି.ଏନ୍.ଏ.)**

ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ନବମ ସଂସ୍କରଣ ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ରାଇଜିଙ୍ଗ ଇଗଲ ଫାଇଟର ଏବଂ ରିୟଲ ଫାଇଟର ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ରିୟଲ ଫାଇଟର ଦଳ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାଇଜିଂ ଇଗଲ ଫାଇଟର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ବିନିମୟରେ ୧୦୪ ରନ ସଂଗ୍ରହ କରିଥିଲା। ଜବାବରେ ରିୟଲ ଫାଇଟର ଦଳ ୧୧.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ରାଇଜିଂ ଫାଇଟର ଦଳର ଶିବୁ ମ୍ୟାନ ଆଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରଶ୍ମିରଞ୍ଜନ ମହାରଣା ଓ ଅଜୟ ସିଂ ମ୍ୟାଚ୍ କରିଥିଲେ। ବରିଷ୍ଠ ସାମାଜିକ କର୍ମୀ କୃଷ୍ଣମୋହନ ପାଲଟାସିଂହ ଓ ଇଂ.ଅକ୍ଷୟ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଶିବପ୍ରସାଦ ଦାସ, ଅଶୋକ ଦଳବେହେରା, ଦୀପନ ସିଂହ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ଅତିଥି ଏବଂ ଖେଳାଳିମାନେ।

## 'ସମାଜ ପ୍ରଗତିର ମାର୍ଗଦର୍ଶକ ମାତୃଭାଷା'

**ଶ୍ୱେତପଦ୍ମା ସାହିତ୍ୟ ସଂସଦର ବାର୍ଷିକୋତ୍ସବ**

- କବିତା ପାଠ, ୨୧ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା
- 'ମୃଣାଳିନୀ' ପୁସ୍ତକ ଉନ୍ମୋଚିତ

**ବେଗୁନିଆ, ୧୬।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ଆମ୍ର କାନନ ପରିସରରେ ପ୍ରମୁଖ ସାହିତ୍ୟାନୁଷ୍ଠାନ ଶ୍ୱେତପଦ୍ମାର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବାଳକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଆଇଏଏସ ତଥା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ଯୋଗଦେଇଥିଲେ। ବକ୍ତାଭାବେ ସ୍ତମ୍ଭକାର ପ୍ରାଧ୍ୟାପକ ଡ. ନିରଞ୍ଜନ ପାଢ଼ୀ ଉପସ୍ଥିତ ଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରାଯାଇ ମା'ଶ୍ୱେତପଦ୍ମାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଗାୟକ କସ୍ତୁରୀ ମିହିର କୁମାର ଆଚାର୍ଯ୍ୟ ମଙ୍ଗଳା ଚରଣ ପାଠ କରିଥିବା ବେଳେ ସମ୍ପାଦିକା ପ୍ରତିମା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଆମେ ସଭିଏଁ ଓଡ଼ିଆ। ମାତୃଭାଷା ହେଲା ଓଡ଼ିଆ। ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ପାଇଁ ସଙ୍କଳ୍ପ କରିବା ସହ ଆମ ସମାଜ ଆଜି ଯଦି ପ୍ରଗତି ହୋଇଥାଏ ତେବେ ମାତୃଭାଷା ହେଉଛି ପ୍ରକୃତ ମାର୍ଗଦର୍ଶକ ବୋଲି ଅତିଥି ସାହୁ ଉଦ୍‌ବୋଧନ ଦେଇଥିଲେ। ସେହିପରି ମଞ୍ଚାସୀନ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟ, କବିତା, ନାଟ୍ୟ ନିର୍ଦ୍ଦେଶନା, ଚିତ୍ରକଳା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୧ ଜଣ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସାହିତ୍ୟାନୁଷ୍ଠାନର ମୁଖପତ୍ର 'ମୃଣାଳିନୀ' କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବିତା ପାଠରେ କବୟିତ୍ରୀ ସଂଘମିତ୍ରା ରଥ, ଯୋଜନୀବାଳା ପଣ୍ଡା, ପଣ୍ଡିତ ସୁଧାକର ସାମନ୍ତରାୟ, କବି ଗଙ୍ଗାଧର ଓଝା , ଗୋପୀନାଥ ସେଠୀ, ଶ୍ରୀକୁମାର ସାହୁ, ପ୍ରସନ୍ନ ମଣ୍ଡଳ, ରବିନାରାୟଣ ମଙ୍ଗରାଜ, ବଂଶୀଧର ପଣ୍ଡା, ନରୋତ୍ତମ ବେହେରା, ଡା.ତୁଷାରକାନ୍ତ ସାହୁ, ସୋମନାଥ ସାହ, ପ୍ରସନ୍ନ ବାରିକ, ସୁରେନ୍ଦ୍ର ସୁବୁଦ୍ଧି, ବିଦ୍ୟାଧର ମହାରଣା, ମନୋଜ ମହାପାତ୍ର, ଇଂ. ବିଶ୍ୱପ୍ରଦୀପ ରଶ୍ମିରଞ୍ଜନ ସ୍ୱାଇଁ, ଭାଗୀରଥି ପରିଡା, ସୁରେନ୍ଦ୍ର ପାଲଟାସିଂହ, ଶ୍ରୀବତ୍ସ ପାଣିଗ୍ରାହୀ, ମାନସୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଞ୍ଜୟ ପାଣିଗ୍ରାହୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସହ ସମ୍ପାଦକ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।



ଅତିଥିମାନେ 'ମୃଣାଳିନୀ' ପୁସ୍ତକ ଉନ୍ମୋଚନ କରୁଛନ୍ତି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୬।୪।୨୦୨୩

| ୬,୭୬,୧୬୯ଟଙ୍କା | |
|---|---|
| ସୁନା | ୪.୫୫୦ ଗ୍ରାମ୍ |
| ରୁପା | ୩୯.୩୦୦ ଗ୍ରାମ୍ |

# ପୁରୀ, କୋଣାର୍କ ବୁଲିଲେ ୮ ଦେଶର ପ୍ରତିନିଧି ମଣ୍ଡଳୀ

## ଶ୍ରୀମନ୍ଦିର, ସୂର୍ଯ୍ୟ ମନ୍ଦିର ଦେଖି ଅଭିଭୂତ ହେଲେ

- ଓଡ଼ିଶାର ଆତିଥେୟତା, କଳା ସଂସ୍କୃତିକୁ ପ୍ରଶଂସା
- ନୂତନ ଅନୁଭୂତି, ଅଭିଜ୍ଞତା ସାଉଣ୍ଟିଲେ

ପୁରୀ ଅଫିସ/କୋଣାର୍କ, ୧୬।୪ (ଡି.ଏନ୍.ଏ):

ଚଳିତ ବର୍ଷ ଭାରତରେ ଜି-୨୦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଭାରତ ଉକ୍ତ ବୈଠକରେ ଅଧ୍ୟକ୍ଷତା କରୁଛି। ତେଣୁ ଜି-୨୦ ସମ୍ମିଳନୀକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜେନ୍ ନେକ୍ସ୍ଟ ଡେମୋକ୍ରାସି ନେଟୱର୍କ ଅନ୍ତର୍ଗତ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ଯୁବ ପ୍ରତିନିଧିମାନେ ଭାରତୀୟ ଗଣତନ୍ତ୍ର ଐତିହ୍ୟ, କଳା ସଂସ୍କୃତି ଆଦି ବିଷୟରେ ଅବଗତ ହେବା ପାଇଁ ଭାରତ ଆସୁଛନ୍ତି। ଶନିବାର ୮ଟି ଦେଶର ପ୍ରତିନିଧି ମଣ୍ଡଳୀ ଓଡ଼ିଶା ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିବାବେଳେ ରବିବାର କୋଣାର୍କ ଓ ପୁରୀ ବୁଲିଛନ୍ତି। ସେମାନେ କୋଣାର୍କ ସୂର୍ଯ୍ୟମନ୍ଦିର, ପୁରୀର ସ୍ୱର୍ଣ୍ଣାଭ ବେଳାଭୂମି, ଶ୍ରୀମନ୍ଦିର ଆଦି ପରିଦର୍ଶନ କରିଛନ୍ତି।



ସୂର୍ଯ୍ୟମନ୍ଦିର ପରିଦର୍ଶନ ଅବସରରେ ପ୍ରତିନିଧି ମଣ୍ଡଳୀ।

ଆଜାଦି କା ଅମୃତ ମହୋତ୍ସବର ଅଂଶବିଶେଷ ଏହି କାର୍ଯ୍ୟକ୍ରମକୁ ଇଣ୍ଡିଆନ କାଉନ୍ସିଲ୍ ଫର୍ କଲଚରାଲ ରିସର୍ଚ୍ଚ ଆୟୋଜନ କରୁଛି। ଏହି ପ୍ରତିନିଧି ମଣ୍ଡଳୀ ଭାରତର ବିଭିନ୍ନ ଐତିହ୍ୟ, ବିଧାନସଭା ଗୃହ ଇତ୍ୟାଦି ପରିଦର୍ଶନ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ପର୍ତ୍ତୁଗାଲ, କ୍ରୋଏସିଆ, ମଙ୍ଗୋଲିଆ, ଗାଏନା, ବ୍ରାଜିଲ, ବେଲଜିୟମ,ବୁଲଗେରିଆ, ଦକ୍ଷିଣ ଆଫ୍ରିକା ଆଦି ଦେଶର ଏମ୍‌ପି ପ୍ରତିନିଧି ରହିଛନ୍ତି। ପ୍ରତିନିଧିମାନେ ରବିବାର ପ୍ରଥମେ କୋଣାର୍କ ସୂର୍ଯ୍ୟମନ୍ଦିର ଓ ପରେ ପୁରୀର ଶ୍ରୀମନ୍ଦିର ପରିଦର୍ଶନ କରିଥିଲେ। ସେମାନଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଶ୍ରୀମନ୍ଦିର ନିକଟ ଅଞ୍ଚଳ କମ୍ପିଉଠିଥିଲା। ରାଜରାଜୁଡ଼ା ଅମଳର କାରିଗରି ତଥା ସେତେବେଳେ ବିନା ଅତ୍ୟାଧୁନିକ ଯନ୍ତ୍ରପାତିରେ ଏତେ ସୁନ୍ଦର କାରୁକାର୍ଯ୍ୟ ଭରା ଐତିହ୍ୟ ଏହି ବିଦେଶୀ ପ୍ରତିନିଧିମାନଙ୍କୁ ଚକିତ କରିଛି। ଗଣତନ୍ତ୍ର ଶାସନ ବ୍ୟବସ୍ଥା ଉପରେ ଅଧିକ ଉପଲବ୍ଧି ହାସଲ ସହ ସେମାନେ ବିଭିନ୍ନ ଐତିହ୍ୟ ସ୍ଥାନ ବୁଲି ଅଭିଭୂତ ହୋଇଛନ୍ତି। ଓଡ଼ିଶାର ଆତିଥେୟତା, ସଂସ୍କୃତି ଓ କଳାକୃତି ବିଶେଷ ଆକର୍ଷିତ କରିବା ସହ କୋଣାର୍କ ଓ ଶ୍ରୀମନ୍ଦିରର କାରୁକାର୍ଯ୍ୟ ଭରା ଐତିହ୍ୟ ଅତୁଳନୀୟ ବୋଲି ସେମାନେ କହିଛନ୍ତି। ଭାରତୀୟ ଗଣତନ୍ତ୍ର ବିଶ୍ୱର ସର୍ବଶ୍ରେଷ୍ଠ ଗଣତନ୍ତ୍ର। ଏହାର ସଂସ୍କୃତି ଓ ପରମ୍ପରା ଅତୁଳନୀୟ। ବିଶେଷକରି ଓଡ଼ିଶାରେ ରହିଛି ପ୍ରକୃତିର ଅପରୂପ ସମ୍ଭାର। ଏଭଳି ସ୍ଥାନ ଅଦ୍ୱିତୀୟ। ଓଡ଼ିଶାର ଲୋକଙ୍କ ସ୍ମିତହାସ୍ୟ ଭରା କଥା ଓ ଆତିଥେୟତା ଅଭିଭୂତ କରିଛି। ବିଭିନ୍ନ ଐତିହ୍ୟ ପରିଦର୍ଶନ ପରେ ଏକ ନିଆରା ଅନୁଭୂତି ମିଳିଛି ବୋଲି ଜି-୨୦ ଅନ୍ତର୍ଗତ ୮ଟି ଦେଶର ପ୍ରତିନିଧି ମଣ୍ଡଳୀ ପୁରୀ ଗସ୍ତ ଅବସରରେ ପ୍ରତିକ୍ରିୟା ରଖିଛନ୍ତି। ସବୁ ଦେଶରେ ଭିନ୍ନ ସଂସ୍କୃତି ଓ ପରମ୍ପରା ରହିଛି। ଇଷ୍ଟର ଭଳି ପର୍ବ ସାରା ବିଶ୍ୱରେ ବିଦିତ, ମାତ୍ର ଓଡ଼ିଶାର ପର୍ବ ଓ ପାଳନ ବିଧି ସ୍ୱତନ୍ତ୍ର ବୋଲି ପ୍ରତିନିଧିମାନେ କହିଛନ୍ତି। ଏହି ଗସ୍ତ ଅବସରରେ ଅତିରିକ୍ତ ଜିଲାପାଳ ଦିଲ୍ଲୀପ ମହାପାତ୍ର, ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, କୋଣାର୍କ ପ୍ରତ୍ନତତ୍ତ୍ୱ ସଂଗ୍ରହାଳୟର ଅଧିକାରୀ ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୌରାଙ୍ଗ ବେଶରେ ସାକ୍ଷୀଗୋପାଳ ଠାକୁର

ସାକ୍ଷୀଗୋପାଳ,୧୬।୪(ସ୍ୱ.ପ୍ର./ ଡି.ଏନ୍.ଏ.)- ପବିତ୍ର ଏକାଦଶୀ ତିଥି ରବିବାର ଅପରାହ୍ଣରେ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ଗୌରାଙ୍ଗ ବେଶ ଅନୁଷ୍ଠିତ ହୋଇଥିଲା। ବୀରକେଶରୀ ଭୋଗ ସମାପନ ପରେ ଦ୍ୱିପ୍ରହର ଧୂପ ବେଶରେ ଠାକୁରଙ୍କ ଶ୍ରୀଅଙ୍ଗରେ ଅଧିକ ୪ଟି ଖଞ୍ଜାଭୁଜ ଲାଗି ହୋଇଥିଲା। ଠାକୁର ୨ଟି ଭୁଜରେ ସୁବର୍ଣ୍ଣ ବଂଶୀ ଧାରଣ କରିଥିବାବେଳେ ଅନ୍ୟ ୪ଟି ଭୁଜରେ ଧନୁତୀର, କମଣ୍ଡଳୁ ଓ ଜପାମାଳା ଧାରଣ କରିଥିଲେ। ସେହିପରି ଶ୍ରୀମୁଖରେ ଚନ୍ଦନଚର୍ଚ୍ଚିତ ବୈଷ୍ଣବ ତିଳକ ଓ ଗଳାରେ ତୁଳସୀ ମାଳା ଫୁଲ, ତୁଳସୀ ହାର ପରିଧାନ କରିଥିଲେ। ସିଂହାରୀ ସେବକ ମାନସ ମହାପାତ୍ର, ବସନ୍ତ ମହାପାତ୍ର ଏହି ବେଶ କରିଥିଲେ। ପାଳିଆ ଭଣ୍ଡାର ମେକାପ ସୁଦର୍ଶନ ମେକାପ ଓ ସତ୍ୟଜିତ୍ ମେକାପ ସହଯୋଗ କରିଥିଲେ। ଦ୍ୱିପ୍ରହର ଧୂପ ଆଳତି ସରିବା ପରେ ଶ୍ରଦ୍ଧାଳୁ ରତ୍ନସିଂହାସନ ନିକଟକୁ ଯାଇ ଗୌରାଙ୍ଗ ବେଶରେ ଠାକୁରଙ୍କୁ ଦର୍ଶନ କରିଥିଲେ। ରାତି ୮ଟା ପର୍ଯ୍ୟନ୍ତ ସନ୍ଧ୍ୟା ଧୂପ ବେଶର ଦର୍ଶନ ମିଳିଥିଲା।

### ଅମୃତ ସରୋବର ପ୍ରକଳ୍ପ ଦେଖିଲେ କେନ୍ଦ୍ର ମନ୍ତ୍ରୀ

ପିପିଲି, ୧୬।୪(ଡି.ଏନ୍.ଏ)- ପୁରୀ ଜିଲାରେ କେନ୍ଦ୍ର ସରକାରଙ୍କ ଅମୃତ ସରୋବର ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ କେନ୍ଦ୍ର ବୟନ ଶିଳ୍ପ ଓ ରେଳ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦ୍ଦୋଶ ସମୀକ୍ଷା କରିଛନ୍ତି। ଏ ନେଇ ସେ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ମନ୍ତ୍ରୀ ଜର୍ଦ୍ଦୋଶ ରବିବାର ପୁରୀ ଜିଲା ପିପିଲି ଗସ୍ତରେ ଆସି ପିପିଲି ହାଟସାହିଠାରେ କେନ୍ଦ୍ର ସରକାରଙ୍କ ଅନୁଦାନରେ ନିର୍ମିତ ଅମୃତ ସରୋବର ବୁଲି ଦେଖିବା ସହିତ କାର୍ଯ୍ୟକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷକରି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତି ଜିଲାରେ ୭୫ଟି ଅମୃତ ସରୋବର ନିର୍ମାଣ ଲାଗି ଯୋଜନା ରହିଥିବାବେଳେ ପୁରୀ ଜିଲାରେ ୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏହି ଯୋଜନା ଦ୍ୱାରା ଲୋକଙ୍କୁ ରୋଜଗାର ମିଳିବା ସହ ବର୍ଷାଜଳ ସଂରକ୍ଷଣ ରଖାଯାଇପାରିବ। ଏହି ଅବସରରେ ନିକଟରେ ଥିବା 'ଆମ ଗାଁ ଉଦ୍ୟାନ' ବୁଲି ଜୋର୍ଦ୍ଦଶ ଖୁସିବ୍ୟକ୍ତ କରିଥିଲେ। ଜୋର୍ଦ୍ଦଶଙ୍କ ଏହି ଗସ୍ତ ସମୟରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ପିପିଲି ବ୍ଲକ ଅଧକ୍ଷା ଦେବସ୍ୱିନୀ ନନ୍ଦ, ବିଡିଓ ରଶ୍ମିତା ନାଥ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଅଧିକାରୀମାନଙ୍କୁ ଜୋର୍ଦ୍ଦଶ ପରାମର୍ଶ ଦେଇଥିଲେ।

### ଅଷ୍ଟପ୍ରହରୀ ନାମଯଜ୍ଞ

କାକଟପୁର,୧୬।୪(ଡି.ଏନ୍.ଏ.): କାକଟପୁର ବ୍ଲକ କୁଣ୍ଡେଇ ପଞ୍ଚାୟତ ଅନ୍ତର୍ଗତ ନାନକେରାସାହିରେ ଅଷ୍ଟପ୍ରହରୀ ନାମଯଜ୍ଞ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଗୁରୁବାର ନାରାୟଣୀଙ୍କ ମନ୍ଦିର ପ୍ରାଙ୍ଗଣରେ କଳସ ଯାତ୍ରାରେ ଆରମ୍ଭ କରାଯାଇଥିବା ବେଳେ ନାମଯଜ୍ଞ ଶନିବାର ପୂର୍ଣ୍ଣାହୁତି ଓ ନଗର ପରିକ୍ରମାରେ ଉଦ୍‌ଯାପିତ କରାଯାଇଥିଲା। ଏହି ନାମଯଜ୍ଞରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଛୁରାମାଡ଼ରେ ଯୁବକ ଗୁରୁତର

ଡେଲାଙ୍ଗ,୧୬।୪(ଡି.ଏନ୍.ଏ.)

ଶ୍ରୀପତିପୁର ମେଳଣ ଶେଷରାତିରେ ଉଦ୍ଦଣ୍ଡ ଯୁବକଙ୍କ ଛୁରା ଓ ଠେଙ୍ଗାମାଡ଼ରେ ଜଣେ ଯୁବକ ଗୁରୁତର ହୋଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ମନୋରଞ୍ଜନ ନାୟକ ଓରଫ ମନୁ (୨୬)। ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ୧୦୮/୨୩ ଓ ୧୦୯/୨୩ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଡେଲାଙ୍ଗ ଥାନା ଅଧୀନ ଶ୍ରୀପତିପୁର ଗ୍ରାମରେ ମେଳଣ ଚାଲୁଥିବାବେଳେ ରାତି ୩ଟାରେ ହାକପଡ଼ା ଗ୍ରାମର ମନୋରଞ୍ଜନ ଓ ତାଙ୍ଗ ସାଥୀ ବିପିନା ମହାପାତ୍ର ମେଳଣ ପଡ଼ିଆରେ ଯାତ୍ରା ଦେଖୁଥିଲେ। ସାଦପଡ଼ା ଗ୍ରାମର ଲକ୍ଷ୍ମଣ ମାଝୀଙ୍କ ପୁଅ କୁନୁ ମାଝୀ (୨୪) ପୂର୍ବ ରାଗ ରଖି ବିପିନା ଉପରେ ପରିସ୍ରା କରିବାକୁ ଉଦ୍ୟମ କରିବାରୁ ଏହାକୁ ମନୁ ବାରଣ କରିଥିଲେ। କୁନୁ ଏଥିରେ ଉତ୍ତକ୍ଷିପ୍ତ ହୋଇ ସହଯୋଗୀ ବୁନି ମାଝୀ(୨୫), ଚନ୍ଦନ ନାୟକ(୨୩), ଜ୍ୟୋତିରଞ୍ଜନ ଦାଶ(୨୨), ହରେକୃଷ୍ଣ ଦାଶ(୨୧) ପ୍ରମୁଖ ମନୁଙ୍କୁ ଆକ୍ରମଣ କରିବା ସହ ତାଙ୍କ ଡାହାଣ ଗୋଡ଼କୁ ଛୁରାମାଡ଼ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡ ଓ ଗୋଡ଼ରେ ଶକ୍ତ ଆଘାତ ଲାଗିଛି। ଖବରପାଇ ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମନୁଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଛନ୍ତି। ଏନେଇ ତାଙ୍କ ବାପା ଅମିନ ନାୟକ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅପର ପକ୍ଷରୁ ମଧ୍ୟ ଗଣ୍ଡଗୋଳ ନେଇ ଅଭିଯୋଗ ହୋଇଛି। ସୂଚନାଥାଉ କି, ଗତ ମାର୍ଚ୍ଚ ୧୩ ତାରିଖ ପୋଷଲ ମେଳଣରେ ଅଭିଯୁକ୍ତମାନେ ଦାଦାଗିରି ଦେଖାଇ ମନୁଙ୍କୁ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଗ୍ରାମ୍ୟ କମିଟି ପକ୍ଷରୁ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ସେହି ଘଟଣାକୁ ନେଇ ଶ୍ରୀପତିପୁର ମେଳଣରେ ପୁନର୍ବାର ଆକ୍ରମଣ କରିଥିବା ଅମିନ କହିଛନ୍ତି।

# ରାସ୍ତା କାମ ପାଇଁ ବଡ଼ଦାଣ୍ଡରେ ଠିଆହେଲେ ଠାକୁର

ପୁରୀ ଅଫିସ, ୧୬।୪:



ବୈଶାଖ ମାସ କୃଷ୍ଣପକ୍ଷ ଦଶମୀ ତିଥି ଶ୍ରବଣା ମକର ନକ୍ଷତ୍ର ଅବସରରେ ଅବସରରେ ଶନିବାର ଶ୍ରୀମନ୍ଦିରରେ ରାମାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ଅନ୍ୟାନ୍ୟ ନୀତି ବଢ଼ି ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ସମ୍ପନ୍ନ ପରେ ମହାଜନ ସେବକମାନେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ରଥରେ ବିଜେ କରାଇଥିଲେ। ଗୌଡବାଡ ସାହି ଆଖଡ଼ାର ଭରତ, ଶତ୍ରୁଘ୍ନ, ହନୁମାନ ଏବଂ ବଶିଷ୍ଠ ଭୂମିକାରେ ୪ଜଣ ଯୁବକ ଆସିଥିଲେ। ପରେ ଭରତ ଓ ଶତ୍ରୁଘ୍ନ ଶ୍ରୀମନ୍ଦିର ରତ୍ନଭଣ୍ଡାର ନିକଟକୁ ଯାଇ ଶ୍ରୀରାମଚନ୍ଦ୍ରଙ୍କ ପାଦୁକା ନେଇ ଘଣ୍ଟ, ଛତା, କାହାଳୀ ପଟୁଆରରେ ନନ୍ଦଗ୍ରାମ ଭାବେ ସଜ୍ଜିତ ହୋଇଥିବା ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ରାତି ପ୍ରାୟ ୧ଟାରେ ଠାକୁର ଜଗନ୍ନାଥ ବଲ୍ଲଭ ମଠ ଯିବା ସମୟରେ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଅଳ୍ପ ଦୂରରେ ଠିଆହୋଇ ରହିଥିଲେ। ଏହାର କାରଣ ହେଉଛି, ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ଚାରିପାଖରେ ପରିକ୍ରମା ମାର୍ଗର କାର୍ଯ୍ୟ ଚାଲିଛି। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ମଧ୍ୟ କାର୍ଯ୍ୟ ଜାରି ରହିଛି। ତେବେ ଉକ୍ତ ସ୍ଥାନରେ ରାସ୍ତା ଖୋଳାଯାଇ ପିଚୁ ପଡ଼ିଥିବାରୁ ଯିବା ସମ୍ଭବପର ହୋଇ ନ ଥିଲା। ଫଳରେ ଠାକୁରମାନେ ଅନେକ ସମୟ ଧରି ଠିଆ ହୋଇ ରହିଥିଲେ। ପ୍ରଶାସନର ଏପରି ଖାମଖିଆଲି କାର୍ଯ୍ୟକୁ ନାପସନ୍ଦ କରି ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି କର୍ମଚାରୀମାନଙ୍କ ଉପରେ ବିରକ୍ତ ହୋଇଥିଲେ। ପରେ କେତେଜଣ ଅଧିକାରୀ ଆସି ଘଟଣା ଦେଖିବା ସହ ପିଚୁ ପଡ଼ିଥିବା ସ୍ଥାନରେ ବାଲି ପକାଇଥିଲେ। ପରେ ଠାକୁରମାନେ ଜଗନ୍ନାଥ ବଲ୍ଲଭ ଅଭିମୁଖେ ଯାଇଥିଲେ। ତେବେ ଠାକୁର ରାସ୍ତାରେ ଅନେକ ସମୟ ଠିଆହେବା ଘଟଣା ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ପୁରୀ ଦୁର୍ଗାବାଡ଼ିର ସଭ୍ୟା ଓ ସଭ୍ୟମାନେ ବଙ୍ଗଳା ନବବର୍ଷ ପାଳନ କରୁଛନ୍ତି ।

# ଦୁର୍ଗାବାଡ଼ି ପ୍ରାଙ୍ଗଣରେ ବଙ୍ଗଳା ନବବର୍ଷ ପାଳିତ

ପୁରୀ ଅଫିସ, ୧୬।୪:

ପୁରୀ ଦୁର୍ଗାବାଡ଼ି ପରିସରରେ ଦୁର୍ଗାବାଡ଼ିର ସଭ୍ୟା ଓ ସଭ୍ୟମାନେ ବଙ୍ଗଳା ନବବର୍ଷ ୧୪୩୦ ପାଳନ କରିଛନ୍ତି। କାର୍ଯ୍ୟକ୍ରମରେ ସମିତିର ସଭାପତି ଡ. କୁମାର ହାଲଦାର ଅଧ୍ୟକ୍ଷତା କରିଥିଲେ। ସମିତିର ସାଧାରଣ ସମ୍ପାଦକ ସୁଦୀପ କୁମାର ଚାଟାର୍ଜୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଓଆରଇଏଟି ଟ୍ରିବୁନାଲର ସଭ୍ୟ ମଳୟ ଚାଟାର୍ଜୀ ଯୋଗଦେଇ ଅନୁଷ୍ଠାନ କର୍ମକର୍ତ୍ତାମାନଙ୍କର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବର୍ଷବରଣର ଏହି ଉତ୍ସବରେ ସାମାଜିକ କର୍ମୀ ଏ. ବିଶ୍ୱନାଥ ରାଓ ଏବଂ ଦି ବେଲ୍ ସଭାପତି ସିଦ୍ଧାର୍ଥ ରାୟଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସମିତିର ସାଂସ୍କୃତିକ ସମ୍ପାଦକ ସ୍ନିଗ୍ଧା ଚକ୍ରବର୍ତ୍ତୀ ଓ ସମିତିର ସଦସ୍ୟା ବନ୍ଦନା ବାନାର୍ଜୀଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦେବଲୀନା ଦାସଗୁପ୍ତ, ସ୍ୱାତୀ ମଣ୍ଡଳ, ପବିତ୍ର ମଣ୍ଡଳ, ସାଗରିକା ହାଲଦାର, ଦିପାନ୍ୱିତା ହାଲଦାର ପ୍ରମୁଖ ରବୀନ୍ଦ୍ର ସଙ୍ଗୀତ ପରିବେଷଣ ଏବଂ ସ୍ୱରୂପା ରାୟ ଓ କୁମକୁମ ଘୋଷ ଶ୍ୟାମା ସଙ୍ଗୀତ ପରିବେଷଣ କରିଥିଲେ। ଦେବାଶିଷ କୁମାର ଓ ସୁରଜିତ ଘୋଷ ଆଧୁନିକ ଗୀତ ବୋଲିଥିବା ବେଳେ ଦେବଶ୍ରୀ ଚାଟାର୍ଜୀ ଓ ହେନା ବର୍ଦ୍ଧନ କବିତା ଆବୃତ୍ତି କରିଥିଲେ। ଦେବାଞ୍ଜନା କୁମାର, ଐଶର୍ଯ୍ୟା ଭଟ୍ଟାଚାର୍ଯ୍ୟ, ରଚିତା ଚକ୍ରବର୍ତ୍ତୀ, ରିନି ଚକ୍ରବର୍ତ୍ତୀ, ଆବିରା ଦେ, ସୁପ୍ରଭା ଅଧିକାରୀ, ଦୃଷ୍ଟି ଓ ଅଦ୍ୱିତି ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ହାରମୋନିୟମ ଓ ତାବଲାରେ ଦେବୋଲିନା ଓ ଶାରଦା ସହଯୋଗ କରିଥିଲେ।

## 'ସମାଜରେ ପାରାୟଣ, ପ୍ରବଚନ ପ୍ରଭାବ ପକାଇଥାଏ'

କଣାସ,୧୬।୪(ସ୍ୱ.ପ୍ର):

ଦିବ୍ୟସିଂହପୁର ଗ୍ରାମରେ ଗତ ୯ଦିନ ବ୍ୟାପୀ ଚାଲିଥିବା ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ପ୍ରଦୀପ କୁମାର ନନ୍ଦୀ ଯୋଗଦେବା ସହ ଶିକ୍ଷାବିତ ବିଜୟ କୁମାର ସାହୁଙ୍କ ରଚିତ 'ଆମ ପରିବେଶ ପଢ଼ିବା ଆସ' ପୁସ୍ତକକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ହାସ୍ୟ ଅଭିନେତା ବ୍ରଜ ସିଂ, ଚଳଚ୍ଚିତ୍ର ଅଭିନେତା ବିନାୟକ ମିଶ୍ର, ପ୍ରକାଶ ନାୟକ, ସାମାଜିକ କର୍ମୀ ଅଶୋକ ମହାପାତ୍ର, ଜ୍ୟୋତିର୍ବିଦ୍ ସୁବାସ ଚନ୍ଦ୍ର ମହାପାତ୍ର, ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ଶିକ୍ଷାବିତ୍ ଅଜୟ କୁମାର ସେଠୀ, ମଦନମୋହନ ମହାପାତ୍ର, ଶରତ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ସମାଜ ସଂସ୍କାର ଦିଗରେ ପାରାୟଣ ଓ ପ୍ରବଚନ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ସାରଥି ଜେନା ମଞ୍ଚ ପରିଚାଳନା କରିଥିଲେ। ଗାୟକ ଦୁର୍ଗାପ୍ରସାଦ ମହାପାତ୍ର, କନକଦୁର୍ଗା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ମହାପାତ୍ର, କବି ଆର୍ତ୍ତତ୍ରାଣ ସାହୁ, ଡ. ବଲ୍ଲଭ ଭଡ଼ଙ୍କୁ ସମ୍ମାନିତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ୮୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା କନକଦୁର୍ଗା ଉଚ୍ଚ ବିଦ୍ୟାଳୟ ତଥା ଭିକାରୀ ଚରଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟର ୪ର୍ଥ ପ୍ରତିଷ୍ଠା ଦିବସ



ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କୃତୀ ପ୍ରତିଯୋଗୀମାନେ ।

ପୁରୀ ଅଫିସ, ୧୬।୪:

ସାମାଜିକ ଅନୁଷ୍ଠାନ ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟର ୪ର୍ଥ ପ୍ରତିଷ୍ଠା ଦିବସ ଶନିବାର ପୁରୀ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ମହାରଣା ଓ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ ଉପସ୍ଥିତ ଥିଲେ। ଅତିଥିମାନେ ସମାଜସେବା ଉପରେ ଗୁରୁତ୍ୱାରୋପ କରିବା ସହ ଅନୁଷ୍ଠାନର କାର୍ଯ୍ୟକୁ ପ୍ରସଂଶା କରିଥିଲେ। ଏହି ଅବସରରେ ଲାୟନ୍ସ କ୍ଲବ, ଆର୍ଟ ଅଫ୍ ଲିଭିଙ୍ଗ, ପତଞ୍ଜଳି ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପ୍ରଶାନ୍ତି ନୃତ୍ୟ ସଙ୍ଗୀତ ପରିଷଦ, ପୁରୀ ୟୁରୋଟେକ୍ ଡାନ୍ସ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିନୋଦ ପଟ୍ଟନାୟକ, ଗୀତାଞ୍ଜଳି ପଣ୍ଡା, ହିତବ୍ରତ ବାହିନୀପତି, ସର୍ବେଶ୍ୱର ମହାରଣା, ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, ବିଦ୍ୟୁତ ମିଶ୍ର, ହରିହର ବେହେରା, ପୂର୍ଣ୍ଣିମା ରଥ, ସୁରେଶ କୁମାର ସାହୁ, ସୁଦେଶା ପଣ୍ଡା, ରାକେଶ ଦାସ, ମନୋରଞ୍ଜନ ଜେନା, ସନ୍ତୋଷ ବେହେରା, ଚନ୍ଦ୍ର ଜେନା ସହଯୋଗ କରିଥିଲେ। ଅଧ୍ୟକ୍ଷା ସୁଚରିତା ପାଢ଼ୀ ଧନ୍ୟବାଦ ଦେଇଥିଲେ।







ପୁରୀ ସାହିଯାତର ଶେଷ ପର୍ବ ଅବସରରେ ଶନିବାର ରାତିରେ ଗୌଡ଼ବାଡ଼ ସାହି ପକ୍ଷରୁ ନଗର ପରିକ୍ରମା ପାଇଁ ବାହାରିଥିବା କାଳୀମେଢ଼, ଶିବପାର୍ବତୀ ମେଢ଼ ଏବଂ ନୃସିଂହ ମେଢ଼ ।

# ୫୦ ବର୍ଷ ପରେ ସହପାଠୀଙ୍କୁ ଭେଟିଲେ ପୁରାତନ ବିଦ୍ୟାର୍ଥୀ

କଣାସ, ୧୬।୪(ସ୍ୱ.ପ୍ର):

ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟର ୧୯୭୩ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ଗୁରୁପୂଜା କରିଥିଲେ। କାର୍ଯ୍ୟକ୍ରମରେ ଖବରଦାତା ପ୍ରସନ୍ନ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଗୁରୁ ରାଜକିଶୋର ମହାପାତ୍ର, ଜଗବନ୍ଧୁ ଜେନା, ବାବନ ବୈରିଗଞ୍ଜନ ଯୋଗ ଦେଇଥିଲେ। ଦିବଂଗତ ଗୁରୁ ଓ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗୁରୁ ପୂଜନ ପରେ ପୁରାତନ ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟ ଜୀବନର ସ୍ମୃତି ଚାରଣ କରିଥିଲେ। ଉତ୍ସବରେ ଶରତ ଚନ୍ଦ୍ର ଦାଶ, ଦୁର୍ଗାଚରଣ ମାର୍ଥା, ପୁର୍ଣ୍ଣଚନ୍ଦ୍ର ବରାଳ, ବନମାଳି ସାହୁ, ସର୍ବେଶ୍ୱର ପ୍ରଧାନ, ବିଧୁଭୂଷଣ ତ୍ରିପାଠୀ, ଭୋଳାନାଥ ଶତପଥୀ, ଦୁର୍ଯ୍ୟୋଧନ ଜେନା, ଅଜୟ କୁମାର ପଟ୍ଟନାୟକ, ରାଜକିଶୋର ଆଚାର୍ଯ୍ୟ, ବିଭୂତିଭୂଷଣ ତ୍ରିପାଠୀ, ବୀଣାପାଣି ଦେବୀ ଯୋଗଦେଇଥିଲେ। ବିଭୂତି ଭୂଷଣ ତ୍ରିପାଠୀ କାର୍ଯ୍ୟକ୍ରମକୁ ଆୟୋଜନ ଓ ଭୂପତି ଭୂଷଣ ତ୍ରିପାଠୀ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଗୁରୁପୂଜନ ଅବସରରେ ଉପସ୍ଥିତ ପୁରାତନ ବିଦ୍ୟାର୍ଥୀ ।

# ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ

ଗୋପ,୧୬।୪(ଡି.ଏନ୍.ଏ.)

କ୍ରୀଡ଼ା ଦ୍ୱାରା ଆମମାନଙ୍କ ମଧ୍ୟରେ ଏକତାର ଭାବ ସହିତ ବନ୍ଧୁତା ସ୍ଥାପନ ହୋଇଥାଏ। ନାଗପୁର ମେଳା ପଡ଼ିଆରେ ୧୪ତମ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଥିଲେ। ନାଗପୁର ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଓଡ଼ିଶାରୁ ବଛା ବଛା ଟିମ୍ ଯୋଗଦେଇଥିଲେ। ଏଥିରେ ଭଦ୍ରକ ସୂର୍ଯ୍ୟଶିକ୍ଷା କ୍ଲବକୁ ୨/୧ ସେଟ୍‌ରେ ହରାଇ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସ ଅପ୍ ଦଳକୁ ମଧ୍ୟ ନଗଦ ରାଶି ସହ ଟ୍ରଫି ଦିଆଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପୁରୀର ବରିଷ୍ଠ ସେବାୟତ ତଥା ସାମାଜିକ କର୍ମୀ ଗୌରୀ ଶଙ୍କର ସିଂହାରୀ, ସାଇର ବରିଷ୍ଠ ଭଲିବଲ୍ କୋଚ୍ ଅଜୟ ତ୍ରିପାଠୀ, କ୍ରୀଡ଼ା ଶିକ୍ଷକ କପିଳେନ୍ଦ୍ର ନାୟକ, ଶିଳ୍ପପତି ମହେନ୍ଦ୍ର ସିଂ ଭାଟିଆ, ନାଗପୁର ସ୍ପୋର୍ଟ୍ସ କ୍ଲବ ଉପଦେଷ୍ଟା ସଦାଶିବ ଆଚାର୍ଯ୍ୟ, ଗୋପ ଥାନା ଅଧିକାରୀ ସୁନିଲ୍ ପ୍ରଧାନଙ୍କ ସହିତ ଆଉ କେତେକ ବ୍ୟକ୍ତିଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଖେଳକୁ ନାଗପୁର ସ୍ପୋର୍ଟ୍ସ ହଷ୍ଟେଲ ସଭାପତି ସୁଶାନ୍ତ ମହାନ୍ତି, ସମ୍ପାଦକ ସୁକାନ୍ତ କିଶୋର ମିଶ୍ର, ଶ୍ରୀକାନ୍ତ ନାୟକ, ପ୍ରଶାନ୍ତ ପୁଷ୍ଟି ପ୍ରମୁଖ ପରିଚାଳନା କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିମାନେ ।

## ଦି ରିସର୍ଚ୍ଚର୍ସ୍ ଆସୋସିଏଶନ୍‌ର ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ:** କଟକ ଦୋଲମୁଣ୍ଡାଇସ୍ଥିତ ଏକ ହୋଟେଲରେ ଦି ରିସର୍ଚ୍ଚର୍ସ୍ ଆସୋସିଏଶନ୍‌ର ଜାତୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ବିଜୟ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଶୀଲ କୁମାର ଶର୍ମା ଉଦ୍‌ଘାଟନ କରି ଡ. ଏପିଜେ ଅବ୍‌ଦୁଲ କଲାମଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏକବିଂଶ ଶତାବ୍ଦୀରେ ଇଂଲିଶ ସାହିତ୍ୟ: ଦେଶ ଓ ବିଦେଶ ଶୀର୍ଷକରେ ଆଲୋଚନା ହୋଇଥିଲା। ସୋନାଲି ଦାସ, ଡ. ବିଲ୍‌କେସ୍ ପରୱିନ୍‌ଙ୍କ ସଂଯୋଜନାରେ ଗବେଷଣାତ୍ମକ ପ୍ରବନ୍ଧ ପାଠ କରାଯାଇଥିଲା। ଏହି ଅବସରରେ ଏକ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଡ. ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କୃଷ୍ଣା ମହାନ୍ତି, ଇଂ. ଗୋବିନ୍ଦ ଚନ୍ଦ୍ର ସାହୁ, ଅରୁଣ ପଣ୍ଡା ପାଇବେ ଜାନକୀବଲ୍ଲଭ ସ୍ମାରକୀ ସମ୍ମାନ

**କଟକ ଅଫିସ,୧୬।୪:** ଜାନକୀବଲ୍ଲଭ ସ୍ମାରକୀ ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷର ଜାନକୀବଲ୍ଲଭ ସ୍ମାରକୀ ସମ୍ମାନ ଘୋଷଣା କରାଯାଇଛି। ସମାଜସେବା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ରାଜ୍ୟର ୩ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଓଡ଼ିଶାର ପ୍ରସିଦ୍ଧ ଚୌଧୁରୀ ପରିବାରର ସୁକନ୍ୟା କୃଷ୍ଣା ମହାନ୍ତିଙ୍କୁ ଜାନକୀବଲ୍ଲଭ ସେବା ସମ୍ମାନ, ସାହିତ୍ୟିକ ଇଂ. ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ଜାନକୀବଲ୍ଲଭ ସାହିତ୍ୟ ସମ୍ମାନ ଓ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କୁ ଜାନକୀବଲ୍ଲଭ ସାମ୍ବାଦିକ ସମ୍ମାନ ପ୍ରଦାନ ନିମନ୍ତେ ମନୋନୀତ କରାଯାଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅଷ୍ଟମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଆସନ୍ତା ୨୧ ତାରିଖ ସନ୍ଧ୍ୟାରେ କଟକ ସାରଳା ଭବନଠାରେ ଏହି ଶ୍ରାଦ୍ଧ ଦିବସ ପାଳନ କରାଯିବ। ଏଥିରେ ଓଡ଼ିଶାର ୩ ଜଣ ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବିଜୟ ମହାପାତ୍ର ଓ ପଞ୍ଚାନନ୍ କାନୁନଗୋ ବରେଣ୍ୟ ଅତିଥି ଭାବେ ଯୋଗଦେବେ ବୋଲି ସ୍ମାରକୀ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ଡକ୍ଟର ଗୋବିନ୍ଦ ଭୂୟାଁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପରଲୋକ

**ଚୌଦ୍ୱାର,୧୬।୪(ଡି.ଏନ୍.ଏ.):** ପୂର୍ବତନ ସଂସ୍କୃତ ଶିକ୍ଷକ ତଥା ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ପଣ୍ଡିତ ଗୋବିନ୍ଦ ଚନ୍ଦ୍ର



ଷଡ଼ଙ୍ଗୀ(୬୮)ଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବରପାଇ ଝଟେଶ୍ୱର ବିଦ୍ୟାପୀଠ ଓ ମେଘେଶ୍ୱର ବିଦ୍ୟାପୀଠର ସମସ୍ତ ଶିକ୍ଷକ, ବ୍ରାହ୍ମଣ ସମାଜ, ବିଭିନ୍ନ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା, ନଖରା ଓ ଶାଳଗାଁ ପଞ୍ଚାୟତର ସରପଞ୍ଚଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅଙ୍ଗଦରାଡିହସ୍ଥିତ ଷଡଙ୍ଗୀଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନପୁଅ ପ୍ରଶାନ୍ତ, ୨ବୋହୁ , ଝିଅଜ୍ୱାଇଁ ସମେତ ଦୁଇଭାଇ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ବଡ଼ପୁଅ ଦୁଷ୍ମନ୍ତ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଷଡଙ୍ଗୀ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ଭାବରେ ବେଶ୍ ଜଣାଶୁଣା ଥିଲେ। ସେ ଅଞ୍ଚଳରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ପ୍ରତିଷ୍ଠା କରିବା ସହ ବହୁ ଅନୁଷ୍ଠାନର ପରିଚାଳନା ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଆତଙ୍କରାଜ

**କଟକ ଅଫିସ,୧୬।୪**

■ଛୁରାମାଡ଼ରେ ଛାତ୍ର ଆହତ, ଉତ୍ତେଜନା
■ରାତିରେ ବସିଲା ରେସିଡେନ୍ସିଆଲ କମିଟି ବୈଠକ



କିଛି ଦିନର ବ୍ୟବଧାନ ପରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପୁଣି ଥରେ ଅଣଛାତ୍ରଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ହଷ୍ଟେଲ ଅନ୍ତେବାସୀଙ୍କୁ ଅଣଛାତ୍ରମାନେ ଆକ୍ରମଣ କରିବା ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଉତ୍ତେଜନା ଦେଖିବାକୁ ମିଳିଥିଲା। ଏ ନେଇ ଅନ୍ତେବାସୀ ଚିଫ୍ ୱାର୍ଡେନ ଶିବବ୍ରତ ଦାସଙ୍କ ନିକଟରେ ଅଭିଯୋଗ କରିବା ପରେ ରାତିରେ ରେସିଡେନ୍ସିଆଲ କମିଟି ବୈଠକ ବସିଥିଲା।

ମିଳିଥିବା ସୂଚନା ମୁତାବକ, ବିଶ୍ୱବିଦ୍ୟାଳୟର ଆମ୍ଫି ଥିଏଟରରେ ଶନିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ହଷ୍ଟେଲ ଅନ୍ତେବାସୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ୫/୬ ଜଣ ଅଣଛାତ୍ର ପ୍ରବେଶ କରି ଇଷ୍ଟ ହଷ୍ଟେଲ ଓ ଲଳିତଗିରି ହଷ୍ଟେଲର କେତେଜଣ ଅନ୍ତେବାସୀଙ୍କ ସହ କୌଣସି କାରଣକୁ ନେଇ ଗଣ୍ଡଗୋଳ କରିଥିଲେ। ପରେ ସେମାନେ ଛୁରିରେ ଅନ୍ତେବାସୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଇଷ୍ଟ ହଷ୍ଟେଲରେ ରହୁଥିବା ଶୁଭଜିତ ପଣ୍ଡା ଆହତ ହୋଇଥିଲେ। ତାଙ୍କୁ ରକ୍ଷା କରିବାବେଳେ ଆଉ କିଛି ଅନ୍ତେବାସୀ ଆହତ ହୋଇଥିଲେ। ଏହାପରେ ଅଣଛାତ୍ରମାନେ ସେଠାରୁ ପଳାଇ ଯାଇଥିଲେ। ଏହାକୁ ନେଇ ପୁଣି ରବିବାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଥିଲା। ଆହତ ଅନ୍ତେବାସୀ ଚିଫ୍ ୱାର୍ଡେନଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣକାରୀଙ୍କୁ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ପ୍ରଥମ ବର୍ଷର ଜଣେ ଛାତ୍ର ସହଯୋଗ କରିଥିବା ଅଭିଯୋଗ ହୋଇଛି। ରବିବାର ଛୁଟିଦିନ ଥିବାରୁ କୁଳପତିଙ୍କ କାର୍ଯ୍ୟାଳୟ ବନ୍ଦ ଥିଲା। ସୋମବାର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କୁ ଅନ୍ତେବାସୀମାନେ ଭେଟିବେ। କେତେଜଣ ଅଣଛାତ୍ରଙ୍କ ବିରୋଧରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଥାନାରେ ଅଭିଯୋଗ କରାଯିବ। ଏଥିସହ ସୋମବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଘଟଣା ଉପରେ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ପୂର୍ବରୁ ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଏହାସତ୍ତ୍ୱେ ସେମାନେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ହେଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଶନିବାର ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅନ୍ତେବାସୀମାନେ ପ୍ରକାଶ କରିଛନ୍ତି। ଏପରି କି ଆକ୍ରମଣକାରୀ ଅଣଛାତ୍ରମାନେ ଛାତ୍ରାବାସରେ ବେଆଇନ ଭାବେ ରହୁଥିବା ଅଭିଯୋଗ ହୋଇଛି। ଏ ନେଇ ଚିଫ୍ ୱାର୍ଡେନ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

# 'କବିତା ହେଉଛି ଭାବର ପରିପ୍ରକାଶ'



ସାରଳା ସାହିତ୍ୟ ସଂସଦର ବିଷୁବ ସାରସ୍ୱତ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ,୧୬।୪**

**ସାରଳା ସାହିତ୍ୟ ସଂସଦର ବିଷୁବ ସାରସ୍ୱତ ଉତ୍ସବ**

ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନରେ ବିଷୁବ ସାରସ୍ୱତ ଉତ୍ସବ ରବିବାର ପାଳିତ ହୋଇଯାଇଛି। କବି ଅମରେଶ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଥିଲେ, କବିତା ହେଉଛି କବିର ଭାବୋଚ୍ଛ୍ୱାସ। ସାମାଜିକ ଆଭିମୁଖ୍ୟ କବିତାର ଉପାଦାନ ହେଲେ ତାହା ଲୋକାଭିମୁଖୀ ହୋଇପାରିବ। ମୁଖ୍ୟ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡକ୍ଟର ସଂଗ୍ରାମ ଜେନା କହିଥିଲେ, କବିତା ହେଉଛି ମନ ଓ ଭାବର ପରିପ୍ରକାଶ। କବିମାନେ ସରଳ ଭାଷାରେ ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ କବିତା ରଚନା କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଡା. ନୀରଦ କୁମାର ଗଚ୍ଛାୟତ କହିଥିଲେ, ଜୀବନାନୁଭୂତି କବିତା ରଚନା ପାଇଁ ଉପାଦାନ ଯୋଗାଇଥାଏ। ମୁଖ୍ୟବକ୍ତା ଡ. ଶତ୍ରୁଘ୍ନ ପାଣ୍ଡବ କହିଥିଲେ, କବିତା ହେଉଛି ଜୀବନର ପ୍ରତିଧ୍ୱନି। କବିମାନେ ବାସ୍ତବଧର୍ମୀ କବିତା ରଚନା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ପ୍ରେମ ଓ କରୁଣାରୁ କବିତାର ସୃଷ୍ଟି। ଗଭୀର ଅନୁଭବରୁ ଜନ୍ମନିଏ କବିତା। କବିମାନେ କବିତା ମାଧ୍ୟମରେ ସମାଜକୁ ଦିଗଦର୍ଶନ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ।

କବି ଅମିୟ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଲେଖକ ନଳିନୀକାନ୍ତ ପଣ୍ଡାଙ୍କ ଅନୁରାଗ ଅଗ୍ନି କବିତା ପୁସ୍ତକକୁ ସଭାପତି ସ୍ୱାଇଁ ଉନ୍ମୋଚନ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଷ୍ଠିତ କବିମାନେ ଯୋଗଦେଇ କବିତା ଆବୃତ୍ତି କରିଥିଲେ। ବିଭୁପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଇପିଏଫ୍ ପେନସନର୍ସ ଆସୋସିଏଶନର ଜିଲା କମିଟି ବୈଠକ

**କଟକ ଅଫିସ,୧୬।୪**


ବୈଠକରେ ଯୋଗଦେଇଥିବା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

ଇପିଏଫ ପେନସନର୍ସ ଆସୋସିଏଶନର କଟକ ଜିଲା କାର୍ଯ୍ୟକାରୀ କମିଟି ବୈଠକ ଖାନନଗରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ସଂଗଠନ, ସର୍ବ ନିମ୍ନ ପେନସନ ୯୦୦୦ଟଙ୍କା, ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ଉଚ୍ଚହାର ପେନସନ ଲାଗୁ ଆଦି ବିଷୟରେ ଆଲୋଚନା ହୋଇଥିଲା। ସଂପାଦକ ବିନୋଦ କୁମାର ବେହେରା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଇଂ ବିଜୟ ନାୟକ, ଦେବେନ୍ଦ୍ର କୁମାର ସାହୁ, ଧୀରେନ୍ଦ୍ର କୁମାର ପ୍ରତାପ, ସୁକାନ୍ତ କୁମାର ସ୍ୱାଇଁ, ପ୍ରତାପ ମିଶ୍ର, ଶ୍ରୀକାନ୍ତ ସିହ୍ନା, ବନମାଳି ବେହେରା, ଅଲେଖ ଚରଣ ରାଉତ, ନିହାରିକା ରଞ୍ଜନ ପଟ୍ଟନାୟକ, ସୁରେଶ ଚନ୍ଦ୍ର ତରାଇ ଶ୍ରୀଧର ବେହେରା, ସୁରେନ୍ଦ୍ର ସାହୁ, ରଞ୍ଜନ ଦାସ, ଗୌରାଙ୍ଗ ଦାସ, ଗଣେଶ ପ୍ରସାଦ ମାହୁନ୍ତ ଓ ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଘୋଷଣା କରାଯାଇଛି। ସହ ସଂପାଦକ ଅଲେଖ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଖରା ସତ୍ତ୍ୱେ ତାଳଦଣ୍ଡା ମୁଖ୍ୟ କେନାଲରେ ପାଣି ଛଡ଼ାଯାଉନି

**ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା, ପୋଲ ନିର୍ମାଣ ହେଉଛି**

**କଟକ ସଦର,୧୬।୪(ଡି.ଏନ୍.ଏ.)**

ଏପ୍ରିଲରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ କେନାଲରେ ପାଣି ଛାଡ଼ିବା ପାଇଁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତି ରଞ୍ଜନ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଯୋବ୍ରା ଆନିକଟରୁ ପାଣି ଛଡା ଯାଇଥିଲେ କଟକ ସଦର ସମେତ ପାରାଦୀପ, ଜଗତ୍‌ସିଂହପୁର ଓ ମାଛଗାଁ ଅଞ୍ଚଳକୁ କେନାଲରେ ପାଣି ପ୍ରବାହିତ ହୋଇଥାନ୍ତା। ମାତ୍ର ଯୋବ୍ରାଠାରୁ ବିରିବାଟି ପର୍ଯ୍ୟନ୍ତ ୧୧କିମି ଅଂଶରେ ପୂର୍ତ୍ତ ବିଭାଗ ନୂଆ ରାସ୍ତା ଓ ପୋଲ ନିର୍ମାଣ କରୁଥିବାରୁ ପାଣି ଛାଡ଼ିବା ସମ୍ଭବ ନୁହେଁ ବୋଲି କଟକସ୍ଥିତ ମହାନଦୀ ସାଉଥ୍ ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତି ସୂଚନା ଦେଇଛନ୍ତି। ଖରା ଯୋଗୁ ଜଳସ୍ତର ହ୍ରାସ ପାଉଥିବାରୁ କଟକ ସଦର ବ୍ଲକ ଓ ଜଗତ୍‌ସିଂହପୁର ଜିଲାର ଅଧିକାଂଶ ନଳକୂପରୁ ପାଣି ବାହାରୁ ନାହିଁ। ଏହାଛଡା ପୋଖରୀରୁ ପାଣି ଶୁଖିବା ଆରମ୍ଭ ହୋଇଥିବାରୁ ମାଛଚାଷ ପ୍ରଭାବିତ ହୋଇଛି। ରାଜ୍ୟର ସମସ୍ତ ଅଞ୍ଚଳରେ ପାନୀୟ ଜଳ ସମସ୍ୟାକୁ ଦେଖି ସର୍ବୋଚ୍ଚ ଯନ୍ତ୍ରୀ ମହାନ୍ତି ପତ୍ରସଂଖ୍ୟା ୧୦୨୭୨/୧୩।୪।୨୦୨୩ରେ ଜଳସେଚନ ଡ଼ିଭିଜନର ଯନ୍ତ୍ରୀମାନଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ବର୍ତ୍ତମାନ ପାଣି ଛାଡ଼ିବା ନିଷ୍ପତ୍ତି କେବଳ ସରକାର ନେଇପାରିବେ ବୋଲି ଅଧୀକ୍ଷଣ ଯନ୍ତ୍ରୀ ମହାନ୍ତି କହିଛନ୍ତି।

# ଶ୍ରେଷ୍ଠ ସ୍କାଉଟ କ୍ୟାମ୍ପୋରୀ ପାଇଁ କଟକ ଜିଲାକୁ ରାଜ୍ୟ ପୁରସ୍କାର




**କଟକ ଅଫିସ, ୧୬।୪**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ପୁରସ୍କାର ଉତ୍ସବ ରାଜଭବନର ନୂଆ ଅଭିଷେକ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷର ଶ୍ରେଷ୍ଠ ସ୍କାଉଟ୍ କ୍ୟାମ୍ପୋରୀ ଆୟୋଜନ ପାଇଁ କଟକ ଜିଲାକୁ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କଟକ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସଫଳ ଆୟୋଜନ ପାଇଁ ଜିଲା ସମ୍ପାଦିକା ସୌଦାମିନୀ ଦାସ ଓ ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଭାରତ ସ୍କାଉଟ ଓ ଗାଇଡ୍‌ର ରାଜ୍ୟ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର, ରାଜ୍ୟ ଉପସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ସଙ୍ଗଠନ କମିଶନର(ଗାଇଡ୍) ତଥା ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଅନାମିକା ଦାସ, ପ୍ରମୁଖ ଯୋଗଦେଇ ସ୍କାଉଟ୍ସର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଜିଲାର ଶିକ୍ଷା ଅଧିକାରୀ, କ୍ରୀଡ଼ା ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ, କବ୍ ଓ ବୁଲ୍‌ବୁଲ୍ ଆଦିଙ୍କୁ ପୁରସ୍କୃତ କରିଥିଲେ।

# 'ନିଛକ ଓଡ଼ିଆ ଥିଲେ ଅଭୟ ସାମନ୍ତରାୟ'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ,୧୬।୪**

ସାମାଜିକ କର୍ମୀ, ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସମ୍ପାଦକ ଅଭୟ ସାମନ୍ତରାୟଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ କଟକ ଶତାବ୍ଦୀ ଭବନଠାରେ ରବିବାର ପାଳିତ ହୋଇଯାଇଛି। ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରମଥ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରନ୍ଥକାର ଡ. ରାଜେନ୍ଦ୍ର ନାରାୟଣ ଦାସ ଯୋଗଦେଇ କହିଥିଲେ, ଅଭୟ ସାମନ୍ତରାୟ ଥିଲେ ଜଣେ ନିଛକ ଓଡ଼ିଆ। ସେ ଓଡ଼ିଆ ବ୍ୟତୀତ ଅନ୍ୟ ଭାଷାରେ କଥା ହେବାକୁ ପସନ୍ଦ କରୁ ନ ଥିଲେ। ସମ୍ମାନିତ ଅତିଥି ପ୍ରଫେସର ଡ. ବିଜୟାନନ୍ଦ ସିଂହ କହିଥିଲେ, ଓଡ଼ିଆ ଭାଷାକୁ ଛାଡ଼ି ଅନ୍ୟ ଭାଷାରେ ଆଲୋଚନା ହେଲେ ଅଭୟ ବାବୁ ତାହାର ପ୍ରତିବାଦ କରୁଥିଲେ। ବରେଣ୍ୟ ଅତିଥି ଡା. ସରୋଜିନୀ ଷଡ଼ଙ୍ଗୀ କହିଥିଲେ, ଅଭୟ ସାମନ୍ତରାୟ ସର୍ବଦା ଓଡ଼ିଆରେ କଥା ହେବା ପାଇଁ ସମସ୍ତଙ୍କୁ କହୁଥିଲେ। ମୁଖ୍ୟବକ୍ତା ନୀଳଚକ୍ର ଅନୁଷ୍ଠାନର ସଭାପତି ନମିତା ପଣ୍ଡା ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତିର ପ୍ରଚାର, ପ୍ରସାର ଦିଗରେ ଅଭୟ ସାମନ୍ତରାୟଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ବରିଷ୍ଠ ନାଗରିକ ମହାସଭାର ସଭାପତି ପ୍ରଫେସର କୃପାସିନ୍ଧୁ ପଣ୍ଡା, ଗ୍ରନ୍ଥକାର ଡ. ସତ୍ୟ ରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦିକା ଅରୁଣା ସାମନ୍ତରାୟ ବିବରଣୀ ପାଠ, ମୁଖ୍ୟ ବ୍ୟବସ୍ଥାପକ ଅବନୀ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା ଓ ନାଟ୍ୟକାର ବୈଜୟନ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ପ୍ରଶଂସା କଲେ ୟୁପି ସରକାର

**କଟକ ଅଫିସ, ୧୬।୪**

ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଦୁଇ ଦିନିଆ ଜାତୀୟ ଜଳବାୟୁ କନ୍‌କ୍ଲେଭ୍ ଅନୁଷ୍ଠିତ ହାଇଥିଲା। ଏଥିରେ ଓଡ଼ିଶାର ମିଲେଟ୍ସ ମିଶନ ଷ୍ଟଲ ସ୍ଥାନ ପାଇଥିଲା। ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସେଠାରେ ବହୁଳ ମାତ୍ରାରେ ବିକ୍ରି ହେବା ସହ



ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଅନ୍ୟମାନେ ଓଡ଼ିଶାର ମିଲେଟ୍ସ ମିଶନ ଷ୍ଟଲ ପରିଦର୍ଶନ କରୁଛନ୍ତି।

ପ୍ରଶଂସିତ ହୋଇପାରିଛି। କଟକର ଭୂମିକା ନାରୀସଂଘ ପକ୍ଷରୁ ଏହି ଷ୍ଟଲ ଖୋଲାଯାଇଥିଲା। ସ୍ନେହଲତା ବେହେରା ଓ ସମତା ଜେନା ଏହି ଷ୍ଟଲ ଦାୟିତ୍ୱରେ ଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ, ମୁଖ୍ୟ ଜଙ୍ଗଲ ସଂରକ୍ଷକ ମମତା ସଞ୍ଜୀବ ଦୁବେଙ୍କ ସହ ଅନ୍ୟମାନେ ଯୋଗଦେଇ ଉକ୍ତ ଷ୍ଟଲରେ ଥିବା ଖାଦ୍ୟର ଗୁଣାତ୍ମକମାନ ଜାଣିପାରି ଓଡ଼ିଶାର ପ୍ରଶଂସା କରିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶାର ଜନସାଧାରଣ ସୁସ୍ଥ ଓ ନିରାମୟ ରହିବା ନିମନ୍ତେ ପୁଷ୍ଟିକର ମାଣ୍ଡିଆ ବ୍ୟବହାରକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଆସୁଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। କଟକ ଜିଲା ପ୍ରଶାସନ ସହାୟତାରେ ସ୍ଥାନୀୟ ବାରବାଟୀ ପ୍ୟାଲେସଠାରେ ମିଶନ ଶକ୍ତି ଜରିଆରେ ସ୍ଥାୟୀ ଷ୍ଟଲ ନିର୍ମାଣ କରାଯାଇଛି। ଏଠାରେ ମାଣ୍ଡିଆ ଚାଷ ପ୍ରସ୍ତୁତି, ବ୍ୟବହାର ସମ୍ପର୍କରେ ସୂଚନା ଦିଆଯିବା ସହ ନରସିଂହପୁର, ତିଗିରିଆ, ବଡମ୍ବା ବ୍ଲକରେ ଉତ୍ପାଦିତ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କଟକ କାଇଟ୍ ନାମରେ ଏକ ମିଲେଟ କାଫେ ଖୋଲାଯାଇ ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି। ଭୂମିକା ନାରୀସଂଘ ଏହାର ସମସ୍ତ ଦାୟିତ୍ୱ ବହନ କରିଛି।

# ସଂଘମିତ୍ରା ବେହେରାଙ୍କୁ ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ

**କଟକ ଅଫିସ,୧୬।୪**


କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ସଂଘମିତ୍ରା ବେହେରାଙ୍କୁ ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

**ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସନ୍ଧ୍ୟା**

ସାରସ୍ୱତ ସାଧକ ଓ ଶିକ୍ଷାବିତ୍ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ସାରସ୍ୱତ ସନ୍ଧ୍ୟା ଓ ସମ୍ମାନ ପ୍ରଦାନ ସମାରୋହ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଖାଉଟି ଉପଭୋକ୍ତା ଆୟୋଗର ଅଧ୍ୟକ୍ଷ ବିଚାରପତି ଦୁର୍ଗାପ୍ରସନ୍ନ ଚୌଧୁରୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ଜଣେ ପଣ୍ଡିତ ଥିଲେ। ସେ ବହୁ ଉପାଦେୟ ପୁସ୍ତକ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି। ସେହିପରି ମୁଖ୍ୟବକ୍ତା ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ କହିଥିଲେ, ଦୋଳଗୋବିନ୍ଦ ଥିଲେ ନାଥ ଧର୍ମ ଏବଂ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗବେଷକ ଓ ପ୍ରବକ୍ତା। ସେ ସାହିତ୍ୟ, ସଂସ୍କୃତି ତଥା ଓଡ଼ିଆ ଧର୍ମଧାରାର ତ୍ରିବେଣୀ ସଂଗମ ଥିଲେ। ସମ୍ମାନିତ ଅତିଥି ଡ. ଧରଣୀଧର ନାଥ ଯୋଗଦେଇ ଡ. ଶାସ୍ତ୍ରୀ ଜଣେ ଜ୍ଞାନ ତପସୀ ଥିଲେ ବୋଲି କହିଥିଲେ। ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ଫାଉଣ୍ଡେସନ ପକ୍ଷରୁ ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ଡ. ଶାସ୍ତ୍ରୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଓଡ଼ିଆ ଭାଷା ସମେତ ସଂସ୍କୃତ, ବଙ୍ଗଳା, ହିନ୍ଦୀ ଓ ଇଂଲିଶ ଭାଷାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଯଥାର୍ଥରେ ସେ ଜଣେ ମନୀଷୀ ଥିଲେ ବୋଲି ସ୍ୱାଇଁ କହିଥିଲେ। ଏହି ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ସଂଘମିତ୍ରା ବେହେରାଙ୍କୁ ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ସାହିତ୍ୟିକ ଡ. ଧରଣୀଧର ନାଥଙ୍କ ଲିଖିତ ଅନୁଗୋଳର ଧର୍ମଧାରା ଗ୍ରନ୍ଥ ଉନ୍ମୋଚିତ ହୋଇଥିଲା। ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ଶିକ୍ଷୟିତ୍ରୀ ବର୍ଷାରାଣୀ ପୃଷ୍ଟି, ମହାବିଦ୍ୟା ଚୌଧୁରୀ, ବିଭୁ ପ୍ରସାଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫାଉଣ୍ଡେଶନର ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ବିବରଣୀ ପାଠ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ ଓ ଅଶୋକ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ରେଭେନ୍ସାରେ ଅଣଛାତ୍ରଙ୍କ ଛୁରାମାଡ: ଛାତ୍ର ଆହତ, ଉତ୍ତେଜନା

କଟକ ଅଫିସ,୧୬।୪: ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ହଷ୍ଟେଲ ଅନ୍ତେବାସୀଙ୍କୁ ଅଣଛାତ୍ରମାନେ ଆକ୍ରମଣ ସହ ଛୁରାମାଡ଼ କରିବା ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଉତ୍ତେଜନା ଦେଖିବାକୁ ମିଳିଥିଲା। ଏ ନେଇ ଅନ୍ତେବାସୀ ଚିଫ୍ ୱାର୍ଡେନ ଶିବବ୍ରତ ଦାସଙ୍କ ନିକଟରେ ଅଭିଯୋଗ କରିବା ପରେ ରାତିରେ ରେସିଡେନ୍ସିଆଲ କମିଟି ବୈଠକ ବସିଥିଲା।

ବିଶ୍ୱବିଦ୍ୟାଳୟର ଆମ୍ଫି ଥିଏଟରରେ ଶନିବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ହଷ୍ଟେଲ ଅନ୍ତେବାସୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ୫/୬ ଜଣ ଅଣ ଛାତ୍ର ପ୍ରବେଶ କରି ଇଷ୍ଟ ହଷ୍ଟେଲ ଓ ଲଳିତଗିରି ହଷ୍ଟେଲର କେତେଜଣ ଅନ୍ତେବାସୀଙ୍କ ସହ କୌଣସି କାରଣକୁ ନେଇ ଗଣ୍ଡଗୋଳ କରିଥିଲେ। ପରେ ସେମାନେ ଛୁରିରେ ଅନ୍ତେବାସୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଇଷ୍ଟ ହଷ୍ଟେଲରେ ରହୁଥିବା ଶୁଭଜିତ ପଣ୍ଡା ଆହତ ହୋଇଥିଲେ। ତାଙ୍କୁ ରକ୍ଷା କରିବାବେଳେ ଆଉ କିଛି ଅନ୍ତେବାସୀ ଆହତ ହୋଇଥିଲେ। ଏହାପରେ ଅଣ ଛାତ୍ରମାନେ ସେଠାରୁ ପଳାଇ ଯାଇଥିଲେ। ଏହାକୁ ନେଇ ପୁଣି ରବିବାର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଥିଲା। ଆହତ ଅନ୍ତେବାସୀ ଚିଫ୍ ୱାର୍ଡେନଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣକାରୀଙ୍କୁ ବିଶ୍ୱବିଦ୍ୟାଳୟର ଏମ୍‌ବିଏ ପ୍ରଥମ ବର୍ଷର ଜଣେ ଛାତ୍ର ସହଯୋଗ କରିଥିବା ଅଭିଯୋଗ ହୋଇଛି। ରବିବାର ଛୁଟିଦିନ ଥିବାରୁ କୁଳପତିଙ୍କ କାର୍ଯ୍ୟାଳୟ ବନ୍ଦ ଥିଲା। ସୋମବାର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କୁ ଅନ୍ତେବାସୀମାନେ ଭେଟିବେ। କେତେଜଣ ଅଣଛାତ୍ରଙ୍କ ବିରୋଧରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଥାନାରେ ଅଭିଯୋଗ କରାଯିବ। ଏଥିସହ ସୋମବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଘଟଣା ଉପରେ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି। ଏ ନେଇ ଚିଫ୍ ୱାର୍ଡେନ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ଯାଁଳା,୧୬।୪(ଡି.ଏନ୍.ଏ.): ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଇନ୍‌ଫୋସିଟି ପୋଲିସ ରବିବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଁଳା ଅଞ୍ଚଳରେ ଭଡ଼ାରେ ରହୁଥିବା ନୟାଗଡ଼ ଜିଲା ରଗଡିପଦା ଗ୍ରାମର ଗୋବିନ୍ଦ ଚନ୍ଦ୍ର ବେହେରା (୩୪)। ଅଭିଯୋଗ ମୁତାବକ, ଗୋବିନ୍ଦ ସ୍ତ୍ରୀ ଗୋଲାପଙ୍କୁ କୌଣସି କାରଣ ପାଇଁ ବାରମ୍ବାର ଗାଳିଗୁଲଜ କରିବା ସହ ମାଡ଼ ମାରୁଥିଲେ। ତେବେ ଗତ ୧୩ ତାରିଖରେ ଗୋବିନ୍ଦ ପୁଣି ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ଦ୍ୱିତୀୟ ବିବାହ କରିବା ପାଇଁ ଧମକ ଦେଇଥିଲେ। ଏନେଇ ଗୋଲାପଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଗୋବିନ୍ଦଙ୍କୁ ଗିରଫ କରିଥିଲା। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ବିଜେବି କଲେଜ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ

## ମଦ ପାଇଁ ଟଙ୍କା ନ ଦେବାରୁ...

- ମୁଣ୍ଡରେ ମଦ ବୋତଲ ଭାଙ୍ଗିଲେ, ଦେହରେ ଭୁସିଲେ
- ୨ ଗିରଫ,ଏକାଧିକ ଫେରାର

ଭୁବନେଶ୍ୱର,୧୬।୪ (ବ୍ୟୁରୋ)

ମଦ୍ୟପାନ ପାଇଁ ଟଙ୍କା ନ ଦେବାରୁ ବିଜେବି କଲେଜର ଆଇଏମ୍‌ବିଏ ପ୍ରଥମ ବର୍ଷର ଛାତ୍ରଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଛି। ଛାତ୍ର ଜଣକ ହେଲେ ଶାଶ୍ୱତ ପଣ୍ଡା। ତାଙ୍କ ମୁଣ୍ଡରେ ମଦ ବୋତଲ ଭାଙ୍ଗିବା ସହ ଶରୀରର ବିଭିନ୍ନ ସ୍ଥାନରେ ଭୁସି ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଅଭିଯୋଗ ପରେ ବଡଗଡ ଥାନା ପୋଲିସ ସଂପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟଙ୍କ ମଧ୍ୟରୁ ଜଣେ ଛାତ୍ର ହୋଇଥିବାବେଳେ ଅନ୍ୟ ଜଣେ ଅଣଛାତ୍ର ଥିବା ଜଣାପଡିଛି। ସେମାନେ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅଞ୍ଚଳର ମାନସ ପ୍ରଧାନ ଓ କାକଟପୁର ଥାନା ଅଞ୍ଚଳର ପଙ୍କଜ କୁମାର ମହାନ୍ତି । ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉକେତେଜଣ ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଏନେଇ ଆହତ ଶାଶ୍ୱତ କହିଛନ୍ତି, ଆକ୍ରମଣକାରୀଙ୍କ ମଧ୍ୟରେ ବିଜେବି କଲେଜର କେତେଜଣ ଛାତ୍ର ଅଛନ୍ତି। ସେମାନଙ୍କ ପାଇଁ ଏଭଳି ଘଟଣା ଘଟିଛି। ସୂଚନାନୁସାରେ, ଶନିବାର ଅପରାହ୍ନରେ ଶାଶ୍ୱତ କ୍ଲାସ ସାରି କଲେଜରୁ ଫେରୁଥିବା ସମୟରେ ଅଭିଯୁକ୍ତ ମାନସ, ପଙ୍କଜଙ୍କ ସମେତ ଅନ୍ୟ କେତେଜଣ ତାଙ୍କୁ ବାବୁନା ଓମ୍‌ଫେଡ୍ ଷ୍ଟଲ ଆଗରେ ଅଟକାଇ ମଦ ପିଇବାକୁ ଟଙ୍କା ମାଗିଥିଲେ। କିନ୍ତୁ ଶାଶ୍ୱତ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହି ସମୟରେ କେତେଜଣ ଯୁବକ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଶାଶ୍ୱତଙ୍କ ମୁଣ୍ଡରେ ମଦ ବୋତଲକୁ ବାଡ଼େଇ ଦେଇଥିଲେ। ଏହାପରେ ଭଙ୍ଗା ମଦ ବୋତଲକୁ ତାଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ଭୁସି ଆକ୍ରମଣ କରିଥିଲେ। ଫଳରେ ଶାଶ୍ୱତଙ୍କ ଶରୀରରେ ଏକାଧିକ କ୍ଷତ ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ତଳେ ପଡିଯିବାରୁ ଅଭିଯୁକ୍ତମାନେ ଧମକ ଦେଇ ଘଟଣାସ୍ଥଳରୁ ପଳାଇଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଶାଶ୍ୱତଙ୍କର କିଛି ସାଙ୍ଗ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଶାଶ୍ୱତ ବଡଗଡ ଥାନାରେ ଅଭିଯୋଗ କରିଥିଲେ।



ଆକ୍ରମଣରେ ଆହତ ଛାତ୍ର ଶାଶ୍ୱତ ପଣ୍ଡାଙ୍କ ଶରୀରରେ ସୃଷ୍ଟି ହୋଇଥିବା କ୍ଷତ।



ଗିରଫ ୨ ଅଭିଯୁକ୍ତ।

# ପୂର୍ବତନ କର୍ମଚାରୀ ଗିରଫ, ଜାଲ୍ ନିଯୁକ୍ତିପତ୍ର ଜବତ

## ଟିପିସିଓଡିଏଲ୍‌ରେ ଚାକିରି ଦେବା ନାଁରେ ଠକେଇ

ଭୁବନେଶ୍ୱର,୧୬।୪ (ବ୍ୟୁରୋ)

ଟିପିସିଓଡିଏଲ୍‌ରେ ଚାକିରି ଦେବାକୁ କହି ଏକାଧିକ ଯୁବତୀଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟିପିସିଓଡିଏଲର ପୂର୍ବତନ କର୍ମଚାରୀ ଚନ୍ଦ୍ରଶେଖର ପ୍ରଧାନ। ସେ କଟକ ଜିଲାର ବାସିନ୍ଦା ହୋଇଥିବାବେଳେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ରୁହନ୍ତି। ତାଙ୍କଠାରୁ ୪ଟି ଜାଲ ନିଯୁକ୍ତିପତ୍ର ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମ୍‌ବିଏ ଛାତ୍ର ସତ୍ୟବ୍ରତ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୂଚନାଯୋଗ୍ୟ, ଅଭିଯୋଗକାରୀ ସତ୍ୟବ୍ରତ ଏମ୍‌ବିଏ ଡିଗ୍ରୀଧାରୀ ହୋଇଥିବାବେଳେ ସାଙ୍ଗ ଅମରେଶ ନାୟକଙ୍କ ସହିତ ଆଚାର୍ଯ୍ୟ ବିହାରରେ ରୁହନ୍ତି। ଚନ୍ଦ୍ରଶେଖର ଟିପିସିଓଡିଏଲ ଭୁବନେଶ୍ୱରରେ ସିଏ ପଦବୀରେ ଚାକିରି କରାଇଦେଉଥିବା ଅମରେଶ ଜାଣିବା ପରେ ତାଙ୍କ ଫୋନ ନମ୍ବର ସତ୍ୟବ୍ରତଙ୍କୁ ଦେଇଥିଲେ। ଏହାପରେ ଚନ୍ଦ୍ରଶେଖରଙ୍କୁ ସତ୍ୟବ୍ରତ ଯୋଗାଯୋଗ କରିବାରୁ ସେ ଟିପିଓସିଡିଏଲରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିଭିନ୍ନ ପର୍ଯ୍ୟାୟରେ ତାଙ୍କଠାରୁ ୮ହଜାର ଟଙ୍କା ନେବା ପରେ ଗୋଟିଏ ଜାଲ୍ ନିଯୁକ୍ତିପତ୍ର ଦେଇଥିଲେ। ନିଯୁକ୍ତିପତ୍ରରେ ଥିବା ଠିକଣାରେ ସତ୍ୟବ୍ରତ ପହଞ୍ଚି ପଚରାଉଚରା କରିଥିଲେ। ତେବେ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କଠାରୁ ତାହା ଜାଲ୍ ବୋଲି ଜଣାପଡିବା ପରେ ସତ୍ୟବ୍ରତ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଖୋଳତାଡ କରିଥିଲେ। ଅଭିଯୁକ୍ତ ଚନ୍ଦ୍ରଶେଖର ପୂର୍ବରୁ ଟିପିସିଓଡିଏଲ୍‌ରେ ଚାକିରି କରିଥିଲେ। ୫୦ ହଜାର ଟଙ୍କା ଜାଲିଆତି ଘଟଣାରେ ତାଙ୍କୁ ବହିଷ୍କୃତ କରାଯାଇଥିଲା। ଏହାପରେ ସେ ଅନେକ ବେକାରି ଯୁବତୀଯୁବକଙ୍କଠାରୁ ଚାକିରି କରେଇଦେବା ଆଳରେ ଲକ୍ଷାଧିକ ଠକେଇ କରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ବେପରୁଆ ଗାଡ଼ିଚାଳନା



ଚାଳକଙ୍କ ହେଲ୍‌ମେଟ୍ ବାଇକ୍ ହ୍ୟାଣ୍ଡେଲରେ ଝୁଲୁଛି। ମହିଳା ଜଣକ ମଧ ଠିକ୍‌ରେ ହେଲ୍‌ମେଟ୍ ପିନ୍ଧି ନାହାନ୍ତି। ଏମାନଙ୍କ ସହ ଦୁଇ ଶିଶୁ ରହିଛନ୍ତି। ପୁଣି ସମସ୍ତେ ଚଳନ୍ତା ବାଇକ୍‌ରେ ଆଇସ୍‌କ୍ରିମ୍ ଖାଉଛନ୍ତି। ରବିବାର ରାଜଧାନୀ ରାସ୍ତାରେ ଏଭଳି ଦୃଶ୍ୟ ଅନ୍ୟ ଯାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ନିଜ ସହ ପିଲାଙ୍କ ସୁରକ୍ଷା କଥା ଚିନ୍ତା ନ କରି ଆଇସ୍‌କ୍ରିମ୍ ଖାଇ ଏପରି ବେପରୁଆ ଭାବେ ବାଇକ୍ ଚଳାଇ ବିପଦକୁ ଡାକିବା ଠିକ୍ ନୁହେଁ ବୋଲି ଦେଖଣାହାରୀ କହିଛନ୍ତି। (ଫଟୋ: ବିକାଶ)

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଶିକ୍ଷକ

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଶ୍ରମିକ ଭବନଠାରେ ଖୋର୍ଦ୍ଧା ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଯୁକ୍ତି ନିୟମିତ ନିମନ୍ତେ ନିକଟରେ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ୨୦୧୩ରେ ନିଯୁକ୍ତି ନିୟମ ପ୍ରକାଶ ପାଇବା ପୂର୍ବରୁ ଯେଉଁମାନେ ନିଯୁକ୍ତି ପାଇଛନ୍ତି ସେମାନଙ୍କୁ ସେଥିରୁ ବାଦ ଦିଆଯାଇଛି। ୨୦୧୩ ନିଯୁକ୍ତି ନିୟମରେ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ୬ଟି ନୋସନାଲ ଇନକ୍ରିମେଣ୍ଟ ପାଇବା ସହିତ ୬ ବର୍ଷ ଚୁକ୍ତିଭିତ୍ତିକ କାର୍ଯ୍ୟ ସମୟକୁ ମଧ ଗଣନା କରାଯିବ ବୋଲି ଦର୍ଶାଯାଇଛି। ତେଣୁ ୨୦୧୩ ନିଯୁକ୍ତି ନିୟମ ପ୍ରକାଶ ପୂର୍ବରୁ ନିଯୁକ୍ତି ପାଇଥିବା ପ୍ରାୟ ରାଜ୍ୟର ୧୫୦୦୦ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୬ ମାସ ପୂର୍ବରୁ ସରକାର ଏକ ଏସ୍‌ଓପି ପ୍ରକାଶ କରିଥିଲେ। ତାହାକୁ ବିରୋଧ କରି ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ରାଜ୍ୟ ତଥା ଜିଲା ସଂଘ ବିଭିନ୍ନ ଅଧିକାରୀଙ୍କୁ ଦାବି ଜଣାଇବା ସହ ୧୭ଦିନ ଆନ୍ଦୋଳନ ମଧ କରିଥିଲେ। ଏ ବାବଦରେ ବିଚାର କରି ସରକାର ନିଷ୍ପତ୍ତି ନେବେ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ତେବେ ନିକଟରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ସେପରି କିଛି ପରିବର୍ତ୍ତନ କରାଯାଇନାହିଁ। ତେଣୁ ଏହାକୁ ବିରୋଧ କରି ଖୋର୍ଦ୍ଧା ଜିଲାର ୫୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକନ୍ୟାୟ ପାଇବା ପାଇଁ ଖୁବଶୀଘ୍ର ଅଦାଲତର ଦ୍ୱାରସ୍ଥ ହେବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲା ସଂଘ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପ୍ରବୀର ମୋହନ ପଣ୍ଡା ପ୍ରମୁଖ କହିଛନ୍ତି।

## ରେଲ୍‌ୱେ ପକ୍ଷରୁ ଓଭରବ୍ରିଜ କାମ ଶେଷ ପର୍ଯ୍ୟାୟରେ

ଜଟଣୀ,୧୬।୪(ଡି.ଏନ୍.ଏ.)

ଜଟଣୀ ସୀତାରାମ ଛକସ୍ଥିତ ଆନ୍ଧ୍ର ବ୍ୟାଙ୍କଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ଓଭରବ୍ରିଜ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ବେଳେ ରେଳ ପ୍ରଶାସନ ପକ୍ଷରୁ ରେଲ୍‌ୱେ ଅଂଶର ଓଭରବ୍ରିଜ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ରେଲ୍‌ୱେ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବସିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଫଳରେ ଆସନ୍ତା ମେ'୨୫ରେ ବ୍ରିଜ ଉଦ୍‌ଘାଟନ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି।

ପ୍ରକାଶ ଯେ, ୧୧୩୩ ମିଟର ଲମ୍ବର ଏହି ଓଭରବ୍ରିଜ କାର୍ଯ୍ୟ ୨୦୧୫ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳେ ୫୪ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ଠିକା ସଂସ୍ଥା ଦ୍ୱାରା ଆରମ୍ଭ କରାଯାଇଥିବା ବେଳେ ୨୦୧୭ ଶେଷ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ନିମ୍ନମାନର କାର୍ଯ୍ୟ, ବାଦବିବାଦ ଯୋଗୁ ବର୍ତ୍ତମାନ ଏହାର ବ୍ୟୟ ଅଟକଳ ୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ୨୦୨୨ ଏପ୍ରିଲ ପହିଲାରେ ଉକ୍ତ ବ୍ରିଜ୍ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବା ନେଇ ସେତେବେଳର ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏବଂ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ। ପରେ ମେ' ୨୫ରେ ଓଭରବ୍ରିଜ ଲୋକାର୍ପିତ ହେବ ବୋଲି ପୁଣି ବିଧାୟକ ରାଉତରାୟ କହିଥିଲେ। ତେବେ ବର୍ତ୍ତମାନ ବଡ଼ବଜାର ଅଂଶରେ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ମେ'୨୫ ସୁଦ୍ଧା କାର୍ଯ୍ୟ ସରିବ କି ନାହିଁ ସାଧାରଣରେ ଆଲୋଚନା ହେଉଛି।

## 'ବିଶ୍ୱ ସମସ୍ୟାର ସମାଧାନ ପାଇଁ ସମସ୍ତେ ଚିନ୍ତା କରନ୍ତୁ'




### ୟୁଥ୍-୨୦ କନ୍‌ସଲଟେଶନ ଉଦ୍‌ଯାପିତ

ଭୁବନେଶ୍ୱର,୧୬।୪ (ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ୟୁଥ-୨୦ କନ୍‌ଶଲ୍‌ଟେଶନ ସମ୍ମିଳନୀ ଶନିବାର ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କହିଲେ, ଜଳବାୟୁ ପରିବର୍ତ୍ତନ ଓ ଦାରିଦ୍ର୍ୟ ଭଳି ବିଶ୍ୱ ସମସ୍ୟାର ସମାଧାନ ନିମନ୍ତେ ସମସ୍ତେ ଚିନ୍ତା କରିବାର ସମୟ ଆସିଛି। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉତ୍ତମ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ମାଲ୍ଟା ଉଚ୍ଚାୟୁକ୍ତ ରୁବେନ୍ ଗଉସି କହିଲେ, ୟୁଥ-୨୦ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱରେ ଅତି ସୁରୁଖୁରୁରେ ସମ୍ପନ୍ନ ହୋଇଥିବାରୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସେ କହିଲେ, ସର୍ବଦା ବିଭିନ୍ନ ପ୍ରସଙ୍ଗ ଉପରେ ଭିନ୍ନ ମତ ପୋଷଣ କରୁଥିବା ବିଭିନ୍ନ ଦେଶର ଏମ୍‌ପିମାନେ ଏହି କାର୍ଯ୍ୟକ୍ରମ ପାଇଁ ଏକଜୁଟ ହେବା ଏକ ଶୁଭ ସଙ୍କେତ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ କହିଲେ, ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ଦେଶର ଯୁବଗୋଷ୍ଠୀଙ୍କ ସାମର୍ଥ୍ୟକୁ ଯଥାର୍ଥ ପ୍ରତିପାଦିତ କରିପାରିଛି। ଯେ କୌଣସି କ୍ଷେତ୍ରରେ ଏକ ସ୍ଥାୟୀ ସଂରଚନା ନିମନ୍ତେ ଜ୍ଞାନ ଯେ ସର୍ବବ୍ୟାପୀ ଏହା ଆଜି ପ୍ରମାଣିତ ହୋଇପାରିଛି। ବିଶ୍ୱସ୍ତରରେ ଓଡ଼ିଶା କିଭଳି ସ୍ୱଦେଶୀ ଜ୍ଞାନ କୌଶଳ ଦିଗରେ ଅଗ୍ରଗତି ହୋଇପାରିଛି ସେ ସମ୍ପର୍କରେ ପ୍ରଫେସର ସାମନ୍ତ ମତ ରଖିଥିଲେ। କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ସଫଳ କରିବା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ଯୋଗାଇ ଦେଇଥିବା ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ଧନ୍ୟବାଦ ଜଣାଇଥିଲେ। କ୍ୱାଲିଟି ଆସ୍ୟୁରାନ୍ସ ନିର୍ଦ୍ଦେଶକ ପ୍ରଫେସର ସି. କେ. ପାଣିଗ୍ରାହୀ ୟୁଥ-୨୦ ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ସନ୍ତୋଷବ୍ୟକ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ୨୦ ଦେଶରୁ ଆସିଥିବା ଏମ୍‌ପି, କୂଟନୀତିଜ୍ଞ ଓ ଶିକ୍ଷାବିଶେଷଜ୍ଞମାନେ ମଧ୍ୟ ଉପସ୍ଥିତ ଥିଲେ।

# ପୁରୀ, କୋଣାର୍କ ବୁଲିଲେ ୮ ଦେଶର ପ୍ରତିନିଧି ମଣ୍ଡଳୀ

ପୁରୀ ଅଫିସ/କୋଣାର୍କ, ୧୬।୪ (ଡି.ଏନ୍.ଏ)

ଚଳିତ ବର୍ଷ ଭାରତରେ ଜି-୨୦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାରତ ଅଧ୍ୟକ୍ଷତା କରୁଛି। ତେଣୁ ଜି-୨୦ ସମ୍ମିଳନୀକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦେଶର ଯୁବ ପ୍ରତିନିଧିମାନେ ଭାରତୀୟ ଗଣତନ୍ତ୍ର, ଐତିହ୍ୟ, କଳା ସଂସ୍କୃତି ଆଦି ବିଷୟରେ ଅବଗତ ହେବା ପାଇଁ ଭାରତ ଆସୁଛନ୍ତି। ଏ ନେଇ ଓଡ଼ିଶା ଗସ୍ତରେ ଆସିଥିବା ୮ଟି ଦେଶର ପ୍ରତିନିଧି ମଣ୍ଡଳୀ ରବିବାର କୋଣାର୍କ ଓ ପୁରୀ ବୁଲିଛନ୍ତି।

ପ୍ରତିନିଧିମାନେ ପ୍ରଥମେ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ପରେ ପୁରୀର ଶ୍ରୀମନ୍ଦିର ଓ ବେଳାଭୂମି ପରିଦର୍ଶନ କରିଥିଲେ। ରାଜରାଜୁଡ଼ା ଅମଳର କାରିଗରି ତଥା ସେତେବେଳେ ବିନା ଅତ୍ୟାଧୁନିକ ଯନ୍ତ୍ରପାତିରେ ଏତେ ସୁନ୍ଦର କାରୁକାର୍ଯ୍ୟ ଭରା ଐତିହ୍ୟ ଏହି ବିଦେଶୀ ପ୍ରତିନିଧିମାନଙ୍କୁ ଚକିତ କରିଛି। ଓଡ଼ିଶାର ଆତିଥେୟତା, ସଂସ୍କୃତି ଓ କଳାକୃତି ବିଶେଷ ଆକର୍ଷିତ କରିବା ସହ କୋଣାର୍କ ଓ ଶ୍ରୀମନ୍ଦିରର କାରୁକାର୍ଯ୍ୟ ଭରା ଐତିହ୍ୟ ଅତୁଳନୀୟ ବୋଲି ସେମାନେ କହିଛନ୍ତି। ଓଡ଼ିଶା ଲୋକଙ୍କ ସ୍ମିତହାସ୍ୟ ଭରା କଥା ଓ ଆତିଥେୟତା ଅଭିଭୂତ କରିଛି। ବିଭିନ୍ନ ସ୍ଥାନ ପରିଦର୍ଶନ ପରେ ଏକ ନିଆରା ଅନୁଭୂତି ମିଳିଛି ବୋଲି ପ୍ରତିନିଧି କହିଛନ୍ତି। ସବୁ ଦେଶରେ ଭିନ୍ନ ସଂସ୍କୃତି ଓ ପରମ୍ପରା ରହିଛି। ଇଷ୍ଟର ଭଳି ପର୍ବ ସାରା ବିଶ୍ୱରେ ବିଦିତ, ମାତ୍ର ଓଡ଼ିଶାର ପର୍ବ ଓ ପାଳନ ବିଧି ସ୍ୱତନ୍ତ୍ର ବୋଲି ପ୍ରତିନିଧିମାନେ କହିଛନ୍ତି। ଏହି ଗସ୍ତ ଅବସରରେ ଅତିରିକ୍ତ ଜିଲାପାଳ ଦିଲ୍ଲୀପ ମହାପାତ୍ର, ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, କୋଣାର୍କ ପ୍ରତ୍ନତତ୍ତ୍ୱ ସଂଗ୍ରହାଳୟର ଅଧିକାରୀ ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗଣିତଜ୍ଞ ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଆନନ୍ଦ କୁମାରଙ୍କୁ ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି।




ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନଠାରୁ ବାହାରିଥିବା ଅଗ୍ନି ନିରାପତ୍ତା ସଚେତନତା ପାଇଁ ଗଣଦୌଡ଼।

## ଅଗ୍ନିଶମ ସେବା ସପ୍ତାହ

# ଅଗ୍ନି ନିରାପତ୍ତା ସଚେତନତା ପାଇଁ ଗଣଦୌଡ଼

ଭୁବନେଶ୍ୱର,୧୬।୪ (ବ୍ୟୁରୋ)

ଅଗ୍ନିଶମ ସେବା ସପ୍ତାହ ଅବସରରେ ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା ସଂସ୍ଥା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଅଗ୍ନି ନିରାପତ୍ତା ସଚେତନତା ସୃଷ୍ଟି କରାଯାଉଛି। ଏହିକ୍ରମରେ ରବିବାର ଭୁବନେଶ୍ୱରରେ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ଗଣଦୌଡ଼ କାର୍ଯ୍ୟକ୍ରମ କରାଯାଇଥିଲା। ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନଠାରେ ସକାଳ ପ୍ରାୟ ୬ଟା ବେଳେ ଅଗ୍ନିଶମ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଗଣଦୌଡ଼ରେ ଭାଗ ନେଇଥିବା ୧୫୦ଜଣରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଫାୟାର ଷ୍ଟେଶନ ହେଇ କଳ୍ପନା ଛକ ପର୍ଯ୍ୟନ୍ତ ପ୍ରାୟ ୫ କିମି ଯାତ୍ରା କରିଥିଲେ। ଏହି ସମୟରେ ବିଭିନ୍ନ ବର୍ଗର ଅଗ୍ନିଶମ ଓ ଜରୁରୀକାଳୀନ ସେବା ଯାନଗୁଡ଼ିକ ସମ୍ପର୍କରେ ଜଣସାଧାରଣଙ୍କୁ ଅବଗତ କରାଯାଇଥିଲା। ଏଥିସହ ଅଂଶଗ୍ରହଣକାରୀମାନେ ବିଭିନ୍ନ ସଚେତନାମୂଳକ ପୋଷ୍ଟର ଓ ପ୍ଲାକାର୍ଡ଼ ଧରି ସଚେତନତା ସୃଷ୍ଟି କରାଇଥିଲେ। ତେବେ ଅଗ୍ନିଶମ ସେବା ସପ୍ତାହ ଅବସରରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଏକାଧିକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡେପୁଟି ଫାୟାର ଅଫିସର ଅବନୀ ସ୍ୱାଇଁ କହିଛନ୍ତି।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ମହାନଦୀ ତଟୋତ୍ସବ**

କଟକ ସଦର,(ଡି.ଏନ୍.ଏ.): କିଶନ ନଗର ତହସିଲ ମଲ୍ଲୀପୁରଠାରେ ଅନୁଷ୍ଠିତ ମହାନଦୀ ତଟୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମହାନଦୀ ତଟୋତ୍ସବ କମିଟିର ଆବାହକ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ନିରାମୟ ଯୋଜନାର ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ଯୋଗଦେଇ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିଥିଲେ। ସେମାନେ ହେଲେ ଡ. ସତ୍ୟ ପ୍ରକାଶ ନାୟକ, ଓପଲଫେଣ୍ଡ୍ର ନିର୍ଦ୍ଦେଶିକା ସସ୍ମିତା ରାଉତ, ଅନିଲ ପ୍ରଧାନ, ଭସ୍ମତକାନ୍ତି ସେନଗୁପ୍ତ। ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ତିଗିରିଆ,୧୬।୪(ଡି.ଏନ.ଏ.):ତିଗିରିଆ ତହସିଲ ବାଲିପୁଟ ପଞ୍ଚାୟତର ଗୋଦ୍ରାବନ୍ଧ ଗ୍ରାମରେ ରବିବାର ଭୋରରେ ଅଗ୍ନିକାଣ୍ଡ ଘଟି ସନାତନ ବେହେରାଙ୍କ ୨ ବଖରା ଜଳିଯାଇଛି। ଏଥିରେ ଆସବାବପତ୍ର ସମେତ, ଧାନ ଓ ଚାଉଳ ଆଦି ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଅତ୍ୟଧିକ ଗରମ ଯୋଗୁ ବେହେରାଙ୍କ ପରିବାର ଲୋକେ ରାତିରେ ବାହାରେ ଶୋଇଥିବାବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବରପାଇ ତିଗିରିଆ ଦମକଳ ବାହିନୀ ପହଞ୍ଚିଲାବେଳକୁ ସବୁପୋଡ଼ି ଯାଇଥିଲା। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପହଞ୍ଚି ବିପନ୍ନ ପରିବାରକୁ ଖାଦ୍ୟ, ବସ୍ତ୍ର ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

### ଓଡ଼ିଶା ସୂଚନା ଅଧିକାର ଅଭିଯାନର ଜିଲା କାର୍ଯ୍ୟକାରିଣୀ ବୈଠକ

ଚୌଦ୍ୱାର,୧୬।୪(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ଅଧୀନ ୧୦ନଂ. ୱାର୍ଡସ୍ଥିତ କାଳୀ ମନ୍ଦିର ପରିସରରେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଆବାହକ ଶ୍ରୀକାନ୍ତ ପାକଳଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଯୋଗଦେଇ ରାଜ୍ୟରେ ସରକାରୀ କାର୍ଯ୍ୟରେ ଅର୍ଥ ଆତ୍ମସାତ, ସରକାରୀ ଜମି ହଡ଼ପ ଓ ବିଭିନ୍ନ ଅନିୟମିତତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ଲୋକଲୋଚନକୁ ଆଣିବା ସହ ଆଇନଗତ ଲଢ଼େଇ ପାଇଁ ପ୍ରସ୍ତୁତ ରହିବାକୁ କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ପରେ ପାକଳ ସାଙ୍ଗଠନିକ କାର୍ଯ୍ୟର ବିବରଣୀ ପ୍ରଦାନ କରିବା ସହ ବିଭିନ୍ନ ପଞ୍ଚାୟତରେ ସୂଚନା ଅଧିକାର କର୍ମୀଙ୍କ ପ୍ରଶିକ୍ଷଣ ପାଇଁ କରାଯାଇଥିବା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ହରିହର ବେଉରା, ଭୀମସେନ ବିଶ୍ୱାଳ, ସୁରେଶ ରାଉତରାୟ, ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ପ୍ରକାଶ ମୁଦୁଲି, ମନୋରଞ୍ଜନ ଭୂୟାଁ, ପ୍ରତାପ ଜେନା, ଆଶୁତୋଷ ବରାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଉତ୍କଳ ଯାଦବ ମହାସଭା ବୈଠକ

ଖୁଣ୍ଟୁଣୀ,୧୬।୪(ଡି.ଏନ୍.ଏ.): ଓରନ୍ଦାସ୍ଥିତ ସମ୍ପେଶ୍ୱର ମନ୍ଦିର ପରିସରରେ ଉତ୍କଳ ଯାଦବ ମହାସଭା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୁରୁଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ସଭାପତି ସୁବାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ରାମକୃଷ୍ଣ ବେହେରା, କୈଳାଶ ଚନ୍ଦ୍ର ଦାସ, ବିଭୁ ପ୍ରସାଦ ଦାସ, ଲୋକନାଥ ବେହେରା, ରାଜେନ୍ଦ୍ର ଖିଲାର ପ୍ରମୁଖ ଯୋଗଦେଇଥିଲେ। ଯାଦବ ସମାଜର ସମସ୍ୟାକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରି ସମାଧାନ କରିବା ସହିତ ଶିକ୍ଷା କ୍ଷେତ୍ରରେ ସ୍ୱାବଲମ୍ବି କରିପାରିଲେ ଯାଦବ ମହାସଭାର ସ୍ୱପ୍ନ ସାକାର ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜ୍ୟୋତି ପ୍ରସାଦ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଓରନ୍ଦା ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ସେଠାରୁ ଲଉଡି ଖେଳି ସଭାସ୍ଥଳକୁ ଆସିଥିଲେ। ଏହି ଅବସରରେ ନ' ବେଢ଼ାରୁ ଆସିଥିବା ୫୦ ଜଣ ଯାଦବ ସମାଜର ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରହ୍ଲାଦ କାଳିଆ ଧନ୍ୟବାଦ ଦେଇଥିଲେ।

# ଚେକ୍ ଡ୍ୟାମ୍ ନିର୍ମାଣକୁ ବିରୋଧ: କାମ ବନ୍ଦ କଲେ ଲୋକେ

ମାହାଙ୍ଗା,୧୬।୪(ସ୍ୱ.ପ୍ର.)



ସାଲେପୁର କଇଥା ପଞ୍ଚାୟତ, ଯାଜପୁର ଜିଲା ବଡଚଣା ବ୍ଲକର ଲୋକେ ଚେକ୍ ଡ୍ୟାମ୍ ନିର୍ମାଣକୁ ବିରୋଧ କରୁଛନ୍ତି।

ଛଡିଆ-ସାଲେପୁର ପୂର୍ତ୍ତରାସ୍ତାର କଇଥା-ଚମ୍ପାପୁର ଗେଙ୍ଗୁଟି ନଦୀ ପୋଲ ନିକଟରେ ଚେକ୍ ଡ୍ୟାମ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ରବିବାର ଲୋକେ କାମ ବନ୍ଦ କରିଦେଇଛନ୍ତି।

ମାହାଙ୍ଗା ବ୍ଲକ କଇଥା ପଞ୍ଚାୟତ ଅନ୍ତର୍ଗତ ଆନନ୍ଦବଜାରଠାରେ ଗେଙ୍ଗୁଟି ନଦୀର ପୋଲ ନିକଟରେ ବଡଚଣା ପୂର୍ତ୍ତ ବିଭାଗ ପକ୍ଷରୁ ୭୦ ଲକ୍ଷ ଟଙ୍କା ବ୍ୟୟବରାଦରେ ଚେକ ଡ୍ୟାମ ନିର୍ମାଣ ହେଉଛି। ଏହାକୁ ପୋଲ ନିକଟରୁ ତଳୁଆ ଅଞ୍ଚଳରେ ବସବାସ କରୁଥିବା କଇଥା ପଞ୍ଚାୟତ ଏବଂ ଯାଜପୁର ଜିଲା ବଡଚଣା ବ୍ଲକର ଲୋକେ ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବେ। ଖରାଦିନେ ଗାଧୁଆ ଠାରୁ ଆରମ୍ଭ କରି ଚାଷ ନିମନ୍ତେ ଜଳସେଚନ ପାଇଁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ କଇଥା ଓ ବଡଚଣା ଅଞ୍ଚଳର ଲୋକେ ଏହି କାର୍ଯ୍ୟକୁ ବିରୋଧ କରିଛନ୍ତି। ଏଥିରେ କଇଥା ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ବେହେରା, ସମିତସଭ୍ୟାଙ୍କ ପ୍ରତିନିଧି ସୁକାନ୍ତ ଦଳେଇ, କମଳାକାନ୍ତ ରାଉତ, କପିଳେଶ୍ୱର ପାଲ, ବଳରାମ ବେହେରା ପ୍ରମୁଖ ଯୋଗଦେଇ ପ୍ରକଳ୍ପ ନିର୍ମାଣକୁ ବିରୋଧ କରିଛନ୍ତି। ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏହି ଘଟଣାରେ ହସ୍ତକ୍ଷେପ କରି ଚାଷୀ ଓ ଜନସାଧାରଣଙ୍କ ସମସ୍ୟାକୁ ସମାଧାନ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବଡଚଣା ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ପାର୍ଥସାରଥି ପ୍ରୟାଗରାଜଙ୍କୁ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶରେ ଚେକ୍ ଡ୍ୟାମ ନିର୍ମାଣ କରାଯାଉଛି। ଅଞ୍ଚଳବାସୀଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ଜିଲା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘ ସମ୍ମିଳନୀ

ମାହାଙ୍ଗା,୧୬।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କଟକ ଜିଲାସ୍ତରୀୟ ଗ୍ରାମପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ସମ୍ମିଳନୀ ବ୍ଲକ ସଭାପତି ଶରତ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ଜିଲା ସଂଘ ସଭାପତି ପ୍ରଶାନ୍ତ କୁମାର ପତ୍ରୀ ଯୋଗଦେଇ ୮ ଦଫା ସମ୍ବଳିତ ଦାବି ଉପସ୍ଥାପନ କରିଥିଲେ। ଦାବି ମଧ୍ୟରେ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସମାନ କାମକୁ ସମାନ ଦରମା, ୨୦୧୪ ମସିହା ୧୨୫ ନିୟମ ସଂଶୋଧନ ଓ ୧୯୬୪ ମସିହା ୧୨୩ ନିୟମ ତୁରନ୍ତ ସଂଶୋଧନ, ରାଜ୍ୟ ବଜେଟରେ ଏହି କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ବ୍ୟୟବରାଦ କରିବା, ପଞ୍ଚାୟତ ବିଧି ବ୍ୟବସ୍ଥାରେ ଅର୍ନ୍ତଭୁକ୍ତ କରିବା ସହ ଇ-ଗଭର୍ନାନ୍ସ ପୋର୍ଟାଲ, ପି.ଆର. ବିଭାଗରେ କର୍ମଚାରୀଙ୍କ ତାଲିକା ପଞ୍ଜୀକରଣ କରାଯିବା, ଶିକ୍ଷାଗତ୍ ଯୋଗ୍ୟତା ଭିତରେ ପଦୋନ୍ନତି, ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀ ଦୈନିକ ୩୪୫ ଟଙ୍କାରୁ କମ୍ ହେଉ ନ ଥିବା ପାରିଶ୍ରମିକ ପିଆର ବିଭାଗକୁ ଏକ ଷ୍ଟାଣ୍ଡିଙ୍ଗ ଅର୍ଡର ପ୍ରତ୍ୟେକ ପଞ୍ଚାୟତକୁ ପଠାଯିବା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସମ୍ପାଦକ ବେଣୁଧର ମହାରଣା, ସମ୍ମାନୀତ ଅତିଥି ଭାବେ କୁଳମଣି ବିଶ୍ୱାଳ, ପରମାନନ୍ଦ ମହାନ୍ତି, ମଧୁସୂଦନ ମଲିକ, ନିକୁଞ୍ଜ କିଶୋର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ତନୟ କୁମାର ମଲ୍ଲ ଅତିଥି ପରିଚୟ, ପ୍ରଭାତ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ନବଘନ ବାରିକ, ବୈଷ୍ଣବ ମଲିକ, ବଳରାମ ବେହେରା, ଧନଞ୍ଜୟ ଦାସ, ଜୟରାମ ସାହୁଙ୍କ ସମେତ ଜିଲାର ବହୁ ୪ର୍ଥ ଶ୍ରେଣୀ କର୍ମଚାରୀ ଉପସ୍ଥିତ ଥିଲେ।

# ଭାଷା ସାହିତ୍ୟ ପାଇଁ ଓଡ଼ିଆ ଜାତି ମହାନ

## ଆଠଗଡ଼ ସାହିତ୍ୟ ସଂସଦ ଯୁବ ପ୍ରତିଭା ଚୟନ ଉତ୍ସବ

ଆଠଗଡ଼,୧୬।୪(ସ୍ୱ.ପ୍ର.)

ଆଠଗଡ଼ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ଯୁବ ପ୍ରତିଭା ଚୟନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଗଣେଶ୍ୱର ନାଏକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରତିଭାକୁ ବିକଶିତ କରି ଆଗକୁ ଆଣିବା ସାହିତ୍ୟ ସଂସଦର ମୂଳ ଲକ୍ଷ୍ୟ। ଏହି ପ୍ରତିଯୋଗିତାରେ ଆଠଗଡ଼ ନିର୍ବାଚନ ମଣ୍ଡଳୀ ୧୮ଟି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମସ୍ତ ପ୍ରତିଭାଙ୍କୁ ମନ୍ତ୍ରୀ ସ୍ୱାଇଁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ନାରାୟଣ ପଣ୍ଡା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଆମେ ଭଲ ପାଇଲେ ସାହିତ୍ୟ ସଂସଦର ଏହି ମହତ କାର୍ଯ୍ୟ ସଫଳ ହେବ। ସମ୍ମାନିତ ଅତିଥି ଭାବେ ଡ. ମନୋରଞ୍ଜନ ମହାନ୍ତି କହିଲେ, ଭାଷା ସାହିତ୍ୟ ପାଇଁ ଏ ଓଡ଼ିଶା ଜାତି ମହାନ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଦାସ, ପ୍ରଭାତ ବିଶ୍ୱାଳ, ସ୍ମୃତିଧର ପ୍ରଧାନ, ସଂସଦ ଉପଦେଷ୍ଟା ଶରତ ଚନ୍ଦ୍ର ମାଝି, ସମ୍ପାଦକ ସୂର୍ଯ୍ୟନାରାୟଣ ବେଉରା, ନରେଶ ମହାପାତ୍ର, ପୀତବାସ ଦାଶଶର୍ମା, ସାହିତ୍ୟ ସଂସଦ ଆବାହକ ନିରାକାର ଲେଙ୍କା, ସହସମ୍ପାଦକ ବିକାଶ ଦୁଆରୀ ଉପସ୍ଥିତ ଥିଲେ। ୧୮ଟି କଲେଜର ୧୧୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।

### ମହୀରାବଣ ବଧ ଗୀତିନାଟ୍ୟ ମଞ୍ଚସ୍ଥ

ବାଙ୍କୀ,୧୬।୪(ସ୍ୱ.ପ୍ର.)

ଡମପଡ଼ା ବ୍ଲକ କୁଶୁପଙ୍ଗି ଶ୍ରୀଶ୍ରୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଶନିବାର ରଘୁନାଥ ନାଟ୍ୟ ମଣ୍ଡପରେ ପୌରାଣିକ ଗୀତିନାଟ୍ୟ ମହୀରାବଣ ବଧ ମଞ୍ଚସ୍ଥ ହୋଇଯାଇଛି। ଚଳିତ ବର୍ଷ ରାମଲୀଳାର ନୃତ୍ୟାଭିନୟ ଉଦ୍‌ଯାପନୀ ପରେ ସ୍ୱତନ୍ତ୍ର ଭାବେ ଏହି ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର କଳାକାର ଅରବିନ୍ଦ ବେଉରା, ମହୀରାବଣ ଭୂମିକାରେ ଅଭିନୟ କରୁଥିବା ବେଳେ ବସନ୍ତ ସ୍ୱାଇଁ ଓ ସନ୍ତୋଷ ସ୍ୱାଇଁ ଯଥାକ୍ରମେ ରାମ ଓ ଲକ୍ଷ୍ମଣ ଭୂମିକାରେ, ପ୍ରଶାନ୍ତ ସାହୁ ହନୁମାନ, ସୁଧାକର ବେହେରା ବିଭୀଷଣ, ସୁଶାନ୍ତ ବେଉରା ସୀତା, ରମେଶ ଚନ୍ଦ୍ର ନାୟକ ରାବଣ ଭୂମିକାରେ ଅଭିନୟ କରିଥିଲେ।

# ବାଙ୍କୀ କଲେଜକୁ ରାଜ୍ୟପାଳଙ୍କ ପୁରସ୍କାର




କ୍ୟାପଟେନ ଭବାନୀ ପ୍ରସାଦ ହୋତା ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ପୁରସ୍କାର ଉତ୍ସବ

ବାଙ୍କୀ,୧୬।୪(ସ୍ୱ.ପ୍ର.):

ଭାରତ ସ୍କାଉଟ୍ସ ଓ ଗାଇଡ୍ସ ରାଜ୍ୟ ଶାଖା ଆନୁକୂଲ୍ୟରେ ରାଜଭବନରେ ରାଜ୍ୟ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଉଲ୍ଲେଖନୀୟ ସମାଜସେବା ଯୋଗୁ ବାଙ୍କୀ ସ୍ୱୟଂଶାସିତ କଲେଜର ରୋଭର ରେଞ୍ଜର ସଂସ୍ଥାକୁ ପୁରସ୍କୃତ କରାଯାଇଛି। କଲେଜ ପକ୍ଷରୁ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ଏଥିରେ ଯୋଗଦେଇ ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ରୋଭର ଲିଡର୍ ଭୂପତି ଭୂଷଣ ପ୍ରଧାନ ଓ ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ଉପସ୍ଥିତ ଥିଲେ। ଅତିଥିଭାବେ ମନ୍ତ୍ରୀ ତଥା ଭାରତ ସ୍କାଉଟ୍ ଗାଇଡ୍ ସଭାପତି ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ଟୁକୁନି ସାହୁ ଓ ସ୍କାଉଟ୍ସ ଗାଇଡ୍ସ ରାଜ୍ୟ ମୁଖ୍ୟ କମିଶନର ଡକ୍ଟର କାଳୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଯୋଗ ହେଉଛି ଖାଦ୍ୟ ସଦୃଶ

## ପ୍ରାଣଯୋଗ ପ୍ରତିଷ୍ଠାନ ଓଡିଶାର ଊନବିଂଶ ବାର୍ଷିକ ଉତ୍ସବ

ବଡ଼ମ୍ବା,୧୬।୪ (ଡି.ଏନ.ଏ)



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ପ୍ରାଣଯୋଗ ପ୍ରତିଷ୍ଠାନ ଓଡ଼ିଶାର ଊନବିଂଶ ବାର୍ଷିକ ଉତ୍ସବ ବ୍ଲକ ଅନ୍ତର୍ଗତ ରତାପାଟସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ବଡ଼ମ୍ବା ସମେତ ଆଠଗଡ଼, ନରସିଂହପୁର, ତିଗିରିଆ ଓ ବାଙ୍କୀ ଆଦି ବ୍ଲକର ବହୁ କବୟିତ୍ରୀ ଓ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାଣଯୋଗ ପ୍ରତିଷ୍ଠାନ ଉପାଧ୍ୟକ୍ଷ ବିପିନ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ଜିଲାଶିକ୍ଷା ଅଧିକାରୀ ସନାତନ ବେହେରା ଯୋଗଦେଇଥିଲେ। ମୁଖ୍ୟଅତିଥିଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ସୁବାସ ଚନ୍ଦ୍ର ଆସ୍, ମୁଖ୍ୟବକ୍ତା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ବିଜୟ କୁମାର ଛତ୍ର, ସମ୍ମାନିତ ଅତିଥିଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଇଂଲିଶ୍ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ମାନଗୋବିନ୍ଦ ପାତ୍ର ପ୍ରମୁଖ ଯୋଗଦେଇ କବି ଓ ସାହିତ୍ୟର ସାର ଗର୍ଭକ ବକ୍ତବ୍ୟ ଦେଇଥିଲେ। ମାଣିଆବନ୍ଧ ମହାବିଦ୍ୟାଳୟ ଇଂଲିଶ୍ ଅଧ୍ୟାପକ ଖଗେଶ୍ୱର ମହାପାତ୍ର ଏହାକୁ ସଂଯୋଜନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ପ୍ରାଣଯୋଗ ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ର ଶେଖର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ନରୋତ୍ତମ ଗାଣ ଯୋଗଦେଇ ପ୍ରାଣଯୋଗ ପ୍ରତିଷ୍ଠାନ ଭାରତୀୟ ସଂସ୍କୃତିରେ ଗାଥା ବହନ କରିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ନରସିଂହପୁର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କୁଳମଣି ବାରିକ, ବିଶିଷ୍ଟ ଅତିଥିଭାବେ ପଠାଣି ସାମନ୍ତ ପ୍ଲାନେଟୋରିୟମ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ଗୌରୀ ଶଙ୍କର ରାୟ ଓ ସ୍ୱତନ୍ତ୍ର ଅତିଥିଭାବେ ବଡ଼ମ୍ବା ଓକିଲ ସଂଘ ପୂର୍ବତନ ସଭାପତି ଆଇନଜୀବୀ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠାନର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଆଧ୍ୟାତ୍ମିକ ଚେତନା ଓ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଯୋଗ ଖାଦ୍ୟ ସଦୃଶ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଖବରଦାତା, ଶିକ୍ଷାବିତ୍, ସାମାଜିକ କର୍ମୀ, ସାହିତ୍ୟିକ ଓ କବିଙ୍କ ସମେତ ଅନ୍ୟାନ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଶୋକ କୁମାର ଧଳ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସଦସ୍ୟ ବାଲୁଙ୍କେଶ୍ୱର ରାଉତ ଓ ଶିବ ନାରାୟଣ ମିଶ୍ର ଅନୁଷ୍ଠାନ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରବୀଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଖରାରେ ବାଦୁଡ଼ି ଛଟପଟ

ବାଙ୍କୀ,୧୬।୪(ସ୍ୱ.ପ୍ର.)

## ସିଂହନାଥ ମନ୍ଦିର ପରିସର



ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱରସ୍ଥିତ ପ୍ରଭୁ ସିଂହନାଥ ଦେବଙ୍କ ପୀଠ ପରିସରରେ ଥିବା ବିଭିନ୍ନ ଗଛ ଯଥା ଦେବଦାରୁ, ଜାମୁ ଓ ଅନ୍ୟାନ୍ୟ ଗଛରେ ବହୁ ପରିମାଣରେ ବାଦୁଡି ଦୀର୍ଘଦିନ ହେବ ରହିଆସୁଛନ୍ତି। ଚଳିତ ବର୍ଷ ପ୍ରଚଣ୍ଡ ଖରା ଯୋଗୁ ଏହି ବାଦୁଡିମାନେ ପାଣି ଅଭାବରୁ ଗଛ ଡାଳ ମଧ୍ୟରେ ଡହକବିଳକରେ ରହି ମୃତ୍ୟୁମୁଖରେ ପଡୁଛନ୍ତି। ମହାନଦୀ ମଧ୍ୟରେ ଥିବା ଏହି ପୀଠ ଚାରିପାଖେ ଜଳ ଶୁଖିଲା ଯୋଗୁ ଏଭଳି ପରସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ତୁରନ୍ତ ବାଦୁଡ଼ିମାନଙ୍କୁ ପାନୀୟ ଜଳ ସିଞ୍ଚନ ମାଧ୍ୟମରେ ଯୋଗାଇ ଦିଆଗଲେ ସେମାନଙ୍କ ବଂଶ ରକ୍ଷା ହୋଇପାରିବ ବୋଲି ବାଙ୍କୀ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ଅଧ୍ୟାପକ ଶ୍ୟାମଲାଲ ଭୋଏ ଜଙ୍ଗଲ ବିଭାଗକୁ ଅନୁରୋଧ କରିଛନ୍ତି।

# ସ୍କ୍ୱାଡ୍ ଇଲେଭେନ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

ସାଲେପୁର,୧୬।୪(ଡି.ଏନ.ଏ.)

## ମା' ବାସୁଳେଇ ଦିବାରାତ୍ର କ୍ରିକେଟ

ସାଲେପୁର ବ୍ଲକ ଅନ୍ତର୍ଗତ ମହାଜନପୁର ଖେଳପଡ଼ିଆରେ ମା' ବାସୁଳେଇ କ୍ରିକେଟ୍ କ୍ଲବ ପକ୍ଷରୁ ଏକ ଦିବସୀୟ ଦିବାରାତ୍ର କ୍ରିକେଟ ଅନୁଷ୍ଠିତ ହୋଇଯାଇଛି। ଖେଳରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ୟୁନିଟ ୯କୁ ପରାସ୍ତ କରି ସ୍କ୍ୱାଡ୍ ଇଲେଭେନ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ୟୁନିଟ ୯ ଦଳ ନିର୍ଦ୍ଧାରିତ ୫ ଓଭରରେ ୨୩ ରନ ସଂଗ୍ରହ କରିଥିଲା। ଜବାବରେ ସ୍କ୍ୱାଡ୍ ଏଲେଭେନ ନିର୍ଦ୍ଧାରିତ ଓଭରରେ ୨୭ ରନ କରି ବିଜୟୀ ହୋଇଥିଲା। ଏହି ଅବସରରେ ସଙ୍ଗଠକ ଅଜୟ ସେଣଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ଖେଳ ପଡ଼ିଆର ଉନ୍ନତୀକରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାଲେପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ ବିଶ୍ୱାଳ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ନଗଦ ୧୦ ହଜାର ସହ ଟ୍ରଫି ଓ ରନର୍ସ ଦଳକୁ ନଗଦ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ନିକୁଞ୍ଜ ମଲ୍ଲ, ମୋହନ ପରିଡା, ସରୋଜ ବେହେରା, ପ୍ରଫୁଲ୍ଲ ଘଡ଼େଇ, କୁମର ପରିଡ଼ା, ଗଣେଶ ଜେନା, ନିଲୁ ନାଥ, ମନୋଜ ପରିଡ଼ାଙ୍କ ସମେତ କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ।

# 'ରାମଲୀଳା ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି'

ଆଠଗଡ,୧୬।୪(ସ୍ୱ.ପ୍ର.)

## ଶ୍ରୀ ରଘୁନାଥ ଜୀଉ ରାମଲୀଳା ମହୋତ୍ସବ ଉଦ୍‌ଯାପିତ



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଗହଣରେ ଅତିଥି ଓ ସମ୍ବର୍ଦ୍ଧିତ କଳାକାରମାନେ।

ଆଠଗଡସ୍ଥିତ ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ୧୭ ଦିନ ଧରି ଚାଲିଥିବା ରାମଲୀଳା ମହୋତ୍ସବ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସଂଘର ୭୫ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶ୍ରୀରାମ ନବମୀଠାରୁ ଚାଲିଥିବା ଏହି ରାମଲୀଳା ଶ୍ରୀ ରାମ ଜନ୍ମଠାରୁ ଆରମ୍ଭ କରି ରାବଣ ବଧ ଓ ଶ୍ରୀରାମଙ୍କ ରାଜ୍ୟ ଅଭିଷେକ ପରେ ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତାଭାବେ ବିଶିଷ୍ଟ ସାହିତ୍ୟିକ ପ୍ରାଧ୍ୟାପକ ଡ. ନାରାୟଣ ପଣ୍ଡା, ଅନ୍ୟତମ ଅତିଥିଭାବେ ସୁନାମଧନ୍ୟ ଗୀତିକାର ରାଧାନାଥ ଦାସ, ଏନ୍‌ଏସି ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି, ଯୁବନେତା ପ୍ରକାଶ ରାଉତ ପ୍ରମୁଖ ଯୋଗଦେଇ, ଶ୍ରୀରାମଙ୍କର ମାର୍ଗଦର୍ଶନରେ ବ୍ରତୀ ହେବାକୁ କହିଥିଲେ। ଶ୍ରୀରାମଙ୍କ ଦ୍ୱାରା ପ୍ରତିଷ୍ଠିତ ସମାଜ ଓ ପ୍ରଣିତ ସାମାଜିକ ତତ୍ତ୍ୱ ଓ ରାଜନୀତି ବିଶ୍ୱବନ୍ଦିତ। ରାମଲୀଳା ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ଏହା ଆଠଗଡ ଅଞ୍ଚଳରେ ଭାଇଚାରା ତଥା ସଂଘବଦ୍ଧ , ଶୃଙ୍ଖଳିତ ବାର୍ତ୍ତା ବହନ କରିଥାଏ ବୋଲି ଅତିଥିମାନେ କହିଥିଲେ। ସଂଘ ସଭାପତି ପ୍ରଭାକର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ୱାଇଁ ଅନୁଷ୍ଠାନର ପୂଜ୍ୟଗୁରୁ ସ୍ୱର୍ଗତ ରାହାସ ବିହାରୀ ନାୟକ, ସଭାପତି କାଶୀନାଥ ପ୍ରଧାନ ଓ ପ୍ରତିଷ୍ଠାତା ସଭ୍ୟମାନଙ୍କ ସ୍ମୃତି ଚାରଣ କରିଥିଲେ।

ଏହି ଅବସରରେ ଅନୁଷ୍ଠାନ ବର୍ଷିଆନ କଳାକାର ତଥା ନାଟ୍ୟଗୁରୁ ସଦାନନ୍ଦ ସାହୁ, ଅଭିରାମ ବେହେରା, ସୁବାସ ବେହେରା, ତ୍ରିଲୋଚନ ପ୍ରଧାନ ଆଦିଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଏହିକଳାକୁ ବଞ୍ଚାଇ ରଖିଥିବା ୧୦ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ରବିବାର ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମଙ୍କ ଅଭିଷେକ କରାଯାଇ ନଗର ପରିକ୍ରମା କରାଯାଇଥିଲା।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

**ଯାଁଳା,୧୬।୪(ଡି.ଏନ୍.ଏ.):** ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ପୋଲିସ ରବିବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଁଳା ଅଞ୍ଚଳରେ ଭଡ଼ାରେ ରହୁଥିବା ନୟାଗଡ଼ ଜିଲା ରଗଡିପଡା ଗ୍ରାମର ଗୋବିନ୍ଦ ଚନ୍ଦ୍ର ବେହେରା (୩୪)। ଅଭିଯୋଗ ମୁତାବକ, ଗୋବିନ୍ଦ ସ୍ତ୍ରୀ ଗୋଲାପଙ୍କୁ କୌଣସି କାରଣ ପାଇଁ ବାରମ୍ବାର ଗାଳିଗୁଲଜ କରିବା ସହ ମାଡ଼ ମାରୁଥିଲେ। ତେବେ ଗତ ୧୩ ତାରିଖରେ ଗୋବିନ୍ଦ ପୁଣି ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ଦ୍ୱିତୀୟ ବିବାହ କରିବା ପାଇଁ ଧମକ ଦେଇଥିଲେ। ଏନେଇ ଗୋଲାପଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଗୋବିନ୍ଦଙ୍କୁ ଗିରଫ କରିଥିଲା। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ହନୁମାନ ମନ୍ଦିରରୁ ଚୋରି

**ବୋଲଗଡ଼,୧୬।୪(ଡି.ଏନ୍.ଏ.):** ରାଜସୁନାଖଳା ଫାଣ୍ଡି ନିକଟ ହନୁମାନ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଠାକୁରଙ୍କ ସୁନା ନେତ୍ର ଓ ରୁପା କିରଟି ସହିତ କେତେକ ସାମଗ୍ରୀ ଚୋରି ହୋଇଛି। ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, କିଛିଦିନ ପୂର୍ବେ ଆମ୍ରୁତେଶ୍ୱର ଶିବ ମନ୍ଦିରରୁ ଠାକୁରଙ୍କ ମୂର୍ତ୍ତି ଚୋରି ହୋଇଥିଲା।

### ବସ୍ ମାଲିକ ସଂଘ ପକ୍ଷରୁ ଜଳଛତ୍ର

**ନିରାକାରପୁର,୧୬।୪(ଡି.ଏନ୍.ଏ.):** ନିରାକାରପୁର ବସ୍‌ଷ୍ଟାଣ୍ଡରେ ରବିବାର ବସ୍ ମାଲିକ ସଂଘ ପକ୍ଷରୁ ଜଳଛତ୍ରର ଉଦ୍‌ଘାଟନ କରାଯାଇଛି। କାଶୀପୁର ସେବା ସମବାୟ ସମିତିର ସଭାପତି ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ, ଖୋର୍ଦ୍ଧା ଜଲା ବିଜେଡି ଉପସଭାପତି ବିପିନ ଜୟସିଂ, ନିରାକାରପୁର ପଞ୍ଚାୟତର ନାୟବ ସରପଞ୍ଚ ସ୍ୱପ୍ନେଶ୍ୱର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ବାଟୋଇମାନଙ୍କୁ ଟଙ୍କତୋରାଣି ଓ ପାଣି ବଣ୍ଟନ କରାଯାଇଥିଲା। ବସ୍‌ଷ୍ଟାଣ୍ଡର କର୍ମକର୍ତ୍ତା ଦେବ ପ୍ରଧାନ, ସୁଶାନ୍ତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ପ୍ରେମଲତାଙ୍କ ଏକାଦଶାହରେ ସ୍ମୃତିସଭା

**ବୋଲଗଡ଼,୧୬।୪(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ ଶଙ୍କରପୁର ଗ୍ରାମର ପ୍ରେମଲତା ବେହେରାଙ୍କ ଏକାଦଶାହ ତିଥି ଅବସରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମାଧବ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ବଂଶୀଧର ପଣ୍ଡା ଗୀତା ପାଠ କରିଥିଲେ। ପ୍ରେମଲତା ଜଣେ ସରଳ, ନିଷ୍କପଟ, ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ ବୋଲି ମତପ୍ରକାଶ ପାଇଥିଲା। ପ୍ରଭାତ ବାରିକ, ଶ୍ୟାମ ସୁନ୍ଦର ସାହୁ , ପ୍ରଫୁଲ୍ଲ ହୋତା, ପ୍ରଭାତ ହୋତା, ଗିରିଜା ଶଙ୍କର ସାହୁ, ବିପିନ ବିହାରୀ ପଣ୍ଡା, ମନୋରଞ୍ଜନ ପୃଷ୍ଟି, ସସ୍ମିତା ପୃଷ୍ଟି, ସ୍ୱସ୍ତି ଦେବପ୍ରିୟା ଓ ସ୍ତୁତି ଦେବପ୍ରିୟା, ନବ କିଶୋର ଯତି, ଜଟାଧାରୀ ଚିନାରା, ସକୁନ୍ତଳା କର, ବାସୁଦେବ ବେହେରା, ବିଭୁତି ଭୂଷଣ କର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରି ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ସୁଦର୍ଶନ ବେହେରା ଧନ୍ୟବାଦ ଦେଇଥିଲେ।

# ପୁଣି ସକ୍ରିୟ ହେଉଛି ମାନବବାଦ ସଙ୍ଗଠନ

**ଖୋର୍ଦ୍ଧା ଅଫିସ,୧୬।୪**

### ଗାଁରେ ଲାଗିଲାଣି ମାନସ ଦାସଙ୍କ ପୋଷ୍ଟର

- ମୋହରା ହୋଇପାରନ୍ତି ଆଦିବାସୀ
- ସାଧାରଣରେ ଆତଙ୍କ, ବିରୋଧ

ବହୁ ଚର୍ଚ୍ଚିତ ମାନବବାଦ ସଙ୍ଗଠନ ତଥା ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚର ମୁଖ୍ୟ ତଥା ଆତ୍ମଘୋଷିତ ଭାଇ ସାହେବ ଓରଫ ଗୁରୁଜୀ ଆଇନଜୀବୀ ମାନସ ଦାସଙ୍କ ପୋଷ୍ଟର ପୁଣି ଖୋର୍ଦ୍ଧା ଜିଲାର କେତେକ ଗାଁ ଗହଳିରେ ଦେଖିବାକୁ ମିଳିଲାଣି। ଏଥିରୁ ମାନସଙ୍କ ମାନବବାଦ ସଙ୍ଗଠନ ପୁନର୍ବାର ଧୀରେ ଧୀରେ ସକ୍ରିୟ ହେଉଥିବା ଜଣାପଡ଼ିଲାଣି। ନିରୀହ ଆଦିବାସୀଙ୍କୁ ମୋହରା ବନାଇ ସେ ତାଙ୍କ ସଙ୍ଗଠନର କାୟା ବିସ୍ତାର ପାଇଁ ପ୍ରୟାସ ଚଳାଇଥିବା ସାଧାରଣରେ ଆଲୋଚନା ହେଉଛି।

ଦୁଇବର୍ଷ ତଳେ ଖୋର୍ଦ୍ଧା ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାନବବାଦ ଆଳରେ ସେ ଆତଙ୍କରାଜ ଚଳାଇବା ସହ ନିରୀହ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ଦୁଇବର୍ଷ ତଳେ ବେଗୁନିଆ ଥାନା ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକ ହତ୍ୟା ଘଟଣାରେ ସମ୍ପୃକ୍ତି ନେଇ ତାଙ୍କୁ ପୋଲିସ ଭୁବନେଶ୍ୱରସ୍ଥିତ ବାସଭବନରୁ ଗିରଫ କରିଥିଲା। ପରେ ତାଙ୍କ ପୁଅ ମନୋରଞ୍ଜନଙ୍କୁ ଗିରଫ କରାଯାଇଥିଲା। ବେଗୁନିଆ ଥାନା କଡବ ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ବନ୍ଦ କୋଠରୀରେ ମାନବବାଦ ସଙ୍ଗଠନର କର୍ମକର୍ତ୍ତା ଅମାନବୀୟ ଭାବେ ମାଡ ମାରିବା ଘଟଣାରେ ମନୋରଞ୍ଜନ ଗିରଫ ପରେ ଜେଲ ଯାଇଥିଲେ। ଏହି ମାଡ଼ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମାନସ ଓ ପୁଅ ମନୋରଞ୍ଜନଙ୍କ କାରନାମା ପଦାକୁ ଆସିଥିଲା। ଏବେ ବାପପୁଅ ଜେଲରୁ ଜାମିନ ପାଇ ମୁକୁଳିଛନ୍ତି। ଏହାପରେ ପୁଣି ନିଜ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବେଗୁନିଆ ବ୍ଲକର କେତେକ ଗାଁରେ ମାନସଙ୍କ ଫଟୋ ଲାଗିଛି। ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଇ ମାନସଙ୍କ ଫଟୋ ଥାଇ ତାଙ୍କ ସମର୍ଥକମାନେ ଏହି ପୋଷ୍ଟର ଲଗାଇଥିବା ଜଣାପଡ଼ିଛି। ଭୁବନେଶ୍ୱରରେ ପୋଷ୍ଟର ଛପାଯାଉଛି। ସେହିପରି ଭୁବନେଶ୍ୱରରେ ରହି ବାପ ପୁଅ ମାଷ୍ଟରପ୍ଲାନ ପ୍ରସ୍ତୁତ କରୁଥିବାବେଳେ ଏହାକୁ ସେମାନଙ୍କ ସହଯୋଗୀମାନେ ରୂପ ଦେଉଥିବା ଶୁଣିବାକୁ ମିଳୁଛି। ପୁଣି



ଗାଁରେ ଲାଗିଥିବା ପୋଷ୍ଟର।

ମାନବବାଦ ସଙ୍ଗଠନ ସକ୍ରିୟ ହେଉଥିବା ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏ ନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ସମ୍ବିଧାନ ଦଳିତ, ନିଷ୍ପେସିତଙ୍କୁ ସମାନତା ଅଧିକାର ଦେଇଛି। ସେମାନଙ୍କୁ ମୋହରା ବନାଇ ସଂସ୍କୃତି ବିରୋଧୀ କାର୍ଯ୍ୟ କରିବା ଅନୁଚିତ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ଗ୍ରହଣୀୟ ନୁହଁ। ଆଦିବାସୀଙ୍କୁ ଢାଲ କରି ଯେ କେହି କଳା ସାମ୍ରାଜ୍ୟ ବିସ୍ତାର କରିବାକୁ ଉଦ୍ୟମ କଲେ, ସରକାର ଉଚିତ ପଦକ୍ଷେପ ନେବେ ବୋଲି ମିତ୍ର କହିଛନ୍ତି। ଆଗାମୀ ଦିନରେ ଗୋଟିଏ ପଟେ ସପକ୍ଷବାଦୀ ଏବଂ ଅନ୍ୟପଟେ ବିପକ୍ଷବାଦୀ ମୁହାଁମୁହିଁ ହେବାର ଆଶଙ୍କା ଥିବାରୁ ବଡ ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ମାନବବାଦ ସଙ୍ଗଠନ ଚଳାଇ ଆସିଥିବା ମାନସ ଆଦିବାସୀ ଗ୍ରାମଗୁଡ଼ିକରେ ନିଜ ପତିଆରା ଜାହିର କରିବା ସହ ଗୁରୁଜୀ ଭାବେ ପରିଚିତ ଥିଲେ। ବିଭିନ୍ନ ଗ୍ରାମରେ ଆଦିବାସୀଙ୍କୁ ଏକାଠି କରି ସେମାନଙ୍କ ମୁଖ୍ୟ ପାଲଟିଥିଲେ ମାନସ। ଯିଏ ତାଙ୍କ ବଶତା ସ୍ୱୀକାର କରୁ ନ ଥିଲା, ଅଥବା ବିରୋଧ କରୁଥିଲା ତାଙ୍କୁ ସମର୍ଥକଙ୍କ ଜରିଆରେ ନିର୍ଯାତନା ଓ ଦଣ୍ଡ ଦେଉଥିଲେ। ଏପରିକି ସେ ନେତା, ମନ୍ତ୍ରୀ, ଅଧିକାରୀଙ୍କ ଛତ୍ରଛାୟା ତଳେ ରହିଆସୁଥିଲେ। ୨୦୨୧ ଅଗଷ୍ଟ ୨ରେ ବେଗୁନିଆ ଥାନା ସତ୍ୟଭାମାପୁର ଗ୍ରାମର ସତ୍ୟବ୍ରତ ନାୟକଙ୍କୁ ମାନବବାଦୀ ସଙ୍ଗଠନର କର୍ମକର୍ତ୍ତା ପିଟିପିଟି ହତ୍ୟା କରିବା ପରେ ମୃତଦେହକୁ ପୋଡ଼ିଦେଇଥିଲେ। ମୃତକଙ୍କ ପୁତୁରା ବସନ୍ତ ନାୟକଙ୍କ ଅଭିଯୋଗ କ୍ରମେ ବେଗୁନିଆ ଥାନାରେ ଏକ କେସ୍ (ନଂ. ୧୪୯/୨୧) ରୁଜୁ ହୋଇଥିଲା। ଏହି ମାମଲାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ଏହି ହତ୍ୟାକାଣ୍ଡ ପଛରେ ଷଡ଼ଯନ୍ତ୍ର, ସତ୍ୟବ୍ରତଙ୍କୁ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଶବପୋଡି ଏବଂ ବସନ୍ତଙ୍କୁ ଧମକଚମକ ଦେଇ ସମସ୍ତ ଘଟଣା ଭିଆଇଥିବା ମାନସଙ୍କ ସଂପୃକ୍ତି ପ୍ରମାଣିତ ହୋଇଥିଲା ବୋଲି ସେପ୍ଟେମ୍ବର ୨ରେ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଲ କହିଥିଲେ। ସେହି ଦିନ ସଦର ଥାନାରେ ନିଜିଗଡ ଟାପଙ୍ଗ ଝିଙ୍କିଆରୀ ଗ୍ରାମର ଜନୈକ ଯୁବକ ମାନସଙ୍କ ବିରୋଧରେ ହତ୍ୟା ଧମକ ଅଭିଯୋଗ କରିଥିଲେ। ଏନେଇ ଥାନାରେ ୧୨୭/୨୧ ମାମଲା ରୁଜୁ କରିଥିଲା। ବେଗୁନିଆ ଥାନା କଡବ ଗ୍ରାମର ବାପାପୁଅ ମାଗୁଣୀ ଏବଂ ପୁଅ ଆନନ୍ଦଙ୍କୁ ବନ୍ଦ କୋଠରୀରେ ମାନବବାଦ ସଙ୍ଗଠନର କର୍ମକର୍ତ୍ତା ମାଡ ମାରିବା ଘଟଣାରେ ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ମାନସଙ୍କ ପୁଅ ମନୋରଞ୍ଜନ ନାସଙ୍କ ସଂପୃକ୍ତି ପ୍ରମାଣିତ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା।

### ଲାପଟପ୍ ଚୋରି ଘଟଣାରେ ଜଣେ ଗିରଫ

**ବାଣପୁର,୧୬।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରୁ ଜଣେ ଲାପଟପ ଚୋରଙ୍କୁ ଗିରଫ କରିଛି ପୋଲିସ। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଖଲିକୋଟ ଥାନା ମାଣିକପୁର ଗ୍ରାମର ପ୍ରଦୀପ ଜେନା(୨୬)। ସୂଚନା ମୁତାବକ, ଶନିବାର ପୂର୍ବାହ୍ନରେ ଖଲିକୋଟ ଥାନା ଅଞ୍ଚଳର ଶଶିକାନ୍ତ ଦାସ ବସ୍‌ରେ ଭୁବନେଶ୍ୱର ଯାଉଥିଲେ। ବାଲୁଗାଁ ବାଇପାସଠାରେ ବସ୍‌ଟି ଯାତ୍ରୀ ନେବା ପାଇଁ କିଛି ସମୟ ଅଟକିଥିଲା। ଏହି ସମୟରେ ଶଶିକାନ୍ତ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ବସ୍‌ରୁ ଓହ୍ଲାଇଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ଲାପଟପ ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ତେବେ ବସରେ ଚଢିବାପରେ ଶଶିକାନ୍ତ ଲାପଟପ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୪୨/୨୩) ରୁଜୁକରି ତଦନ୍ତ ଜାରି ରଖିଥିବା ବେଳେ ରବିବାର ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଚୋରି ଲାପ୍‌ଟପ୍‌ଟି ଜବତ କରାଯାଇ ଶଶିକାନ୍ତଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଜୟପ୍ରକାଶ ପରିଡ଼ା କହିଛନ୍ତି।


ଜଟଣୀ: ମହୁଲ ଗ୍ରାମସ୍ଥିତ ଶ୍ରୀଶ୍ରୀ ସଙ୍କଟମୋଚନ ହନୁମାନଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ୧୭ତମ ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସରେ ରବିବାର ଜଳଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ବେଶଧାରୀ କଳାକାର ଏବଂ ଅନ୍ୟମାନେ।

## ବିଜେବି ହାଇସ୍କୁଲର ୧୨୫ତମ ଜୟନ୍ତୀ ପାଳନ ପାଇଁ ବୈଠକ

**ଖୋର୍ଦ୍ଧା ଅଫିସ,୧୬।୪**

ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ବିଦ୍ୟାଳୟର ୧୨୫ତମ ଜୟନ୍ତୀ ମହାଆଡ଼ମ୍ବରରେ ପାଳନ ପାଇଁ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ସଭା ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ସଂସଦ ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପୌରୋହିତ୍ୟ କରିଥିଲେ। ସମ୍ପାଦକ ଗୋପାଳକୃଷ୍ଣ ଦାସ ସ୍ୱାଗତଭାଷଣ, ପ୍ରଧାନଶିକ୍ଷକ ଅଞ୍ଜନ କୁମାର ରାୟ ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବ ପ୍ରସାଦ ମଜୁମଦାର ପୂର୍ବ ପ୍ରସ୍ତାବିତ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍ସବର ସଫଳତା, ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ସାମିଲ ସହ ରାଷ୍ଟ୍ରପତି, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରେଳମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ ପାଇଁ ବିଧାୟକ ମିତ୍ର ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି, ପୂର୍ବତନ ଅଧକ୍ଷ ନରସିଂହ ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ ଜବାହାରଲାଲ ସୁବୁଦ୍ଧି, ଷ୍ଟେଟ ବ୍ୟାଙ୍କର ପୂର୍ବତନ ଅଧିକାରୀ ସତ୍ୟବ୍ରତ ଦାସ, ସଙ୍ଗୀତଜ୍ଞ ବ୍ରଜକିଶୋର ସାହୁ ପ୍ରମୁଖ ଆଲୋଚନାରେ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଆସନ୍ତା ୨୯ ତାରିଖରେ କାର୍ଯ୍ୟକାରୀ କମିଟି ସଭା ଅନୁଷ୍ଠିତ ହେବ। ଏହି ସଭାରେ ବିଭିନ୍ନ ବ୍ୟାଚର ପ୍ରତିନିଧିମାନଙ୍କୁ ନେଇ ସବ୍-କମିଟିମାନ ଗଠନ କରାଯିବ। ପୁରାତନ ଛାତ୍ରମାନେ ବହୁ ସଂଖ୍ୟାରେ ଯୋଗଦେବା ସହିତ ସେମାନଙ୍କର ସ୍ମୃତି ସମ୍ବୋଳିତ ଲେଖା ପ୍ରଧାନ ଶିକ୍ଷକ ବିଜେବି ହାଇସ୍କୁଲ, ଖୋର୍ଦ୍ଧାଙ୍କ ଠିକଣାରେ ଜୁନ୍ ୧୫ତାରିଖ ସୁଦ୍ଧା ପ୍ରଦାନ କରିବାକୁ ସ୍ଥିର କରାଯାଇଛି। ସରୋଜ ସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ବୈଠରେ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାମାନେ।

## ସଙ୍ଗଠନ ଦୃଢ଼ କରିବାକୁ ବୁଥ୍ କମିଟି ଗଠିତ

**ବୋଲଗଡ଼,୧୬।୪(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ଓ ସାଗରଗୁଆଁ ପଞ୍ଚାୟତର କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସହଜପୁର ମଙ୍ଗଳା ମନ୍ଦିର ପରିସରରେ ଆୟୋଜିତ କର୍ମୀ ସମ୍ମିଳନୀରେ କଂଗ୍ରେସ ସେବାଦଳ ରାଜ୍ୟ ଉପସଭାପତି ତଥା ସ୍ଥାନୀୟ ପୂର୍ବତନ ସରପଞ୍ଚ ମାଧବଚନ୍ଦ୍ର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇ ଦଳକୁ ଆଗାମୀ ସାଧାରଣ ନିର୍ବାଚନରେ ବିଜୟୀ କରିବା ପାଇଁ ତୃଣମୂଳସ୍ତରରୁ ସଙ୍ଗଠନ ସୁଦୃଢ କରିବା ଉଦ୍ଦେଶ୍ୟରେ ବୁଥ୍‌କମିଟି ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସହଜପୁର ୬୪ନମ୍ବର ବୁଥ ପାଇଁ କଂଗ୍ରେସ କମିଟି ଗଠିତ ହୋଇଥିଲା। ଉକ୍ତ କମିଟିରେ ନବ ଗୁମାନସିଂହ, ବାନାମ୍ବର ମହାରଣା, ବ୍ରହ୍ମବନ୍ଧୁ ଗୁମାନସିଂହ, ଛାଟିଆ ପାଇକରାୟ, ଭାଗି ରାଉତରାୟ, ଶରତ ପାତ୍ର, ମିଟୁ ପାଇକରାୟ, ଜିତୁ ବିଶ୍ୱାଳ, ଜଗଜ୍ଜିବନ ପାଇକରାୟ, ପରୀକ୍ଷିତ ବଳିୟାରସିଂହ ପ୍ରମୁଖ ସଦସ୍ୟ ମନୋନୀତ ହୋଇଥିଲେ। ସେହିପରି ସାଗରଗୁଆଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆୟୋଜିତ ଏହି ପଞ୍ଚାୟତର କଂଗ୍ରେସ କର୍ମୀ ସମ୍ମିଳନୀରେ ପୂର୍ବତନ ନାଏବ ସରପଞ୍ଚ ସୁଦର୍ଶନ ଦେବତାଙ୍କ ସଭାପତିତ୍ୱରେ ପୃଥ୍ୱିବଲ୍ଲଭ ପଟ୍ଟନାୟକ ଯୋଗଦେଇ ବିଜେଡି ଓ ଭାଜପା ସରକାରଙ୍କ ଉପରେ ବର୍ଷିଥିଲେ। ଅଜୟ ରାଉତ, ହରିବନ୍ଧୁ ପ୍ରଧାନ, ଝରିଆ ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### କାଉନ୍‌ସିଲରଙ୍କ ପିତୃ ବିୟୋଗ

**ଜଟଣୀ,୧୬।୪(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ୧୫ନଂ. ୱାର୍ଡ ଅନ୍ତର୍ଗତ ଜଟଣୀ ଗାଁ ହାଟବଜାର ଅଞ୍ଚଳର କାଉନ୍‌ସିଲର ଜଟାଧାରୀ ପ୍ରଧାନଙ୍କ ବାପା ସୁରେନ୍ଦ୍ର ପ୍ରଧାନ(୮୯)ଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଭୂତିଭୂଷଣ ବଳବନ୍ତରାୟ, ସୁଦର୍ଶନ ସୁନ୍ଦରାୟ, ଅନନ୍ତ ବେହେରା, ଗୌରୀପ୍ରସାଦ ସିଂ, ବିଜୟ ଛୋଟରାୟ, ମନମୋହନ ରାଉତରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

## ‘ନିଃସ୍ୱାର୍ଥ ସମାଜସେବା ବ୍ୟକ୍ତିତ୍ୱକୁ ସାର୍ଥକ କରେ’

**ବାଲୁଗାଁ,୧୬।୪(ଡି.ଏନ୍.ଏ.)**

ଚିଲିକା ବାଲୁଗାଁ ରୋଟାରୀ କ୍ଲବର ସପ୍ତମ ବାର୍ଷିକ ଅଧିବେଶନ ରବିବାର ରୋଟାରିଆନ ଡ.କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରୋଟାରୀ ଡିଜି ପ୍ରଭୁଦତ୍ତ ସୁବୁଦ୍ଧି, ବିଶିଷ୍ଟ ଅତିଥିଭାବେ ରୋଟାରୀ ଜିଲାର ପ୍ରଥମ ମହିଳା ମଞ୍ଜୁଷା ସୁବୁଦ୍ଧି, ଆସିଷ୍ଟାଣ୍ଟ ଗଭର୍ନର ରବିନାରାୟଣ ମିଶ୍ର ଯୋଗଦେଇ ଚିଲିକା-ବାଲୁଗାଁ ରୋଟାରୀ କ୍ଲବର ବିଭିନ୍ନ ପ୍ରକଳ୍ପ, ଜନସେବା, ଚିଲିକା ଓ ପରିବେଶ ସମ୍ପର୍କିତ ସଚେତନତା, ଜେଲ ସଂସ୍କାର କାର୍ଯ୍ୟକ୍ରମ ଓ ହାପି ସ୍କୁଲ ପ୍ରକଳ୍ପକୁ ପ୍ରଶଂସା କରିବା ସହ ନିଃସ୍ୱାର୍ଥପର ସମାଜସେବା ବ୍ୟକ୍ତିତ୍ୱକୁ ସାର୍ଥକ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ସୁବୁଦ୍ଧି କହିଥିଲେ, କୌଣସି ଭଲ କାର୍ଯ୍ୟର ଯୋଜନା କରିବା ମାତ୍ରେ ତାକୁ ଶୀଘ୍ର ଆରମ୍ଭ କରାଯିବା ଉଚିତ। ପ୍ରତି ବ୍ୟକ୍ତି ପାଖରେ ସମାଜସେବା କରିବା ପାଇଁ ଅଫୁରନ୍ତ ଉତ୍ସ ଓ ସମ୍ଭାବନା ରହିଛି। ଏହି ଅବସରରେ କ୍ଲବ ଉପଦେଷ୍ଟା ମୃଣାଳ ନାୟକ ଓ ପୁରୀ ରୋଟାରୀ କ୍ଲବର ନାରାୟଣ ଦାଶ, ଚିଲିକା-ବାଲୁଗାଁ ରୋଟାରୀ କ୍ଲବର ପ୍ରଥମ ମହିଳା ପ୍ରିୟଦର୍ଶିନୀ ମହାରଣା, ସଦସ୍ୟା କଳ୍ପନା ମହାପାତ୍ର ଓ ନୂତନ ସଦସ୍ୟା ଅଧ୍ୟାପିକା ନମିତା ଦାଶଙ୍କୁ ଡିଜି ପ୍ରଭୁଦତ୍ତ ସୁବୁଦ୍ଧିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ସତ୍ୟେନ୍ଦ୍ର ସ୍ୱାଇଁ, ନମିତା ଝା ଏବଂ କ୍ୟାପଟେନ ଅକ୍ଷୟ କୁମାର ମିଶ୍ର ପରିଚାଳନା କରିଥିଲେ। ରୋଟାରିଆନ ଯଦୁମଣି ତରାଇ ଧନ୍ୟବାଦ ଦେଇଥିଲେ। ଉକ୍ତ ବାର୍ଷିକ ଅଧିବେଶନରେ କ୍ଲବର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ପାଇକରାୟ, ଯଦୁମଣି ତରାଇ, ଗଜେନ୍ଦ୍ର ସେଠୀ, ଭାଗୀରଥି ପାଇକରାୟ, ଏମ.ଶମ୍ଭୁ, ବ୍ରେନ୍‌ସିଡ ନିର୍ଦ୍ଦେଶକ ଦୀପକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥିମାନେ।

## ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ତେଜିଲା

**ବାଲୁଗାଁ,୧୬।୪(ଡି.ଏନ୍.ଏ.)**

ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ଦୀର୍ଘ ବର୍ଷ ଧରି ଦାବି ହୋଇଆସୁଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଅନୁଷ୍ଠିତ ବୈଠକରେ ଏକ ନୂତନ କମିଟି ଗଠନ କରାଯାଇ ଉପଖଣ୍ଡ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ଉକ୍ତ ବୈଠକରେ ନୂତନ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ଉପଖଣ୍ଡ ମାନ୍ୟତା ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଛି ।

ରାଜସ୍ୱ ଉପଖଣ୍ଡ ପାଇଁ ଗଠନ ହୋଇଥିବା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟିର ସଭାପତି ଶିକ୍ଷାବିତ୍ ନଳିନୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବାଲୁଗାଁସ୍ଥିତ ଉମାମହେଶ୍ୱର ଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଉପଖଣ୍ଡ ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ଦୃଷ୍ଟିକୋଣରୁ ବାଣପୁର ପ୍ରଯୁଜ୍ୟ ସ୍ଥାନ ହୋଇଥିବାରୁ ଏହି ଅଞ୍ଚଳକୁ ରାଜସ୍ୱ ଉପଖଣ୍ଡ ଘୋଷଣା କରିବା ନିମନ୍ତେ ୨୦୧୬ ମସିହାରୁ ଦାବି ହୋଇଆସୁଛି। ତେବେ ଏଯାବତ ସୁଫଳ ମିଳି ନାହିଁ। ପ୍ରକାଶ ପ୍ରଧାନ ଓ ମହେଶ୍ୱର ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ନୂତନ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ସଭାପତି ଭାବେ ପୁଣି ଶିକ୍ଷାବିତ୍ ନଳିନୀକାନ୍ତ ପଟ୍ଟନାୟକ ରହିଥିବା ବେଳେ କାର୍ଯ୍ୟକାରୀ ସଭାପତି ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ ଓ ବଣିକ ସଂଘ ସଭାପତି ରବିନାରାୟଣ ନାୟକ, ସମ୍ପାଦକ ଆଇନଜୀବୀ ମୁରଲିଧର ସାମନ୍ତସିଂହାର, ଉପସଭାପତି ଭାବେ ସାମ୍ବାଦିକ ଆର୍ତ୍ତତ୍ରାଣ ଜାଲି, ପ୍ରକାଶ ପ୍ରଧାନ, ବୀରଭଦ୍ର କାଣ୍ଡି ଓ ଭଗବାନ ପ୍ରଧାନ ଓ ସହ ସମ୍ପାଦକ ଭାବେ ସାମ୍ବାଦିକ ଶିବ ଶଙ୍କର ପଣ୍ଡା, ଅମିତାଭ ପଟ୍ଟଯୋଶୀ, ଅଭିମନ୍ୟୁ ସ୍ୱାଇଁ ଓ ସନ୍ତୋଷ ଚୌଧୁରୀ, କୋଷାଧ୍ୟକ୍ଷ ନବ ପ୍ରଧାନ ଓ ସଂଯୋଜକଭାବେ ବିକ୍ରମ କେଶରୀ ମହାରଥା, ଜୟନ୍ତ ସ୍ୱାଇଁ, ଶେଷଦେବ ମହାରଣା ଓ ଗୋଲଖ ପରିଡା ଏବଂ ଉପଦେଷ୍ଟାଭାବେ ଓକିଲ ସଂଘ ସଭାପତି ବୃନ୍ଦାବନ ପ୍ରଧାନ, ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ, ଡା.ସୁରେନ୍ଦ୍ର ନାଥ ପାତ୍ର, ବ୍ଲକ ସଭାପତି ଅମରେନ୍ଦ୍ର ରଣସିଂହ, ବ୍ୟବସାୟୀ ଶଙ୍କର ପାଇକରାୟ ଓ ଲକ୍ଷ୍ମୀଧର ତରାଇ ପ୍ରମୁଖଙ୍କୁ ଚୟନ କରାଯାଇଛି। ଉପଖଣ୍ଡ ମାନ୍ୟତା ଦାବି ନେଇ ଜନ ଆନ୍ଦୋଳନ ନିମନ୍ତେ କାର୍ଯ୍ୟପନ୍ଥାମାନ ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ରାଜସ୍ୱ ଉପଖଣ୍ଡ ଘୋଷଣା କ୍ଷେତ୍ରରେ ବାଣପୁରକୁ ଉପେକ୍ଷା କରାଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ବୈଠକରେ ବାଲୁଗାଁ-ବାଣପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି, ରାଜନେତା ଓ ଶିକ୍ଷାବିତ୍‌ମାନେ ଉପସ୍ଥିତ ଥିଲେ।

### ନୂତନ କ୍ରିୟାନୁଷ୍ଠାନ କମିଟି ଗଠନ



ବୈଠକରେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ୍‌ରେ ଲୋକେ ହନ୍ତସନ୍ତ

ସାକ୍ଷୀଗୋପାଳ,୧୬।୪(ସ୍ୱ.ପ୍ର./ ଡି.ଏନ୍.ଏ.)- ପୁରୀ ଜିଲା ସତ୍ୟବାଦୀ ଉପଖଣ୍ଡରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଏପରିକି ସେଠାରେ ଟିକେ ପବନ ହେଲେ ବିଦ୍ୟୁତ୍ କାଟ କରାଯାଉଛି। ବିଶେଷକରି ସତ୍ୟବାଦୀର ତଳ ଅଞ୍ଚଳଗୁଡ଼ିକ ବିଦ୍ୟୁତ୍ କଟିଲେ ସେମାନେ ଅନ୍ଧାରରେ ରାତି କଟାଉଛନ୍ତି। ପରଦିନ ସକାଳ କିମ୍ବା ଦ୍ୱିପ୍ରହରକୁ ଲାଇନ ପାଇଥାନ୍ତି ବୋଲି ସେମାନେ କହିଛନ୍ତି। ଏହା ବ୍ୟତୀତ ଦିନକୁ ପ୍ରାୟ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରାଯାଉଛି। କାରଣ ସମ୍ପର୍କରେ ପଚାରିଲେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳୁନାହିଁ। କୌଣସି ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପଚାରିଲେ, କେଉଁଠି ସମସ୍ୟା ଥିବ ଶୀଘ୍ର ଲାଇନ ଆସିଯିବ ବୋଲି କହୁଛନ୍ତି। ତେବେ ଏହାସତ୍ତ୍ୱେ ମଧ ବହୁ ସମୟ ଧରି ଲାଇନ ଆସି ରହୁନାହିଁ। ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ସେମାନେ ହଇରାଣ ହେଉଛନ୍ତି। ବିଦ୍ୟୁତ୍ ଯୋଗାଣ ସୁବ୍ୟବସ୍ଥିତ ପାଇଁ ଟାଟା କମ୍ପାନୀ ଧ୍ୟାନ ନ ଦେଇ ବକେୟା ଥିବା ଲୋକଙ୍କ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ କରିବାରେ ଅଧିକ ସମୟ ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଯଦି ଏଭଳି ବିଦ୍ୟୁତ୍ ଆଗକୁ ଜାରି ରୁହେ, ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସତ୍ୟବାଦୀ ଜନସାଧାରଣ, ବିଭିନ୍ନ ଦଳୀୟ ରାଜନୈତିକ ସଙ୍ଗଠନ ତଥା ବିଭିନ୍ନ ସେବା ସଙ୍ଗଠନ ପକ୍ଷରୁ ସୂଚନା ମିଳିଛି।

### ପ୍ରୟାସ ସଙ୍ଗଠନର ସ୍ୱନକ୍ଷତ୍ର ପ୍ରସ୍ତୁତି

ସାକ୍ଷୀଗୋପାଳ, ୧୬।୪ (ଡି.ଏନ୍.ଏ/ ସ୍ୱ.ପ୍ର.)- ସାକ୍ଷୀଗୋପାଳର ପ୍ରୟାସ ସଙ୍ଗଠନର ପ୍ରଥମ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ପାଳନ ନିମନ୍ତେ କାଞ୍ଜିଆ ମେଲଣ ପଡିଆରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ତୃତୀୟା ଅବସରରେ ଆରମ୍ଭ ହେଉଥିବା ଏହି ସଙ୍ଗଠନ ଚଳିତବର୍ଷ ସ୍ୱନକ୍ଷତ୍ର ଉତ୍ସବରେ କୃଷକମାନଙ୍କୁ ଏକତ୍ରିତ କରି ବ୍ୟାପକ ଅଖିମୁଠି ଅନୁକୂଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି କରାଯାଇଛି। ପ୍ରସ୍ତୁତି ବୈଠକରେ ପ୍ରୟାସର ସଭାପତି କୃଷ୍ଣ ଜଗଦେବ, ସମ୍ପାଦକ କାମାକ୍ଷା ପ୍ରଧାନ, ପ୍ରଚୁର୍ଯ୍ୟ ହୋତା, ପ୍ରତିମା ପ୍ରଧାନ, ମେନକା ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, ପ୍ରକାଶ ଆଚାର୍ଯ୍ୟ, ଲକ୍ଷ୍ମଣ ବେହେରା, ଆଦିକନ୍ଦ ଶ୍ରୀଚନ୍ଦନ, ସୁରଥ ବେହେରା, ଜିଂଶୁଜୟ ମତଗଜସିଂହ, ବିଶ୍ୱଜିତ ବଡ଼ଜେନା, ଶ୍ରୀନିବାସ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ରାଜ୍ୟ ସମାଜସେବୀ ମହାସମ୍ମିଳନୀ

ପୁରୀ ଅଫିସ ୧୬।୪ - ରାଜ୍ୟ ସମାଜସେବୀ ମହାସଂଘ ଆନୁକୂଲ୍ୟରେ ରାଜ୍ୟ ସମାଜସେବୀ ମହାସମ୍ମିଳନୀ ରବିବାର ସ୍ଥାନୀୟ ଚକ୍ରତୀର୍ଥ ରୋଡସ୍ଥିତ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ଭୁବନେଶ୍ୱର ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦାନ କରିଥିବା ବେଳେ ବକ୍ତା ଭାବରେ ଡ. ବିକାଶ ଦାସ, ଓ ମଧୁସୂଦନ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ଅମିୟବାଳା ପରିଡା, ଶିବ ସ୍ୱାଇଁ, ରାଜଲକ୍ଷ୍ମୀ ମହାପାତ୍ର, ମହାସଂଘ ଆବାହକ ଶ୍ରୀପତି ଆଚାର୍ଯ୍ୟ, ସଭାପତି ନରୋତ୍ତମ ଦାସ, ସମ୍ପାଦକ ନାରାୟଣ ସାହୁ, ସହ-ସମ୍ପାଦକ, ହରିଶ୍ଚନ୍ଦ୍ର ପଟ୍ଟନାୟକ କୋଷାଧକ୍ଷ ମାନସ ଥାଟୋଇ ଏବଂ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ରାଜ୍ୟର କୋଣ ଅନୁକୋଣରେ ସମାଜସେବୀ ମାନଙ୍କ ମଧ୍ୟରେ ଭାଇଚାରା ବଳବତ୍ତର ରହିବା ସହିତ ଏକକ ସୂତ୍ରରେ ବାନ୍ଧହୋଇ ସମାଜ କଲ୍ୟାଣ କ୍ଷେତ୍ରରେ ଆଉ ଦୁଇପାଦ ଆଗେଇ ପାରିବେ ବୋଲି ଆଲୋଚନା ଅନୁଷ୍ଠିତ ହୋଇଥିଲା।

# ‘ଓଡ଼ିଶାରେ କେନ୍ଦ୍ରର ବିଭିନ୍ନ ଯୋଜନା ପଛେଇଛି’

**ବିଭିନ୍ନ ଯୋଜନାର ସମୀକ୍ଷା କଲେ କେନ୍ଦ୍ର ମନ୍ତ୍ରୀ**

- ଆୟୁଷ୍ମାନ ଯୋଜନା ଲାଗୁ ପାଇଁ ଦାବି
- ମେଡିକାଲ କଲେଜ କାର୍ଯ୍ୟ ଠିକ୍ ଭାବେ ହେଉନି



ବୈଠକରେ ବିଧାୟକ ଜୟନ୍ତ ଷଡଙ୍ଗୀ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦ୍ଦୋଶ ଓ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ।

**ପୁରୀ ଅଫିସ, ୧୬।୪:** କେନ୍ଦ୍ର ରେଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦ୍ଦୋଶ ରବିବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେନ୍ଦ୍ରମନ୍ତ୍ରୀ କଡା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ଦଳୀୟ କର୍ମକର୍ତ୍ତା ଓ ସେବାୟତମାନେ ତାଙ୍କୁ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। କେନ୍ଦ୍ରମନ୍ତ୍ରୀ ଭିତରକାଠ ନିକଟରେ ରତ୍ନସିଂହାସନରୂଢ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି ପ୍ରସ୍ଥାନ କରିଥିଲେ। ପରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରୁ ଆସି ସର୍କିଟ୍ ହାଉସ୍‌ରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଥିଲେ। ପୁରୀ ରେଳଷ୍ଟେଶନକୁ ଆଧୁନିକ, ଶ୍ରୀଜଗନ୍ନାଥ ମହିମାର ରୂପ ଦିଆଯିବା ସହ ବୟନଶିଳ୍ପର ପ୍ରଦର୍ଶନ ବ୍ୟବସ୍ଥା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଜର୍ଦ୍ଦୋଶ ସର୍କିଟ ହାଉସଠାରେ ପହଞ୍ଚିବା ପରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରକୃତ ହିତାଧିକାରୀ ଯେପରି ସୁଫଳ ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ କେନ୍ଦ୍ର ମନ୍ତ୍ରୀ ଜର୍ଦ୍ଦୋଶ ପରାମର୍ଶଦେଇଥିଲେ। ଜିଲାର ୧୧ଟିବ୍ଲକରେ ବିବିଧ ଆବାସ ଯୋଜନାରେ ୪୫୬୬୨ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୪୧୩୭୮ ପୂରଣ ହୋଇଛି। ପିଏମ୍ଏୱାଇଜି ସ୍ପେଶାଲ ଲକ୍ଷ୍ୟରେ ମୋଟ ୫୫୦୨ ପଞ୍ଜୀକୃତ ହୋଇ ଜିଓ ଟ୍ୟାଗ ଆଧାରରେ ମଞ୍ଜୁର ହୋଇଛି। ପିଏମଏୱାଇଜି ନର୍ମାଲ ଲକ୍ଷ୍ୟ ୧୮୭୫୧ ମଧ୍ୟରୁ ସମସ୍ତ ପଞ୍ଜୀକୃତ ହୋଇ ୧୮୭୦୬ ଜିଓ ଟ୍ୟାଗ ହୋଇଛି। ଜିଲାରେ ମୋଟ ୨୫୯୯ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସେଥିରେ ୨୫୩୬ ଅଙ୍ଗନୱାଡ଼ି କର୍ମୀ ଓ ୨୫୨୧ ସହାୟକ ନିଯୁକ୍ତ ଅଛନ୍ତି। ଜାତୀୟ ସାମାଜିକ ସହାୟତା ଯୋଜନାରେ ୮୧୪୭୯ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଥିବା ବେଳେ ମୃତ୍ୟୁ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ୧୧୩୫ ବକେୟା ରହିଛି। ଶତକଡା ୯୭ ଭାଗ ଆଧାର ସଂଯୋଗ ଓ ଶତକଡା ୯୮ ଭାଗ ବ୍ୟାଙ୍କ ଆକାଉଣ୍ଟ ସଂଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଖରିଫରେ ୯୨୬୦୪ ଓ ରବି ଫସଲରେ ୫୦୫୧ ପଞ୍ଜୀକୃତ ହୋଇଛନ୍ତି। ଏମ୍‌ଜିଏନ୍‌ଆରଇଜିଏସରେ ୧ଲକ୍ଷ ୮୯ ହଜାର ପଞ୍ଜୀକୃତ ହୋଇଛନ୍ତି। ସେହିପରି ଉଜ୍ଜ୍ୱଳା ଯୋଜନା, ଗରୀବ କଲ୍ୟାଣ ଯୋଜନା, ଜଳଜୀବନ ଯୋଜନା, ୱାନ ନେଶନ ୱାନ ରାଶନ ଯୋଜନା, ପିଏମ୍ କିଷାନ ସମ୍ମାନ ନିଧି ଯୋଜନା, ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଇତ୍ୟାଦି ଯୋଜନା ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ବୈଠକରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ସମ୍ବିତ ପାତ୍ର, ଅନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ସମୀକ୍ଷା ପରେ କେନ୍ଦ୍ରମନ୍ତ୍ରୀ ଜର୍ଦ୍ଦୋଶ ଖବରଦାତାମାନଙ୍କୁ ସୂଚନା ଦେଇ କହିଥିଲେ, ମହାପ୍ରଭୁଙ୍କ ଦର୍ଶନରୁ ତାଙ୍କର କାର୍ଯ୍ୟ ଆରମ୍ଭ କରିଛନ୍ତି। ପୁରୀ ଏକ ପ୍ରମୁଖ ତୀର୍ଥସ୍ଥଳ। ତେଣୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନେତୃତ୍ୱରେ ପୁରୀ ରେଳଷ୍ଟେଶନକୁ ଏକ ନୂତନ ରୂପ ଦେବା ପାଇଁ କାର୍ଯ୍ୟ କରାଯାଉଛି। ରେଳଷ୍ଟେଶନ ନବୀକରଣ ନିମନ୍ତେ ୧୬୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଷ୍ଟେଶନ ଉପରେ ହ୍ୟାଣ୍ଡଲୁମ ଶୋ’ ରୁମ କରାଯିବ। ସେହିପରି ଶ୍ରୀଜଗନ୍ନାଥ ମେଡିକାଲ କଲେଜ କାର୍ଯ୍ୟ ବିଳମ୍ବରେ ଚାଲୁଥିବା କହିଥିଲେ। ଯେପରି କାର୍ଯ୍ୟ ହେବା କଥା ସେମିତି କରାଯାଉନାହିଁ। ରାଜ୍ୟ ସରକାର କେନ୍ଦ୍ରର ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ଓଡ଼ିଶାବାସୀ ସୁବିଧା ପାଉନାହାନ୍ତି। ବେଦାନ୍ତ ବିଶ୍ୱବିଦ୍ୟାଳୟ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ସେ ସ୍ୱାଗତ କରିଥିଲେ। ତେବେ ରାଜ୍ୟରେ ଚାଲିଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପଛେଇଥିବା ନେଇ କେନ୍ଦ୍ର ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିଭଳି ଆବାସ ଯୋଜନାକୁ ନେଇ ରାଜ୍ୟ ସରକାରଙ୍କ ନୀତିକୁ ସେ ସମାଲୋଚନା କରିଥିଲେ।

## ହଜି ଯାଉଥିବା ସଂସ୍କୃତି, ପରମ୍ପରା ପ୍ରତି ଯୁବପିଢ଼ି ଦୃଷ୍ଟି ଦିଅନ୍ତୁ



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

**ଗୋପ,୧୬।୪(ଡି.ଏନ୍.ଏ.)** ଏବେ ବିଭିନ୍ନ ଗାଁ ଗହଳିରେ ଓଡ଼ିଆ ଘରର ସଂସ୍କୃତି, ପରମ୍ପରା ସହିତ ଭାଇଚାରା ହଜିଯାଉଛି। ଏଥିପ୍ରତି ଯୁବପିଢ଼ିମାନେ ଦୃଷ୍ଟି ଦେବାର ସମୟ ଆସିଛି। ଗୋପ ଥାନା କୁଆଁପଡ଼ା ପଞ୍ଚାୟତ ଅଧୀନ ଓରୁଆଳି ଗାଁରେ ଶନିବାର ବିଳମ୍ବିତ ରାତିରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପ ଥାନା ଅଧିକାରୀ ସୁନିଲ୍ ପ୍ରଧାନ ଯୋଗଦେଇ ଏହା କହିଥିଲେ। ଯୁବନେତା ବିଚିତ୍ରାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ସହିତ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ। ଓରୁଆଳି ଗ୍ରାମରେ ପ୍ରତ୍ୟେକ ବର୍ଷ ପରି ପଣାସଂକ୍ରାନ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବାବେଳେ ଶନିବାର ଗ୍ରାମ ଯୁବକଙ୍କ ଉଦ୍ୟମରେ ପ୍ରତିବର୍ଷ ପରି ନାଟକ ‘ଏଠି ତୋର ଦୋଷ ନା ମୋର ଦୋଷ’ ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଓରୁଆଳି ୟୁଥ୍ କ୍ଲବ ଓ ଆର୍ତ୍ତତ୍ରାଣ ପାଠାଗାର ସଦସ୍ୟମାନେ ପରିଚାଳନା କରିଥିଲେ।

## ବିଶ୍ୱ ସାମୁଦ୍ରିକ ଦିବସ ପାଳିତ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅନୁଷ୍ଠାନର କର୍ମକର୍ତ୍ତା ଓ ଏନ୍‌ସିସି କ୍ୟାଡେଟ୍‌ମାନେ ।

**କୋଣାର୍କ,୧୬।୪(ଡି.ଏନ୍.ଏ.)** କୋଣାର୍କ ନିକଟ ଚନ୍ଦ୍ରଭାଗାଠାରେ ଚାରିଛକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟ ଏବଂ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଙ୍କ ପକ୍ଷରୁ ବିଶ୍ୱ ସାମୁଦ୍ରିକ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସମୁଦ୍ରକୂଳ ସଫେଇ, ଚାରାରୋପଣ, ଅଂଶୁଘାତ ମୁକାବିଲା ପାଇଁ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଏନ୍‌ସିସି ମେଜର ପୁଷ୍ପଲତା ଦତ୍ତ ଓ ଟ୍ରଷ୍ଟ ଅଧ୍ୟକ୍ଷ ଡ. କେଦାରନାଥ ସାହୁ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ସ୍ଥାନୀୟ ଚନ୍ଦ୍ରଭାଗା ମେରାଇନ ଥାନା ଏଏସ୍‌ଆଇ ଓ ଖବରଦାତା ମନୋରଞ୍ଜନ ପଣ୍ଡାଙ୍କୁ ଟ୍ରଷ୍ଟ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମୁଦ୍ରକୂଳ ସଫେଇ କରାଯାଇଥିଲା। ଏହି ସଫେଇରେ ୪୦ରୁ ଊର୍ଦ୍ଧ୍ୱ ଏନ୍‌ସିସି ଛାତ୍ରୀ ଭାଗ ନେଇଥିଲେ।



ଯୋଗ ମହୋତ୍ସବ ଅବସରରେ ରବିବାର ପୁରୀ ବେଳାଭୂମିରେ ଯୋଗ ପ୍ରଦର୍ଶନ କରାଯାଉଛି ।

# ପୁରୀ ବେଳାଭୂମିରେ ଯୋଗୋତ୍ସବ

**ପୁରୀ ଅଫିସ, ୧୬।୪:** ସୁ-ହାମ୍ ଫାଉଣ୍ଡେଶନ, ଅନ୍ତର୍ଜାତୀୟ ନେଚରପ୍ୟାଥି ସଙ୍ଗଠନ ଏବଂ ମୋରାରଜୀ ଦେଶାଇ ଜାତୀୟ ଯୋଗ ଅନୁଷ୍ଠାନ ମିଳିତ ସହଯୋଗରେ ରବିବାର ପୁରୀ ବେଳାଭୂମିରେ ଯୋଗ ଉତ୍ସବ ପାଳିତ ହୋଇଯାଇଛି। ସୁ-ହାମ ଫାଉଣ୍ଡେସନ ଅଧ୍ୟକ୍ଷ ଡ. ସୁଜାତା ପଣ୍ଡା ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗ ଦ୍ୱାରା ଶରୀର ସୁସ୍ଥ ଓ ନୀରୋଗ ରହିଥାଏ। ଏହି କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସମାଜିକ କର୍ମୀ ପ୍ରଦ୍ୟୁମ୍ନ ମିଶ୍ର, ସୁରକ୍ଷା ଅନୁଷ୍ଠାନର ପରିଚାଳକ ରାଧେଶ୍ୟାମ ରଥ ପ୍ରମୁଖ ଯୋଗଦେଇଥିଲେ। ପରେ ସୁ-ହାମ୍ ଫାଉଣ୍ଡେଶନ ଓ ଅନ୍ତର୍ଜାତୀୟ ନେଚରପ୍ୟାଥି ସଂଗଠନ ତଥା ମୋରାରଜି ଦେଶାଇ ଜାତୀୟ ଯୋଗ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଡ. ଦେବ ପ୍ରସାଦ ଦାଶ, ଡ. ଦିନେଶ ପ୍ରସାଦ ସ୍ୱାଇଁ, ଡ. ସୁବାସ ଚନ୍ଦ୍ର ଷଡ଼ଙ୍ଗୀ, ଡ. ଗୁରୁକୃଷ୍ଣ ମହାପାତ୍ର, ଡ. ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ରୋଗ ନିରାକରଣ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ସ୍ୱେଚ୍ଛାସେବୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଡା. ସୁଜାତା ପଣ୍ଡା ଧନ୍ୟବାଦ ଦେଇଥିଲେ।




ଯୋଗ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ସାମାଜିକ କର୍ମୀ ଶରତ ଜୟସିଂଙ୍କ ପରଲୋକ

**ପୁରୀ ଅଫିସ ୧୬।୪**

ସମାଜସେବୀ, ସମାଜ ସଂସ୍କାରକ ଶ୍ରୀଜଗନ୍ନାଥ ସଂସ୍କୃତି ପଚାରକ, ଗୋବର୍ଦ୍ଧନ ମଠ ପୀଠ ପରିଷଦର ପୂର୍ବତନ ସମ୍ପାଦକ ଶରତ ଜୟସିଂଙ୍କର ଦେହାନ୍ତ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ୬୨ବର୍ଷ ବୟସରେ ସେ ସୋମବାର ଭୋର ୪ ଟା ୪୦ ମିନଟ୍ ସମୟରେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ତାଙ୍କର ପାର୍ଥିବ ଶରୀରକୁ ପ୍ରଥମେ ତାଙ୍କ ଜନ୍ମଭୂମି କଣାସର ସାହାନାକୁ ନିଆଯାଇଥିଲା। ପୁରୀ ତାଙ୍କର କର୍ମଭୂମି ଆସି ବଡଦାଣ୍ଡରେ ତାଙ୍କ ପାର୍ଥିବ ଶରୀର ଶୋଭାଯାତ୍ରା ବାହାରି ସ୍ୱର୍ଗଦ୍ୱାର ରେ ପହଞ୍ଚିଥିଲା। ସମାଜ ସେବାର କ୍ଷେତ୍ରରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । କୋଣାର୍କ ସୁରକ୍ଷା ସମିତି ର ପୂର୍ବତନ ସଭାପତି, ଗୋବର୍ଦ୍ଧନ ମଠ ପୀଠ ପରିଷଦର ପୂର୍ବତନ ସମ୍ପାଦକ ରହିଥିଲେ । ସ୍ୱଶକ୍ତି ଜଗରଣମଞ୍ଚ ର ସମ୍ପାଦକ ଭାବେ ବହୁତ ଗୌରବମୟ କାର୍ଯ୍ୟମାନ କରି ପୁରୀ ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଶ୍ରୀ ଜୟସିଂହ । ପୂର୍ବତନ ବିଧାୟକ ରମା ବଳିୟାରସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଉପଜିଲାପାଳ ଭବତରଣ ସାହୁ, ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ , ଆଦିତ୍ୟ ବାହିନୀ ଅଧ୍ୟକ୍ଷ ଗଣେଶ୍ୱର ମହାସୁଆର, ତନ୍ମୟ ଚାଟାର୍ଜୀ, ଭାରତ ବିକାଶ ପରିଷଦର ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପୁରୀ ସେବା ସମିତି ତରଫରୁ ସୌମେନ୍ଦ୍ର ଦାସ, ରାମଦୟା ପରିଷଦର ମହନ୍ତ ଉମାଶଙ୍କର ଦାସ ଜି ମହାରାଜ, ମିଶନ ଓଡିଶା ରୁ ମଧୁସୂଦନ ମିଶ୍ର ,ସାହିଭାଇ ପକ୍ଷରୁ ବ୍ରଜବନ୍ଧୁ ମହାରଣା, ଚନ୍ଦ୍ର ଶେଖର ମିଶ୍ର, ନିର୍ମଳା ଫତେସିଂ, ଗୋବର୍ଦ୍ଧନ ମଠର ସଦସ୍ୟ ଓ ଭାରତ ସ୍ୱାଉଟ ଆଣ୍ଡଗାଇଡର ଦେବାଶିଷ ମିଶ୍ର ତାଙ୍କର ଶେଷ ଦର୍ଶନ କରିଥିଲେ। ପୁଅ ସ୍ୱୟଂ ସ୍ୱସ୍ତିକ ଜୟସିଂ ମୁଖାଗ୍ନି ଦେଇଥିଲା ବେଳେ, ଝିଅ ସ୍ୱୟଂ ସ୍ୱରୂପା ଜୟସିଂ ନିକଟରେ ଉପସ୍ଥିତ ଥିଲେ ।

## ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ବିଷୁବ ମିଳନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

**ପୁରୀ ଅଫିସ ୧୬।୪**

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ରବିବାର ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ବିଷୁବ ଆସର ଅନୁଷ୍ଠିତ ହୋଇଯାଇଛି। ଏହାକୁ କବି ହରିହର ମିଶ୍ର ଉଦ୍‌ଘାଟନ କରି ସାହିତ୍ୟ ଜୀବନଧର୍ମୀ ହେଉ ବୋଲି କହିଛନ୍ତି । କବି ପ୍ରତିମା ମିଶ୍ରଙ୍କ ଅଧ୍ୟକ୍ଷତାରେ ଶିଶୁ ସାହିତ୍ୟିକ ସତ୍ୟନାରାୟଣ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କବି ଜଗନ୍ନାଥ ମହାନ୍ତି ଯୋଗଦାନ କରି କବି ନିଜ ପାଇଁ କିମ୍ବା ନିଜ ପରିଚୟ ପାଇଁ କବିତା ନ ଲେଖି ମାଟି ଓ ମଣିଷ ପାଇଁ କବିତା ଲେଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗାଳ୍ପିକ ତଥା ଗୀତିକାର ବଦ୍ରି ମିଶ୍ର ଯୋଗଦାନ କରି କହିଥିଲେ ପ୍ରତିଟି କବିର କବିତା ସମାଜ ରେ ସକରାତ୍ମକ ପରିବର୍ତ୍ତନ ଆଣୁ। ଏହି ଅବସରରେ କବି ହରିହର ମିଶ୍ରଙ୍କ କବିତା ସଙ୍କଳନ ‘ମୁଁ ଏକ ଭସା ବାଦଲ ନାହିଁ ଭରସା’ ଓ ‘ଆଧୁନିକ ଓଡ଼ିଆ ସାହିତ୍ୟର ମନ୍ତ୍ରଶକ୍ତି’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସତ୍ୟ ନାରାୟଣ ମିଶ୍ର ଓ ଗବେଷକ ଅଦ୍ୱୈତ ଚରଣ ଧଳଙ୍କ ସଞ୍ଚାଳନରେ କବିତାପାଠ ଉତ୍ସବ ହୋଇଥିଲା। କାର୍ଯ୍ୟକ୍ରମକୁ କବି ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିବା ବେଳେ କବିତା ଆସର ସଂଯୋଜନା କରିଥିଲେ ହରପ୍ରିୟା ସାହୁ, ବିଜୟଲକ୍ଷ୍ମୀ ଦାଶ, କ୍ରିଷ୍ଣା ମହାପାତ୍ର ଓ ମଞ୍ଜୁଶ୍ରୀ ମିଶ୍ର। ଶେଷରେ ପଲ୍ଲୀପ୍ରାଣ ଆର୍ତ୍ତତ୍ରାଣ ଧନ୍ୟବାଦ ଅର୍ପଣ କରିଥିଲେ।

## ସଫେଇ କରି ସ୍ୱଚ୍ଛତା ସଚେତନତାର ବାର୍ତ୍ତା ବାଣ୍ଟିଲେ

**ନିମାପଡ଼ା,୧୬।୪(ଡି.ଏନ୍.ଏ.)**

ଚାରିଛକ ଥାନା ପକ୍ଷରୁ ରବିବାର ବଜାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରିଣୀ ମମତା ବିଶ୍ୱାଳ ନେତୃତ୍ୱ ନେଇ ଅଳିଆ ଆବର୍ଜନା ସଫା କରୁଥିବାବେଳେ ଥାନାର ଅନ୍ୟାନ୍ୟ ପୋଲିସ କର୍ମଚାରୀ, ଚାରିଛକ ପ୍ରେସ କ୍ଲବ କର୍ମକର୍ତ୍ତା, ସଦସ୍ୟବୃନ୍ଦ, ବରିଷ୍ଠ ନାଗରିକ ମଞ୍ଚ ବ୍ୟବସାୟୀ ସଂଘ କର୍ମକର୍ତ୍ତା, ବ୍ୟବସାୟୀ ବନ୍ଧୁମାନେ ଏହି ସଫେଇରେ ସାମିଲ ହୋଇଥିଲେ। ଏପରିକି ଭୋଦର, କଳାପାଞ୍ଚଣ, ତୁଳସୀପୁର ପଞ୍ଚାୟତ ନିର୍ବାଚିତ ଲୋକପ୍ରତିନିଧି ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ୍ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସଫେଇକୁ ତ୍ୱରାନ୍ୱିତ କରିଥିଲେ। ଦୋକାନ ବଜାର ପରିଷ୍କାର ପରିଚ୍ଛନ୍ନ ରଖିବା, ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଦୋକାନ ଓ ଘର ନିକଟରେ ଥିବା ଡଷ୍ଟବିନ୍‌ରେ ପକାଇବା, ସ୍ୱଚ୍ଛତା ଅବଲମ୍ବନ କରି ପ୍ରତ୍ୟେକ ବ୍ୟକ୍ତି ପରିବେଶର ସୁରକ୍ଷା ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ସମ୍ପର୍କରେ ଥାନା ଅଧିକାରିଣୀ ବିଶ୍ୱାଳ, ମହିଳା କଲେଜର ଏନ୍‌ସିସି କ୍ୟାଡେଟ୍‌ମାନେ ଚାରିଛକ ବଜାରରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଥାନାଧିକାରିଣୀ ବିଶ୍ୱାଳଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ସେମାନଙ୍କୁ ବିଭିନ୍ନ ମହଲରୁ ଢେର୍ ପ୍ରଶଂସା କରାଯାଇଛି। ଅନ୍ୟପଟେ ଚାରିଛକଠାରେ କେତେକ ବ୍ୟବସାୟୀ ନିଜର ଦୋକାନ, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ସ୍ୱଚ୍ଛ, ନିର୍ମଳ, ପରିଷ୍କାର ପରିଚ୍ଛନ୍ନ ରଖିଥିବାରୁ ସେହି ବ୍ୟବସାୟୀଙ୍କୁ ଥାନାଧିକାରିଣୀ ବିଶ୍ୱାଳ ପୁରସ୍କୃତ କରିଥିଲେ। ଚାରିଛକ ଅଞ୍ଚଳକୁ ଅଳିଆ ଆବର୍ଜନାମୁକ୍ତ କରି ପରିଷ୍କାର, ସ୍ୱଚ୍ଛ, ନିର୍ମଳ ରଖିବା ଚାରିଛକ ଥାନା ପୋଲିସର ମୂଳମନ୍ତ୍ର ବୋଲି ବିଶ୍ୱାଳ କହିଥିଲେ।



ଚାରିଛକ ଥାନାଧିକାରିଣୀ ଓ ମହିଳା ଏନ୍‌ସିସି କ୍ୟାଡେଟ୍‌ମାନେ ବଜାର ସଫେଇ କରୁଛନ୍ତି।

# ରଥଯାତ୍ରା ପୂର୍ବରୁ ସ୍ଥିତି ସମୀକ୍ଷା କଲେ ଏସ୍‌ପି

**ପୁରୀ ଅଫିସ, ୧୬।୪:** ଆସନ୍ତା ଜୁନ ୨୦ରେ ପୁରୀରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ରଥଯାତ୍ରା ଦେଖିବା ପାଇଁ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ପୁରୀରେ ସମାଗମ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ମଧ ତତ୍ପରତା ପ୍ରକାଶ ପାଇଛି। ଭକ୍ତଙ୍କ ସୁରକ୍ଷା ସହ କିପରି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଘୋଷଯାତ୍ରା ସମ୍ପନ୍ନ ହେବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ପୁରୀ ଏସ୍‌ପି କନୱର ବିଶାଲ ସିଂହ ରବିବାର ରଥଯାତ୍ରା ନେଇ ସ୍ଥିତି ସମୀକ୍ଷା କରିଛନ୍ତି। ଚଳିତ ବର୍ଷ ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ, ନୀଳାଦ୍ରି ବିଜେରେ ଲକ୍ଷାଧିକ ଭକ୍ତ ସମଗାମ ହେବେ। ତେଣୁ ଭକ୍ତମାନେ ଶୃଙ୍ଖଳିତ ବ୍ୟବସ୍ଥାରେ କିପରି ଦର୍ଶନ କରିପାରିବେ ସେ ନେଇ ବିଶାଲ ସିଂ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିର ଚାରିପାଖ ଆଦି ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୁଣ୍ଡିଚା ମନ୍ଦିର ସମ୍ମୁଖ ଭାଗରେ କେଉଁ କେଉଁ ସ୍ଥାନରେ ସାଧାରଣ ଦର୍ଶନ ପାଇଁ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ରହିବ, ଟ୍ରାଫିକକୁ କିପରି ନିୟନ୍ତ୍ରଣ କରାଯିବ, ପାର୍କିଂ ବ୍ୟବସ୍ଥା ଆଦି ଉପରେ ସେ ଅଧିକାରୀମାନଙ୍କ ସହିତ ବିଚାର ବିମର୍ଷ କରିଥିଲେ। ବିଶେଷକରି ରଥଯାତ୍ରା ସମୟରେ ଭକ୍ତମାନେ ଯେପରି ସୁବିଧା ଓ ସୁରକ୍ଷିତ ଭାବେ ଦର୍ଶନ କରିବେ ତାହା ଉପରେ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ। ସମୀକ୍ଷା ସମୟରେ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜିତେନ୍ଦ୍ର କୁମାର ଦେହୁରୀ, ଘନଶ୍ୟାମ ହେମ୍ବ୍ରମଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅଧିକାରୀମାନଙ୍କ ସହ ଏସ୍‌ପି କନୱର ବିଶାଲ ସିଂହ ଆଲୋଚନା କରୁଛନ୍ତି ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ବିଜୁ ପଟ୍ଟନାୟକ ପାର୍କ, ସକାଳ ୮ଟା ୩୦।
- ଜୟ ଓଡ଼ିଶା ଶକ୍ତି ପକ୍ଷରୁ ରକ୍ତଦାନ ଶିବିର, କ୍ୟାପିଟାଲ ହସ୍ପିଟାଲ, ସକାଳ ୯ଟା।
- ଜଳଛତ୍ର କାର୍ଯ୍ୟକ୍ରମ, ରାଜ୍ୟ ସଚିବାଳୟ, ଗେଟ୍ ନଂ. ୫ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ବୀଣାପାଣି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, କୋଲଥିଆ, ଖଣ୍ଡଗିରି, ସନ୍ଧ୍ୟା ୬ଟା।
- ଚିନ୍ତା ଓ ଚେତନାର ୪୫ତମ ବୈଶାଖୀ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ମା' ତାରିଣୀଙ୍କର ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ପୂର୍ଣ୍ଣାହୁତି, ମନ୍ଦିର ପରିସର, ୨ୟ ପୋଷ୍ଟାଲ କଲୋନୀ ନିକଟ, ବୀର ସୁରେନ୍ଦ୍ର ସାଏ ନଗର, ରାତି ୮ଟା।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞର ଜଳଯାତ୍ରା, ହରିଦାସପୁର ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର, ନହରକଣ୍ଠା, ସକାଳ ୮ଟା।
- ଯାତ୍ରା ମହୋତ୍ସବ ପାଳନ ଅବସରରେ ୫୨ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ, ପାହାଳ ମା' ନାରାୟଣୀଚଣ୍ଡୀ ମନ୍ଦିର, ସକାଳ ୯ଟା।
- ବାଦୀପାଲା ପରିବେଷଣ, ମା' ଗେଲ୍ହାଦେବୀଙ୍କ ପୀଠ, ସୁନ୍ଦରାପାଟଣା, ରୁଦ୍ରପୁର ଓ ମହାନ୍ତିପାଟଣା ଗ୍ରାମର ମା' ବନଦୁର୍ଗାଙ୍କ ପୀଠସ୍ଥଳୀ, ରାତି ୭ଟା।
- ରାମଲୀଳା ନାଟକ, 'ଇନ୍ଦ୍ରଜିତ ବଧ', ବେଣୁପର ରାମଲୀଳା ପଡ଼ିଆ, ରାତି ୧୧ଟା।
- ରାମଲୀଳା ନାଟକ, 'ଲକ୍ଷ୍ମଣ ଶକ୍ତିଭେଦ', ଗୋଡ଼ଲବିନ୍ଧା ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ରାତି ୧୧ଟା।

**ତିଗିରିଆ**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ନିଜିଗଡ଼ ରାଜବାଟୀ, ଅପରାହ୍ନ ୫ଟା ୩୦।

# ଓୟୁଟିଆର୍‌ରେ ଏମ୍‌ସିଏ ପାଠ୍ୟକ୍ରମ ବନ୍ଦ ଯୋଜନା

### ପୁରାତନ ଛାତ୍ର ସଂଗଠନର ବିରୋଧ

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ (ଓୟୁଟିଆର୍)ରେ ଏମସିଏ ପାଠ୍ୟକ୍ରମ ବନ୍ଦ ପାଇଁ ଯୋଜନା କରାଯାଉଥିବା ପୁରାତନ ଛାତ୍ର ସଂଗଠନ ଅଭିଯୋଗ ଉଠାଇବା ସହ ଏହାକୁ ବିରୋଧ କରିଛି। ସଂଗଠନ ସଦସ୍ୟଙ୍କ କହିବାନୁସାରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତି ଦ୍ୱାରା ବିଏସ୍‌ସି ଏବଂ ବିଏସ୍‌ସି ପରେ ସଫ୍ଟୱେୟାର ଇଞ୍ଜିନିୟରିଂରେ କ୍ୟାରିୟର କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର ପ୍ରଭାବିତ ହେବେ। ଓଡ଼ିଶାର ଅଗ୍ରଣୀ ବୈଷୟିକ ବିଶ୍ୱବିଦ୍ୟାଳୟ ଏମ୍‌ସିଏ ପାଠ୍ୟକ୍ରମକୁ ହଟାଇବା ଦ୍ୱାରା ଅନ୍ୟ ସମସ୍ତ ବୈଷୟିକ କଲେଜ ଏହି ଧାରାକୁ ଅନୁସରଣ କରିବେ ଏବଂ ଶେଷରେ ଏହି ପାଠ୍ୟକ୍ରମ ଅଭାବରେ ଓଡିଶାର ଛାତ୍ରୀଛାତ୍ର ବହୁରାଷ୍ଟ୍ରୀୟ ବୃତ୍ତି ସୁଯୋଗକୁ ହରାଇ ବସିବେ।

ଓୟୁଟିଆର୍‌ରେ ଗତ ୩୦ ବର୍ଷ ଧରି ଏକ ସରକାରୀ ଅନୁଦାନପ୍ରାପ୍ତ ପାଠ୍ୟକ୍ରମ ଭାବେ ଏମ୍‌ସିଏ ଚାଲି ଆସିଛି। ନିକଟରେ ରାଜ୍ୟ ସରକାର ଏହି ପାଠ୍ୟକ୍ରମରେ ସିଟ୍ ସଂଖ୍ୟା ୩୦ରୁ ୪୫କୁ ବୃଦ୍ଧି କରିଥିଲେ। ତେବେ ଓୟୁଟିଆର୍‌ର ନୂତନ ପ୍ରଶାସନ ଏହି ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପରିବର୍ତ୍ତେ କାହିଁକି ବନ୍ଦ କରୁଛନ୍ତି ବୋଲି ପୁରାତନ ଛାତ୍ର ମହେଶ ଜେନା କହିଛନ୍ତି। ପ୍ରତିବର୍ଷ ଓଡ଼ିଶା ଜେଇଇ-ଏମ୍‌ସିଏ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ତଥା ଶୀର୍ଷ ସ୍ଥାନ ଅଧିକାର କରୁଥିବା ଛାତ୍ରୀଛାତ୍ର ହିଁ ଓୟୁଟିଆର୍‌ରେ ଏମସିଏ ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ପାଇଥାନ୍ତି। ଏଥିସହ ଗତ ୧୦ବର୍ଷ ଭିତରେ ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ବହୁରାଷ୍ଟ୍ରୀୟ ସଫ୍ଟୱେର୍ କମ୍ପାନୀରେ ଉଚ୍ଚ ପଦପଦରବୀରେ ନିଯୁକ୍ତି ପାଇ ଓଡ଼ିଶା ତଥା ବିଶ୍ୱବିଦ୍ୟାଳୟର ସମ୍ମାନ ବଢ଼ାଉଛନ୍ତି। ଏଥିସହ ଏମାନଙ୍କ ମଧ୍ୟରୁ ବହୁ ଛାତ୍ରୀଛାତ୍ର ନିଜସ୍ୱ ଷ୍ଟାର୍ଟଅପ୍ ତିଆରି କରି ଅନ୍ୟମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଛନ୍ତି। କେଉଁ ଆଧାରରେ ଓୟୁଟିଆର୍‌ର ଅଧିକାରୀମାନେ ଏମସିଏ ପାଠ୍ୟକ୍ରମକୁ ଅନାବଶ୍ୟକ ମନେ କରୁଛନ୍ତି ତାହାର ସନ୍ତୋଷଜନକ ଉତ୍ତର ମିଳୁ ନାହିଁ। ସେହିପରି ଏହି ପାଠ୍ୟକ୍ରମ ପାଇଁ ଓଡିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରାଶିର କିଭଳି ବିନିଯୋଗ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏନେଇ ୧୭ରୁ ଅଧିକ ପୁରାତନ ନୂତନ କୁଳପତିଙ୍କୁ ଭେଟି ପାଠ୍ୟକ୍ରମ ବନ୍ଦ ନ କରିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨ ବର୍ଷ ଅବଧିର ଏହି ପାଠ୍ୟକ୍ରମ ପରିବର୍ତ୍ତେ ୪ବର୍ଷ ଅବଧିର ଏକ ନୂତନ ବିଟେକ୍ ପାଠ୍ୟକ୍ରମ ଖୋଲାଯିବ ବୋଲି କହି କୁଳପତି ସେମାନଙ୍କ ଦାବିକୁ ଏଡ଼ାଇଯାଇଛନ୍ତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ୨ବର୍ଷରେ ଛାତ୍ରୀଛାତ୍ର ସମାନ ଶିକ୍ଷାଲାଭ କରୁଥିବାବେଳେ ଅଧିକ ଅର୍ଥ ଉପାର୍ଜନ ଉଦ୍ଦେଶ୍ୟରେ ଏମ୍‌ସିଏ ପାଠ୍ୟକ୍ରମକୁ ବନ୍ଦ କରି ୪ବର୍ଷର ଅବଧିର ପାଠ୍ୟକ୍ରମ ଆରମ୍ଭ କରାଯାଉଥିବା ଅଭିଯୋଗ ହୋଇଛି।



ଭୁବନେଶ୍ୱର ୟୁନିଟ୍-୬ ଅଞ୍ଚଳରେ ପକ୍ଷୀଙ୍କ ପାଇଁ ୟୁଥ ଫର୍ ସେବା ପକ୍ଷରୁ ଗଛରେ ମାଟିପାତ୍ର ଟାଙ୍ଗି ପାଣି ରଖାଯାଉଛି।

**ରାଜଧାନୀରେ ପକ୍ଷୀ ବଞ୍ଚାଅ ଅଭିଯାନ ଆରମ୍ଭ**

# ଘରେ, ବାହାରେ ଝୁଲିଲା ମାଟିପାତ୍ର

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ପରିବେଶ ପ୍ରଦୂଷଣ ତଥା ଗ୍ଲୋବାଲ ୱାର୍ମିଂ ଯୋଗୁ ଏବେ ବିଶ୍ୱ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି। ପ୍ରବଳ ରୌଦ୍ରତାପ ତଥା ଜଳାଭାବରେ ମଣିଷଙ୍କ ସହ ପଶୁପକ୍ଷୀଙ୍କ ଜୀବନ ମଧ୍ୟ ଦୁର୍ବିସହ ହୋଇପଡୁଛି। ଜଳାଭାବରୁ ଅନେକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି। ଏପରି ସ୍ଥିତିରୁ ପକ୍ଷୀଙ୍କୁ ସୁରକ୍ଷା ଦେବା ସହ ଜୀବନ ବଞ୍ଚାଇବା ପାଇଁ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ୟୁଥ ଫର୍ ସେବା ଭୁବନେଶ୍ୱର ପକ୍ଷରୁ ରବିବାର ପକ୍ଷୀ ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଛି। ୟୁନିଟ୍-୬ରେ ୩୦ରୁ ଊର୍ଦ୍ଧ୍ୱ ଯୁବ ସାଥୀଙ୍କୁ ନେଇ ଘରେ ଘରେ ପକ୍ଷୀ ବଞ୍ଚାଅ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। 'ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା'ର ନାରା ସହିତ ସହରର ଅନେକ ଘରେ ଓ ବାହାରେ ଅନୁଷ୍ଠାନ ପକ୍ଷରୁ ମାଟିପାତ୍ର ବନ୍ଧାଯିବା ସହ ସେଥିରେ ପ୍ରତିଦିନ ପାଣି ରଖିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ଏହାଦ୍ୱାରା ପ୍ରକୃତିର ଏକ ଅନନ୍ୟ ସୃଷ୍ଟି ପକ୍ଷୀମାନେ ପିଇବାକୁ ଯଥେଷ୍ଟ ପାଣି ପାଇବା ସହ ମୃତ୍ୟୁମୁଖରୁ ବଞ୍ଚିପାରିବେ। ଏହି ସଚେତନତା ଅଭିଯାନରେ ୟୁଥ ଫର ସେବାର ସାମ୍ବାଦିକ ସନ୍ତୋଷ ପଣ୍ଡା, ଭୁବନେଶ୍ୱର ଚାପ୍ଟର କୋର୍ଡିନେଟର ଜ୍ଞାନରଞ୍ଜନଙ୍କ ସହିତ ପପୁ ନାୟକ, ଲକ୍ଷ୍ମୀପ୍ରିୟା କର, ଅଭିଜିତ ସାମଲ, ତୃପ୍ତି ବେହେରା , ଆଶା, ସମୀର , ଦେବସ୍ମିତା ପ୍ରମୁଖ ସାମିଲ ଥିଲେ।

## ଶେଷବେଳେ ସାଥି ହେଲା 'ଶେଷ ସାଥି'

ଭୁବନେଶ୍ୱର, ୧୬।୪ (ବ୍ୟୁରୋ)

ଝାରପଡ଼ା ଅଞ୍ଚଳରେ ରହୁଥିବା ବୌଦ୍ଧ ଜିଲାର ରଘୁ ସିଂଙ୍କ ରବିବାର ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଥିଲା। ତାଙ୍କୁ ୨୦ ବର୍ଷ ବୟସ ହୋଇଥିବାବେଳେ ସେ ରାଜମିସ୍ତ୍ରି ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ପରିବାର କହିଲେ ତାଙ୍କ ମା', ଭଉଣୀ ଓ ଦୁଇପିଲା। ରଘୁଙ୍କ ଶେଷକୃତ୍ୟ ସହ ତାଙ୍କ କୋକେଇରେ କାନ୍ଧ ଦେବା ପାଇଁ ପରିବାରରେ କେହି ପୁରୁଷ ସଦସ୍ୟ ନ ଥିଲେ। ଜଗା ଚାକର ସଂଘଠାରୁ ଖବର ପାଇ ସତ୍ୟନଗରର ପୂର୍ବତନ କର୍ପୋରେଟର ଭାନୁପ୍ରିୟା ଦାସ ଓଡ଼ିଶା ମୋ ପରିବାରର ରାଜ୍ୟ ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଯୋଗାଯୋଗ କରିଥିଲେ। ରୁଦ୍ର ନାରାୟଣ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ସମସ୍ତ ପରିସ୍ଥିତିକୁ ଦେଖିବା ପରେ ଜୟ ଓଡ଼ିଶାର 'ଶେଷ ସାଥୀ' ଗାଡ଼ି ଦ୍ୱାରା ରଘୁଙ୍କ ପାର୍ଥିବ ଶରୀରକୁ କ୍ୟାପିଟାଲ ହସ୍ପିଟାଲରୁ ସତ୍ୟନଗର ମଶାଣି ପର୍ଯ୍ୟନ୍ତ ନିଆଯାଇଥିଲା। ଓଡ଼ିଶା ମୋ ପରିବାରର ସଦସ୍ୟଙ୍କ ସହିତ ଜଗା ଚାକର ସଂଘର ସଦସ୍ୟ ସତ୍ୟନଗର ମଶାଣିଠାରେ ଉପସ୍ଥିତ ରହି ଶେଷକୃତ୍ୟ ସମ୍ପନ୍ନ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ତାଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦ୍ରକାନ୍ତ



@ ବାବୁନୀ



@ ତୃଷ୍ଣାରାଣୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସାମ୍ପ୍ରତିକ ହିନ୍ଦୀ ଓଡ଼ିଆ ନାଟକ ଆଲୋଚନାଚକ୍ର

**ଭୁବନେଶ୍ୱର,୧୬।୪(ବ୍ୟୁରୋ):** ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ଠାରେ ପ୍ରତିଷ୍ଠିତ ଆଦିକବି ସାରଳା ଦାସ ଚେୟାର ଏବଂ ନାଟ୍ୟସଂସ୍ଥା ଜୀବନରେଖା ପକ୍ଷରୁ ସାମ୍ପ୍ରତିକ ହିନ୍ଦୀ ଓଡ଼ିଆ ନାଟକ ସମ୍ପର୍କରେ ଏକ ଆଲୋଚାନ ଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଭାଷା କେନ୍ଦ୍ର ଅଧକ୍ଷ ପ୍ରଫେସର ସୁଧୀର ପ୍ରତାପ ସିଂଙ୍କ ଅଧକ୍ଷତାରେ ପ୍ରଫେସର ରଘୁନାଥ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ନାଟ୍ୟସଂସ୍ଥାର ସଭାପତି ଚିନ୍ମୟୀ ଷଡ଼ଙ୍ଗୀ ଅନୁଷ୍ଠାନର ଉଦ୍ଦେଶ୍ୟ ଓ ଅଗ୍ରଗତି ସମ୍ପର୍କରେ ସମ୍ୟକ ଆଲୋଚନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଭିନ୍ନ ରାଉତରାୟ ଓଡ଼ିଶାର ପାରମ୍ପରିକ ନାଟ୍ୟକଳା କଣ୍ଢେଇନାଚ ସହ ସାମ୍ପ୍ରତିକ ନାଟକର ପ୍ରଚାର ପ୍ରସାର ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଭାଷା, ସାହିତ୍ୟ ଓ ସଂସ୍କୃତ ସଂସ୍ଥାନର ଡିନ୍ ପ୍ରଫେସର ଶୋଭା ଶିବଶଙ୍କର ନାଟକର ବିଶେଷତ୍ୱ ବିଶ୍ଳେଷଣ କରିଥିଲେ। ପ୍ରଫେସର ସିଂ ସମକାଳୀନ ନାଟକ ସଂଜ୍ଞା, ଓଡ଼ିଆ ନାଟକର ଶ୍ରେଷ୍ଠତ୍ୱ ବର୍ଣ୍ଣନା ସହ ହିନ୍ଦୀ ଓଡ଼ିଆ ନାଟକର ଅନୁବାଦ, ଅନୁସୃଜନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କଳାକାର ରୋହନ ଯାଦବ, ସମର୍ପିତା ଦାସ, ଦୀପନ୍ୱିତ ଦାସ ମହାପାତ୍ର ସେମାନଙ୍କର ନାଟକୀୟ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପ୍ରଫେସର ଓମ୍ ପ୍ରକାଶ ସିଂହ ନାଟକର ସଫଳ କାମନା କରିବା ସହ ଡ. ମାଲଖାନ ସିଂହ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ।

# ୧୬ ମାସରେ ସରିବ ପୁରୀ ରେଳଷ୍ଟେଶନ କାମ

### ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କଲେ ରେଳ ରାଷ୍ଟ୍ରମନ୍ତ୍ରୀ

- ରେଳଷ୍ଟେଶନରେ ରହିବ ଶ୍ରୀମନ୍ଦିର ଛାପ
- ୧୬୧ କୋଟି ଟଙ୍କାରେ ହେଉଛି କାର୍ଯ୍ୟ

ପୁରୀ ଅଫିସ, ୧୬।୪

କେନ୍ଦ୍ର ରେଳ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦ୍ଦୋଶ ରବିବାର ପୁରୀ ଗସ୍ତରେ ଆସି ରେଳଷ୍ଟେଶନ ନିରୀକ୍ଷଣ କରିବା ସହିତ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୁରୀ ରେଳଷ୍ଟେଶନରେ ଶ୍ରୀମନ୍ଦିର ଛାପ ରହିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୧୬୧ କୋଟି ଟଙ୍କା ବ୍ୟୟରେ ଏହି ପୁନର୍ବିକାଶ କାର୍ଯ୍ୟ ହେଉଛି ଏବଂ ଆଗାମୀ ୧୬ ମାସ ମଧ୍ୟରେ କାମ ଶେଷ ହେବ ବୋଲି ଜର୍ଦ୍ଦୋଶ କହିଛନ୍ତି।

ମନ୍ତ୍ରୀ ଜର୍ଦ୍ଦୋଶ ପୁରୀ ରେଳଷ୍ଟେଶନ ନିରୀକ୍ଷଣ ସମୟରେ ଯାତ୍ରୀଙ୍କ ମୌଳିକ ସୁବିଧା ତଥା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୌଳିକ ସୁବିଧାଗୁଡ଼ିକ ଯେପରି ସମସ୍ତ ବର୍ଗର ଯାତ୍ରୀ, ବିଶେଷଭାବେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ସହାୟକ ହୋଇପାରିବ, ସେଥିପ୍ରତି ଧ୍ୟାନ ଦେବାକୁ ରେଳୱେ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଆରାମଦାୟକ ଯାତ୍ରା ପାଇଁ ଷ୍ଟେଶନ ପୁନର୍ବିକାଶ କାର୍ଯ୍ୟ ସହିତ ବିଶେଷତଃ ଗରିବ ଓ ସ୍ୱଳ୍ପ ଆୟ ବର୍ଗର ଯାତ୍ରୀଙ୍କୁ ସୁହାଇଲା ଭଳି ସେବା ଉପଲବ୍ଧ କରାଇବାକୁ ସେ ଅଧିକାରୀମାନଙ୍କୁ କହିଛନ୍ତି। ଯାତ୍ରୀଙ୍କ ସୁବିଧା ପାଇଁ ବିସ୍ତୃତ ଚଳପ୍ରଚଳ ସ୍ଥାନ, ପ୍ଲାଟଫର୍ମ, ଆଲୋକୀକରଣ, ଯାତ୍ରୀ ପ୍ରତୀକ୍ଷା କକ୍ଷ, ଶୌଚାଳୟ, ଏସ୍କାଲେଟର, ଲିଫ୍ଟ ଇତ୍ୟାଦିର ଉପଲବ୍ଧି ଉପରେ ମଧ୍ୟ ପ୍ରାଥମିକତା ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଉନ୍ନତ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରଣାଳୀ ପାଇଁ ରେଳପଥ ଅଧିକାରୀମାନଙ୍କୁ ରେଳରାଷ୍ଟ୍ର ମନ୍ତ୍ରୀ ପ୍ରଶଂସା କରିଥିଲେ। ସମୀକ୍ଷା ବୈଠକରେ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସମେତ ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



କେନ୍ଦ୍ର ରେଳ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍ଦ୍ଦୋଶ ପୁରୀ ରେଳଷ୍ଟେଶନ ନିରୀକ୍ଷଣ ଅବସରରେ ପ୍ରକଳ୍ପର ମଡେଲ ଏବଂ ଫଟୋ ଦେଖୁଛନ୍ତି।

# ପିଏଚ୍‌ଡି ଛାତ୍ରୀଙ୍କ ଆତ୍ମହତ୍ୟା

### ମାନସିକ ଚାପରୁ ଚରମ ନିଷ୍ପତ୍ତି ସନ୍ଦେହ

ଭୁବନେଶ୍ୱର,୧୬।୪ (ବ୍ୟୁରୋ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରରେ ରହୁଥିବା ଜଣେ ପିଏଚ୍‌ଡି ଛାତ୍ରୀ ଫ୍ୟାନ୍‌ରେ ଓଢ଼ଣି ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉତ୍ତରପ୍ରଦେଶର ନିକିତା ତିୱାରୀ(୨୪)। ନିକିତା ବିବାହିତ ହୋଇଥିବାବେଳେ ସେ ଏଠାରେ ଏକୁଟିଆ ରହି ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଇଞ୍ଜିନିୟରିଂରେ ପିଏଚ୍‌ଡି କରୁଥିଲେ। ଶନିବାର ଭଡ଼ାଘରୁ ପୋଲିସ ନିକିତାଙ୍କ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏନେଇ ପୋଲିସ ପକ୍ଷରୁ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେମାନେ ଏଠାରେ ପହଞ୍ଚିବା ପରେ ନିକିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏଥିସହ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୧/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ମାନସିକ ଚିନ୍ତାରୁ ନିକିତା ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ନିକିତାଙ୍କ ସ୍ୱାମୀ ସାଉଥକୋରିଆରେ ରହି ପଢୁଛନ୍ତି। ତାଙ୍କର କୌଣସି ସନ୍ତାନ ହୋଇ ନ ଥିବାବେଳେ ସେ ନନ୍ଦନବିହାରରେ ଏକା ରହୁଥିଲେ। ଶନିବାର ପୂର୍ବାହ୍ନରେ ନିକିତା କବାଟ ନ ଖୋଲିବାରୁ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ସେମାନେ ଝରକା ବାଟେ ଭିତରକୁ ଚାହିଁବାରୁ ନିକିତା ଝୁଲିପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ ଉପସ୍ଥିତିରେ ମୃତଦେହ ଜବତ କରିଥିଲା।




ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ସିବିଆଇ ସମନ ଘଟଣାକୁ ବିରୋଧ କରି ରବିବାର ଆପ୍ କର୍ମକର୍ତ୍ତାମାନେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ପୁରୀ ସାହିଯାତର ଶେଷ ପର୍ବରେ ଶନିବାର ରାତିରେ ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ନୀତି ଅବସରରେ ଭରତ ଓ ଶତ୍ରୁଘ୍ନ ମହାପ୍ରଭୁଙ୍କ କଠଉ ନେଇ ମାର୍କେଟଛକ ସ୍ଥିତ ନନ୍ଦଗ୍ରାମକୁ ଯାଉଛନ୍ତି।

# ପୁଞ୍ଜି ବଜାରରେ ଉତ୍ସାହ

## ଶୀର୍ଷ ୧୦ରୁ ୭ କମ୍ପାନୀଙ୍କ ବଜାର ପୁଞ୍ଜି ୬୭,୮୫୯ କୋଟି ବୃଦ୍ଧି

**ନୂଆଦିଲ୍ଲୀ,୧୬।୪**

ଗତ କିଛି ମାସ ହେବ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ସହ ସ୍ଥାନୀୟ ବଜାରରେ ମାନ୍ଦାବସ୍ଥା ଜାରି ଯୋଗୁ ପୁଞ୍ଜି ବଜାରରେ ଆଶା ଓ ଆଶଙ୍କା ଦେଖାଦେଇଥିଲା। ଏପରି କି ଶେୟାର ବଜାରରେ ମଧ୍ୟ କ୍ରମାଗତ ଭାବେ କାରବାର ପରିବର୍ତ୍ତନ ଘଟୁଥିଲା। ବିଶେଷକରି ପୁଞ୍ଜି ବଜାରରେ ପଞ୍ଜୀକୃତ କମ୍ପାନୀଗୁଡିକର ନିବେଶ ସେହି ପରିମାଣରେ କାରବାର କରିଥିଲା। ଏପରି କି ଗତ ସପ୍ତାହର କାରବାର ପୂର୍ବ ସପ୍ତାହଠାରୁ ଭଲ ରହିଥିବା ଯୋଗୁ ସେନସେକ୍ସର ଶୀର୍ଷ ୧୦ କମ୍ପାନୀ ମଧ୍ୟରୁ ୭ କମ୍ପାନୀର ମୋଟ ବଜାର ପୁଞ୍ଜିରେ ୬୭,୮୫୯.୭୭ କୋଟି ଟଙ୍କାର ବୃଦ୍ଧି ଘଟିଛି। ସେହିଭଳି ଏହି ଅବଧି ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସବୁଠୁ ଅଧିକ ଲାଭ କରିଥିବା ଜଣାପଡିଛି। ଏପରି କି ଗତ ସପ୍ତାହ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କର ମାର୍କେଟ୍ କ୍ୟାପ୍ ୧୭,୧୮୮.୨୫ କୋଟି ବଢି ୬,୨୭,୯୪୦.୨୩ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବଜାର ପୁଞ୍ଜି ୧୫,୦୬୫.୩୧ କୋଟି ବଢି ୯,୪୪,୮୧୭.୮୫ କୋଟି ଟଙ୍କା ହୋଇଥିବା ବେଳେ ଏଚ୍‌ଡିଏଫ୍‌ସିର



ମୋଟ ବଜାର ପୁଞ୍ଜି ୧୦,୫୫୭.୮୪ କୋଟି ବଢି ୫,୧୧,୪୩୬.୫୧ କୋଟି ଟଙ୍କାରେ ରହିଛି। ଅପରପକ୍ଷରେ ଆଇଟିସିର ମୂଲ୍ୟାଙ୍କନ ୧୦,୧୯୦.୯୭ କୋଟି ବଢି ୪,୯୧,୪୬୫.୯୬ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ରିଲାଏନ୍ସ ଇଣ୍ଡଷ୍ଟ୍ରୀର ମୋଟ ବଜାର ପୁଞ୍ଜି ୯,୯୧୧.୫୯ କୋଟି ବଢି ୧୫,୯୩,୭୩୬.୦୧ କୋଟି ଟଙ୍କା ହୋଇଛି। ସେହିଭଳି ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ବଜାର ମୂଲ୍ୟ ୪,୬୪୦.୮ କୋଟି ବଢି ୪,୭୫,୮୧୫.୬୯ କୋଟି ଟଙ୍କା ଏବଂ ଭାରତୀ ଏୟାରଟେଲର ବଜାର ପୁଞ୍ଜି ୩୦୫.୦୧ କୋଟି ବଢି ୪,୨୭,୪୧୬.୦୮ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଇନଫୋସିସର ବଜାର ମୂଲ୍ୟ ୧୩,୮୯୭.୬୭ କୋଟି ଖସି ୫,୭୬,୦୬୯.୦୫ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ଟିସିଏସ୍‌ର ବଜାର ପୁଞ୍ଜି ୧୧, ୬୫୪.୦୮ କୋଟି ଖସି ୧୧,୬୭,୧୮୨.୫୦ କୋଟି ଟଙ୍କା ଏବଂ ହିନ୍ଦୁସ୍ତାନ ୟୁନିଲିଭର ବଜାର ପୁଞ୍ଜି ୬, ୯୫୪.୭୯ କୋଟି ଖସି ୫,୯୫, ୩୮୬.୪୩ କୋଟି ଟଙ୍କାରେ ପହଞ୍ଚିଛି।

## ଓ୍ୱି୨୦ ଫ୍ୟାନ୍ ଫେଷ୍ଟ ଚାଲେଞ୍ଜ

**ନୂଆଦିଲ୍ଲୀ,୧୬।୪**

ଦେଶର ପ୍ରମୁଖ ଟେଲିକମ୍ ବ୍ରାଣ୍ଡ ଭି ପକ୍ଷରୁ ଏକ ଅଭିନବ ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଛି। ଏପରିକି ଭି ୨୦ ଫ୍ୟାନ୍ ଫେଷ୍ଟ ଚାଲେଞ୍ଜରେ ଅଂଶଗ୍ରହଣ କରିବା ଲାଗି କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରାଯାଉଛି, ଯେଉଁଥିରେ ସେମାନଙ୍କୁ ପ୍ରତି ମ୍ୟାଚ୍ ଦିନରେ କମ୍ପାନୀ ସ୍ମାର୍ଟଫୋନ୍ ଜିତିବାର ସୁଯୋଗ ପ୍ରଦାନ କରୁଛି। ବିଶେଷକରି କମ୍ପାନୀ ତା'ର ଗ୍ରାହକମାନଙ୍କ ଲାଗି ରିୱାର୍ଡ ଜିତିବାର ସୁଯୋଗ ଆଣି ଦେଇଛି। ସେହିଭଳି ଦୀର୍ଘ ଦୁଇ ମାସ ବ୍ୟାପୀ ଉକ୍ତ ପ୍ରତିଯୋଗିତାରେ ଭି ପକ୍ଷରୁ ଗ୍ରାହକଙ୍କୁ ପ୍ରତିଦିନ ସ୍ମାର୍ଟଫୋନ୍ ପ୍ରଦାନ କରାଯିବ। ପୁନଶ୍ଚ ଜଣେ ମେଗା ବିଜେତାଙ୍କୁ ଟି୨୦ ଚାମ୍ପିୟନ୍‌ଶିପ୍‌ର ଫାଇନାଲ୍ ମ୍ୟାଚ ଦେଖିବା ଲାଗି ୨ଟି ଟିକେଟ ଦିଆଯାଉଛି ବା ଜିତିବାର ସୁବର୍ଣ୍ଣ ସୁଯୋଗ ପାଇବେ ବୋଲି ଭି ପକ୍ଷରୁ ସୂଚନା ଦିଆଯାଇଛି।

## ପିଏନ୍‌ବି କଟକ ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ

**ଭୁବନେଶ୍ୱର,୧୬।୪**



ଜଗବନ୍ଧୁ ପାଢ଼ୀ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର କଟକ ମଣ୍ଡଳ ନୂତନ ମଣ୍ଡଳ ମୁଖ୍ୟ ଭାବେ ଜଗବନ୍ଧୁ ପାଢ଼ୀ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଢ଼ୀ ଏହା ପୂର୍ବରୁ କୋଲକାତା ଜୋନ୍‌ରେ ଭିଜିଲାନ୍ସ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏପରିକି ୧୯୯୩ରେ ପାଢ଼ୀ ପିଏନବିରେ ଯୋଗ ଦେଇଥିଲେ। ପାଢ଼ୀ ବିଶେଷକରି ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଚେନ୍ନାଇ ଓ ଛତିଶଗଡ ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ସଫଳତାର ସହ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ଦୀର୍ଘ ୩୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୧୧ବର୍ଷ ଶାଖା ସ୍ତରରେ ଏବଂ ୧୯ ବର୍ଷ ପ୍ରଶାସନିକ ଓ ଅଡିଟ୍ କାର୍ଯ୍ୟାଳୟରେ କାମ କରିଛନ୍ତି। ପାଢ଼ୀ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ରିଟେଲ୍, କୃଷି, ଏମ୍‌ଏସ୍‌ଏମ୍‌ଇ, ରିକଭରି ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବା ସହିତ ଉତ୍କୃଷ୍ଟ ଗ୍ରାହକ ସେବା ଏବଂ ଅଧିକରୁ ଅଧିକ ଗ୍ରାହକମାନଙ୍କୁ ପିଏନ୍‌ବି ସହ ଯୋଡ଼ିବା ପାଇଁ ଉଦ୍ୟମ କରିବେ ବୋଲି ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପିଏନ୍‌ବି କଟକ ମଣ୍ଡଳ ଅଧୀନରେ ଥିବା କଟକ, ଢେଙ୍କାନାଳ, ଅନୁଗୋଳ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲାରେ ୬୯ଟି ଶାଖା ରହିଛି।

## ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱାରୋପ

**ଭୁବନେଶ୍ୱର,୧୬।୪**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜାତୀୟ ନିରାପଦ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡିଶା ୟୁନିଟ ଝାରସୁଗୁଡାଠାରେ ଏକ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନର ଆୟୋଜନ କରାଯାଇଥିଲା। ବିଶେଷ କରି ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ପାଇଁ ମାତୃ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଏବଂ ନବଜାତକ ଯତ୍ନ ଉପରେ ଏକ ଦିନିକିଆ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏପରିକି ସ୍ଥାନୀୟ ବୃନ୍ଦାମାଳ ଗ୍ରାମରେ ଥିବା ବେଦାନ୍ତର ଆଧୁନିକ ଅଙ୍ଗନୱାଡି ନନ୍ଦଘରଠାରେ ଉକ୍ତ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା) ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଗ୍ରାମୀଣ ଗୋଷ୍ଠୀମାନଙ୍କରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କମ୍ପାନୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି। ଏପରିକି ଆମର ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି କମ୍ପାନୀ ଓଡ଼ିଶାରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପଦକ୍ଷେପ ଆରମ୍ଭ କରିଛୁ। ବିଶେଷ କରି ଅଣ ସଂରକ୍ଷିତ ଅଞ୍ଚଳରେ ବେଦାନ୍ତର ସାମାଜିକ ପ୍ରଭାବ ଓ ପ୍ରୟାସ ଜରିଆରେ ମହିଳା ଏବଂ ଶିଶୁ ସ୍ୱାସ୍ଥ୍ୟକୁ ଅଧିକ ପ୍ରୋତ୍ସାହିତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ସେହିଭଳି ମହିଳା ଏବଂ ଶିଶୁ ବିକାଶର ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ କେନ୍ଦ୍ର ଭାବେ ଉଭା ହୋଇଥିବା କମ୍ପାନୀର ନନ୍ଦଘର ଉକ୍ତ ପ୍ରୟାସର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶେଷ କରି ମେଡିକାଲ୍ ଚେକ୍ ଅପ୍ ସହିତ ମା ଏବଂ ନବଜାତ ଶିଶୁମାନଙ୍କ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ସହାୟତା ସେମାନଙ୍କର ସୁସ୍ଥତାକୁ ନିଶ୍ଚିତ କରାଇଥାଏ।

ବେଦାନ୍ତର ନନ୍ଦଘର ଜରିଆରେ ଆଶାୟୀ ତଥା ନୂତନ ମାତୃତ୍ୱ ଲାଭ କରିଥିବା ମା ମାନଙ୍କ ପାଇଁ ନିୟମିତ ସୂଚନାପୂର୍ଣ୍ଣ ଅଧିବେଶନ ତଥା ସ୍ୱାସ୍ଥ୍ୟ ଶିବିର କମ୍ପାନୀର ଝାରସୁଗୁଡା କାର୍ଯ୍ୟ କ୍ଷେତ୍ର ଅଞ୍ଚଳରେ ଆୟୋଜନ କରାଯାଇଥାଏ। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ୩୦,୦୦୦ ରୁ ଅଧିକ ମହିଳାଙ୍କ ନିକଟରେ ଉକ୍ତ ସେବା ଓ ସୁବିଧା ପହଞ୍ଚିଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଏମ୍‌ଜିର ସ୍ମାର୍ଟ ଇଭି-କମେଟ ପ୍ରଦର୍ଶିତ



**ନୂଆଦିଲ୍ଲୀ,୧୬।୪**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଏମଜି ମୋଟର ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସ୍ମାର୍ଟ ଇଲେକଟ୍ରିକ ଭେହିକିଲ (ଇଭି) କମେଟ'ର ଉତ୍ପାଦନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କମ୍ପାନୀର ଗୁଜରାଟସ୍ଥିତ ହାଲୋଲ କାରଖାନାରୁ ପ୍ରଥମ ୟୁନିଟ ଉତ୍ପାଦନ ସହ ତା'ର ସ୍ମାର୍ଟ ଇଭି-କମେଟ ଉତ୍ପାଦନ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଏପରିକି ବିଶ୍ୱସ୍ତରରେ ପ୍ରଶଂସିତ ଜିଏସ ଇଭି ପ୍ଲାଟଫର୍ମ ଉପରେ ଆଧାରିତ ଏମଜି କମେଟ ଏକ ନବୋନ୍ମେଷୀ ଏବଂ ଭବିଷ୍ୟତର ଡିଜାଇନ ପରିଭାଷାକୁ ପରିସ୍ଫୁଟ କରୁଛି, ଯାହା ନିଶ୍ଚିତ ଭାବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ।

ଏ ସମ୍ପର୍କରେ ଏମ୍‌ଜି ମୋଟରର ଚିଫ୍ ଅପରେଟିଂ ଅଫିସର ବିଜୁ ବଲେନ୍ଦ୍ରନ କହିଛନ୍ତି, ଆମେ ନବୋନ୍ମେଷୀ ଏବଂ ଦୀର୍ଘସ୍ଥାୟୀ ଗମନାଗମନ ସମାଧାନ ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛୁ। ଏପରିକି ଏମଜି କମେଟକୁ ନେଇ ଗାଡି ଚାଳନାର ଅନେକ ଉପଭୋଗ୍ୟ ବୈଶିଷ୍ଟ୍ୟ ଥିବା ଏକ ଭବିଷ୍ୟବାସୀ ଏବଂ ପ୍ରାକ୍ଟିକାଲ ସହରାଞ୍ଚଳ ଇଭି ଆମେ ଗ୍ରାହକଙ୍କୁ ଯୋଗାଇ ଦେଇପାରିବୁ।

## ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର ସିଏସ୍‌ଆର୍ ଅଭିଯାନ

**ଭୁବନେଶ୍ୱର,୧୬।୪**

ଏଲ୍‌ଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ (ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍) ପକ୍ଷରୁ ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟିକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ବିଶେଷ କରି ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର କର୍ପୋରେଟ ସୋସିଆଲ ରେସପନସିବିଲିଟି (ସିଏସଆର) କାର୍ଯ୍ୟକ୍ରମ ଜରିଆରେ ଉକ୍ତ ଆମ୍ବୁଲାନ୍ସ ଦିଆଯାଇଛି। ଏପରିକି ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର ସିଏସଆର ଅଭିଯାନ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ସଞ୍ଜିବନୀ ଯୋଜନା ଅଧୀନରେ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ୍‌ର କନିଗୁମା, କେରପାଇ ଓ ସିଲେଟ୍ ପଞ୍ଚାୟତର ପ୍ରକଳ୍ପ ଅଧୀନ ଅଞ୍ଚଳ ପାଇଁ ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟିକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ସେହିଭଳି ଆଦିବାସୀ ଲୋକଙ୍କ ମଧ୍ୟରେ ରୋଗ ଚିହ୍ନଟ ପାଇଁ ୟୁରିନ୍ ଆନାଲାଇଜର ଓ ଡବ୍ଲ୍ୟୁବିସି ଆନାଲାଇଜର ଭଳି ମେଡିକାଲ୍ ଉପକରଣ ମଧ୍ୟ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ୱାଇ ବିଶ୍ୱନାଥ ଗୌଡ଼ ଉକ୍ତ ଆମ୍ବୁଲାନ୍ସ ଓ ମେଡିକାଲ୍ ଉପକରଣକୁ ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆକ୍ୱିନାସ୍ ଏଡାସେରିଙ୍କୁ ପ୍ରଦାନ କରିଥିଲେ। ଏପରିକି ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟ ଭବାନୀପାଟଣାଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହସ୍ତାନ୍ତର କରାଯାଇଥିଲା।

ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ୱାଇ ବିଶ୍ୱନାଥ ଗୌଡ଼ କହିଥିଲେ ଆଦିବାସୀ ଲୋକଙ୍କ ପାଖରେ ପହଞ୍ଚିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଲକ୍ଷ୍ୟରେ ଏହା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ ଇଷ୍ଟ ସେଣ୍ଟ୍ରାଲ୍ ଜୋନ୍‌ର ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଖୋରା, କଳାହାଣ୍ଡି ଜିଲା ସିଡିଏମ୍‌ଓ ପିଏଚ୍‌ଓ ଡା. ଗିରିଶ ଚନ୍ଦ୍ର ରାଉତ, ଡିପିଏମ୍ ଏନ୍‌ଏଚ୍‌ଏମ୍ ଅବନୀ ରଜନ, ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ଭୁବନେଶ୍ୱରର ଏରିଆ ମ୍ୟାନେଜର ସୁମନ୍ତ କୁମାର ପାଣିଗ୍ରାହୀ ଓ ଏଲ୍‌ଆଇସି ଏଚ୍‌ଏଫ୍‌ଏଲ୍ ସିଏସ୍‌ଆର୍ ବିଭାଗ ପୂର୍ବାଞ୍ଚଳର ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଏନ୍‌ଜିଓ ଓ ଭବାନୀପାଟଣାର ସ୍ଥାନୀୟ ବାସିନ୍ଦା ମଧ୍ୟ ଯୋଗ ଦେଇଥିଲେ।

ଫୁର୍‌ସତ୍

# ପ୍ରେମ ମଣିଷକୁ ଦୀର୍ଘାୟୁ କରେ

**ନ୍ୟୁୟର୍କ**

ପ୍ରତିଟି ମଣିଷ ଦୀର୍ଘ ଦିନ ବଞ୍ଚିବାକୁ ଚାହେଁ। ହେଲେ ବର୍ତ୍ତମାନ ମଣିଷର ଜୀବନଶୈଳୀ ପାଇଁ ଦିନକୁ ଦିନ ବୟସ କମି କମି ଯାଉଛି। ହେଲେ ଜଣେ ୧୦୯ ବର୍ଷୀୟ ବ୍ୟକ୍ତି ନିକଟରେ ତାଙ୍କ ଜନ୍ମଦିନ ଜଣେ ବେଲି ଡ୍ୟାନ୍ସରଙ୍କ ସହ ପାଳିଛନ୍ତି। ମୋରୀ ମାର୍କଅଫ୍ ଏବେ ମଧ୍ୟ ଯୁବାବସ୍ଥା ଅନୁଭବ କରୁଥିବା କହିଛନ୍ତି। ସେ ତାଙ୍କ ଜୀବନକାଳ ମଧ୍ୟରେ ୨ଟି ମହାମାରୀ ଏବଂ ଗୋଟଏ ବିଶ୍ୱଯୁଦ୍ଧ ଦେଖିଛନ୍ତି। ତାଙ୍କ ସୁସ୍ଥ ଜୀବନ ବିଷୟରେ ସେ କିଛିଟା କଥା ସମସ୍ତଙ୍କ ସହ ଶେୟାର କରିଛନ୍ତି। ଯାହା ଫଳରେ ସେ ଏତେ ବର୍ଷ ପର୍ଯ୍ୟନ୍ତ ବଞ୍ଚିଛନ୍ତି। ସେ କହିଛନ୍ତି, ଜୀବନର ସବୁ ମୁହୂର୍ତ୍ତକୁ ବଞ୍ଚିବାକୁ ଚେଷ୍ଟା କରିଛନ୍ତି। କେତେ ଥର ତାଙ୍କୁ ମୃତ୍ୟୁର ସାମ୍ନା କରିବାକୁ ପଡିଛି, ହେଲେ ସେ ସେଥିରୁ ବଞ୍ଚି ଯାଇଛନ୍ତି।




କିନ୍ତୁ ସେ ସମ୍ପୃକ୍ତ ଘଟଣା ବିଷୟରେ ଅଧିକ ଚିନ୍ତା କରନ୍ତିନି। ଯେପର୍ଯ୍ୟନ୍ତ ମଣିଷକୁ କୌଣସି ରୋଗ ନ ହୋଇଛି, ସେ ବିଛଣାରେ ବେଶୀ ସମୟ ବିତାଇବା କଥା ନୁହେଁ। ସବୁବେଳେ ଆକ୍ଟିଭ୍ ରହିବା ଉଚିତ୍। ମୋରୀଙ୍କ ସ୍ତ୍ରୀ ମଧ୍ୟ ୧୦୩ ବର୍ଷ ବଞ୍ଚିଥିଲେ। ସେମାନେ ଏକାଠି ପ୍ରତିଦିନ ୩.୨ ମାଇଲ ବାଟ ପାଦରେ ଚାଲିଥା'ନ୍ତି। ସେ ଏବଂ ତାଙ୍କ ଝିଅ କେବେ ବି ଭିଟାମିନ୍ ବଟିକା ଖାଇନାହାନ୍ତି। ତାଙ୍କୁ ଯାହା ଖାଇବାକୁ ଇଚ୍ଛା ହୁଏ, ସେ ତାହା ଖାଇଥା'ନ୍ତି। ସେଥିପ୍ରତି ସେ ଏତେ ଧ୍ୟାନ ଦିଅନ୍ତିନି। ହେଲେ ୧୬ ବର୍ଷ ବୟସରେ ଧୂମପାନ ଅଭ୍ୟାସ ପାଇଁ ତାଙ୍କ ଜିଭ କର୍କଟରେ ପୀଡିତ ହେବାକୁ ପଡିଥିଲା। ଏଥିସହ ସେ ୬ ବର୍ଷ ବୟସରୁ ଏଯାଏଁ କେବେ ପାଠ ପଢିବା ଛାଡ଼ିନାହାନ୍ତି। ସେ ଗରିବ ପରିବାରର ହୋଇଥିଲେ ମଧ୍ୟ ତାଙ୍କୁ କେବେ ଭୋକିଲା ରହିବାକୁ ପଡିନି। ଛୋଟବେଳୁ ସେ ବୁଟ୍ ପଲିସି, ଖବରକାଗଜ ବିକିବା ଆଦି କାମ କରିଛନ୍ତି। ନିଜର ଭଲପାଇବା ଗୁଣ ସହ ଅନ୍ୟମାନଙ୍କୁ ମଧ୍ୟ ଭଲପାଇବା ଦେଉଛନ୍ତି। କାରଣ ଭଲପାଇବା ଯୋଗୁ ସବୁବେଳେ ମୁହଁରେ ହସ ଆସିଥାଏ।

# ବୟଫ୍ରେଣ୍ଡ୍ ସହ ଗ୍ରୀଷ୍ମଛୁଟିରେ ଜାହ୍ନବୀ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ତାଙ୍କ ବୟଫ୍ରେଣ୍ଡ ଶେଖର ପାହାଡ଼ିଆଙ୍କୁ ରବିବାର ସକାଳେ ମୁମ୍ବାଇ ବିମାନବନ୍ଦରରେ ଏକାଠି ଦେଖିବାକୁ ମିଳିଛି। ଦୁହେଁ ଗ୍ରୀଷ୍ମଛୁଟି କଟାଇବାକୁ ଯାଉଥିବା ଜଣାପଡ଼ିଛି। ଜାହ୍ନବୀ ସୁଟବୁଟ୍‌ରେ ଥିବାବେଳେ ଶେଖର ସାଧାରଣ ପୋଷାକରେ ଥିଲେ। ତେବେ ଏହି ମାସ ଆରମ୍ଭରେ ଦୁହିଁଙ୍କୁ ତିରୁପତି ବାଲାଜୀ ମନ୍ଦିରରେ ଏକାଠି ଦେଖିବାକୁ ମିଳିଥିଲା। ଉଭୟ ଠାକୁରଙ୍କୁ ଦର୍ଶନ କରିବା ପାଇଁ ତିରୁମାଲାରେ ପହଞ୍ଚିଥିଲେ। ଶେଖରଙ୍କ ଜନ୍ମଦିନରେ ଉଭୟ ପ୍ରଭୁ ବାଲାଜୀଙ୍କୁ ପ୍ରାର୍ଥନା କରିଥିଲେ। ଏବେ ଉଭୟଙ୍କ ପ୍ରେମକୁ ନେଇ ବି- ଟାଉନରେ ଖୁବ୍ ଚର୍ଚ୍ଚା ଲାଗି ରହିଛି। ଶେଖର ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ସିନ୍ଦେଙ୍କ ନାତି। ପୂର୍ବରୁ ଦୁହିଁଙ୍କ ମଧ୍ୟରେ କିଛି ଦିନ ପାଇଁ ବ୍ରେକ୍‌ଅପ ହୋଇଥିଲା, ହେଲେ ଏବେ ସେମାନେ ଏକାଠି ହୋଇଛନ୍ତି। ଆସନ୍ତା ଅକ୍ଟୋବର ୬ରେ ରିଲିଜ୍ ହେବାକୁ ଥିବା ନିର୍ଦ୍ଦେଶକ ନୀତୀଶ ତିୱାରୀଙ୍କ ଫିଲ୍ମ 'ବୱାଲ'ରେ ଜାହ୍ନବୀଙ୍କୁ ଦେଖିବାକୁ ମିଳିବ। ତାଙ୍କ ସହ ବଲିଉଡ୍ ଅଭିନେତା ବରୁନ ଧୱନ ସ୍କ୍ରିନ ଶେୟାର କରିବେ। ଏଥିସହ ଜାହ୍ନବୀ ଫିଲ୍ମ 'ଏନ୍‌ଟିଆର୍-୩୦' ଜରିଆରେ ଟଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେଥିରେ ସେ ଜୁନିୟର ଏନ୍‌ଟିଆର୍‌ଙ୍କ ସହ ନଜରକୁ ଆସିବେ।

# ପୃଥିବୀକୁ ଆସିଲା ମହାକାଶୀୟ ଟମାଟୋ

**ନୂଆଦିଲ୍ଲୀ**

ମହାକାଶରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନରେ ଫଳିଥିବା ଟମାଟୋ ଶନିବାର ପୃଥିବୀକୁ ଫେରିଛି। ଏନେଇ ନାସା ଘୋଷଣା କରିଛି। ମହାକାଶଯାନ ସ୍ପେସ୍ ଏକ୍ସ ସିଆର୍‌ଏସ୍-୨୭ ଜରିଆରେ ଏହାକୁ ପୃଥିବୀକୁ ଭାରତୀୟ ସମୟ ରାତି ୮ଟା ୧୫ରେ ଅଣାଯାଇଛି। ଏହି ଯାନ ପାଖାପାଖି ୨ ହଜାର କିଲୋ ଓଜନ ବହନ କରିପାରେ। ମହାକାଶ କେନ୍ଦ୍ରର ପ୍ରୟୋଗଶାଳାରେ ଏହି ଟମାଟୋ ୧୦୪ ଦିନ ମଧ୍ୟରେ ୩ ଥର ଅମଳ ହୋଇଥିଲା। ଟମାଟୋ ପୃଥିବୀକୁ ଆସିବା ପରେ ନାସାର କେନେଡି ସ୍ପେସ୍ ସେଣ୍ଟର ଫ୍ଲୋରିଡ଼ାକୁ ତା'ର ପୁଷ୍ଟିକର ଗୁଣବତାର ଯାଞ୍ଚ ପାଇଁ ପଠାଯାଇଛି। ନାସା ଅନୁସାରେ, ଭବିଷ୍ୟତରେ ମହାକାଶରେ ଗଛ ଲଗାଇବାର ସାମର୍ଥ୍ୟ ଓ ମହାକାଶଚାରୀଙ୍କ ରହଣି ପାଇଁ ଏପରି ପରୀକ୍ଷା କରାଯାଇଥିଲା। ମହାକାଶ କେନ୍ଦ୍ରର ପ୍ରୟୋଗଶାଳାରେ ୨ଟି ଏଲ୍‌ଇଡି ଲାଇଟ୍ ଏବଂ ୨ ଭିନ୍ନ ଭେଜି ଚାମ୍ବର ମାଧ୍ୟମରେ ଏହା ପ୍ରସ୍ତୁତ କରାଯାଇଥିଲା।



# ଦୁର୍ଲଭ ପ୍ରଜାତିର ଡାଇମଣ୍ଡ୍

**ସୁରଟ**

ଗୁଜରାଟର ସୁରଟରେ ଥିବା ଏକ କମ୍ପାନୀ ଭି ଡି ଗ୍ଲୋବାଲ ନିକଟରେ ଏକ ଦୁର୍ଲଭ ଡାଇମଣ୍ଡ ଠାବ କରିଛି। ସେହି ଡାଇମଣ୍ଡ ଭିତରେ ଅନ୍ୟ ଏକ ଛୋଟ ଡାଇମଣ୍ଡ ଥିବା ଦେଖିବାକୁ ମିଳିଛି, ଯାହାକି ଦୁର୍ଲଭ ମଧ୍ୟରୁ ଆହୁରି ଦୁର୍ଲଭ ଅଟେ। ୦.୩୨୯ କ୍ୟାରେଟର ଡାଇମଣ୍ଡକୁ କମ୍ପାନୀ 'ବିଟିଂ ହାର୍ଟ' ନାମ ଦେଇଛି। ମୁମ୍ବାଇ ଏବଂ ସୁରଟର ମିଳିତ ସହଯୋଗରେ ଡାଇମଣ୍ଡ ମାନୁଫ୍ୟାକ୍ଚରିଂ କମ୍ପାନୀ ଏହାକୁ ଠାବ କରିଥିଲା। ଗତବର୍ଷ ଅକ୍ଟୋବରରେ ଏହି ଡାଇମଣ୍ଡ ଠାବ ହୋଇଥିଲା। ଯାଞ୍ଚ ପରେ ଏବେ ତାକୁ ଅତି ଦୁର୍ଲଭ ପ୍ରଜାତିରେ ସାମିଲ କରାଯାଇଛି। ଶେଷ ୩୦ ବର୍ଷ ମଧ୍ୟରେ ଏପରି ଦୁର୍ଲଭ ଡାଇମଣ୍ଡ



ଦେଖି ନ ଥିବା ଡି ବିୟର ଗ୍ରୁପର ଟେକ୍ନିକାଲ ଏଜୁକେଟର ସାମନ୍ଥ ଶିବଲେ କହିଛନ୍ତି। ଏହି ଡାଇମଣ୍ଡ ଭିତରେ ଏପରି ଏକ ଛୋଟ ଡାଇମଣ୍ଡ ରହିଛି, ଯାହାକି ଅନ୍ୟ ନ୍ୟାଚୁରାଲ ଡାଇମଣ୍ଡଠାରୁ ଦେଖିବାକୁ ଖୁବ୍ ସୁନ୍ଦର ଏବଂ ଭିନ୍ନ। ୨୦୧୯ରେ ସାଇବେରିଆରୁ ମିଳିଥିବା ଡାଇମଣ୍ଡ ମ୍ୟାଟ୍ୟୋଶ୍କା ପ୍ରଥମ ଦୁର୍ଲଭ ଡାଇମଣ୍ଡ ଭାବେ ରେକର୍ଡ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଅଭିପ୍ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭେଙ୍କଟେଶ୍‌ଙ୍କ ଶତକ ସତ୍ତ୍ୱେ କୋଲକାତା ପରାସ୍ତ

## ମୁମ୍ବାଇ ଇଣ୍ଡିଆନ୍ସର ଦ୍ୱିତୀୟ ବିଜୟ

ମୁମ୍ବାଇ, ୧୬।୪

ଭେଙ୍କଟେଶ ଆୟାରଙ୍କ ଶତକ ସତ୍ତ୍ୱେ କୋଲକାତା ନାଇଟ ରାଇଡର୍ସ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ନିକଟରୁ ହାରି ଯାଇଛି। ନାଇଟ ରାଇଡର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୮୫ ରନ କରିଥିବାବେଳେ ମୁମ୍ବାଇ ୧୭.୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ସ୍ପର୍ଶ କରିଥିଲା। କୋଲକାତା ପରାଜିତ ହୋଇଥିଲେ ହେଁ ଶତକୀୟ ଇନିଂସ ପାଇଁ ଭେଙ୍କଟେଶ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଚଳିତ ଆଇପିଏଲ୍‌ରେ ମୁମ୍ବାଇର ଏହା ଦ୍ୱିତୀୟ ବିଜୟ ହୋଇଥିବାବେଳେ କୋଲକାତାର ତୃତୀୟ ପରାଜୟ।

ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ୧୧ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭେଙ୍କଟେଶ୍ ଦୃଢ଼ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିବାବେଳେ ଅନ୍ୟ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ କୋଲକାତା ଇନିଂସ ୧୮୫/୬ରେ ସୀମିତ ରହିଯାଇଥିଲା। ୫୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଭେଙ୍କଟେଶ୍ ୬ ଚୌକା ଓ ୯ ଛକା ସହାୟତାରେ ୧୦୪ ରନ ସଂଗ୍ରହ କରିଥିଲେ। ଚଳିତ ଆଇପିଏଲ୍‌ରେ ଏହାଥିଲା ଦ୍ୱିତୀୟ ଶତକ। ପୂର୍ବ ମ୍ୟାଚଗୁଡ଼ିକରେ ଦ୍ରୁତ ହାରରେ ରନ୍ ସଂଗ୍ରହ କରି ଚର୍ଚ୍ଚାରେ ରହିଥିବା ରିଙ୍କୁ ସିଂ (୧୮ ରନ), ଶାର୍ଦ୍ଦୁଳ ଠାକୁର (୧୩), ଅଧିନାୟକ ନୀତୀଶ ରାଣା (୫) ଏଠାରେ ଫେଲ ମାରିଥିଲେ। ନୀତୀଶଙ୍କୁ ଆଉଟ କରିବାପରେ ହ୍ରିତିକ ଶୋକେନ ବିଦାୟ ପଥ ଦେଖାଇଥିଲେ। ଫଳରେ ନୀତୀଶ ଉତ୍ତେଜିତ ହୋଇପଡ଼ିଥିଲେ। ମୁମ୍ବାଇର ଅଧିନାୟକ ଦାୟିତ୍ୱ ତୁଲାଉଥିବା ସୂର୍ଯ୍ୟକୁମାର ଯାଦବ ଏବଂ ଅଭିଜ୍ଞ ସ୍ପିନର ପୀୟୂଷ ଚାୱଲାଙ୍କ ହସ୍ତକ୍ଷେପ ଯୋଗୁ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିଲା। ମୁମ୍ବାଇ ବୋଲରଙ୍କ ମଧ୍ୟରେ ହ୍ରିତିକ ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

ପାକସ୍ଥଳୀରେ ଯନ୍ତ୍ରଣା ଯୋଗୁ ରୋହିତ ଶର୍ମା ଏହି ମ୍ୟାଚରେ ନେତୃତ୍ୱ ନେଇ ନ ଥିଲେ କି ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇ ନ ଥିଲେ। ତେବେ ସେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ଆସି ବ୍ୟାଟିଂ ସମୟରେ ଇନିଂସ ଓପନ କରିଥିଲେ। ମୁମ୍ବାଇ ରୋହିତ ଓ ଇଶାନ କିଶନଙ୍କ ସହାୟତାରେ ଦ୍ରୁତ ଆରମ୍ଭ କରିଥିଲା। ଦୁହେଁ ଓପନିଂ ଯୋଡ଼ିରେ ୨୯ ବଲ୍‌ରୁ ୬୫ ରନ ସଂଗ୍ରହ କରି ଦଳର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲେ। ରୋହିତ ୨୦ ରନରେ ଆଉଟ ହୋଇଥିବାବେଳେ ଏଠାରେ ଫର୍ମକୁ ଫେରି କିଶନ ୫୮ (୨୫ ବଲ, ୫ ଚୌକା, ୫ ଛକା) ଓ ସୂର୍ଯ୍ୟକୁମାର ୪୩ (୨୫ ବଲ, ୪ ଚୌକା, ୩ ଛକା) ରନ ସ୍କୋର କରିଥିଲେ। ମିଡିଲ ଅର୍ଡରରେ ତିଲକ ବର୍ମା ୩୦ (୨୫ ବଲ, ୩ ଚୌକା, ୧ ଛକା) ରନ କରିଥିଲେ। ଟିମ୍ ଡାଭିଡ ୨୪ (୧୩ ବଲ, ୧ ଚୌକା, ୨ ଛକା) ରନରେ ଅପରାଜିତ ରହି ୨.୨ ଓଭର ପୂର୍ବରୁ ଦଳକୁ ଜିତାଇଥିଲେ। କୋଲକାତା ବୋଲରଙ୍କ ମଧ୍ୟରେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ସୁୟାଶ ଶର୍ମା ସର୍ବାଧିକ ୨ଟି ଉଇକେଟ ନେଇଥିଲେ।



ଶତକ ହାସଲପରେ ଭେଙ୍କଟେଶ୍ ଆୟାର।

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୮୫/୬ (ଭେଙ୍କଟେଶ୍ ଆୟାର-୧୦୪, ଆନ୍ଦ୍ରେ ରସେଲ-୨୧*, ହ୍ରିତିକ ଶୋକେନ-୨/୩୪, ପୀୟୂଷ ଚାୱଲା-୧/୧୯, କାମେରନ ଗ୍ରୀନ୍-୧/୨୦, ରିଲେ ମେରେଡିଥ୍-୧/୪୦, ଡୁଆନ ଜାନସେନ-୧/୫୩)। ମୁମ୍ବାଇ ଇଣ୍ଡିଆନ୍ସ ୧୭.୪ ଓଭରରେ ୧୮୬/୫ (ଇଶାନ କିଶନ-୫୮, ସୂର୍ଯ୍ୟକୁମାର ଯାଦବ-୪୩, ତିଲକ ବର୍ମା-୩୦, ଟିମ୍ ଡାଭିଡ-୨୪*, ସୁୟାଶ ଶର୍ମା-୨/୨୭, ଲୋକି ଫର୍ଗୁସନ-୧/୧୯, ଶାର୍ଦ୍ଦୁଳ ଠାକୁର-୧/୨୫, ବରୁଣ ଚକ୍ରବର୍ତ୍ତୀ-୧/୩୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
**ବାଙ୍ଗାଲୋର ବନାମ ଚେନ୍ନାଇ**
ସ୍ଥାନ:ବେଙ୍ଗାଲୁରୁ, ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ନୀତୀଶ-ହ୍ରିତିକ୍ କନ୍ଦଳ ପଦାରେ ପଡ଼ିଲା



ହ୍ରିତିକ୍ ଶୋକିନ


ନୀତୀଶ ରାଣା

**ମୁମ୍ବାଇ, ୧୬।୪ (ପି.ଟି.):** ଭାରତୀୟ ଘରୋଇ ସର୍କିଟରେ ଦୁଇ ଖେଳାଳିଙ୍କ ମଧ୍ୟରେ ରହିଥିବା ଶତ୍ରୁତା ଆଇପିଏଲ୍ ଷ୍ଟେଜ୍‌ରେ ଦେଖିବାକୁ ମିଳିଛି। କ୍ରିକେଟର ଦ୍ୱୟ ହେଲେ କୋଲକାତା ନାଇଟ ରାଇଡର୍ସ ଅଧିନାୟକ ନୀତୀଶ ରାଣା ଓ ମୁମ୍ବାଇ ଇଣ୍ଡିଆନ୍ସର ହ୍ରିତିକ୍ ଶୋକିନ। ଏହି ଘଟଣା ୱାଙ୍ଖେଡେ ଷ୍ଟାଡିୟମରେ ସେମାନଙ୍କ ମ୍ୟାଚର ୯ମ ଓଭରରେ ଘଟିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ବୋଲର କେକେଆର ଅଧିନାୟକଙ୍କୁ ଆଉଟ କରିବା ପରେ ତାଙ୍କୁ ଆକ୍ଷେପ କରି କିଛି କହିଥିଲେ। ତାହା ଶୁଣି ପ୍ୟାଭିଲିୟନ ଆଡକୁ ମୁହାଁଉଥିବା ରାଣା ଟ୍ରାକ୍‌ରେ ଅଟକି ଯାଇଥିଲେ ଏବଂ ବୁଲିପଡ଼ି ବୋଲରଙ୍କୁ ଲକ୍ଷ୍ୟ କରି କିଛି ଟିପ୍ପଣୀ ଦେଇଥିଲେ। ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଯିବାରୁ ମୁମ୍ବାଇ ଇଣ୍ଡିଆନ୍ସର କାମଚଳା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଗେମ୍‌ର ସବୁଠାର ସିନିୟର ଖେଳାଳି ପୀୟୂଷ ଚାୱଲା ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ସମ୍ଭାଳିଥିଲେ। ସୂଚନାଯୋଗ୍ୟ, ଘରୋଇ କ୍ରିକେଟରେ ରାଣା ଓ ଶୋକିନ୍ ଉଭୟେ ଦିଲ୍ଲୀ ତରଫରୁ ପ୍ରତିନିଧିତ୍ୱ କରିଥାନ୍ତି। କିନ୍ତୁ ଉଭୟେ ଡ୍ରେସିଂ ରୁମ୍‌ରେ ପରସ୍ପର କେବେ କଥା ହୋଇ ନ ଥାନ୍ତି। ରବିବାର ମ୍ୟାଚରେ ବ୍ୟାଟିଂରେ ରାଣାଙ୍କ ପ୍ରଦର୍ଶନ ଭଲ ନ ଥିଲା। ସେ ୧୦ ବଲ୍‌ର ସାମ୍ନା କରି ମାତ୍ର ୫ ରନ କରିବାରେ ସମର୍ଥ ହୋଇଥିଲେ। ଅନ୍ୟପକ୍ଷରେ ଶୋକିନ୍‌ଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେ ତାଙ୍କ ୪ ଓଭର ବୋଲିଂରେ ୩୯ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ତନ୍ମଧ୍ୟରେ କେକେଆର ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ଉଇକେଟ ସାମିଲ। ପୁନଶ୍ଚ ସେ କାମେରନ ଗ୍ରିନ୍‌ଙ୍କ ବୋଲିଂରେ ଏନ. ଜଗଦିଶନଙ୍କ କ୍ୟାଚ ନେଇ ତାଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ଦେଇଥିଲେ।

# ଓସିଏ କ୍ୟୁରେଟର କର୍ମଶାଳା

**ଭୁବନେଶ୍ୱର, ୧୬।୪ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା କ୍ରିକେଟ ଆସୋସିଏଶନ ତରଫରୁ କ୍ୟୁରେଟରମାନଙ୍କର ଏକ ଦୁଇ ଦିନିଆ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଛି। ଓସିଏର ଉଚ୍ଚାଭିଳାଷୀ ଭିଜନ@ ୨୦୨୪ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ସ୍ୱରୂପ ଏହାର ଆୟୋଜନ କରାଯାଇଥିଲା। ଓଡ଼ିଶାର ପ୍ରାୟ ସମସ୍ତ ଜିଲାରେ ରହିଥିବା ଟର୍ଫ ଉଇକେଟକୁ ବିକଶିତ କରିବା ସହ ଏହାର ରକ୍ଷଣାବେକ୍ଷଣା ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା। କର୍ମଶାଳାରେ ମୋଟ ୩୧ ପ୍ରତିନିଧି ଯୋଗଦେଇ ଥିଲେ। କ୍ୟୁରେଟର ଏଜୁକେଟର ଟିମ୍‌ର ନେତୃତ୍ୱ ନେଇଥିଲେ ଓସିଏ ଚିଫ୍ କ୍ୟୁରେଟର ପଙ୍କଜ କୁମାର ପଟ୍ଟନାୟକ। ଅନ୍ୟ ଯେଉଁ ଏଜୁକେଟରମାନେ ଉପସ୍ଥିତ ଥିଲେ ସେମାନେ ହେଲେ ଅଞ୍ଜନ କୁମାର ଖୁଣ୍ଟିଆ (କ୍ୟୁରେଟର ଓସିଏ), ବିଭୁ ଶତପଥୀ ଏବଂ ହୃଷୀକେଶ ସିଂ (ଓସିଏ କ୍ୟୁରେଟର)। ଓସିଏ ତରଫରୁ ଏହାର ସିଇଓ ସୁବ୍ରତ କୁମାର ବେହେରା ମଧ୍ୟ ଏହି କର୍ମଶାଳାରେ ଉପସ୍ଥିତ ଥିଲେ।

# ଆଇପିଏଲ୍‌ରେ ପ୍ରଥମ ବାପପୁଅ ସଚିନ ତେନ୍ଦୁଲକର-ଅର୍ଜୁନ

ମୁମ୍ବାଇ, ୧୬।୪

ପ୍ରଶଂସକମାନଙ୍କର ଦୁଇ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷରେ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ରବିବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଖେଳି ତାଙ୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପଦାର୍ପଣ କରିଛନ୍ତି। ଏହି ବଡ଼ ମୁକାବିଲାରେ ଅର୍ଜୁନ ମୁମ୍ବାଇ ଇଣ୍ଡିଆନ୍ସର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିଲେ। ସିଜନର ପ୍ରଥମ ୩ଟି ମ୍ୟାଚ ଖେଳିଥିବା ଅର୍ଶାଦ ଖାଁଙ୍କ ସ୍ଥାନରେ ତାଙ୍କୁ ଦଳରେ ପ୍ରବେଶ ମିଳିଛି। ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ପସନ୍ଦ ଭାରତୀୟ ପେସ୍ ବୋଲିଂ ବିକଳ୍ପ ସନ୍ଧାନରେ ଥିଲା। ଟିମ୍ ମ୍ୟାନେଜମେଣ୍ଟ ସଦ୍ୟତମ ଖେଳାଳି ଭାବେ ଅର୍ଜୁନଙ୍କୁ ପସନ୍ଦ କରିଛି। ବୁମ୍‌ରାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ପ୍ରଥମେ ସନ୍ଦୀପ ୱାରିୟର୍ସଙ୍କୁ ପସନ୍ଦ କରାଯାଇଥିଲା। କିନ୍ତୁ ସେ ଏପର୍ଯ୍ୟନ୍ତ ଖେଳିବା ସୁଯୋଗ ପାଇନାହାନ୍ତି। ଅର୍ଜୁନଙ୍କୁ ରୋହିତ ଶର୍ମା କ୍ୟାପ୍ ପ୍ରଦାନ କରିଥିଲେ। ରବିବାର ମ୍ୟାଚରେ ସେ ପ୍ରଥମ ଓଭର ବୋଲିଂ କରିଥିଲେ ଏବଂ ୪ ରନ ଦେଇଥିଲେ। ଘଟଣାକ୍ରମେ ଆଇପିଏଲ୍ ଖେଳିବାରେ ଅର୍ଜୁନ ଓ ସଚିନ ତେନ୍ଦୁଲକର ପ୍ରଥମ ପିତା-ପୁତ୍ର ଯୋଡ଼ି ହେବାର ଗୌରବ ଅର୍ଜନ କରିଛନ୍ତି। ସଚିନ ମଧ୍ୟ ଅତୀତରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଛନ୍ତି। ସେ ଥିଲେ ଦଳର ପ୍ରଥମ ଅଧିନାୟକ। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୦ରେ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା। ସେହି ସିଜନରେ ସଚିନ ଅରେଞ୍ଜ କ୍ୟାପ ହାସଲ କରିଥିଲେ। କିନ୍ତୁ ତାଙ୍କ ଦଳ ଟାଇଟଲ ମୁକାବିଲାରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ଠାରୁ ହାରିଯାଇଥିଲା। ପରବର୍ତ୍ତୀ ବର୍ଷ ଏହି କିମ୍ବଦନ୍ତୀ ଭାରତୀୟ କ୍ରିକେଟର ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ତାଙ୍କ ଶେଷ ଗେମ୍ ଚାମ୍ପିୟନ୍ସ ଲିଗ୍‌ରେ ରାହୁଲ ଦ୍ରାବିଡ୍‌ଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିଥିଲେ। ମୁମ୍ବାଇ ଦଳ ଏହି ମ୍ୟାଚରେ ବିଜୟ ଲାଭ କରିଥିଲା। ବର୍ତ୍ତମାନ ସେ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ ମ୍ୟାନେଜମେଣ୍ଟରେ ମେଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି।

ଅର୍ଜୁନଙ୍କ ସମ୍ପର୍କରେ କହିବାକୁ ଗଲେ, ସେ ପ୍ରଥମେ ମୁମ୍ବାଇରୁ ଗୋଆ ଯାଇ ଘରୋଇ ସିଜନରେ ପାଦ ଦେଇଥିଲେ। ରଣଜୀ ଟ୍ରଫି ପଦାର୍ପଣରେ ସେ ଏକ ଶତକ ହାସଲ କରିଥିଲେ। ୨୦୨୨-୨୩ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟରେ ସେ ୭ ମ୍ୟାଚ ଖେଳି ୧୦ ଉଇକେଟ ନେଇଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଆଉ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଡୁଆନ ଜାନସେନ୍ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଛନ୍ତି। ଡୁଆନ ହେଉଛନ୍ତି ମାର୍କୋ ଜାନସେନ୍‌ଙ୍କ ଯମଜ ଭ୍ରାତା, ଯିଏକି ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳୁଛନ୍ତି। ଦୁହେଁ ଆଇପିଏଲ୍ ଖେଳିବାରେ ପ୍ରଥମ ଯମଜ ଭ୍ରାତା।


ସଚିନ ତେନ୍ଦୁଲକର



ଅର୍ଜୁନ (ଡାହାଣ)ଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାପ ପ୍ରଦାନ କରୁଛନ୍ତି ରୋହିତ ଶର୍ମା।

# ଯାଆଁଳା ଭାଇ ଡୁଆନ-ମାର୍କୋ ଜାନସେନ

ମୁମ୍ବାଇ, ୧୬।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଇତିହାସରେ ଦୁଇ ଭାଇ ଖେଳିବାର ଅନେକ ନଜିର ରହିଛି। ମାତ୍ର ପ୍ରଥମ ଯାଆଁଳାଭାଇ ଚଳିତ ସଂସ୍କରଣରେ ଖେଳିଛନ୍ତି। ସେ ହେଲେ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଓ ଡୁଆନ ଜାନସେନ। ବାମହାତୀ ଦ୍ରୁତବୋଲର ମାର୍କୋ ଜାନସେନ ୨୦୨୧ରୁ ଆଇପିଏଲ୍‌ରେ ଖେଳିଆସୁଛନ୍ତି। ଇତିମଧ୍ୟରେ ସେ ୧୨ଟି ମ୍ୟାଚ ଖେଳି ୧୩ଟି ଉଇକେଟ ନେଇସାରିଛନ୍ତି। ଚଳିତ ସଂସ୍କରଣରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ମାର୍କୋ ଜାନସେନ୍ କିନ୍ତୁ ରବିବାର ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ସେ ପ୍ରଥମ ଆଇପିଏଲ୍ ମ୍ୟାଚ ଖେଳିଛନ୍ତି। ୨୦୦୦ ମେ'୧ରେ ଦକ୍ଷିଣ ଆଫ୍ରିକା ନର୍ଥ ୱେଷ୍ଟର କ୍ଲେକ୍ସଡର୍ପଠାରେ ଦୁଇ ଭାଇଙ୍କର ଜନ୍ମ। ମାର୍କୋଙ୍କ ପରି ଡୁଆନ ମଧ୍ୟ ଜଣେ ବାମହାତୀ ଦ୍ରୁତ ବୋଲର। ସେ ନିଜର ପ୍ରଥମ ଆଇପିଏଲ୍ ମ୍ୟାଚରେ ୪ ଓଭର ବୋଲିଂ କରି ୫୩ ରନ ବିନିମୟରେ ଗୋଟିଏ ଉଇକେଟ ନେଇଛନ୍ତି।



ଡୁଆନ ଜାନସେନ



ମାର୍କୋ ଜାନସେନ

ଆଇପିଏଲ୍‌ରେ ଦୁଇ ଭାଇ
ଇରଫାନ ପଠାନ-ୟୁସୁଫ ପଠାନ
ଶନ୍ ମାର୍ଶ-ମିଚେଲ ମାର୍ଶ
ମାଇକେଲ ହସି-ଡେଭିଡ ହସି
ଆଲ୍‌ବି ମୋର୍କେଲ-ମୋର୍ନେ ମୋର୍କେଲ
ବ୍ରେଣ୍ଡନ ମ୍ୟାକକୁଲମ-ନାଥାନ ମ୍ୟାକକୁଲମ
ଡ୍ୱେନ ବ୍ରାଭୋ-ଡାରେନ ବ୍ରାଭୋ
ସିଦ୍ଧାର୍ଥ କୌଲ-ଉଦୟ କୌଲ
ହାର୍ଦ୍ଦିକ ପାଣ୍ଡ୍ୟା-କ୍ରୁନାଲ ପାଣ୍ଡ୍ୟା
ସାମ୍ କୁରାନ-ଟମ୍ କୁରାନ
ଯାଆଁଳା ଭାଇ
ମାର୍କୋ ଜାନସେନ-ଡୁଆନ ଜାନସେନ


# Classified Everyday 0674-2580101, 2549949


REAL ESTATE

**SALE**

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Grandbazar** ସମ୍ମୁଖରୁ **walkable** ଦୂରତାରେ ଘର ଉପଯୋଗୀ **plot** କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। **8249310759.** D-74841

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837


CONSTRUCTION

**Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101.** D-0081

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




House for rent- 1BHK, Flat, Ground Floor, 1Bathroom for Family. Lingaraj Vihar, Pokhariput. Contact: 9938136307. D-0110

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open SPA positively health benefits with expert therapist. 7849011931. D-73698

Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-74670

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Fullbody massage, refresh, relaxed by expert Lady Therapist. Contact: 8480939300. D-0029

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

All type of professional full body massage by professional therapist at Rajmahal @ 999. Contact: 7855053566. D-0078

Newly open health benefits Spa special offer @999 Nayapalli. 7846814019. D-73699

Newly open Spa Positively health benefit with expert. Contact- 7749976301 D-74532


BUSINESS

**Sai Jagannath Waste consultancy services Please contact for any kind of solid waste (Industrial/ MSW) utilisation/ recycling/ solutions. Contact: 7436986437.** D-0103

**ଶ୍ରୀଯୁକ୍ତ ସହଦେବ ନାୟକଙ୍କ Ph.D. ଉପାଧି ଲାଭ**


ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ Culture Studiesରେ ଶ୍ରୀ ସହଦେବ ନାୟକ ସମ୍ମାନଜନକ ଡକ୍ଟରେଟ୍ (Ph.D) ଉପାଧି ଲାଭ କରିଛନ୍ତି। ସେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, କାଇପଦର, ଖୋର୍ଦ୍ଧାର ଇତିହାସ ବିଭାଗ ଅଧ୍ୟାପକ ଡ଼କ୍ଟର ଜନ୍ମେଜୟ ଖୈଁଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ " The Folk Culture of Khordha: A Critical Study" ସନ୍ଦର୍ଭଟି ରଚନା କରି ଏହି ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ଗବେଷଣାତ୍ମକ ସନ୍ଦର୍ଭଟି Central University, Tirupatiର ପ୍ରଫେସର ଡ଼କ୍ଟର ଆନନ୍ଦ ନାଇଡୁ ଓ Central University. Tamilnaduର ପ୍ରଫେସର ଡ଼କ୍ଟର ଭଗବାନ ସାହୁଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଗବେଷକ ସହଦେବ ନାୟକ ବର୍ତ୍ତମାନ ଅର୍ଜୁନ ରାଉତ ସ୍ମାରକୀ ଜୁନିଅର ମହାବିଦ୍ୟାଳୟ, ମୟୂରଝାଲିଆ, ନୟାଗଡ଼ ଜିଲ୍ଲାର ଅଧ୍ୟକ୍ଷ ରୂପେ କାର୍ଯ୍ୟରତ। ଶ୍ରୀ ନାୟକ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ପଞ୍ଚାୟତ କାୟା (ସୁବଳପାଟଣା) ଗ୍ରାମ ନିବାସୀ ୰ ହାଡ଼ିବନ୍ଧୁ ନାୟକ ଓ ୰ ତାରାମଣୀ ନାୟକଙ୍କ କନିଷ୍ଠ ପୁତ୍ର। ଏହି ସଫଳତା ପାଇଁ କ୍ଷେତ୍ରବାସୀ ଡ଼ି.ଏ.ଭି. କଲେଜର ପୂର୍ବତନ ଅଧ୍ୟକ୍ଷ ଡ଼କ୍ଟର ଜୀବନକୃଷ୍ଣ ଦାସମହାପାତ୍ର, ନାଚୁଣୀ କଲେଜର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ବେବର୍ତ୍ତା, ନିଜର ପରିବାରବର୍ଗ, ଡ଼କ୍ଟର ଖୈଁଧୁରୀଙ୍କର ସହଧର୍ମିଣୀ ୰ ଜୟଶ୍ରୀ ଖୈଁଧୁରୀ, ନିଜ କଲେଜର ସହକର୍ମୀ ଏବଂ କର୍ମଘରୀ ବୃନ୍ଦ, ପାଠ ପଢ଼ିଥିବା ସ୍କୁଲ କଲେଜର ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ତଥା ସାଙ୍ଗସାଥୀ ମାନଙ୍କୁ ଏହି ସଫଳତା ପାଇଁ ଶ୍ରେୟ ପ୍ରଦାନ କରିଛନ୍ତି।
ଧ-୦୧୧୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଦୁର୍ବଳ ହେଉଛି ପୃଥିବୀର ଚୁମ୍ବକୀୟ କ୍ଷେତ୍ର



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ଏବଂ ଦିଗ ଅନବରତ ବଦଳୁଥାଏ। ଅଧ୍ୟୟନରୁ ଜଣାପଡିଛି ଯେ, ବିଗତ ୨୦୦ ବର୍ଷ ମଧ୍ୟରେ ଏହାର ସାମର୍ଥ୍ୟ ପ୍ରାୟ ୯ ଶତାଂଶ ହ୍ରାସ ପାଇଲାଣି। ଫଳରେ ଆଫ୍ରିକା ଏବଂ ଦକ୍ଷିଣ ଆମେରିକା ମଧ୍ୟରେ ଏକ ବୃହତ ଅଞ୍ଚଳରେ ଚୁମ୍ବକୀୟ ତୀବ୍ରତା ହ୍ରାସ ପାଇଛି। ଏହାକୁ 'ଦକ୍ଷିଣ ଆଟଲାଣ୍ଟିକ୍ ଅସଂଗତି' ବୋଲି କୁହାଯାଉଛି।''



ଆମ ଗ୍ରହ ପୃଥିବୀକୁ ଏକ ସୁରକ୍ଷାକବଚ ରୂପେ ଏହାର ଆଭ୍ୟନ୍ତରରୁ ମହାକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ରହି ସୌରବାୟୁରେ ଥିବା ଉଚ୍ଚ ଶକ୍ତିସମ୍ପନ୍ନ ବୈଦ୍ୟୁତିକ କଣିକା ଏକ ଶକ୍ତିଶାଳୀ ମହାଜାଗତିକ ରଶ୍ମିର ଘାତକ ପ୍ରଭାବରୁ ରକ୍ଷା କରୁଛି ଏହାର ଚୁମ୍ବକୀୟ କ୍ଷେତ୍ର। ଫଳରେ ଏହାର ପୃଷ୍ଠରେ ଜୀବ ଜଗତଟିଏ ସୃଷ୍ଟି ହେବା ଏବଂ ତାହା ବିକଶିତ ହେବା ସମ୍ଭବପର ହୋଇପାରିଛି। ଭୂପୃଷ୍ଠର ପ୍ରାୟ ୩୦୦୦ କିମି ତଳେ ଭୂଗର୍ଭ କେନ୍ଦ୍ରର ବାହ୍ୟ ସ୍ତରରେ ରହିଛି ତରଳ, ଲୌହ ଏବଂ ନିକେଲ୍‌ର ଏକ ମିଶ୍ରଣ। ଏହା ସଦାସର୍ବଦା ଘୂର୍ଣ୍ଣନରତ। ଫଳରେ ସାଇକେଲର ଡାଇନୋମା ଭଳି କାର୍ଯ୍ୟ କରି ଏଥିରୁ ଉତ୍ପନ୍ନ ହେଉଥିବା ବୈଦ୍ୟୁତିକ ପ୍ରବାହ ହେତୁ ଏହି ଚୁମ୍ବକୀୟ କ୍ଷେତ୍ରର ସୃଷ୍ଟି, ଯାହାକି କ୍ରମାଗତ ଭାବେ ପରିବର୍ତ୍ତନଶୀଳ।

ପୃଥିବୀର ଘୂର୍ଣ୍ଣନ ଅକ୍ଷ ଦଣ୍ଡ ସହିତ ପ୍ରାୟ ୧୧ ଡିଗ୍ରୀ କୋଣ ଅଙ୍କନ କରି ତଳେ ରହିଥିବା ଏକ ଚୁମ୍ବକୀୟ ଦ୍ୱିମେରୁର କ୍ଷେତ୍ର ଦ୍ୱାରା ଏହାକୁ ସୂଚିତ କରାଯାଏ। ମନେକରାଯାଏ ସତେଯେପରି ସେହି କୋଣ ଅଙ୍କନ କରି ଏକ ବିଶା ଦଣ୍ଡ ଚୁମ୍ବକ ପୃଥିବୀର କେନ୍ଦ୍ରରେ ରହିଛି। ଏହାର ଦୁଇଟିଯାକ ମେରୁ ପୃଥିବୀର ଭୌଗୋଳିକ ମେରୁ ନିକଟରେ ଚୁମ୍ବକୀୟ ଉତ୍ତରମେରୁ ରହିଥିବା କଳ୍ପନା କରାଯାଏ।

ତାହା ଧୀର ଗତିରେ କ୍ରମାଗତ ଭାବେ ଗତିକରିଥାଆନ୍ତି, କିନ୍ତୁ ଖୁବ୍ ମନ୍ଥର ହୋଇଥିବାରୁ ସାଧାରଣ କମ୍ପାସରେ ଧରା ପଡ଼ନ୍ତି ନାହିଁ। ତେବେ ହାରାହାରି କେତେ ଶହ-ହଜାର ବର୍ଷ ବ୍ୟବଧାନରେ ଅନିୟମିତ ଭାବେ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଦିଗ ବଦଳାଇ ବିପରୀତ ଦିଗାଭିମୁଖୀ ହୁଏ। ଫଳରେ ଉତ୍ତର ଓ ଦକ୍ଷିଣ ଚୁମ୍ବକୀୟ ମେରୁମାନେ ପରସ୍ପର ସ୍ଥାନ ବଦଳାଇଥାଆନ୍ତି। ଏହା ଶିଳାଖଣ୍ଡମାନଙ୍କ ଉପରେ ଏପରି କିଛି ସୂଚନା ଛାଡି ଯାଆନ୍ତି, ଯାହାକି ମହାଦେଶୀୟ ଭୂ-ଚଳନ ଏବଂ ମହାସାଗରମାନଙ୍କର ଚଟାଣଗୁଡ଼ିକର ଚଳନ ଅଧ୍ୟୟନ କରିବାରେ ସାହାଯ୍ୟ କରେ।

ପୃଥିବୀର ଆୟୋନୋସ୍ଫିୟର ଉପରକୁ ରହିଛି ମାଗ୍ନେଟୋସ୍ଫିୟର ; ଯାହାକି ସଂଜ୍ଞା ଅନୁସାରେ ହେଲା ମହାକାଶ ମଧ୍ୟକୁ ଏହାର ଚୁମ୍ବକୀୟ କ୍ଷେତ୍ରର ବ୍ୟାପ୍ତି। ଏହା ବ୍ୟାପି ରହିଛି ହଜାର ହଜାର କି.ମି. ଊର୍ଦ୍ଧ୍ୱକୁ। ସୌରବାୟୁ ଏବଂ ମହାଜାଗତିକ ରଶ୍ମିରେ ଥିବା ବୈଦ୍ୟୁତିକ କଣିକାଠାରୁ ଏହା ପୃଥିବୀକୁ ସୁରକ୍ଷା ପ୍ରଦାନ କରୁ ନ ଥିଲେ ସେଗୁଡ଼ିକ ଓଜନ ସ୍ତର ସମେତ ଉପର ବାୟୁମଣ୍ଡଳକୁ ଛେଦ କରି ଦେଉଥାନ୍ତେ।

ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ଏବଂ ଦିଗ ଅନବରତ ବଦଳୁଥାଏ। ଅଧ୍ୟୟନରୁ ଜଣାପଡିଛି ଯେ, ବିଗତ ୨୦୦ ବର୍ଷ ମଧ୍ୟରେ ଏହାର ସାମର୍ଥ୍ୟ ପ୍ରାୟ ୯ ଶତାଂଶ ହ୍ରାସ ପାଇଲାଣି। ଫଳରେ ଆଫ୍ରିକା ଏବଂ ଦକ୍ଷିଣ ଆମେରିକା ମଧ୍ୟରେ ଏକ ବୃହତ ଅଞ୍ଚଳରେ ଚୁମ୍ବକୀୟ ତୀବ୍ରତା ହ୍ରାସ ପାଇଛି। ଏହାକୁ 'ଦକ୍ଷିଣ ଆଟଲାଣ୍ଟିକ୍ ଅସଂଗତି' ବୋଲି କୁହାଯାଉଛି।

ଏହି ଅଞ୍ଚଳର ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ୧୯୭୦ରୁ ୨୦୨୦ ମଧ୍ୟରେ ପ୍ରାୟ ୨୪,୦୦୦ ନାନୋଟେସଲାରୁ ୨୨,୦୦୦କୁ ହ୍ରାସ ପାଇଛି ଏବଂ ଅସଙ୍ଗତି ବଢ଼ିବା ସଙ୍ଗେ ସଙ୍ଗେ ବର୍ଷକୁ ପ୍ରାୟ ୨୦ କିମି ହାରରେ ପଶ୍ଚିମ ଦିଗରେ ଗତି କରିବାକୁ ଲାଗିଛି। ପୁନଶ୍ଚ ବିଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବନିମ୍ନ ତୀବ୍ରତାର ଆଉ ଏକ କେନ୍ଦ୍ର ଦକ୍ଷିଣ-ପଶ୍ଚିମ ଆଫ୍ରିକା ଉପରେ ସୃଷ୍ଟି ହୋଇଛି। ଅତଏବ ଦକ୍ଷିଣ ଆଟଲାଣ୍ଟିକ ଅସଙ୍ଗତି ଦୁଇ ଭାଗରେ ବିଭାଜିତ ହୋଇପାରେ ବୋଲି ଏଥିରୁ ମନେ ହେଉଛି।

ଆଗରୁ ସୂଚିତ କରାଯାଇଛି ଯେ, ପୃଥିବୀ ଚୁମ୍ବକୀୟ କ୍ଷେତ୍ରକୁ ଏକ ଶକ୍ତିଶାଳୀ ଦ୍ୱି-ମେରୁଯୁକ୍ତ ଚୁମ୍ବକଦଣ୍ଡ ରୂପେ ମନେ କରାଯାଏ, ଯାହାକି ଏହାର ଘୂର୍ଣ୍ଣନ ଅକ୍ଷ ପ୍ରତି ପ୍ରାୟ ୧୧ ଡିଗ୍ରୀ କୋଣ ଅଙ୍କନ କରିଥାଏ। ତେବେ ଦକ୍ଷିଣ ଆଟଲାଣ୍ଟିକ ଅସଙ୍ଗତିର ଅଭିବୃଦ୍ଧି ସୂଚନା ଦିଏ ଯେ, ଏହି କ୍ଷେତ୍ର ସୃଷ୍ଟି ପ୍ରକ୍ରିୟା ଅଧିକ ଜଟିଳ। ସାଧାରଣ ଦ୍ୱି-ଧ୍ରୁବୀୟ ପ୍ରତିରୂପ ବର୍ତ୍ତମାନ ବିକଶିତ ହୋଇଥିବା ଦ୍ୱିତୀୟ ସର୍ବନିମ୍ନତାକୁ ବ୍ୟାଖ୍ୟା କରିପାରେ ନାହିଁ। ତେବେ ବର୍ତ୍ତମାନ ଏହା ଦ୍ରୁତ ଗତିରେ ବଢ଼ିବାକୁ ଲାଗିଛି। ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ, ଏହାର ପରିଣାମ ହେବ ପୃଥିବୀର ଚୁମ୍ବକୀୟ ମେରୁମାନଙ୍କର ଦିଗ ପରିବର୍ତ୍ତନ। ଅର୍ଥାତ୍ ଏହାର ଦକ୍ଷିଣ ମେରୁ ଏବଂ ଉତ୍ତରମେରୁ ପରସ୍ପର ମଧ୍ୟରେ ସ୍ଥାନ ପରିବର୍ତ୍ତନ କରିଥାଆନ୍ତି। ଆମ ଗ୍ରହରେ ଏଭଳି ଘଟଣା ପ୍ରାୟ ୨୫୦,୦୦୦ରୁ ୩୦୦,୦୦୦ ବର୍ଷ ବ୍ୟବଧାନରେ ଅନେକବାର ଘଟିଛି। ଭୂପୃଷ୍ଠ ଉପରେ ଏହା କୌଣସି ବିପଦର କାରଣ ହେଲାଭଳି ମନେହୁଏ ନାହିଁ। ତେବେ ଏହାର ପରିବେଶ ଏତଦ୍ୱାରା ବେଶ୍ ପ୍ରଭାବିତ ହେବାର ସମ୍ଭାବନା ରହିଛି।

ପ୍ରଥମତଃ ମେରୁମାନଙ୍କ ଦିଗ ପରିବର୍ତ୍ତନ ପ୍ରକ୍ରିୟା ଚାଲିଥିଲା ବେଳେ ସେ ଦୁଇଟି ଗୋଟିଏ ସ୍ଥାନକୁ କିଛି ସମୟ ପାଇଁ ଆସିପାରନ୍ତି। ଏ ସମୟରେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ଶୂନରେ ପହଞ୍ଚିପାରେ। ଅତଏବ ତାହା ବାୟୁମଣ୍ଡଳକୁ ମହାଜାଗତିକ କଣିକା ଏବଂ ସୌରବାୟୁରୁ ସୁରକ୍ଷା ଦେବାକୁ ସମର୍ଥ ହୋଇ ନ ପାରେ। ଫଳରେ ସେଗୁଡ଼ିକ କିଛି ମାତ୍ରାରେ ଭୂପୃଷ୍ଠ ପର୍ଯ୍ୟନ୍ତ ଆସି ଜୀବ ଏବଂ ଉଦ୍ଭିଦମାନଙ୍କର ଜୈବିକ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଇପାରନ୍ତି।

ଦ୍ୱିତୀୟତଃ ଏହାଦ୍ୱାରା ପୃଥିବୀ କକ୍ଷରେ ପରିକ୍ରମଣ କରୁଥିବା କୃତ୍ରିମ ଉପଗ୍ରହ ବା ମହାକାଶଯାନ ଗଭୀର ଭାବରେ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅତଏବ ସେଗୁଡ଼ିକ ଉପରେ ନିର୍ଭରଶୀଳ ଇଣ୍ଟରନେଟ୍, ମୋବାଇଲ ଫୋନ୍, ଟେଲିଭିଜନ ଆଦି ସେଥିରୁ ଠିକ୍ ରୂପେ ସୂଚନା ପାଇପାରିବେ ନାହିଁ। ଏପରିକି ଉଡାଜାହାଜଗୁଡ଼ିକ ଉଡ଼ିବା ସମୟରେ ଦିଗ ଓ ଦୂରତ୍ୱ ଗଣନା ପ୍ରକ୍ରିୟା ମଧ୍ୟ ଏହାଦ୍ୱାରା ବ୍ୟାହତ ହୋଇପାରେ।

ତୃତୀୟତଃ ପରିବ୍ରାଜୀ ପକ୍ଷୀ ଏବଂ କେତେକ ପ୍ରାଣୀ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଆଶ୍ରାକରି ଦିଗନିର୍ଣ୍ଣୟ କରିଥାଆନ୍ତି। ଏହାର ସାମର୍ଥ୍ୟ ହ୍ରାସ ପାଇଲେ କିମ୍ବା କିଛି କାଳ ପାଇଁ ଶୂନ ହୋଇଗଲେ ସେମାନେ ଏହି କାର୍ଯ୍ୟ କରିପାରିବେ ନାହିଁ।

ଏହାବ୍ୟତୀତ ଏହାର ପ୍ରାୟ ସମସ୍ତ ଇଲେକଟ୍ରୋନିକ୍ ଯନ୍ତ୍ରପାତି ଉପରେ କିଛି ନା କିଛି ପ୍ରଭାବ ରହିବ ବୋଲି ଆଶା କରାଯାଏ। ତେବେ ସେସବୁଗୁଡ଼ିକ ଆଜି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ରୂପେ ନିର୍ଦ୍ଧାରଣ କରାଯାଇପାରିବ ନାହିଁ।

-ଉଷା ନିବାସ, ୧୨୪/୨୪୫୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୩୦୧୪୩୦



## କ୍ୟାନ୍‌ସର ଆଶଙ୍କା ଓ ଅବସାଦ



ଆଜିକାଲି ଅନେକେ ଅବସାଦର ସମ୍ମୁଖୀନ ହେଉଛନ୍ତି। ଯଦି ଏଭଳି ସମସ୍ୟା ସହ ଜଡ଼ିତ ତେବେ ନିଜକୁ ଯେତେ ସମ୍ଭବ ଏହାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ଭବିଷ୍ୟତରେ ଏହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିକଟରେ ଏକ ଗବେଷଣାରୁ ନୂଆ କଥା ଜାଣି ପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଅବସାଦଗ୍ରସ୍ତ ହୋଇ ରୁହନ୍ତି, ତେବେ ସେ କ୍ୟାନ୍‌ସର ପରି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏପରି କି ଗବେଷଣା ପରିସରଭୁକ୍ତ ତଥା ଦୀର୍ଘକାଳୀନ ଅବସାଦର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ଦେଖିବାକୁ ମିଳିଥିଲା। ଅବସାଦଠାରୁ ନିଜକୁ ଦୂରେଇ ରଖିବା ଲାଗି ପ୍ରଥମେ ନିଜର ମାନସିକତାକୁ ଯେତେସମ୍ଭବ ସକାରାତ୍ମକ ରଖନ୍ତୁ। ଯଦି ଏ ନେଇ କିଛି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିଲେ...



ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକ ସମସ୍ୟା ଅଛି ତେବେ ଖାଦ୍ୟପେୟ ପ୍ରତି ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ। ତେଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଅଧିକ ଚର୍ବିଜାତୀୟ ଏବଂ ଫ୍ରାଏ ହୋଇଥିବା ଖାଦ୍ୟ ଅଧିକ ନ ଖାଇବା ଭଲ। ଆଚାର ଏବଂ ଅଧିକ ଲୁଣିଆ ଖାଦ୍ୟ ଯେତେକମ୍ ଖାଆନ୍ତୁ। ସୋରିଷ ମସଲାରେ ପ୍ରସ୍ତୁତ ଖାଦ୍ୟ ଏଭଳି ସମସ୍ୟାକୁ ଆହୁରି ବଢ଼ାଇ ଦେଇଥାଏ। ନିଶାଦ୍ରବ୍ୟ ସେବନ ଗ୍ୟାଷ୍ଟ୍ରିକ ସମସ୍ୟା ପାଇଁ ଆହୁରି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ତେଣୁ ଏଭଳି ଅଭ୍ୟାସକୁ ବର୍ଜନ କରନ୍ତୁ। ଅଧିକ କୋଲେଷ୍ଟରଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ, କାରଣ ଏହା ହଜମ କ୍ରିୟାରେ ବାଧା ସୃଷ୍ଟି କରିଥାଏ। ଦୁଗ୍ଧଜାତୀୟ ଖାଦ୍ୟ-ମିଲ୍‌କ ସେକ୍, କ୍ଷୀର ସର, ଛେନା, ଆଇସକ୍ରିମଠାରୁ ଦୂରେଇ ରୁହନ୍ତୁ। ଆଉ ଏକ କଥାକୁ ଗୁରୁତ୍ୱ ଦେବା ନିହାତି ଦରକାର। ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକ୍ ସମସ୍ୟା ରହିଛି, ତେବେ କଦାପି ପେଟପୂରା ଖାଆନ୍ତୁ ନାହିଁ। ତା'ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ପ୍ରତିଦିନ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।

## ଆଲର୍ଜିରୁ ରକ୍ଷା ପାଇବା ଲାଗି...



ଏବେ ଆଲର୍ଜି ଏକ ସାଧାରଣ ସମସ୍ୟା ପାଲଟିଗଲାଣି କହିଲେ ଭୁଲ ହେବ ନାହିଁ। ତେବେ ଏହାଠାରୁ ନିଜକୁ ରକ୍ଷା କରିବା ଲାଗି କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡିଥାଏ। ନିଜ ବାସସ୍ଥାନ ଏବଂ ତାହାର ବାହାର ପରିବେଶ ମଧ୍ୟ ସଫା ରଖନ୍ତୁ। ଏହାଦ୍ୱାରା ଘର ଭିତରକୁ ସୂର୍ଯ୍ୟକିରଣ ପର୍ଯ୍ୟାପ୍ତ ପରିମାଣରେ ପଡ଼ିପାରିବ। ଘର ଭିତରକୁ ପବନ ଭଲ ଭାବରେ ଯିବା ଆସିବା କଲେ ଘର ଭିତରେ ଥିବା ଜୀବାଣୁ ନଷ୍ଟ ହୋଇଯିବେ। ଆଲର୍ଜି ସୃଷ୍ଟି କରୁଥିବା ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଗରମ ସ୍ଥାନରୁ ଥଣ୍ଡା ସ୍ଥାନକୁ କିମ୍ବା ଥଣ୍ଡା ସ୍ଥାନରୁ ଗରମ ସ୍ଥାନକୁ ଯାଆନ୍ତୁ ନାହିଁ। ଘରୁ ବାହାରକୁ ଗଲେ ମୁହଁକୁ ମାସ୍କ କିମ୍ବା ରୁମାଲରେ ଢାଙ୍କିବାକୁ ଭୁଲନ୍ତୁ ନାହିଁ। ଶୋଉଥିବା ବେଡସିଟ୍, ତକିଆ କଭର ନିୟମିତ ସମୟ ଅନ୍ତରାଳରେ ଉଷୁମ ପାଣିରେ ସଫା କରନ୍ତୁ।

## ରୋଗମୁକ୍ତ ଜୀବନ ପାଇଁ...

ନିଜେ ସତର୍କ ନ ହେଲେ ଯେ କୌଣସି ସମୟରେ ରୋଗ ହେବାର ଆଶଙ୍କା ରହିଛି। ତେବେ ନିଜକୁ ନୀରୋଗ ରଖିବାକୁ ହେଲେ କେତେକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ରଥମ ହେଲା- ଖାଦ୍ୟପେୟ। ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ, ଯାହା ଶରୀରକୁ ରୋଗଠାରୁ ଦୂରେଇ ରଖିବ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ। ଗରିଷ୍ଠଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ସବୁବେଳେ ସୁପାଚ୍ୟ ଖାଦ୍ୟ ହିଁ ଖାଆନ୍ତୁ। ଆଉ ଏକ କଥାପ୍ରତି ଆମକୁ ଗୁରୁତ୍ୱ ଦେବା ନିହାତି ଦରକାର। ତାହା ହେଲା ଶରୀରରେ ଜଳୀୟ ଅଂଶ। ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଇବା ଦରକାର। ଏହାସହ ନିଜକୁ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରଖନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜର ଦୈନନ୍ଦିନ ଜୀବନରେ ବ୍ୟାୟାମ ସାମିଲ କରନ୍ତୁ। ଏଥିସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

➤ମାଛରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏହା ହେଉଛି ପ୍ରୋଟିନ୍‌ର ଅନ୍ୟତମ ଉତ୍ସ। ଏଥିରେ ମଧ୍ୟ ଓମେଗା-୩ ଫ୍ୟାଟି ଏସିଡ ଭରି ରହିଛି।

➤ସୁସ୍ଥ ରହିବାକୁ ହେଲେ କେବଳ ଖାଦ୍ୟପେୟ ନୁହେଁ ଆଉ ଏକ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ। ତାହା ହେଉଛି ନିଦ୍ରା। ଯଦି ଏଥିରେ ଅନିୟମିତତା ଲାଗି ରହିଲା, ତେବେ ତାହା କେତେକ ରୋଗର କାରଣ ସାଜିଥାଏ।

➤ପ୍ରତିଦିନ ଜୁସ୍ ପିଅନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ।

➤ଗୋଟିଏ ସ୍ଥାନରେ ଯଦି ଅଧିକ ସମୟ ବସି କାମ କରୁଛନ୍ତି, ତେବେ କିଛି ସମୟ ଅନ୍ତରାଳରେ ଉଠି ଚାଲବୁଲ କରନ୍ତୁ।

➤ଯଦି କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଛନ୍ତି ଏବଂ ଚଷମା ବ୍ୟବହାର କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ରାତ୍ରଭୋଜନ ଯେତେ ହାଲୁକା ହେବ ତାହା ସେତେ ଭଲ। ଏହି ସମୟରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେବା ସହ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବ ନାହିଁ।

➤ପ୍ରୋସେସ୍‌ଡ ଜଙ୍କ୍ ଫୁଡ୍ ଅଧିକ ଖାଆନ୍ତୁ ନାହିଁ।



# ହେମୋଫିଲିଆ



ଡା. ନିତ୍ୟାନନ୍ଦ ସ୍ୱାଇଁ

ଆଜି ହେଉଛି 'ବିଶ୍ୱ ହେମୋଫିଲିଆ ଦିବସ'। ସେ ବିଷୟରେ ଉପସ୍ଥାପନା...

ହେମୋଫିଲିଆ ହେଉଛି ଏକ ଜିନ୍ ରୋଗ ଓ ବଂଶାନୁକ୍ରମିକ। ଏହା ଏକ ରକ୍ତ ରୋଗ। ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ମହିଳା ବା କନ୍ୟା ସନ୍ତାନମାନେ ହେଉଛନ୍ତି ତ୍ରୁଟିଯୁକ୍ତ ଜିନ୍‌ର ବାହକ। ଏମାନଙ୍କଠାରେ ରୋଗଣା ଜିନ୍ ଥିଲେ ମଧ୍ୟ ଏମାନେ ଏହି ରୋଗ ଭୋଗି ନ ଥାନ୍ତି। ରୋଗ ଭୋଗିଥାଆନ୍ତି କେବଳ ପୁରୁଷ ବା ପୁତ୍ର ସନ୍ତାନମାନେ। ଏହି ରୋଗ ବିଷୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଏପ୍ରିଲ ୧୭ ତାରିଖକୁ 'ବିଶ୍ୱ ହେମୋଫିଲିଆ ଦିବସ' ଭାବରେ ପାଳନ କରାଯାଇଆସୁଅଛି। 'ହେମୋଫିଲିଆ ଶବ୍ଦଟିରେ ରହିଛି ଦୁଇଟି ଅଂଶ, ଯଥା 'ହେମୋ' ଏବଂ 'ଫିଲିଆ'। 'ହେମୋ' ଅର୍ଥ ରକ୍ତ ସମ୍ବନ୍ଧୀୟ ଏବଂ 'ଫିଲିଆ' ଅର୍ଥ ପ୍ରବଣତା। ଏହି ରୋଗ ହେଲେ ରକ୍ତ ଜମାଟ ବାନ୍ଧିପାରେ ନାହିଁ।

ହେଲେ କେଉଁ ଉପାଦାନ ବା ଫ୍ୟାକ୍ଟରର ଅଭାବ ଯୋଗୁ ହେମୋଫିଲିଆ ଜାତ ହୁଏ? ଜିନ୍ ଦୋଷ ଯୋଗୁ ରୋଗୀଠାରେ ବା ପୁତ୍ର ସନ୍ତାନଠାରେ ଫ୍ୟାକ୍ଟର VIII (ଏହାର ଅନ୍ୟ ନାଁ ଆଣ୍ଟି ହେମୋଫିଲିକ୍ ଫ୍ୟାକ୍ଟର) କିମ୍ବା ଫ୍ୟାକ୍ଟର IX ଆଶାନୁରୂପ ଭାବରେ ତିଆରି ହୋଇପାରେ ନାହିଁ। ସୁତରାଂ ଫ୍ୟାକ୍ଟର VIII ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ A' ଏବଂ ଫ୍ୟାକ୍ଟର IX ଅଭାବଜନିତ ହେମୋଫିଲିଆକୁ 'ହେମୋଫିଲିଆ B' ବୋଲି କହନ୍ତି। ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXକୁ ଯଥାକ୍ରମେ 'ଫ୍ୟାକ୍ଟର ଏଇଟ' ଏବଂ 'ଫ୍ୟାକ୍ଟର ନାଇନ୍' ଭାବରେ ପଢ଼ାଯାଏ। ହେମୋଫିଲିଆ A ଅଧିକ ଗୁରୁତର। ଏଠାରେ ଜାଣିରଖିବା ଦରକାର ଯେ ହେମୋଫିଲିଆ ରୋଗୀଙ୍କର ସମସ୍ତ ପୁତ୍ର ସନ୍ତାନ ରୋଗମୁକ୍ତ ତଥା ସୁସ୍ଥ ହୋଇ ଜନ୍ମ ନେଇଥାଆନ୍ତି। କିନ୍ତୁ ସମସ୍ତ କନ୍ୟା ସନ୍ତାନ ଭୂମିଷ୍ଠ ହୋଇଥାଆନ୍ତି ବାହକ ରୂପେ। ମାଆ ବାହକ ହୋଇଥିଲେ ଝିଅ ବାହକ ହୋଇ ଜନ୍ମ ନେଇପାରେ, ପୁଅ ହୋଇପାରେ ରୋଗୀ। କିନ୍ତୁ ସବୁ ପୁତ୍ର ସନ୍ତାନ ଯେ ରୋଗଗ୍ରସ୍ତ ହେବେ ବୋଲି କୌଣସି ନିଶ୍ଚିତତା ନାହିଁ। ରୋଗୀର ରକ୍ତରେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ମାତ୍ରା ସାମାନ୍ୟ ଊଣା ଥିଲେ ରୋଗ କମ୍ ଗୁରୁତର ଏବଂ ବେଶି ଊଣା ଥିଲେ ରୋଗ ଅଧିକ ଗୁରୁତର ହୋଇଥାଏ।

**ରୋଗକୁ ଚିହ୍ନିବ କିପରି:** ପୁଅଟିଏ ଖେଳିବା ବେଳେ ସାମାନ୍ୟ ଖଣ୍ଡିଆ ଖାବରା ହୋଇପଡ଼ିଲେ କି ଦୁର୍ଘଟଣାଗ୍ରସ୍ତ ହେଲେ କ୍ଷତ ସ୍ଥାନରୁ ବହୁ ସମୟ ଧରି ରକ୍ତସ୍ରାବ ଚାଲିଥାଏ। ଦାନ୍ତ ଉପାଡ଼ିଲେ ମାଢ଼ିର ଉପୁଡ଼ା ଯାଇଥିବା ସ୍ଥାନରୁ ରକ୍ତ ଝରିବା ସହଜରେ ବନ୍ଦ ହୁଏ ନାହିଁ। ଛୋଟକାଟିଆ ଅପରେଶନ କଲାବେଳେ ମଧ୍ୟ ବହୁ ସମୟଧରି ରକ୍ତ ବୋହୁଥାଏ।

ମାଂସପେଶୀ ଭିତରକୁ ରକ୍ତସ୍ରାବ ହେଲେ ଜାତ ହୁଏ ପେଶୀ ଯନ୍ତ୍ରଣା ଏବଂ ଉଦର ଭିତରକୁ ରକ୍ତସ୍ରାବ ହେଲେ ହୁଏ ଉଦର ଯନ୍ତ୍ରଣା। ମସ୍ତିଷ୍କ ଭିତରକୁ ରକ୍ତସ୍ରାବ ହୋଇ ଷ୍ଟ୍ରୋକ୍ ବା ପାରାଲିସିସ୍ ହୋଇପାରେ। ନାକ, ପାଟି ଓ ଦାନ୍ତ ମାଢ଼ିରୁ ବି ରକ୍ତ ଝରିପାରେ। ରକ୍ତବାନ୍ତି ଓ କଳାଝାଡ଼ା ହେବା ସଙ୍ଗେ ସଙ୍ଗେ ଝାଡ଼ା ଓ ପରିସ୍ରାରେ ମଧ୍ୟ ରକ୍ତ ପଡ଼ିପାରେ।

**ରୋଗ ନିର୍ଣ୍ଣୟ ପାଇଁ ପରୀକ୍ଷା:** ପିଲାଟି ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ନିର୍ଣ୍ଣୟ କରାଯାଏ। ରୋଗୀଠାରେ ଫ୍ୟାକ୍ଟର VIIIର ଅଭାବ ଥିଲେ 'ହେମୋଫିଲିଆ A' ଏବଂ ଏବଂ ଫ୍ୟାକ୍ଟର IXର ଅଭାବ ଥିଲେ 'ହେମୋଫିଲିଆ B' ବୋଲି ନିର୍ଣ୍ଣୟ କରିବାରେ କୌଣସି ସନ୍ଦେହ ରହେ ନାହିଁ। ଏବେ ଗର୍ଭବତୀଙ୍କ ଗର୍ଭାଶୟରୁ ଜଳ ସଂଗ୍ରହ ଓ ସେହି ଜଳରେ ଥିବା ଜୀବକୋଷର ଜିନ୍ ପରୀକ୍ଷା କରି ଗର୍ଭସ୍ଥ ଶିଶୁ ରୋଗୀ କି ବାହକ ତାହା ଜାଣିହେଉଛି। ଏପରି କି ଗର୍ଭସ୍ଥ ଶିଶୁ ପାଞ୍ଚ ବର୍ଷ ଏକ ମାସ ହୋଇଯାଇଥିଲେ ତା'ଠାରୁ ରକ୍ତ ସଂଗ୍ରହ କରି ସେହି ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ଚିହ୍ନଟ କରିବା ସମ୍ଭବ।



**ଚିକିତ୍ସା:** ହେମୋଫିଲିଆର ପ୍ରକାରକୁ ଚାହିଁ ରୋଗୀର ଶିରାବାଟେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ଇଞ୍ଜେକଶନ ଦେଇ ଚିକିତ୍ସା କରାଯାଉଛି। ଆମ ଦେଶର କେତେକ ରାଜ୍ୟ ସରକାର ହେମୋଫିଲିଆ ରୋଗୀଙ୍କର ଫ୍ୟାକ୍ଟର VIII ଏବଂ ଫ୍ୟାକ୍ଟର IX ଇଞ୍ଜେକଶନ ମାଗଣାରେ ଯୋଗାଇ ଦେଉଛନ୍ତି। ଏବେ ମଧ୍ୟ ହେମୋଫିଲିଆ ରୋଗୀଙ୍କ ଚିକିତ୍ସା ପାଇଁ ଅନ୍ୟାନ୍ୟ ଔଷଧମାନ ମିଳିଲାଣି। ଜିନ୍ ଚିକିତ୍ସାର ମଧ୍ୟ ସୁଫଳ ମିଳୁଥିବା ପ୍ରକାଶ। ରୋଗୀଠାରେ ଗଣ୍ଠି ବିକୃତି ପ୍ରକାଶ ପାଇଥିଲେ ଫିଜିଓଥେରାପିଷ୍ଟଙ୍କ ପରାମର୍ଶ ମଧ୍ୟ ଲୋଡ଼ା।

**ନିବାରଣମୂଳକ ବ୍ୟବସ୍ଥା:** ରୋଗୀ ଯେପରି ଆଘାତ ପାଇ କ୍ଷତବିକ୍ଷତ ନ ହୁଅନ୍ତି ସେଥିପ୍ରତି ସତର୍କ ରୁହନ୍ତୁ। ରୋଗୀ ଖେଳାଖେଳି, ଓଜନିଆ ଜିନିଷ ଉଠାଇବା ସମୟରେ, ଧାରୁଆ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସମୟରେ ସତର୍କ ରହିବା ଉଚିତ। ଏମାନେ ଦାନ୍ତ ଘଷିବା ସମୟରେ ନରମ ବ୍ରଶ ବ୍ୟବହାର କରନ୍ତୁ। ରୋଗୀକୁ ବାରମ୍ବାର ରକ୍ତ ନେବାକୁ ପଡ଼ିଥାଏ। ତେଣୁ ସେ ଯେପରି ହେପାଟାଇଟିସ୍-ବି ଏବଂ ହେପାଟାଇଟିସ-ସି ତଥା ଏଚଆଇଭି ଦ୍ୱାରା ସଂକ୍ରମିତ ନ ହୁଏ ସେଥିପ୍ରତି ନଜର ଦିଅନ୍ତୁ।

ହେମୋଫିଲିଆ ରୋଗ ସଂକ୍ରାମକ ନୁହେଁ। ତାହା ଅନ୍ୟମାନଙ୍କୁ ଡେଇଁବାର ଆଦୌ ଆଶଙ୍କା ନାହିଁ। ସୁତରାଂ ରୋଗୀକୁ ବାସନ୍ଦ ନ କରି ତା' ସହ ମିଳାମିଶା କରନ୍ତୁ।

-ଅଭୀପ୍‌ସା, ସେକ୍ଟର-୬,
ପ୍ଲଟ ନଂ-୧୧୩୧,
ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୮୩୨୮୯୭୫୧୧୮

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୭/୨୦୨୩ Bhubaneswar, Monday, April 17/ 2023

# ରାଜସ୍ଥାନ ରୟାଲ୍ସର ଚତୁର୍ଥ ବିଜୟ

**ଅହମଦାବାଦ, ୧୬।୪**

ଅଧିନାୟକ ସଞ୍ଜୁ ସାମସନ ଓ ଶିମରନ ହେଟମେରଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ରାଜସ୍ଥାନ ରୟାଲ୍ସ ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଗୁଜରାଟ ଟାଇଟନ୍ସକୁ ୩ ଉଇକେଟରେ ପରାସ୍ତ କରିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୭୭ ରନ କରିଥିଲା। ଜବାବରେ ରାଜସ୍ଥାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ଶେଷ ଓଭରରେ ରୋମାଞ୍ଚକ ବିଜୟ ହାସଲ କରିଥିଲା। ବିଭିନ୍ନ ସମୟରେ ମ୍ୟାଚ ନାଟକୀୟ ମୋଡ଼ ନେବାପରେ ଶେଷରେ ୧୯.୨ ଓଭରରେ ୭ ଉଇକେଟ ହରାଇ ରାଜସ୍ଥାନ ଦଳ ୧୭୯ ରନ ସଂଗ୍ରହ କରି ନେଇଥିଲା। ୨୦ତମ ଓଭରରେ ବୋଲିଂ କରିଥିବା ନୁର୍ ଅହମଦଙ୍କ ଦ୍ୱିତୀୟ ବଲ୍‌କୁ ଛକାରେ ପରିଣତ କରି ହେଟମେର ଉତ୍କଣ୍ଠାର ଅବସାନ ଘଟାଇଥିଲେ। ୫ ମ୍ୟାଚରୁ ରାଜସ୍ଥାନ ୪ର୍ଥ ବିଜୟ ହାସଲ କରି ପ୍ରଥମଦଳଭାବେ ୮ ପଏଣ୍ଟରେ ପହଞ୍ଚିଛି। ଫଳରେ ପଏଣ୍ଟ ଟେବୁଲରେ ଦଳ ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି।

ଗୁଜରାଟ ଦଳର ଆରମ୍ଭ ଯଦିଓ ଭଲ ହୋଇ ନ ଥିଲା ତେବେ ମିଡିଲ ଅର୍ଡର ବ୍ୟାଟରଙ୍କ ଉପଯୋଗୀ ଅବଦାନ ଯୋଗୁ ଦଳ ସମ୍ମାନଜନକ ସ୍କୋର କରି ପାରିଥିଲା। ଶୁବମନ ଗିଲ୍ ଓ ଡେଭିଡ ମିଲର ଭଲ ଆରମ୍ଭ କରିଥିଲେ ତାହାକୁ ବଡ଼ ସ୍କୋରରେ



ଏକ କ୍ୟାଚ ନେବାକୁ ଉଦ୍ୟମ ଅବସରରେ ରାଜସ୍ଥାନ ରୟାଲ୍ସର ଶିମରନ ହେଟମେର, ସଞ୍ଜୁ ସାମସନ ଓ ଧ୍ରୁବ ଜୁରେଲଙ୍କ ମଧ୍ୟରେ ସଂଘର୍ଷ।

ପରିଣତ କରିପାରି ନ ଥିଲେ। ଶୁବମନ ୩୪ ବଲ୍‌ରୁ ୪୫ (୪ ଚୌକା, ୧ ଛକା) ଏବଂ ମିଲର ୩୦ ବଲ୍‌ରୁ ୪୬ (୩ ଚୌକା, ୨ ଛକା) ରନକରି ସନ୍ଦିପ ଶର୍ମାଙ୍କ ଶିକାର ହୋଇଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୯ ବଲ୍‌ରୁ ୨୮ (୩ ଚୌକା, ୧ ଛକା) ଓ ଅଭିନବ ମନୋହର ୧୩ ବଲ୍‌ରୁ ୨୭ (୩ ଛକା) ରନ କରିଥିଲେ। ରାଜସ୍ଥାନ ବୋଲରମାନେ ଭଲ ବୋଲିଂ କରି ଗୁଜରାଟର କୌଣସି ବ୍ୟାଟରଙ୍କୁ ଅର୍ଦ୍ଧଶତକ ହାସଲ କରିବାକୁ ଦେଇ ନ ଥିଲେ। ସନ୍ଦିପ ଶର୍ମା ସର୍ବାଧିକ ୨ଟି ଉଇକେଟ ନେଇଥିବାବେଳେ ଟ୍ରେଣ୍ଟ ବୋଲ୍ଟ, ଆଡାମ ଜାମ୍ପା ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ରାଜସ୍ଥାନ ମାତ୍ର ୪ ରନରେ ୨ଟି ଏବଂ ୫୫ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ମାତ୍ର ସଞ୍ଜୁ ସାମସନ ଧୈର୍ଯ୍ୟ ନ ହରାଇ ଦଳକୁ ଲକ୍ଷ୍ୟ ପଥରେ ଅଗ୍ରସର କରାଇଥିବାବେଳେ ବିଜୟରେ ମୁଣ୍ଡି ମାରିଥିଲେ ହେଟମେର। ସାମସନ ୩୨ ବଲ୍‌ରୁ ୩ ଚୌକା ଓ ୬ ଛକା ସହାୟତାରେ ସର୍ବାଧିକ ୬୦ ରନ କରିଥିଲେ। ହେଟମେର ୨୬ ବଲ୍‌ରୁ ୫୬ (୨ ଚୌକା, ୫ ଛକା) ରନରେ ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୭୭/୭ (ଡେଭିଡ ମିଲର-୪୬, ଶୁବମନ ଗିଲ-୪୫, ହାର୍ଦ୍ଦିକ ପାଣ୍ଡ୍ୟା-୨୮, ଅଭିନବ ମନୋହର-୨୭, ସନ୍ଦିପ ଶର୍ମା-୨/୨୫, ଆଡାମ ଜାମ୍ପା-୧/୩୨, ଯୁଜବେନ୍ଦ୍ର ଚହଲ-୧/୩୬, ଟ୍ରେଣ୍ଟ ବୋଲ୍ଟ-୧/୪୬)। ରାଜସ୍ଥାନ ରୟାଲ୍ସ ୧୯.୨ ଓଭରରେ ୧୭୯/୭ (ସଞ୍ଜୁ ସାମସନ-୬୦, ଶିମରନ ହେଟମେର-୫୬*, ଦେବଦତ୍ତ ପଡିକାଲ-୨୬, ମହମ୍ମଦ ଶାମି-୩/୨୫, ରଶିଦ ଖାଁ-୨/୪୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୪, ନୁର୍ ଅହମଦ-୧/୨୯)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୮ | +୧.୩୫୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୭୬୧ |
| ଗୁଜରାଟ ଟାଇଟନ୍ସ | ୫ | ୩ | ୨ | ୬ | +୦.୧୯୨ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | -୦.୧୦୯ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୩୨୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୨ | ୨ | ୪ | +୦.୨୨୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୪ | ୨ | ୨ | ୪ | -୦.୩୧୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୨ | ୨ | ୪ | -୦.୩୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୨ | ୨ | ୪ | -୦.୮୨୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୦ | ୫ | ୦ | -୧.୪୮୮ |

# ରଣଜୀ ବିଜେତାକୁ ୫ କୋଟି

**ନୂଆଦିଲ୍ଲୀ, ୧୬।୪ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟ ଟୁର୍ନାମେଣ୍ଟଗୁଡ଼ିକ ଲାଗି ପୁରସ୍କାର ରାଶି ବୃଦ୍ଧି କରିଥିବା ରବିବାର ଘୋଷଣା କରିଛି। ଚଳିତବର୍ଷ ରଣଜୀ ଟ୍ରଫି ବିଜେତା ଦଳ ୫ କୋଟି ଟଙ୍କା ପାଇବ। ପୂର୍ବରୁ ଏଥିପାଇଁ ୨ କୋଟି ଟଙ୍କା ପୁରସ୍କାର ରଖାଯାଇଥିଲା। ସେହିପରି ରନରଅପ୍ ଓ ଲୁଜିଂ ସେମିଫାଇନାଲିଷ୍ଟ ଯଥାକ୍ରମେ ୩ କୋଟି ଟଙ୍କା ଏବଂ ୧ କୋଟି ଟଙ୍କା ଲେଖାଏଁ ପାଇବେ। ବିସିସିଆଇ ସମ୍ପାଦକ ଜୟ ଶାହା ଏକ ଟ୍ୱିଟ୍‌ରେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଘରୋଇ କ୍ରିକେଟ ହେଉଛି ଭାରତୀୟ କ୍ରିକେଟର ମେରୁଦଣ୍ଡ ଭଳି। ସିନିୟର ମହିଳା ବିଜେତା ଏଣିକି ୬ ଲକ୍ଷ ଟଙ୍କା ପରିବର୍ତ୍ତେ ୫୦ ଲକ୍ଷ ଟଙ୍କା ପାଇବେ। ଇରାନୀ କପ୍ ପୁରସ୍କାରକୁ ଦ୍ୱିଗୁଣିତ କରାଯାଇଛି। ବିଜେତା ଦଳ ଏଣିକି ୨୫ ଲକ୍ଷ ପରିବର୍ତ୍ତେ ୫୦ ଲକ୍ଷ ଟଙ୍କା ପାଇବ। ରନରଅପ୍ ପାଇଁ କୌଣସି ଆର୍ଥିକ ପୁରସ୍କାର ନ ଥିଲା। କିନ୍ତୁ ଏଣିକି ୨୫ ଲକ୍ଷ ଟଙ୍କା ମିଳିବ। ଦୁଲିପ

**ପୁରସ୍କାର ରାଶି ବୃଦ୍ଧି**

ଟ୍ରଫି ଚାମ୍ପିୟନ ୧ କୋଟି ଟଙ୍କା ଏବଂ ରନରଅପ୍ ଦଳ ୫୦ ଲକ୍ଷ ଟଙ୍କା ପାଇବାକୁ ଥିବା ବେଳେ ବିଜୟ ହଜାରେ ଟ୍ରଫି ବିଜେତା ୧ କୋଟି ଟଙ୍କା ଏବଂ ଦ୍ୱିତୀୟ ଶ୍ରେଷ୍ଠ ଦଳ ୫୦ ଲକ୍ଷ ଟଙ୍କା ପାଇବ। ଦେଓଧର ଟ୍ରଫି ବିଜେତା ୪୦ ଲକ୍ଷ ଓ ଲୁଜିଂ ଫାଇନାଲିଷ୍ଟ ୨୦ ଲକ୍ଷ ଟଙ୍କା ପାଇବ। ସେହିପରି ସୟଦ ମୁସ୍ତାକ ଅଲି ଟ୍ରଫି ଚାମ୍ପିୟନ ୮୦ ଲକ୍ଷ ଟଙ୍କାର ଏକ ଚେକ୍ ଏବଂ ପରାଜିତ ଦଳ ୪୦ ଲକ୍ଷ ଟଙ୍କା ପାଇବ।

ମହିଳା କ୍ରିକେଟରେ ମଧ୍ୟ ପୁରସ୍କାର ରାଶି ବୃଦ୍ଧି କରାଯାଇଛି। ସିନିୟର ମହିଳା ଦିନିକିଆ ଟ୍ରଫି ହାସଲ କରିଥିବା ଦଳକୁ ୫୦ ଲକ୍ଷ ଟଙ୍କାର ଚେକ୍ ଏବଂ ରନରଅପ୍ ଦଳ ପାଇଁ ୨୫ ଲକ୍ଷ ଟଙ୍କାର ଚେକ୍ ବ୍ୟବସ୍ଥା ହୋଇଛି। ସିନିୟର ମହିଳା ଟି୨୦ ଟ୍ରଫି ପୁରସ୍କାର ରାଶିକୁ ୮ଗୁଣା ବୃଦ୍ଧି କରାଯାଇ ୪୦ ଲକ୍ଷ ଟଙ୍କା ରଖାଯାଇଛି। ପରାଜିତ ଦଳକୁ ୨୦ ଲକ୍ଷ ଟଙ୍କା ମିଳିବ।

# ଓଡ଼ିଶା ପ୍ରତିଯୋଗୀ ଜିତିଲେ ୫ ପଦକ

**ଭୁବନେଶ୍ୱର, ୧୬।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍ତରାଖଣ୍ଡର ନୈନିତାଲ ଭାଟିକା ବଙ୍କେଟ ହଲ୍‌ରେ ଦ୍ୱାଦଶ ଜାତୀୟ ଫେଡେରେଶନ କପ୍-୨୦୨୩ ସିନିୟର ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘ ତରଫରୁ ୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୭୦କେଜି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଭୁବନେଶ୍ୱରର ଅମିତ କୁମାର ଭୂୟାଁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସମ୍ବଲପୁରର ରାକେଶ କୁମାର ବାଗ୍ (୫୫କେଜି) ଓ ଭୁବନେଶ୍ୱରର ସୁପ୍ରଭାତ ମୁଣ୍ଡା (୭୫କେଜି) ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ପାଇଛନ୍ତି। ସେହିପରି ପୁରୀର ଦେବକାନ୍ତ



ପୁରସ୍କାର ସହ ପଦକ ବିଜୟୀ ପ୍ରତିଯୋଗୀ।

୬୫ କେଜି ଏବଂ ଭୁବନେଶ୍ୱରର ଛୁଟ୍‌କୀ ଦତ୍ତ ୧୦୦ କେଜି ଓଜନ ବିଭାଗରେ ତୃତୀୟ ସ୍ଥାନ ସହ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳ ସହ ମ୍ୟାନେଜର ଓ କୋଚ୍ ଭାବେ ସୌମ୍ୟକାନ୍ତ ଥମ୍ବ ଯାଇଥିଲେ। ଦଳର ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ମହାପାତ୍ର ଓ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ସଫଳ କାମନା କରିଛନ୍ତି।

# ଟାଉନ୍ କ୍ଲବ 'ଏ', ପାରାମାଉଣ୍ଟ ବିଜୟୀ

**ଭୁବନେଶ୍ୱର, ୧୬।୪ (କ୍ରୀଡ଼ା ପ୍ରତିନିଧି)**

**୧୫ ବର୍ଷରୁ କମ୍ କ୍ରିକେଟ**

ଟାଉନ୍ କ୍ଲବ ଆନୁକୂଲ୍ୟରେ ଏହାର ନିଜସ୍ୱ ପଡ଼ିଆରେ ଚାଲିଥିବା ୧୫ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓସ୍କାର ସ୍ପୋର୍ଟିଂକୁ ଟାଉନ୍ କ୍ଲବ 'ଏ' ଏବଂ ବିବିସିଏକୁ ପାରାମାଉଣ୍ଟ ସ୍ପୋର୍ଟିଂ ପରାସ୍ତ କରିଛି। ଓସ୍କାର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ମାତ୍ର ୫୬ ରନରେ ସମସ୍ତ ଉଇକେଟ ହରାଇଥିଲା। ଟାଉନ୍ କ୍ଲବ-ଏ ବୋଲରଙ୍କ ମଧ୍ୟରେ ପ୍ରଜ୍ୟୋତ ସାମଲ ୪ ଓଭରରେ ମାତ୍ର ୩ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ଆଦିତ୍ୟ ନିଗମ ଦାସ ୩ଟି ଓ ବୈଭବ ଘୋଷ ୨ଟି ଉଇକେଟ ନେଇଥିଲେ। ୫୭ ରନ ବିଜୟ ଲକ୍ଷ୍ୟକୁ ଟାଉନ୍‌କ୍ଲବ ୧୨ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଅର୍ନବ ପଟ୍ଟନାୟକ ସର୍ବାଧିକ ୩୧ ରନ କରିଥିଲେ। ଚମତ୍କାର ବୋଲିଂ ପାଇଁ ପ୍ରଜ୍ୟୋତଙ୍କୁ ପୂର୍ବତନ ଖେଳାଳି ରଞ୍ଜନ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବିବିସିଏ ୧୬.୫ ଓଭରରେ ୫୮ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ପାରାମାଉଣ୍ଟ ବୋଲର ଏସ.କେ.ନକିବ ସରବର ୪ଟି ଓ ସ୍ୱସ୍ତିକ ଚୌଧୁରୀ ୩ଟି ଉଇକେଟ ନେଇଥିଲେ। ୫୯ ରନ ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୯.୪ ଓଭରରେ ୧ ଉଇକେଟ ହରାଇ ହାସଲ କରିଥିଲା। କ୍ରିକେଟ ପ୍ରଶିକ୍ଷକ ବିଜୟାନନ୍ଦ ମାଝି ଅତିଥିଭାବେ ଯୋଗଦେଇ ସରବରଙ୍କୁ ପୁରସ୍କୃତ କରିଥିଲେ।

# ଆଜିଠୁ ବାରବାଟୀରେ ଏନ୍‌ସିଏ କ୍ୟାମ୍ପ



ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସ୍ୱାଗତ କରାଯାଉଛି।

**ଭୁବନେଶ୍ୱର, ୧୬।୪ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ ସହଯୋଗରେ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର କ୍ୟାମ୍ପ ସୋମବାରଠାରୁ କଟକର ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ମନୋନୀତ ୧୬ ବର୍ଷରୁ କମ୍ ପିଲାମାନେ ଏହି କ୍ୟାମ୍ପରେ ଟ୍ରେନିଂ ନେବେ। ମେ ୧୧ ପର୍ଯ୍ୟନ୍ତ ଏହି କ୍ୟାମ୍ପ ଚାଲିବ। ବିଭିନ୍ନ ରାଜ୍ୟରୁ ମୋଟ ୨୫ ଖେଳାଳି ଓ ୯ ସପୋର୍ଟ ଷ୍ଟାଫ୍ ଏହି କ୍ୟାମ୍ପର ଅଂଶବିଶେଷ ରହିବେ। ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ରବିବାର କଟକରେ ପହଞ୍ଚିଛନ୍ତି। କ୍ୟାମ୍ପ ପାଇଁ ସ୍ୱପ୍ନିଲ ଅସନୋଦକର ବ୍ୟାଟିଂ କୋଚ୍, ବିକ୍ରମଜିତ ମଲିକ ଫାଷ୍ଟ ବୋଲିଂ କୋଚ୍, ଅତୁଲ ଅନନ୍ତ ରାନାଡେ ଫିଲ୍ଡିଂ କୋଚ୍, ଉସମାନ ଘନି ସ୍ପିନ୍ ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି।







BHUBANESWAR: Shreekhetra Auto: 9124088502. Dion Automotives: 7506018735. Trupti Enterprises: 7506018747. Gugnani Autocars: 9619127347. CUTTACK: Gugnani Autocars: 7506018750. Dion Automotives: 9167984347. PARLAKHEMUNDI: Shreekhetra Auto: 9124088502. JAGATSINGHPUR: Shreekhetra Auto: 9124088502. NAYAGARH: Trupti Enterprises: 8291149637. PATRAPARA: Trupti Enterprises: 7506018747. PATIA: Trupti Enterprises: 7506018747. PURI: Dion Automotives: 8879183329. KEONJHAR: Gugnani Autocars: 8291607250. PARADIP: Trupti Enterprises: 8291149735. BERHAMPUR: Dion Automotives: 9152102460. JAJPUR: Gugnani Autocars: 8291148273. CHANDIKHOL: Gugnani Autocars: 8291176433. KENDRAPARA: Trupti Enterprises: 7506018747. KHORDA: Trupti Enterprises: 8291149735. PHULBANI: Dion Automotives: 7506018735. BALUGAON: Dion Automotives: 7506018735.

Terms and conditions apply. ^ Warranty cover for 3 years / 1 Lakh km, whichever ends earlier. * Available in Tiago XZ+ and Tigor XZ+. Images and illustrations are indicative and for information purposes only. All features/specifications are not available in all variants and may vary for different variants. Specifications/features are subject to change without prior information. Please consult an authorised Tata Motors dealer for latest information on features/specifications before deciding to place an order. Colours may vary due to printing limitations. Local taxes and octroi extra.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ